# ଓଡ଼ିଆ-ସଉରା

# ଶବ୍ଦକୋଷ

ଜନଜାତି • ସଂସ୍କୃତି • ପ୍ରଗତି

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ-ସଉରା ଶବ୍ଦକୋଷ


**ସଂକଳନ :**

ଶ୍ରୀ ଇନାମ୍ ଗମାଙ୍ଗ

ଶ୍ରୀ ଫିଲିପ୍ ମଣ୍ଡଳ

ଶ୍ରୀ ଟୁଲୁ ଶବର

ଶ୍ରୀ ମାର୍କ ରଇତ

ଶ୍ରୀ ବିଦ୍ୟା ଶବର

ଶ୍ରୀ କୃଷ୍ଣ ଶବର



**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି**

**ଯୋଜନା ଓ ସଂଯୋଜନ ବିଭାଗ**

**ଓଡ଼ିଶା ସରକାର**

# ଓଡିଆ-ସଉରା ଶବ୍ଦକୋଷ

**ସଂକଳନ** : ଶ୍ରୀ ଇନାମ୍ ଗମାଙ୍ଗ
ଶ୍ରୀ ଫିଲିପ୍ ମଣ୍ଡଳ
ଶ୍ରୀ ଟୁଲୁ ଶବର
ଶ୍ରୀ ମାର୍କ ରଇତ
ଶ୍ରୀ ବିଦ୍ୟା ଶବର
ଶ୍ରୀ କୃଷ୍ଣ ଶବର

**ପ୍ରକାଶକ** : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି,
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

**ପ୍ରଥମ ପ୍ରକାଶ** : ସେପ୍ଟେମ୍ବର, ୨୦୧୮

**ମୁଦ୍ରଣ** : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା,
ଭୁବନେଶ୍ୱର

**ODIA-SAORA SABDAKOSH**

**Compilation** : Sri Enam Gamango
Sri Philip Mandal
Sri Tulu Sabar
Sri Mark Raita
Sri Bidya Sabar
Sri krusna Sabar

**Publisher** : Special Development Council, Gajapati,
Planning & Convergence Department,
Govt. of Odisha

**First Edition** : September, 2018

**Printed at** : The Odisha State Bureau of Textbook
Preparation and Production, Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ । ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା । ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି । ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା । ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା । ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି । ଏହା ଏକ ପ୍ରାରମ୍ଭିକ ଉପକ୍ରମ । ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି । ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି । କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ ।ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ । ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ ଗଜପତି ଜିଲ୍ଲାର ଗୁମ୍ମା ଓ ନୂଆଗଡ଼ ବ୍ଲକ ଅଂଚଳ ତଥା ରାୟଗଡ଼ା ଜିଲ୍ଲାର ଗୁଣୁପୁର ବ୍ଲକସ୍ଥ ପୁଟାସିଂ ଅଂଚଳର ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ସଉରା ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

**ଶ୍ରୀ ଅନ୍ତର୍ଯ୍ୟାମୀ ଗମାଙ୍ଗ**
ଅଧ୍ୟକ୍ଷ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ଗଜପତି

## 'ଅ'

**ଅଁଳା : ଏଙ୍ଗେର୍**

ଓ : ଅଁଳା ଖାଇଲେ ଟିକେ ମିଠା ଟିକେ କଷା ଲାଗେ।

ସ : ଏଙ୍ଗେରାନ୍ ଜୁମ୍ଲାବେନ୍ଡେନ୍ ଆସୁଇ ରାଗାଲ୍ ଆସୁଇ ବାକିଃଡାମ୍ ଡେତି।

**ଅକାଣ୍ଡିଆ ଚଉଳ : ଇର୍ ଗାତେ ରୁଙଂ (ଏର୍ସାନାବ୍ସାବ୍ ରୁଙ୍)**

ଓ : ଅକାଣ୍ଡିଆ ଚଉଳ କୁଆଁରେ ଅଛି।

ସ : ଇର୍ଗାତେ ରୁଂକୁନ୍ ସୁନ୍ଡୁଇ ଲିଙାନ୍ ଡାକୁ।

**ଅଂଗୁଳି : ଅଣ୍ଡେର୍ସି**

ଓ : ମୋ ଅଂଗୁଳିରେ ଆଘାତ ହେଲା।

ସ : ଅଣ୍ଡେର୍ ସିଞ୍ଚେଁନ୍ ପାରାଲେ।

**ଅଜା : ଜୁଜୁ**

ଓ : ମୋର ଅଜା ବଞ୍ଚିଅଛି।

ସ : ଜୁଜୁ ଞ୍ଚେଁନ୍ ଆମେଙ୍ଗ୍ ଡାକୁ।

**ଅଜାଡ଼ିବା : ରୁବ୍ମାତାବି**

ଓ : ପାଣି ଅଜାଡ଼ି ଆସେ।

ସ : ଡାଆନ୍ ରୁବ୍ମାଲେ ୟେରାଇ।

**ଅଡ଼ାଇବା : ଆଡ୍ତାବି**

ଓ : ବଳଦ ଅଡାଇ ଆଣେ।

ସ : ଡାଂଲିଜାନ୍ ଗଙ୍ଲେ ପାଙାଇ୍।

**ଅଣ୍ଟା : ଡିଆ**

ଓ : ମୋର ଅଣ୍ଟା ବଥା ହେଉଛି।

ସ : ଡିଆଞ୍ଚେଁନ୍ ଆସୁଡାତେ।

**ଅଣ୍ଟାସୂତା : ଜାନିଡୁବ୍ ତାର୍**

ଓ : ଅଣ୍ଟାସୂତା କିଣି ଆଣେ।

ସ : ଜାନିଡୁବ୍ ତାରାନ୍ ଞ୍ଜିଁଲେ ପାଙାଇ।

**ଅଣ୍ଡାଳିବା : ସୁମ୍ତାବି**

ଓ : ପାଣି ଭିତରେ ଅଣ୍ଡାଳି ଖୋଜିବା।

ସ : ଡାଆ ଲିଙାନ୍ ଆସୁମ୍ତାବେନ୍ ଆତି (ସୁମ୍ନେତି)।

**ଅନନ୍ତଜୀବନ-ଏର୍ ଆଞ୍ଜିଡ୍ ମାନ୍ରେଂନା**

ଓ : ଯେ ମୃତ୍ୟୁକୁ ଜୟ କରିଅଛି, ତାହାଙ୍କଠାରେ ଅନନ୍ତ ଜୀବନ ଅଛି ।

ସ : ବୁତେନ୍ତେ କାରାଞ୍ଜିଁଡ଼ାନ୍ ଡାଇନାନ୍। ଞ୍ଜାଁଙ୍ଗେତେନ୍ ଆନିନ୍ ଆମାଂ ମାଇଞ୍ଜ୍ ଏର୍ ଆଞ୍ଜିଡ଼୍ ମାନ୍ରେଂନାନ୍ଡ଼ାକୁ।

**ଅଣ୍ଡା : ଆଡ୍ରେସିମ୍**

ଓ : ମାଇ କୁକୁଡ଼ା ଅଣ୍ଡାଦେଲା।

ସ : ଆୟାଙ୍ଇମାନ୍ ଆଡ଼୍ରେନେତେନ୍।

**ଅଣ୍ଡାଖୋଳପା : ଆକୁରାଂଇମ୍**

ଓ : ଅଣ୍ଡାଖୋଳପା ଫିଙ୍ଗି ଦେ।

ସ : ଆକୁରାଂଇମାନ୍ ସିଡ଼ା।

**ଅଣ୍ଡିରା ବିରାଡ଼ି : ଅଂଗେର୍ ରାମ୍**

ଓ : ମୋ ଘରେ ଅଣ୍ଡିରା ବିରାଡ଼ି ଅଛି।

ସ : ସିଂଞ୍ଜେଁନ୍ ଅଂଗେର୍ରାମାନ୍ ଡ଼ାକୁ।

**ଅଦୃଶ୍ୟ କରିବା : ଆଡ଼୍ନାବ୍ ଗିଜ୍ତାବେ**

ଓ : ଏହା ପୋତି ଅଦୃଶ୍ୟ କରିବା।

ସ : କାନାତେ ତିଲ୍ଲେ ଆନାବ୍ଗିଜ୍ତାବେ।

**ଅଦା : ସିଂଗେର୍**

ଓ : ଅଦା ଆଣେ।

ସ : ସିଂଗେରାନ୍ ପାଙ୍ଗାଇ।

**ଅନ୍ଧ : କାଡ୍ଡୁ**

ଓ : ଅନ୍ଧ ହେଲେ ଦେଖି ପାରେ ନା।

ସ : କାଡ୍ଡୁ ଡେଲେନ୍ଡେନ୍ ରାପ୍ତି ଆଗ୍ଗିଜେ।

**ଅଧର୍ମ : ଏର୍ଦାର୍ମା/ଇର୍ ରଇତାଡ୍**

ଓ : ଅଧର୍ମ କର୍ମ କରିବା ନାହିଁ।

ସ : ଏର୍ଦାରୁମା ଡାଗେ ଆବାରାନ୍ ଆଡ୍ଲୁମ୍ବେ।

**ଅନ୍ଧାର : ଲୁଙ୍ଗୁଡ୍**

ଓ : ଅନ୍ଧାର ହେଲା।

ସ : ଲୁଙ୍ଗୁଡ୍ ଲେ।

**ଅଧାରାସ୍ତା : ତୁଙ୍ଗାର୍ ଗଡ୍**

ଓ : ଅଧା ରାସ୍ତାରେ ମୁଁ ତୁମକୁ ଅପେକ୍ଷା କଲି ।

ସ : ତୁଙ୍ଗାର୍‌ଗଡ୍ ଙ୍ଗେଁନ୍ ଅମ୍‌ଡିଲାମ୍ ।

**ଅନାଥ : କୁନ୍‌ରା**

ଓ : ସେହି ପିଲା ଅନାଥ ହେଲା ।

ସ : କୁନ୍ ଆପାସିଜ୍ କୁନ୍‌ରାଲି ।

**ଅଇଣ୍ଠାଭାତ: ଆତାଲ୍‌ନା ଗାନାଗାନ୍ / ଉବ୍‌ଡା କୁଲ୍)**

ଓ : ଅଇଣ୍ଠାଭାତ ଖାଇବା ଅନୁଚିତ୍ ।

ସ : ଉବଡା କୁଲ୍ ଆଗାବେ ତେଞ୍ଜଇଜା / ଆନୁବଡା କୁଲାନ ଆଗ୍‌ଗାବି ।

**ଅଇନା - ଟାରାଗିଜ୍‌ନା**

ଓ : ଅଇନାରେ ନିଜର ମୁହଁ ଦେଖାଯାଏ ।

ସ : ଟାରାଗିଜ୍‌ନା ଲିଙ୍ଗାନ୍ ମୁକ୍‌କାନ୍ ଗିଜ୍‌ତାତି ।

**ଅନିଦ୍ରା : ଏର୍‌ଡିମାଡ୍‌ନା**

ଓ : ମୁଁ ଅନିଦ୍ରା ହୋଇ ରହିଲି ।

ସ : ଏର୍ ଡ଼ିମାଡ଼୍‌ଲେନ୍‌ବି ଡାକୁଲେନାଇ ।

**ଅନୁମତି : ଆନଡ଼ନ୍**

ଓ : ମୁଁ ବାପାଙ୍କଠାରୁ ଅନୁମତି ପାଇଲି ।

ସ : ଓ୍ୱାଙ୍ଗେଁନ୍ ସାରିଂ ଆନଡିନ୍ ଙ୍ଗୌଁଲାଇ ।

**ଅପରାଧ : ଏର୍‌ବାନାଂସା (ଡୋସା)**

ଓ : ମୁଁ ଅପରାଧ କରିବି ନାହିଁ ।

ସ : ଡୋସା ବାରାନ୍ ଙ୍ଗେଁନ୍ ଆଡ଼୍‌ଲୁମାଇ ।

**ଅପବିତ୍ର : ଏର୍‌ମାରିଡ଼୍**

ଓ : ଅପବିତ୍ର କର୍ମକଲେ ଲଜ୍ଜା ପାଇବା ।

ସ : ଏର୍ ମାରିଡ଼୍ ବାରାନ୍ ଲୁମ୍‌ଲେନ୍‌ଡ଼େନ୍ ଗାନାବ୍‌ରଇଜାନ୍ ଙ୍ଗାଂତାବି ।

**ଅବିବାହିତା : ଏର୍‌ସିଡ଼୍‌ରୁଂନା**

ଓ : ସେହି ଯୁବତୀ ଅବିବାହିତା ।

ସ : କୁନ୍ ଆଡ଼ାଂଗାଡ଼ି ଏର୍‌ସିଡ଼୍‌ରୁଂନା ।

**ଅମାର : ଗୁଲୁମି ସିଂ**

ଓ : ଅମାରରେ ଧାନ ସଞ୍ଚୟ କରି ରଖନ୍ତି।

ସ : ଗୁଲୁମି ସିଂ ଲିଙାନ୍ ସ୍ର ତାର୍ତୁମ୍ତେଜି।

**ଅମାବାସ୍ୟା : ଆପାଣ୍ଡିଡ୍ଗାଇ(ଅଙଞାଙ)**

ଓ : ଗତ କାଲି ଆମାବାସ୍ୟା ଥିଲା।

ସ : ଗୁବାନ୍ ଆତଗାଲ ଅଙଞାଙ୍ ଡାକୁଲି।

**ଅରଖ : ପାରାକ୍କା**

ଓ : ଅରଖର ଖିରରେ ଔଷଧ ରହିଛି।

ସ : ପାରାକ୍କା ନିବାନ୍ ଆତ୍ତୁବ୍ ଲିଂ ରେଗାମାନ୍ ଡ଼ାକୁ।

**ଅଳିଆ : ଆଡ଼ିଲ୍ (ଓ୍ୱାଲି)**

ଓ : ମୋ ଘର ଅଳିଆ କରି ରଖେନାହିଁ।

ସ : ସିଂ ଞ୍ଜେଁନ୍ ଆଡ଼ିଲ୍ଡାମ୍ ଆଡ୍ଡ଼ାକ୍କୁଆଇ।

**ଅଳ୍ପ : ଆସୁଇ**

ଓ : ହାଣ୍ଡିରେ ମାତ୍ର ଅଳ୍ପ ପାଣି ଅଛି।

ସ : ଡାଂକି ଲିଙାନ୍ ଆସୁଇ ମାଞ୍ଜ୍ ଡାଆନ୍ ଡାକୁ।

**ଅସ୍ତ୍ରଶସ୍ତ୍ର : ଞ୍ଜାଁନ୍ରାମାନ୍ଜି**

ଓ : ମୋ ପାଖରେ କେତୋଟି ଅସ୍ତ୍ରଶସ୍ତ୍ର ରହିଛି।

ସ : ମାଂଞ୍ଜେନ୍ ତାଜିଙାନ୍ତେ ଞ୍ଜାଁନ୍ରାମାନ୍ଜି ଡାକୁ।

**ଅସୁସ୍ଥ : ଏର୍ସାମାଙ୍**

ଓ : ମୋର ମାଁ ଅସୁସ୍ଥ ଅଛି।

ସ : ୟାଂଞ୍ଜେଁନ୍ ଏର୍ସାମାଂ ଏର୍ମାନେ ଲିଙାନ୍ ଡାକୁ।

**ଅମାନ୍ୟ : ମାନେଡ୍ଡ଼ି**

ଓ : ଏହି ପିଲା କେତେଥର ଆମାନ୍ୟ କରୁଛି।

ସ : କାନ୍ ଆପାସିଜ୍ ତାଜିଙ୍ତାରା ମେଡ୍ଡ଼େଲାଂତିନ୍।

## 'ଆ'

**ଆଈ : ୟୁୟୁଙ୍**

ଓ : ମୋର ଆଈ ପାଣି ଆଣୁଛି।

ସ : ୟୁୟୁଞ୍ଜେଁନ୍ ଡ଼ାଆନ୍ ପାଙାଇତେନ୍।

**ଆମ୍ବ : ଉଡାନ୍/ ଭଡ଼ା**

ଓ : ସେହି ଆମ୍ବଟା ପାଚି ଅଛି।

ସ : କୁନି ଆଉଡ଼ା ଗୁଉର୍‌ରେ।

**ଆସିଲା : ୟେରାଇତିନ୍**

ଓ : ବଣରୁ ଭାଲୁ ଆସିଲା।

ସ : ତୁଲାବାନ୍ ସାରିଂ ସାଲ୍‌ଲୁଆନ୍ ୟେରାଇତେନ୍।

**ଆଉଜିବା : ଇଂଡିର୍‌ନା**

ଓ : କାନ୍ଥରେ ଆଉଜିବା ସଂଙ୍ଗେ ସଂଙ୍ଗେ ନିଦ ଆସିଲା।

ସ : କିନ୍‌ତାଲ୍ ଲିଙ୍ଗାନ୍ ଇଂଡିର୍‌ଲିନାଇ ଆତାବ୍‌ଡ଼ଂ ମିବ୍‌ମିବ୍‌ଡାଲିଞ୍ଜୁଁ।

**ଆକାଶ : (ରୁଆଙ୍)**

ଓ : ଆକାଶରେ ତାରା ଦେଖା ଯାଉଛି।

ସ : ରୁଆଙ୍ ଲିଙ୍ଗାନ୍ ତୁଇ୍‌ତୁଇ୍‌ଜାନ୍ ଗିଜ୍‌ତାତେ।

**ଆଖି : ମଡ୍**

ଓ : ଆଖି ଦ୍ୱାରା ଦୂରକୁ ଦେଖାଯାଏ।

ସ : ମଅଡାନ୍ ବାର୍ଗା ସାଙ୍ଗାଇ ଜାନାଙ୍ ଗିଜ୍‌ତାତେ।

**ଆସ : ୟେରାଇ**

ଓ : ଆସ ଦୁଇଜଣ ଖେଳିବା।

ସ : ୟେରାଇ ବାଗୁନ୍‌ଲେନ୍ ଆଗାତାସିନେ (ଆନ୍‌ଡିଡ୍‌ନେ)।

**ଆଣ୍ଠୁ : ମାନ୍‌ଡାଡ଼ି**

ଓ : ଆଣ୍ଠୁରେ ଘା ବାହାରିଲା।

ସ : ମାନ୍‌ଡାଡି ଲିଙ୍ଗାନ୍ କେଏଙ୍‌ଲି।

**ଆଗରେ : ଆବ୍‌ମାଂ**

ଓ : ତୁମ ଆଗରେ କଣ ଆସୁଛି।

ସ : ଆମାନ୍ ଆବ୍‌ମାଂ ଇତିନ ଯେର୍‌ତାଇ (ମୁକ୍‌କାବାନାମ୍ ଇତିନ୍ ୟେର୍‌ତାଇ)।

**ଆଣ : ପାଙ୍ଗାଇ**

ଓ : ଏହି ଜିନିଷ ଟେକି ଆଣ।

ସ : କାନି ଆଜାନାବାନ୍ ତିରିଡ଼୍‌ଲେ ପାଙ୍ଗାଇ।

**ଆଦର କରିବା : ଆତିମ୍‌ଯିମ୍‌ବା**

ଓ : ଜଣେ ଅତିଥିକୁ ଆଦର କର।

ସ : ଡ୍ୟାଲ୍ ମାରାନ୍ ଆଡଂ ତିମ୍‌ଯିମ୍‌ବା।

**ଆତ୍ମରକ୍ଷା : ପୁରାଡାନ୍ ଆରାନାବ୍‌ରାବାନ୍**

ଓ : ଆତ୍ମରକ୍ଷା ପାଇଁ ହିଂସ୍ର ପଶୁ ଠାରୁ ପଳାଇ ଗଲି।

ସ : ପୁରାଡ଼ାନ୍ ଆରାନାବ୍‌ରାବାନ୍ ଆସାନ୍ ଆସାଂଗେମ୍ ଜନ୍‌ତୁନ୍ ସାରିଂ ୟେର୍‌ରେ।

**ଆତ୍ମହତ୍ୟା : କାବ୍‌ଞ୍ଜିଡ଼୍‌ଡ଼ାମ୍‌ନାନ୍**

ଓ : ଲୋକଟି ଆତ୍ମହତ୍ୟା କଲା।

ସ : ବ ମାନ୍‌ରା ଅନିନ୍‌ଡ଼ାମ୍ କାବ୍‌ଞ୍ଜିଁଡ଼୍‌ଡ଼ାମ୍‌ନେତେନ୍।

**ଆମନ୍ତ୍ରଣ : ଗାନୁଡ଼ିଙାନ୍**

ଓ : ଆମନ୍ତ୍ରଣ ବିନା କେହି ତୁମର ଭୋଜିକୁ ଆସିବେ ନାହିଁ।

ସ : ଗାନୁଡ଼ିଙାନ୍ ସାଡ଼୍‌ଲେ ବୁଡିଜା ଜୁମ୍‌ଡାର୍‌ବାନାମ୍ ଅଡ଼୍‌ନିୟାଇଜି।

**ଆମ୍ଭେମାନେ : ଆନ୍‌ଲେନ୍‌ଜି**

ଓ : ଆମ୍ଭେମାନେ ଭଲରେ ପାଠ ପଢ଼ିବା।

ସ : ଆନ୍‌ଲେନ୍‌ଜି ବାଂସାଲେ ଆଞ୍ଜାଁଞ୍ଜାଁନାବା (ଆକିନଲ୍‌ବାବା)।

**ଆରମ୍ଭ : ସାନୁସୁନ୍ (ସୁସୁନାନ୍)**

ଓ : ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା।

ସ : କାନ୍ ଆବାରାନ୍ ସୁସୁନେତେ (ଆସୁସୁନାବା)।

**ଆରୋଗ୍ୟ କରିବା : ଆବ୍‌ବାଙ୍ଗ୍‌ସାନେତି**

ଓ : ଆମ୍ଭେମାନେ ଏହି ରୋଗୀକୁ ଆରୋଗ୍ୟ କରିବା।

ସ : ଆନ୍‌ଲେନ୍‌ଜି କାନି ଆବିମ୍‌ବିମ୍ ମାରାନ୍ ଆଡ଼ଂ ଆବ୍‌ବାଙ୍ଗ୍‌ସା ନେତି।

**ଆଶା : (ଡିର୍‌ଡିର୍‌ନା)**

ଓ : ମୁଁ ଉପହାର ପାଇବା ନିମନ୍ତେ ଆଶା କରେ।

ସ : ଞ୍ଚେଁନ୍ ଉଞ୍ଜୁଁଲ୍ କୁଇଜାନ୍ ଆଞ୍ଜାଁବେନ୍ ଆସାନ୍ ଡିର୍‌ଡିର୍ ତେନାଇ।

**ଆଶୀର୍ବାଦ କରିବା : ଆସିବ ଡ୍ରାଙ୍ଗ ଆତୁଦଦା/ଆବସିତ୍ତାବା**

ଓ : ଆମ୍ଭେମାନେ ଏହାକୁ ଆଶୀର୍ବାଦ କରି ପଠାଇବା।

ସ : ଆନ୍‌ଲେନ୍‌ଜି କାନ୍ ଆନିନ୍ ଆଡ଼ଅଂ(ଆବସିତ୍ତାଲେ) ଆଶିବଡ୍ରାଙ୍ଗ ତୁଟଲେ ଆପ୍‌ପାଇନେତେ।

**ଆସନ୍ତୁ : ୟେରାଇ**

ଓ : ଆସନ୍ତୁ ଆମ୍ଭେ ବସିବା।

ସ : ୟେରାଇ ଆନ୍‌ଲେନ୍ ଆଗବେ।

**ଆଲୋକ : ପିରାଡ଼୍ (ପିସାର୍) (ପାଲେଡ଼୍)**

ଓ : ଉଠ ଆଲୋକ ହେଲା।

ସ : ଡ଼ିନାବା ପିରାଡ଼୍‌ଲେ (ପିସାର୍‌ଲେ) (ପାଲେଡ଼୍‌ଲେ)।

**ଆହାର : ଜାନୁମ୍‌ଜୁମ୍ ଗାନାଗାନ୍**

ଓ : ଆହାର କେଉଁଠାରୁ ଆମ୍ଭେମାନେ ପାଇବା।

ସ : ଜାନୁମ୍‌ଜୁମ୍ ଗାନାଗାନ୍ ଓ୍ୱାନ୍ ସାରିଂ ଆନ୍‌ଲେନ୍ ଞାଁତାବେ।

**ଆହୁରି : ଅକିଜ୍**

ଓ : ଆହୁରି ଆବଶ୍ୟକ।

ସ : ଅକିଜ୍ ସାନାଜ୍‌ସାଇଜ୍।

**ଆୟ : ଟାନାର୍‌ତୁମାନ୍**

ଓ : ତୁମେ ବର୍ଷକୁ କେତେ ଆୟ କରୁଛ।

ସ : ଆମାନ୍ ବ ମିଞ୍ଛୁମ୍ ଲିଙାନ୍ ଡ଼ାଜିଙାନ୍  ଟାର୍‌ତୁମ୍‌ତେ।

## ଇ

**ଇଚ୍ଛା : ଇତ୍‌ସୁମ୍**

ଓ : ମୁଁ ପାଠ ପଢିବାକୁ ଇଚ୍ଛା କରୁଛି।

ସ : ଞେଁନ୍ ଞାଁ ଞାଁନାବେନ୍ ଆସାନ୍ ଇତ୍‌ସୁମ୍ ତାଇ।

**ଇଟା : ପିଡ଼ାଗାଲ୍‌ଲା**

ଓ : ମୁଁ ଇଟାଘର ତିଆରି କରିବି।

ସ : ଞେଁନ୍ ପିଡ଼ାଗାଲ୍‌ଲା ସିଙାନ୍ ସାବ୍‌ଜାତାଇ (ଗୁତୁଲ୍‌ତାଇ)।

**ଇନ୍ଦ୍ରଧନୁ : ଇନିଲ୍‌ବଙ୍(ଇଞ୍ଜିଲ୍‌ବଙ୍) ଇଡ଼ିଂବଂ (ଇଲିମ୍‌ବଙ୍)**

ଓ : ଇନ୍ଦ୍ରଧନୁରେ ସାତ ପ୍ରକାର ରଙ୍ଗ ଅଛି।

ସ : ଇଡିଙ୍ଗ୍‌ବଙ୍ଗ୍ ଗୁଲ୍‌ଜି ଜାନାବ୍ ସିନନ୍ ଡାକୁ।

## ଈ

**ଈଶ୍ୱର : କିତୁଙ୍(କେତୁଙ୍)**

ଓ : ଈଶ୍ୱରଙ୍କ ଠାରେ ପ୍ରାର୍ଥନା କର।

ସ : କିତୁଙ୍ଗାନ୍ ଆମାଂବାନ୍ ଗାର୍‌ବେର୍‌ନାବା।

## ଉ

**ଉଈ : ଟାର୍‌ମାଲ୍**

ଓ : ଘରର ଛାତ ସବୁ ଉଈ ଖାଇଦେଲେ।

ସ : ବାଲିଡଂାନ୍ କଡ଼୍‌ତୁବ୍ ଟାର୍‌ମାଲାନ୍‌ଜି ଜୁମାଇଲେଜି।

**ଉକାଳିବା : ବାଇଜ୍‌ବାଇଜ୍**

ଓ : ଜଣେ ପିଲା ମୋ ଦେହରେ ଉକାଳି ଦେଲା।

ସ : ବ ପାସିଜାନ୍ ଡଅଙ୍ ଲିଂ ଞେଁନ୍ ବାଇଜିଞ୍ଞତିନ୍।

**ଉକୁଣୀ : ଈଈ**

ଓ : ଏହି ପିଲାଙ୍କ ମୁଣ୍ଡରେ ବେଶି ଉକୁଣୀ ଅଛି।

ସ : କାନି ଆପାସିଜ୍ ଆବବ୍‌ଲିଙ୍ ଆତେଙ୍ ଈଈନ୍ ଡାକୁ।

**ଉଚ୍ଚ : ଲାଂକା**

ଓ : ଉଚ୍ଚ ପର୍ବତରେ କୁହୁଡ଼ି ସବୁ ବେଳେ ଲାଗିରହେ।

ସ : ଲାଂକା ବାରୁଲିଙ୍ଗାନ୍ କୁତୁବ୍ ଆୟାମ୍ ମଡ଼ାନ୍ ଡ଼ାକୁତି।

**ଉଜାଡ଼ିବା : ରୁବ୍‌ମାତ୍‌ବେ ଲାଟାବି**

ଓ : ଏହି ହାଣ୍ଡିର ପାଣି ଉଜାଡ଼ି ଦିଅ।

ସ : କାନ୍ ଆଡ଼ାଂକି ଲିଙ୍ଗାନ୍‌ଆ ଡାଆନ୍ ରୁବ୍‌ମାଲେ ସିଡା ।

**ଉଛେଇବା : ବିଲ୍‌ଟାବେ**

ଓ : ଚଦର ଉଛେଇ ଶୋଇପଡ଼।

ସ : ଗାରୁସାଇନାନ୍ ବିଲ୍‌ଲେ ଡିମାଡ଼୍‌ନା।

**ଉଠାଇବା : ଆବ୍‌ଡ଼େନେଡି**

ଓ : ଶୋଇଥିବା ଲୋକକୁ ଉଠାଇବା

ସ : ଡ଼ିମାଡ଼ନା ମାରାନ୍ ଆବ୍‌ଡ଼ିଆ।

**ଉଠିବା : ଡ଼ିନାନ୍**

ଓ : ଜଣେଲୋକ ଏଠାରୁ ଉଠି ପଳେଇଗଲା।

ସ : ବମାନ୍‌ରା ତେଡ଼୍‌ନେ ସାରିଂ ଡ଼ିଲେନ୍ ୟେରେତେନ୍।

**ଉଡ଼ିବା : ଏଙ୍‌ଲେ ଆୟେର୍‌ତେନ୍‌**

ଓ : ଗୋଟିଏ ପକ୍ଷୀ ଉଡ଼ି ଯାଉଛି।

ସ : ଆବଇ ଅନ୍‌ତିଡ଼ାନ୍ ଏଙ୍‌ଲେ ୟେର୍‌ତେ।

**ଉପାଡ଼ିବା : ପିତାବେ**

ଓ : ଅନାବନା ଘାସ ଗୁଡ଼ିକ ଉପାଡ଼ି ପକାଅ।

ସ : ଏରାନ୍‌ଡ଼ିଜ୍ ଆଜିଡ଼ାନ୍ ପିଲେ ସିଡ଼୍‌ବା।

**ଉପାର୍ଜନ : ଟାର୍‌ତୁମ୍‌ବେନ୍‌**

ଓ : ଉତ୍ତମ କର୍ମ କରି ଧନ ଉପାର୍ଜନ କର।

ସ : ବାଂସା ବାରାନ୍ ଲୁମ୍‌ଲେ ବିତ୍‌ତିନ୍ ଟାର୍‌ତୁମ୍‌ବା।

**ଉପଦେଷ୍ଟା : ଞ୍ଜାଁନାଙ୍‌ତିୟ୍ ମାର୍‌**

ଓ : ଉପଦେଷ୍ଟାଙ୍କ ଭାଷଣ ଲୋକମାନେ ନିରବ ହୋଇ ଶୁଣିଲେ।

ସ : ଞ୍ଜ୍ୟାନାଂ ତିୟ୍‌ମାରାନ୍ ଆବେରନାନ୍ ମାନ୍‌ରାନ୍‌ଜି ରିଙ୍‌ଲେନ୍ ଆମ୍‌ଡାଙ୍‌ଲେଜି।

**ଉପବାସ : ଆନୁମ୍‌ନାନ୍‌**

ଓ : ଜଣେ ଲୋକ ଉପବାସରେ ରହୁଛି।

ସ : ବ ମାନ୍‌ରା ଆନୁମ୍‌ଲେନ୍ ଡାକୁତେନ୍।

**ଉଷୁମ : ପାଞ୍ଜୁଁମ୍ (ଟାବ୍‌ଗେଲେ)**

ଓ : ହାଣ୍ଡିରେ ଟିକେ ପାଣି ଚୁଲିରେ ବସାଇ ଉଷୁମ୍ କର।

ସ : ଡାଂକି ଲିଡାନ ଆସୁଇଡାଆନ୍ କୁଡାଲିଡାନ୍ ଟାବ୍‌ରିଂଲେ ପାଡ୍‌ଞ୍ଜୁଁମା, (ଟାବ୍‌ଗେଆ)।

## ଏ

**ଏକ : ଆବଇ(ଆବଏ)**

ଓ : ମୋ ପାଖରେ କେବଳ ଏକ ଗୋଟି ବସ୍ତ୍ର ଅଛି।

ସ : ମାଙ୍‌ବାଞ୍ଜେଁନ୍ ସାତ୍‌ତାନ୍ ଆବଇ ସିନ୍‌ରିନ୍ ଡାକୁ।

**ଏ ଗୁଡ଼ିକ : କାନିଜି**

ଓ : ଏ ଗୁଡ଼ିକ ଭଲ ଅଛି।

ସ : କାନିଜି ବାଙ୍‌ସା ଡାକୁ।

**ଏହା : କାନି**

ଓ : ଏହା ମୋର ଜିନିଷ।

ସ : କାନି ଜାନାବ୍ ଞ୍ଜେଁନ୍।

**ଏଣ୍ଡିପୋକ : ଗଅଲ୍‌ବୁଡ଼୍**

ଓ : ଏଣ୍ଡିପୋକର ସୁତାରେ ବିଭିନ୍ନ ପ୍ରକାର ଦାମିକା ବସ୍ତ୍ର ତିଆରି ହୁଏ।

ସ : ଗଅଲ୍ ବୁଡ଼ାନ୍ ଆତାରେଲାନ୍ ବାତ୍‌ତିନ୍ ବିଗ୍‌ଗାଡ଼ା ବିଗ୍‌ଗାଡ଼ା ଜାନାତ୍‌ତି ସିନ୍‌ରିନ୍‌ଜି ଗାଡ଼ିଲ୍‌ତି।

**ଏ ପର୍ଯ୍ୟନ୍ତ : କାନି ସିକ୍‌କଇଜା**

ଓ : ଏ ପର୍ଯ୍ୟନ୍ତ ଏହି କାମ ସମ୍ପୂର୍ଣ୍ଣ ହେଉନାହିଁ।

ସ : କାନି ସିକ୍‌କଇଜା ବାରାନ୍ ଇନ୍‌ରାଙ୍ ତାକୁଡ଼େ।

**ଏମାନେ : କାନ୍ ଆନିନ୍‌ଜି**

ଓ : ଏମାନେ କଟକ ଯିବେ।

ସ : କାନ୍ ଆନିନ୍‌ଜି କଟକ ୟେର୍‌ତେଜି।

**ଏସବୁ : କାନ୍ କୁଡ଼୍‌ଡୁବ୍**

ଓ : ଏସବୁ କାମ ସାରି ଦିଅ।

ସ : କାନ୍ କୁଡ଼୍‌ଡ଼ବ୍ ବାରାନ୍ ଆବ୍‌ଞିଁଡ଼୍‌ବା।

**ଏହିପରି : କାନି ଆମ୍‌ବାରିଜ୍**

ଓ : ଏହିପରି ଅପରାଧ ଆଉଥରେ କରିବ ନାହିଁ।

ସ : କାନି ଆମ୍‌ବାରିଜ୍ ଏର୍‌ବାନାଙ୍‌ସା ବାରାନ୍ ଅକିଜ୍ ଲୁମ୍‌ତଙ୍।

**ଏବଂ: ଡ (ବାର୍)**

ଓ : ଛେଳି ଏବଂ ମେଣ୍ଢା ମିଶି ଚରନ୍ତି।

ସ : କିମେଡାନ୍ ଡ଼ (ବାର୍) ମୁର୍‌କୁନ୍‌ଡ଼ାଡ଼ାନ୍ ମାଇଲେନ୍ ଜୁମ୍‌ଜୁମ୍ ତିନ୍‌ଜି।

**ଏଠି : ତେଡ୍‌ନେ**

ଓ : ଏଠି ବସିବା।

ସ : ତେଡ଼୍‌ନେ ଆଗବ୍‌ବା।

**ଏମାନଙ୍କର : କାନ୍ ଆନିନ୍‌ଜି ଆତେ**

ଓ : ଏମାନଙ୍କର ଘରେ ସବୁ ପ୍ରକାର ଧନ ରହିଛି।

ସ : କାନ୍ ଆନିନ୍‌ଜି ଆସିଙ୍ ଲିଙାନ୍ କୁଡ଼୍‌ଡୁବ୍‌ଜାନାବ୍ ବିତ୍‌ତିନ୍ ଡ଼ାକୁ।

**ଏଣ୍ଡୁଅ : ତୁତ୍‌ତୁମ୍**

ଓ : ଏଣ୍ଡୁଅ କେବଳ ମୁଣ୍ଡ ହଲାଏ।

ସ : ତୁତ୍‌ତୁମାନ୍ କୁଡ଼୍‌ଡୁବ୍ ଆୟାମ୍ ମିମିବବ୍‌ତିନ୍ (ତୁତ୍‌ମାନ୍ ସାତ୍‌ତାନ୍ ମିମିବବ୍‌ତିନ୍)।

## ଓ

**ଓଜନ କରିବା : ତୁଡ଼ିନେତି**

ଓ : ଯେ କୌଣସି ଜିନିଷ ଓଜନ କରି କିଣିବାକୁ ପଡ଼ିବ।

ସ : ଇତି ଜାନାବ୍‌ଡ଼େଲେ ଜାନାଙ୍, ତୁଡ଼ିଆନ୍ ତୁଡ଼ିଲେ ଆଞ୍ଜିଁବିନ୍ ଡେତି।

**ଓଜନ : ଲାଗିନ୍**

ଓ : ଓଜନ ଜିନିଷ ପିଲାମାନଙ୍କୁ ଧରାଅ ନାହିଁ।

ସ : ଲାଗିନ୍ ଜାନାବାନ୍ ପାସିଜାନ୍‌ଜି ଆଡ-ଅଂ ଆବ୍‌ଡ଼ନ୍‌ସିଡ଼ଂ।

**ଓଟ : ସିସ୍‌ବଙ୍‌ଡା (ସିସିକ୍ଲାଇ)**

ଓ : ଓଟ ମରୁଭୂମିର ଜାହାଜ।

ସ : ସିସ୍‌ବଡ୍‌ଡାନ୍ ଲାକିଜ୍‌ସଲ୍ ଲିଙାନ୍ ଆବୁନ୍ ସାଂଙାନ୍।

**ଓ : ଡ, ବାର୍**

ଓ : ହାତୀ ଓ ବାଘ ଲଢେଇ କଲେ।

ସ : ରାଆନ୍ ଡ (ବାର୍) କିଃନାନ୍ ଆର୍‌ତାବାଡ୍‌ଲେଜି।

**ଓଢଣା : ଯ୍ୟାରୁମ୍ ବାବ୍‌ନାନ୍**

ଓ : ବିବାହ ସମୟରେ ଯୁବତୀ ଓଢ଼ଣୀ ମୁଣ୍ଡରେପକାଏ।

ସ : ସିଡ୍‌ରୁଙାନ୍ ଆଯ୍ୟାମ୍‌ଲିଙାନ୍ ଡ଼ାଙ୍‌ଗାଡ଼ିନ୍ ଯୁମ୍‌ବାବ୍‌ତିନ୍।

**ଓଦାକନା : ଆଡ଼ାଡ଼ା କାବ୍**

ଓ : ଓଦାକନାରେ ମୁଣ୍ଡକୁ ପୋଛିଦିଅ।

ସ : ଆଡ଼ାଡ଼ା କାବାନ୍ ବାତ୍‌ତେ ବଅବାନ୍ ଗସଡ଼ା।

**ଓହ୍ଲାଇବା : ଆନାବ୍‌ଲାତ୍‌ସନ୍**

ଓ : ମନ୍ତ୍ରୀ ପଦରୁ ଓହ୍ଲାଇଦେବା।

ସ : ଆଡ଼ାନେ ଗଡ଼ାନ୍ ସରିଙ୍ ଆବ୍‌ଲାତ୍‌ସନେତି।

**ଓଲଟିଯିବା : ଅପ୍‌ସେଙ୍‌ନେତେନ୍**

ଓ : ଗୋଟିଏ ବସ୍ ଅଧ ରାସ୍ତାରେ ଓଲଟି ଗଲା।

ସ : ଆବଇ ଈାଁରାନା ଗାଡ଼ିନ୍ ତୁଙାର୍‌ଗଡ୍ ଆବ୍‌ସେଙ୍ ନେତେନ୍।

## କ

**କଅଁଳ : ବଲେଇଜ୍ (ଆଲେଡେଙ୍)**

ଓ : କଅଁଳ ଘାସ ଠେକୁଆ ଖାଏ।

ସ : ଆବଲାଇଜ୍ ଆଜିଡଂନ୍ ପାନ୍‌ଡ଼େରାନ୍ ଜୁମ୍‌ତେ।

**କଇଁଚି : ସାନାବ୍‌ଡ଼ାଇଜ୍**

ଓ : କଇଁଚିରେ ବାଳ କାଟନ୍ତି ।

ସ : ସାନାବ୍‌ଡ଼ାଇଜାନ୍ ବାତ୍‌ତି ଉଉନ୍ ଗାଡ଼୍‌ତେଜି ।

**କଂକଡ଼ା : କିନାଡ଼୍**

ଓ : କଂକଡ଼ା ବର୍ଷା କାଳରେ ବାହାରନ୍ତି ।

ସ : କିନାଡ଼ାନ୍ ଗାନୁର୍ ଗାଇଜାନ୍ ଡୁଂ ତେନାଇଜି ।

**କଇଁଚ : କୁଲୁ**

ଓ : କଇଁଚ ଦିନରାତି ପାଣିରେ ରହେ ।

ସ : କୁଲୁନ୍ ତାମ୍‌ବା ତଗାଲ୍ ଡାଆ ଲିଙ୍ଗାନ୍ ଡାକୁତେନ୍ ।

**କଂକି : ପେଙ୍‌ପେଙ୍**

ଓ : କଂକି ମାନେ ଆକାଶରେ ଉଡ଼ନ୍ତି ।

ସ : ପେଙ୍‌ପେଙ୍ଗାନ୍‌ଜି ରୁଆଂ ଲିଙ୍ଗାନ୍ ଏଙ୍‌ଡ଼ା ତେନ୍‌ଜି ।

**କଟାସ୍ : ବୁଆବ୍**

ଓ : କଟାସ ବିରାଡ଼ିପରି, ସେ ବଣରେ ରହେ ।

ସ : ବୁଆବାନ୍ ରମେଙ୍ଗାନ୍ ଆମ୍‌ବାରିଜ୍, ଆନିନ୍ ତୁଲାବ୍ ଲିଙ୍ଗାନ୍ ଡାକୁତେନ୍ ।

**କଣ୍ଠ : ମୁରଡୁସାଡ୍‌କା/ମାର୍‌ଡାଡୁ**

ଓ : କଣ୍ଠଦ୍ୱାରା ଗୀତଭଲ ହୁଏ ।

ସ : ମୁରଡୁସାଙ୍‌କା ବାତିନ୍ କାନେନ୍‌କେନାନ୍ ଲାଂଗାଡେତେ ।

**କଣ୍ଟା : ଏବ୍‌ବା**

ଓ : ବଣରେ କଣ୍ଟା ଗଛ ଗୁଡ଼ିକ ଅଛି ।

ସ : ତୁଲାବ୍ ଲିଙ୍ଗାନ୍ ଏବ୍‌ବା ନେବାନ୍‌ଜି ଡାକୁ ।

**କଣ୍ଢେଇ : କୁଙ୍‌ଡାଇଜ୍**

ଓ : କଣ୍ଢେଇ ପିଲା ମାନଙ୍କର ଖେଳନା ଜିନିଷ ।

ସ : କୁଙ୍‌ଡାଇଜାନ୍ ପାସିଜାନ୍‌ଜି ଆରାନ୍‌ଡିଡ୍‌ନା ଜାନାବ୍ ।

**କପା : ଆଡ଼ି**

ଓ : କପାରେ ସୁତା ତିଆରି ହୁଏ ।

ସ : ଆଡ଼ିନ୍ ସାରିଂ ତାରେଲାନ୍ ଗାଡ଼ିଲ୍‌ତି ।

**କପୋତ : କୁକୁର୍**

ଓ : ରାତିରେ କପୋତମାନେ ଗଛରେ ଶୋଇଥାନ୍ତି ।

ସ : ତଗାଲାନ୍ କୁକୁରାନ୍‌ଜି ଆରାଲିଙ୍ଗାନ୍ ଡିମାଡ୍‌ତେନ୍‌ଜି ।

**କବାଟ : ସାନାଡଙ୍**

ଓ : କବାଟ ନଥିଲେ ଘର ଖୋଲା ରହେ।

ସ : ସାନାଡଙ୍ ତିଡ୍ଡେନ୍ ସିଙ୍ଗାନ୍ ଆରେରେନ୍ ଡାକୁତି।

**କଳଂକ : ଜାନୁମ୍ତାଡାନ୍**

ଓ : ଲୁହା ମାଟି ଭିତରେ ପୋତି ହେଲେ କଳଂକ ଧରେ।

ସ : ଲୁଆଙ୍ଗାନ୍ ଲାବ ଲିଙ୍ଗାନ୍ ତିଲ୍ନେଡେନ୍ଡ଼େନ୍ ଜୁମ୍ତାଡ୍ତେ।

**କହନାହିଁ : ଅବ୍ଲିଙ୍ଡଂ (ଅପୁଂଡଂ)**

ଓ : କାହାକୁ କହ ନାହିଁ।

ସ : ବୁତେଜା ଆମାଙ୍ ଅବ୍ଲିଙ୍ଡଙ୍ (ଅପୁଙ୍ଡ଼ଂ)।

**କହୁଣୀ : କୁଙ୍ସି**

ଓ : ମୁଁ ପଡ଼ିଯିବାରୁ କହୁଣୀରେ ପଥର ବାଜିଲା।

ସ : ଆଉସୁଙ୍ ଲିଞ୍ଜେଁନ୍ ଆସାନ୍ କୁଙ୍ସିଞ୍ଜେଁନ୍ ଆରେଡ଼ଂନ୍ ଗାତାର୍ରି।

**କପାଳ : ଆତାଲ୍ବବ୍/ଇଡାଡ଼ା**

ଓ : କପାଳରେ ମାଡ଼ ବାଜିଲା।

ସ : ଆତାଲବବ୍ ଲିଙ୍ଗାନ୍ ପାରାଲେ (ଇଡାଡ଼ା)।

**କଣ : ଇଡିନ୍**

ଓ : କଣ କରିବା ?

ସ : ଇଡିନ୍ ଲୁମ୍ତାବେ ?

**କମାର : ପାମ୍ଡ଼ାଂମାର୍, ତାଡାଂମାର୍ (ତାଡଡ଼ାଂମାର୍) (କୁମ୍ବିଜ୍)**

ଓ : କୁମ୍ଭାର ଭଲରେ ହାଣ୍ଡି ତିଆରି କରନ୍ତି।

ସ : କୁମ୍ବିଜାନ୍ ଡାଂକିନ୍ ବାଙ୍ସାଲେ ସାବ୍ଜାତେ।

**କର : ଜିତାଙ୍କାନ୍**

ଓ : ପ୍ରତ୍ୟେକ ବର୍ଷରେ ଜମି କର ବାନ୍ଧିଥାଉ।

ସ : ଡିଲେ ମିଞ୍ଜୁମ୍ ସରବାନ୍ ଆଜିତାଂକାନ୍ ଜାନିନ୍ ଡେତି।

**କନିଷ୍ଠ : ଆଡିକ୍କି**

ଓ : ମା ସବୁବେଳେ କନିଷ୍ଠ ପୁଅକୁ ପ୍ରେମ କରୁଥାଏ।

ସ : ୟାଙ୍ଗାନ୍ କୁଡ୍ଡୁବ୍ ଆୟାମ୍ ଆଡିକ୍କି ଆଅନାନ୍ ତିମ୍ୟିମ୍ତେ।

**କଳା : ୟାଗା, ସଇବଙ୍**

ଓ : ଅଂଗାର କଳା ରହେ ।

ସ : ଆସାଇଜାନ୍ ୟାଗାଡାମ୍ ଡାକୁତି ।

**କଷ୍ଟ : କାଲ୍‌କାଲ୍**

ଓ : କାମ କରିବାକୁ କଷ୍ଟ ଲାଗେ ନାହିଁ ।

ସ : ବାରାନ୍ ଆଲୁମ୍‌ବିନ୍ ଆସାନ୍ କାଲ୍‌କାଲ୍ ଆଡ଼୍‌ନାପ୍‌ପାଡ଼େ଼ଆଇ ।

**କହିବା : ଅବ୍‌ପୁଙ୍‌ନେତେ**

ଓ : ଆମେ ତାହାକୁ କହିବା ।

ସ : ଆନ୍‌ଲେନ୍ ଆନିନ୍ ଆଡଂ ଅବ୍‌ପୁଂନେତି ।

## କା

**କାଇ : ଆବୁ**

ଓ : କାଇ ଗଛର ପତ୍ରରେ ପୁଡ଼ା ବାନ୍ଧି ବସା କରନ୍ତି ।

ସ : ଆବୁନ୍ ଆରା ଅଲାନ୍ ବାତ୍‌ତେ ଗାବ୍‌ଲେନ୍ ବାସୁତେଜି ।

**କାଉ : କାକା**

ଓ : କାଉର ପର କଳା ।

ସ : କାକାନ୍ ଆଉପୁର୍ ୟାଗାଡ଼ାମ୍ ।

**କାକର : ରାଙ୍ଗା/କାସିରା (କିସ୍‌ରା)**

ଓ : କାକର ବେଳେ ଖୋଲା ଦେହରେ ରହି ନପାରୁ ।

ସ : ରାଙ୍ଗାଇଙ୍ଗାନ୍ ଆଉର୍‌ରୁଇ ଡଅଙ୍ ରାପ୍‌ତି ଆଡ୍‌ଡାକୁନାବି ।

**କାକୁଡ଼ି : ଏଡ୍‌ଂଲୁଡ୍/ଏଙ୍ଗ୍‌ରା**

ଓ : କାକୁଡ଼ି ଖରା ଦିନରେ ଥଣ୍ଡା ଲାଗେ ।

ସ : ଏଙ୍‌ଲୁଙ୍ଗାନ୍ ଡାଗାନ୍ ଆଡ଼ନାଙ୍ ସାୟୁଡାମ୍ ।

**କାଠ : ଆଙ୍ଗାଲ୍**

ଓ : କାଠ ଆଣ ନିଆଁ ଜାଳିବା ।

ସ : ଆଙ୍ଗାଲାନ୍ ପାଙ୍ଗାଇ ତଗିନ୍ ଜ୍ଞାଁବ୍‌ମାଂନେତି ।

**କାଢ଼ିବା : ଡାବ୍‌ନେତେ**

ଓ : ଭାତ ସିଝିଗଲା ଆସ କାଢ଼ିବା ।

ସ : କୁଡୁନ୍ ଲାତିର୍‌ରେ ଜାବା ଡାବ୍‌ନେତି ।

**କାନ୍ଦିବା : ଏଡ଼ାନା**

ଓ : ପିଲା କାନ୍ଦୁଅଛି।

ସ : ପାସିଜାନ୍ ଏଡ଼ାତିନ୍।

**କାନ : ଲୁଉଡ୍**

ଓ : କାନଦ୍ୱାରା କଥା ଶୁଣିପାରୁ।

ସ : ଲୁଉଡାନ୍ ବାତ୍ତି ବେର୍ନାନ୍ ଆମ୍ଡାଙ୍ତାବି।

**କାନ୍ଥ : କିନ୍ତାଲ**

ଓ : କାନ୍ଥ ଦ୍ୱାରବନ୍ଧ ପର୍ଯ୍ୟନ୍ତ ଉଠିଲା।

ସ : କିନ୍ତାଲାନ୍ ଡାରାନ୍ନିନ୍ ସିକ୍କଇଜା ଡିନେତିନ୍।

**କାନେଇବା : ଡ଼େର୍ଲୁଡ୍**

ଓ : କଥା କାନେଇ ଶୁଣିବା।

ସ : ବେର୍ନାନ୍ ଡେର୍ଲୁଡ୍ଲେ ଆମ୍ଡାଂନେତି।

**କାମୁଡ଼ିବା : (ରାମ୍ତେ)**

ଓ : କୁକୁର କାମୁଡ଼ିଲା।

ସ : କିନ୍ସଡାନ୍ ରାମେତିନ୍।

**କାଳେ : ବଗାଡ଼୍**

ଓ : କାଳେ ସେ ଆସିପାରେ।

ସ : ବଗାଡ଼୍ ଆନିନ୍ ୟେର୍ତାଇ ପେଡ଼୍ଡ଼େ।

**କାହାକୁ : ବୁତିନ୍ ଆଡ-ଅଂ (କିଏ-ବୁତିନ୍)**

ଓ : କାହାକୁ କହିବା।

ସ : ବୁତେନ୍ ଆଡ଼ଅଂ ଅପୁଙ୍ନେତି।

**କାହାର : ବୁତିନ୍ ଆତି**

ଓ : ଏଇଟା କାହାର।

ସ : କାନ୍ ଆତେ ବୁତିନ୍ ଆତି।

**କାହା : ବୁତିନ୍ ଆତି**

ଓ : କାହା ବିଷୟ କହୁଛ ?

ସ : ବୁତେନ୍ ଆବିର୍ନା ବିର୍ତିନ୍ ?

## କି

**କିଏ : ବୁଟିନ୍**

ଓ : କିଏ ଆସିଥିଲା ।

ସ : ବୁଟେନ୍ ଇୟାଇଟିନ୍ (ଯିରାଇଟିନ୍) ।

**କିସ : ଇଟିନ୍**

ଓ : କିସ ଆଣିଲୁ ।

ସ : ଇଟିନ୍ ପାଙ୍ଙ୍ଲାଇ ।

**କିଣିବା : ଞାଁନିନା**

ଓ : ହାଟବଜାରକୁ ଯାଇ ଜିନିଷ ପତ୍ର କିଣିଆଣ ।

ସ : ସାଇଞ୍ଙ୍ତାନ୍ ସାରିଡ଼ଂ ଜାନାବାନ୍‌ଜି ଞଁଲେ ପାଙାଇ ।

**କିନ୍ତୁ : ବିନ୍‌ଡ଼**

ଓ : ଥିଲା କିନ୍ତୁ ସରିଗଲା ।

ସ : ଡାକୁଲେ ବିନ୍‌ଡ଼ ଆଞ୍ଜିଁଡ୍‌ଲି ।

**କିମ୍ବା : ଇଜ୍‌ଜାଡେନ୍**

ଓ : ଚାଦର କିମ୍ବା ଲୁଙ୍ଗି ଧରିଥାଅ ।

ସ : ଗାରୁସାଇନାନ୍ ଇଜ୍‌ଜାଡ଼େନ୍ ଆରଡ଼ିଜ୍‌ନା କାବାନ୍‌ଞାଁମା ।

**କିହୋ : ୟାନ୍‌ଗେଇ**

ଓ : କିହୋ ସମସ୍ତେ ଭଲ ଅଛନ୍ତି କି ?

ସ : ୟାନ୍‌ଗେଇ କୁଡ଼୍‌ଡୁବାନ୍‌ଜି ବାଙ୍ଙ୍ସା ପ ?

**କିରୋସିନ୍ : ସଲ୍‌ଡାମେ, ସଇସଇମେ(ସଅମେ)**

ଓ : ଆସନ୍ତାକାଲି କିରୋସିନ୍ ଦିଆଯିବ ।

ସ : ବିୟ, ସଲଡାମେନ୍ (ସଇସଇମେନ୍) (ସଅମେ) ତିୟ୍‌ତିୟ୍‌ତେଜି ।

## କୁ

**କୁଆଡ଼େ : ଉଆନ୍**

ଓ : କୁଆଡ଼େ ଯାଉଛ ?

ସ : ଉଆନ୍ ଇୟ୍‌ତେ (ୟେର୍‌ତେ) ?

**କୁଆପଥର : ଆରେଲାନ୍**

ଓ : ବର୍ଷା ସମୟରେ କୁଆପଥର ମଧ୍ୟ ପଡ଼େ ।

ସ : ଗାନୁରାନ୍ ଆୟାମ୍ ଲିଙାନ୍ ଆରେଲାନ୍ ଜାନାଂ ଗାଲୁତି ।

**କୁକୁଡ଼ା : କାନ୍‌ସିମ୍**

ଓ : ମୋର କୁକୁଡ଼ା କଟାସ ନେଇ ଗଲା।

ସ : କାନ୍‌ସିମ୍‌ଞ୍ଜେଁନ୍ ବୁଆବାନ୍ ପାଙେତିନ୍।

**କୁକୁର : କିନ୍‌ସଡ଼୍**

ଓ : ସେହି କୁକୁର ଶିଘ୍ର ଦୌଡ଼େ।

ସ : କୁନ୍ ଆକିନ୍‌ସଡ଼୍ ଉମେଙଲେ ୟେର୍‌ତିନ୍।

**କୁଡିଆଘର : ଅନ୍‌ସିଂ (ବାରୁସିଂ)**

ଓ : ଡଙ୍ଗରରେ କୁଡ଼ିଆଘର ତିଆରି କରିଥାନ୍ତି।

ସ : ବାରୁ ଲିଡଂନ୍ ଅନ୍‌ସିଙାନ୍ ସାବ୍‌ଜାତିଜି।

**କୁଣ୍ଡା : କିନାମ୍**

ଓ : କୁଣ୍ଡା ଦେଲେ ହଳ ହୃଷ୍ଟ ପୃଷ୍ଟ ହୋଇଥାନ୍ତି।

ସ : କିନାମାନ୍ ତିୟାଲାବେନ୍‌ଜିଡେନ୍ ଅର୍‌ର ବଙାନ୍‌ଜି ଜେଲ୍ ଜେଲ୍ ତେଜି।

**କୁଦିବା : ଞାତାବି**

ଓ : ଇଟାକାଟିଲେ ପ୍ରଥମେ ମାଟିକୁ କୁଦିବାକୁ ପଡ଼ିବ।

ସ : ପିଡ଼ାଗାଲ୍‌ଲାନ୍ ସବ୍‌ଜାଲାବେନ୍‌ଡେନ୍ ଆବ୍‌ମାଙ୍  ଲାବନ୍‌ଞାତାବେ।

**କୁମ୍ଭାର : କୁମ୍‌ବିଜ୍‌ମାର୍**

ଓ : କୁମ୍ଭାର ମାଟିରେ ହାଣ୍ଡି ଗଢ଼େ।

ସ : କୁମ୍‌ବିଜ୍ ମାରାନ୍ ଲାବନ୍ ବାତ୍‌ତେ ଡାଙ୍‌କିନ୍ ସାବ୍‌ଜାତେ।

**କୁମ୍ଭୀର : ତାଞାଲ୍ (ସିମର୍)**

ଓ : କୁମ୍ଭୀର ପାଣିରେ ରହେ।

ସ : ତାଞାଲାନ୍ (ସିମରାନ୍) ଡାଆ ଲିଙାନ୍ ବାସୁତେ।

**କୁରାଢ଼ି : ଏନ୍‌ଜୁମ୍**

ଓ : କୁରାଢ଼ି ଦ୍ୱାରା କାଠ ଫଡ଼ା ହୁଏ।

ସ : ଏନ୍‌ଜୁମାନ୍ ବାତ୍‌ତେ ଆଙାଲାନ୍ ପାଲ୍‌ପାଲ୍‌ତାବି (ପାଲ୍‌ପାଲାଂତିନ୍‌ବି)।

**କୁହୁଡ଼ି : ମଡ଼ା**

ଓ : କୁହୁଡ଼ି ହେଲେ ଟିକେ ଦୂରରେଥିଲେ ପରସ୍ପରକୁ ଦେଖାଯାଏନାହିଁ।

ସ : ମଡ଼ାଲେନ୍‌ଡ଼େନ୍ ଅସୁଇ ସାଙାଇ ଡାକୁଲାଇଏନ୍‌ଡେନ୍ ଆଡ୍‌ନାର୍‌ଗିଜ୍‌ବି।

**କୁଲା : ଆଡ଼୍‌ୟେର୍/ଅଡୟେର୍**

ଓ : କୁଲାଦ୍ୱାରା ଚଉଳ ପାଛୁଡ଼ା ଯାଏ।

ସ : ଅଡ଼ୟେରାନ୍ ବାତ୍‌ତେ ରୁଙ୍‌କୁନ୍ ଗୁମ୍‌ଗୁମତାବି (ତାନାର୍‌ପୁଡ଼ାନ୍) ଡ଼େଡି।

## କେ

**କେଉଁ ଗୁଡ଼ିକ : ଇତେନ୍ ସାବିଇଁ**

ଓ : କେଉଁ ଗୁଡ଼ିକ ଆବଶ୍ୟକ ହେବ ?

ସ : ଇତେନ୍ ଇତେନ୍ ସାନାଇଜ୍‌ସାଇଜ୍ ଡେଡି ?

**କେଉଁମାନେ : ବୁତେନ୍ ଯାକ୍ରିଇଁ**

ଓ : କେଉଁମାନେ ଚାଲି ଯାଇଛନ୍ତି ?

ସ : ବୁତେନ୍ ବୁତେନ୍ ଞାଲେନ୍ ୟେର୍‌ରେଜି ?

**କେଉଁ ମାନଙ୍କୁ : ବୁତେନ୍ ବୁତେନ୍ ଆଡ଼ଂ**

ଓ : କେଉଁ ମାନଙ୍କୁ ପୁରସ୍କାର ଦିଆଯିବ ?

ସ : ବୁତେନ୍ ବୁତେନ୍ ଆଡଂ ଉଞ୍ଜୁଲ୍‌କୁଇଜାନ୍ ତାନିୟାନ୍ ଡେଡି ?

**କେଉଁଟି : ଉଆନ୍ ଆମାନେଙ୍**

ଓ : ମୂଲ୍ୟବାନ୍ ଜିନିଷ କେଉଁଟି ରଖା ଯାଏ ?

ସ : ଜାନାତ୍‌ତି ଜାନାବାନ୍ : ଉଆନ୍ ଆମାନେଙ୍ଂ ଡାନାକ୍‌କୁନ୍ ଡେଡି ?

**କେଉଁଠିକୁ : ଓ୍ୟାନ୍ ଆମାନେଙ୍ଂ ବାନ୍**

ଓ : ତୁମେ କେଉଁଠିକୁ ଯାଇକାମ କରିବ ?

ସ : ଆମାନ୍ ଓ୍ୟାନ୍ ଆମାନେଙ୍‌ବାନ୍ ଇୟ୍‌ତେ ବାରାନେ ?

**କେଉଟ : ଞାଁମ୍‌ୟ ମାର୍**

ଓ : ଜାଲଦ୍ୱାରା କେଉଟ ମାଛ ଧରେ।

ସ : ଜାଲାନ୍ ବାତ୍‌ତି ଞାମ୍‌ୟମାରାନ୍ ଆୟନ୍ ଞାମ୍‌ତେ।

**କେତେକ : ଡାଜିଙାନ୍‌ତି**

ଓ : କେତେକ ଜିନିଷ ଆସିବ ତାହା ସବୁ ଏକତ୍ର ରଖ।

ସ : ଡାଜିଙାନ୍‌ତେ ଜାନାବାନ୍ ୟେର୍‌ତାଇ ବମାନେଙ୍ ରୁକ୍‌କୁବା।

## କୋ

**କୋଚିଲାଖାଇ : ଡାମ୍‌ଡିଙ୍‌ବେଡ଼ା (ଡାମଡିଂସ୍ୱେଡା)**

ଓ : କୋଚିଲାଖାଇ ପକ୍ଷୀର ଥଣ୍ଟ ଲମ୍ବା ଓ ଗୋଜାଅଛି।

ସ : ଡାମ୍‌ଡିଙ୍ ବେଡ଼ା ତିଡାନ୍ ଆତଅଡାନ୍ ଜାଲେ (ଜ୍ଲି) ବାର୍ ମାଜାଙ୍‌ଡାକୁ।

**କୋଠରୀ : ସୁଉଙ୍**

ଓ : ସେହି କୋଠରୀରେ ଯାଇ ବିଶ୍ରାମ କର।

ସ : କୁନ୍ ଆସୁଉଙ୍ ଲିଙ୍ଆନ୍ ୟେର୍‌ରେ ଇଲୁଲୁନାବା।

**କୋଡ଼ି : କୁଡ଼୍‌ଡାଡା (ସାବାଡ଼ା)**

ଓ : କୋଡ଼ି ଦ୍ୱାରା ଗାତରେ ଥିବା ମାଟି କାଢୁ ଓ ଗାତରେ ମାଟି ପକାଉ ।

ସ : କୁଡ୍‌ଡାଡାନ୍ ବାତ୍‌ତି ଲୁଉଂ ଲିଙ୍ଆନ ଅସଲଡାନ୍ ଆମ୍‌ତୁଙ୍‌ତାବେ ବାର ଲୁଉଙ୍ଂ ଲିଙ୍ଆନ୍ ସଲଡାନ୍ ବାଡ୍‌ରିଜ୍‌ତାବେ।

**କୋଳଥ : ଅଡ଼ାଇଜ୍**

ଓ : ଆମ ଗ୍ରାମର ଲୋକେ କୋଳଥ ବୁଣନ୍ତି।

ସ : ଗର୍‌ଜାଡ଼୍ଂ ମାର୍‌ଞ୍ଜେନ୍‌ଜି ଅଡ଼ାଇଜାନ୍ ବୁଡ଼୍‌ତେଜି।

**କୋଳି : ଗୁଉର୍ / ଗୁ-ଉର୍**

ଓ : କୋଳି ତୋଳିବାକୁ ପିଲାମାନେ ଯାଆନ୍ତି।

ସ : ଗୁଉରାନ୍ ଆରୁବିନ୍ ଆସାନ୍ ପାସିଜାନ୍‌ଜି ୟେର୍‌ତେଜି।

## ଖ

**ଖସଡ଼ା : ଜାଲ (ଜ୍ଲ)**

ଓ : ଖସଡ଼ା ରାସ୍ତାରେ ଚାଲିଲେ ଗୋଡ଼ ଖସିଯାଏ।

ସ : ଜାଲ୍‌ଗଡ଼୍ ଲିଙ୍ଆନ୍ ଞାଲେନ୍‌ବିନ୍‌ଡ଼େନ୍ ଜି-ଇ-ଡ଼୍ଆନ୍ ଜାଲତି।

**ଖଜୁରୀ : ସିନ୍‌ଡ଼ି**

ଓ : ଖଜୁରୀ କୋଳି ଖାଇଲେ ମିଠା ଲାଗେ।

ସ : ସିନ୍‌ଡ଼ି ଗୁରାନ୍ ଜୁମ୍‌ଲା ବେନ୍‌ଡ଼େନ୍ ବଇବଇମାନା।

**ଖଞ୍ଜ : ଗାଡ଼େ**

ଓ : ଖଞ୍ଜଲୋକ ଛୋଟେଇ ଛୋଟେଇ ଚାଲେ।

ସ : ଗାଡ଼େ ମାରାନ୍ ସୁଟା ସୁଟାଲେ ଞାଟିନ୍।

**ଖଞ୍ଜଣି : ୟାରାଗେଡଡ଼୍**

ଓ : ଗୀତ ସମୟରେ ଖଞ୍ଜଣି ବାଜେ।

ସ : କାନେନ୍‌କେନାନ୍ ଆୟାମ୍ ଲିଙ୍ଆନ୍ ୟାରାଗେଡ଼ିଙ୍ଆନ୍ ସାଡ୍‌ଡ଼ାତେ।

**କନ୍ଦା : ଗାନାଇୟ**

ଓ : କନ୍ଦା ଖାଇଲେ ଦାନ୍ତ ବ୍ୟଥାହୁଏ ନାହିଁ।

ସ : ଗାନାଇୟାନ୍ ଜୁମ୍‌ଲାବେନ୍‌ଡ଼େନ୍ ଜିଇନ୍ ଆଡ୍‌ନାସୁଡ଼ାଏ।

**ଖଲା : ଟାନିଲ୍**

ଓ : ଖଲାରେ ଧାନ ମଳାଯାଏ।

ସ : ଟାନିଲ୍ ଲିଙାନ୍ ସାରନ୍ ଆନାବ୍ଞାନ୍ ଡେତି।

**ଖନା : ମବ୍‌ମ**

ଓ : ଖନା କଥା କହି ପାରେ ନାହିଁ।

ସ : ମବ୍‌ମ ମାରାନ୍ ରାପ୍ତି ଅବ୍‌ବେର୍‌ନେ।

**ଖଣ୍ଡ ଖଣ୍ଡ କରିବା : ରାଇଜ୍ ରାଇଜ୍ ଟାବି**

ଓ : ଦାନ୍ତକାଠି ଖଣ୍ଡ ଖଣ୍ଡ କରି ରଖନ୍ତି / ରଖାଯାଏ।

ସ : ଟାନାନ୍‌ଜିନ୍ ରାଇଜ୍‌ରାଇଜ୍‌ଲେ ଡ଼ାକ୍‌କୁଟାବି।

**ଖରଡ଼ିବା : ରାଡ଼ାବ୍ (ଗାଡାବ୍)(ରା-ଡାବ୍)(ଗା-ଡ଼ାକ)**

ଓ : କଅଁଳା ସାଗ ଖରଡ଼ି ସିଝାଇବା।

ସ : ସୁନ୍‌ସୁନାବାନ୍ ରାଡ଼୍‌ରାଡ଼୍‌ଲେ ଡ଼ିଞ୍ଜ୍‌ନେତି।

**ଖରିଦ : ଜାନାତ୍‌ଟିନ୍**

ଓ : ଗୋଟିଏ ବଳଦ ଖରିଦ ହେଲେ ବିକ୍ରୟ କରାଯାଏ।

ସ : ଆବଐ ଟାଙ୍‌ଲିଜାନ୍ ଜାନାତ୍‌ଟିନ୍ ଡ଼େଲେନ୍‌ଡ଼େନ୍ ଟାନେମାନ୍ ଡେତି (ଟିମ୍‌ଟିମାନ୍ ଡ଼େତି)।

**ଖବର : ଗାନାଡ଼୍‌ଲାମ୍ ବେର୍**

ଓ : ଖବର କାଗଜରେ ଦେଶର ହାଲ୍‌ଚାଲ୍ ପଢ଼ି ଜାଣିପାରୁ।

ସ : ଗାନାଡ଼୍‌ଲାମ୍ ଅଲା ଲିଙାନ୍ ଆନିଡ଼୍‌ଲାନ୍ କେନଲ୍‌ଲେ ଡ଼େସାନ୍ ଆନାବ୍ଞାନାନ୍ ଗାଲାମ୍‌ଟାବି।

**ଖଟା : ଆରାଙ୍**

ଓ : ତେନ୍ତୁଳି ଗଛରୁ ଖଟା ହୋଇଥାଏ।

ସ : ଟିଟିନ୍ ମାରାଇନାନ୍ ଆରାଙ୍‌ଡାମ୍ ଡ଼ାକୁ।

**ଖଡ଼ାସାଗ : ଅନେଂଡ଼ଂବ୍**

ଓ : ଖଡ଼ାସାଗ ବଜାରରେ ବିକ୍ରୀହୁଏ।

ସ : ଅନେଡ଼୍‌ବାନ୍ ସାଁଇତା ଲିଙ୍‌ାନ୍‌ଟାନେମାନ୍ ଡ଼େତି।

**ଖଟ : ସାନ୍‌ଡ଼ି**

ଓ : ଜଣେରୋଗୀ ଖଟ ଉପରେ ଶୋଇଛି।

ସ : ବ ବିମ୍‌ବିମ୍ ମାରାନ୍ ସାନ୍‌ଡ଼ି ଲିଙାନ୍ ଡ଼ିମାଡ଼୍ କେଟିନ୍।

**ଖର୍ଚ୍ଚ : ଞାରାନିନାନ୍**

ଓ : ମୋ ପାଖରେ ଥିବାଟଙ୍କା ସବୁ ଖର୍ଚ୍ଚ ହେଲା।

ସ : ମାଙ୍‌ବାଞ୍ଜେଁନ୍ ଆଡ଼ାକୁଲେନ୍ ଆଟାଂକା କୁଡୁବ୍‌ନ୍ କାର୍‌ସୁଲି।

**ଖଟପୁଆ : ସାନ୍ଡ଼ି ଜିଙ୍**

ଓ : ଗୋଟିଏ ଖଟପୁଆ ବଦଳାଇବାକୁ ହେବ।

ସ : ଆବଇ ସାନ୍ଡ଼ି ଜିଙ୍ଜାନ୍ ଆବାନ୍ଡ଼ାବିନ୍ ଡ଼େତି।

## ଖା

**ଖାଇବା : ଗାଗାନାନ୍**

ଓ : ତୁମେ ଖାଇଲ କି, ହଁ ମୁଁ ଖାଇ ସାରିଲି।

ସ : ଆମାନ୍ ଗାଗାଲେନ୍ ପ ଉଉଞ୍ଚେଁନ୍ ଗାଗାଲେନାଇ।

**ଖାଇବା ଘର : ଗାରାଗାନା ସିଂ**

ଓ : ଖାଇବା ଘର ସଫାସୁତୁରା ରଖିବାକୁ ହେବ।

ସ : ଗ୍ରାରାଗାନା ସିଙ୍ଗାନ୍ ମାରିଡ଼୍ ଆଡ଼ାକ୍କୁବେନ୍ ଡେତେ।

**ଖାଲିହାତ : ଆରିକ୍କା ସିନ୍**

ଓ : ଭଗବାନଙ୍କୁ ଦର୍ଶନ କରିବାବେଳେ ଖାଲି ହାତରେ ଯାଆନ୍ତୁ ନାହିଁ।

ସ : କିତୁଙ୍ଗାନ୍ ଆମାଡ଼୍ଂବାନ୍ ଆରିକକା ସିନ୍ ଆୟିର୍ଡଙ୍ଗ୍।

## ଖି

**ଖିଅର କରିବା : ଆକୁଡ଼୍ନାବା**

ଓ : ଦାଢି ବଢିଲେ ଭଣ୍ଡାରି ପାଖରେ ଖିଅର କରନ୍ତି।

ସ : କୁରୁତାମାନ୍ ମାରାଙ୍ଗଲେନ୍ଡ଼େନ୍ କୁଡ଼୍ଂ କୁଙ୍ଗ ବବ୍ ମାରାନ୍ ଆମାଡ଼୍ ଇୟଲେକୁଡ଼୍ଂତେନ୍ଜି।

**ଖିଡ଼ିକି : କିନ୍ତାଲ ସାଙ୍**

ଓ : ଖିଡ଼ିକି ଥିଲେ ଘର ଭିତରେ ପବନ ଆସେ।

ସ : କିନ୍ତାଲ୍ ସାଙ୍ଗାନ୍ ଡାକୁଲେନ୍ଡ଼େନ୍ ରାଙ୍ଗିନ୍ ଆଲୁଙ୍ଂସିଙ୍ଗାନ୍ ୟେର୍ତାଇ।

**ଖିରଭାତ : ଆଡୁବ୍ଡାର୍**

ଓ : ବଡ଼ ବଡ଼ ଭୋଜିରେ ଖିରି ଭାତ ମିଳେ।

ସ : ସୁଡ଼ା ସୁଡ଼ା ଜୁମ୍ଡ଼ାର୍ ଲିଙ୍ଗାନ୍ ଆଡୁବ୍ଡ଼ାରାନ୍ ଞାଁଙ୍ତାବେ।

## ଖୁ

**ଖୁଆଇବା : ଆନାବ୍ଗାନ୍**

ଓ : ଛୋଟ ପିଲା ମାନଙ୍କୁ ମା ମାନେ ଭାତ ଖୁଆନ୍ତି।

ସ : ସାନ୍ନା ସାନ୍ନା ପାସିଜାନ୍ଜି ଆଡ଼ଙ୍ ଆୟାଡ଼ାନ୍ଜି ଡ଼ାରାଇଜାନ୍ ଆବ୍ଗାତେଜି।

**ଖୁଣିବା : ବାଡ଼୍‌ସେତାବେ**

ଓ : ଯାହାକୁ ଇଚ୍ଛା କରୁଥିଲି ସେ ମତେ ଖୁଣି ପଳାଇଗଲା ।

ସ : ବୁତେନ୍‌ତେ ଙ୍ଗେଁନ୍ ଇତ୍‌ସୁମ୍‌ଲାଇ, ଆନିନ୍ ଡଅଂଙ୍ଗେଁନ୍ ବାତ୍‌ସେଲେ ୟେରେତେନ୍ ।

**ଖୁଣ୍ଟି : କୁଡ଼୍‌ଡ଼ିଙ୍ଗ୍ ବବ୍ (ଆରାବାବ୍)**

ଓ : ଅନ୍ଧାର ରାସ୍ତାରେ ଯାଉ ଯାଉ ମୋ ଗୋଡ଼ ଖୁଣ୍ଟି ବାଜି ତା ଉପରେ ପଡ଼ିଗଲି ।

ସ : ଲୁଙ୍ଗୁଡ଼୍ ଗଡ଼୍‌ଡ଼ାନ୍‌ଙ୍ଗାଁନାତା ଙ୍ଗାଁନାତା ଜିଙ୍ଗ୍‌ଙ୍ଗେଁନ୍ କୁଡ଼୍‌ଡ଼ିଙ୍ଗାନ୍ ତାଙ୍ଗାଡ଼୍‌ଲେ ଆଲାଂକାନ୍ ଗଲାଇ ।

**ଖୁଡ଼ି : ୟାୟାଡ଼/ୟାୟାଙ୍ଗ୍**

ଓ : ମୋ ଖୁଡ଼ି କାମକୁ ଗଲା ।

ସ : ୟାୟାଙ୍ଗଙ୍ଗେଁନ୍ ବାରାବାନ୍ ୟେରେତିନ୍ ।

**ଖୁମ୍ପିବା : ଆଡ୍ରୁଲ୍‌ଡ୍ରୁଲ୍‌ତାବେନ୍ ଆତେ**

ଓ : ଗଛରେ ଦାଆ ଖୁମ୍ପିଲି ।

ସ : ଆରାଲିଙ୍ଗାନ୍ କାଡ଼ାତ୍‌ତିନ୍ ଡ୍ରୁଲ୍‌ଲାଇ ।

## ଖୁ

**ଖୁବ୍ : କାର୍‌ରାନ୍**

ଓ : ସେ ଖୁବ୍ ଗରିବ ଲୋକ ।

ସ : ଆନିନ୍ କାରରାନ୍ ବାନାଗ୍‌ଗେମାର୍ ।

## ଖେ

**ଖେଳ : ଗାତାସି**

ଓ : ପିଲାମାନେ ସବୁବେଳେ ଖେଳନ୍ତି ।

ସ : ପାସିଜାନ୍‌ଜି କୁଡ଼ଡ୍ରୁବ ଆୟାମ୍ ଗାତାସି ତେନ୍‌ଜି ।

**ଖେଳ ପଡ଼ିଆ : ଗାରାତାସି ବାସେଙ୍ଗ୍**

ଓ : ଖେଳ ପଡ଼ିଆ ଓସାର ହେବା ଦରକାର ।

ସ : ଗାରାତାସି ବାସେଙ୍ଗାନ୍ ଲା-ଆଂଡାମ୍ ଆଡ଼େବେନ୍ ଡ଼େତି ।

**ଖେଳାଳୀ : ଗାତାସି ମାରାନ୍‌ଜି**

ଓ : ଖେଳାଳୀମାନେ ଖେଳ ପଡ଼ିଆରେ ଅଛନ୍ତି ।

ସ : ଗାତାସି ମାରାନ୍‌ଜି ଗାରାତାସି ବାସେଙ୍ଗ୍ ଲିଙ୍ଗାନ୍ ଡ଼ାକୁଜି ।

**ଖେଳିବା : ଆଗାତାସିନାବା**

ଓ : ଆସ ଖେଳିଯିବା ।

ସ : ଜାବା ଆଗାତା ସିନାବା (ଆଣ୍ଡିଡ଼୍‌ନାବା) ।

## ଖୋ

**ଖୋଜିବା : ଆସାଇଜ୍‌ବା**

ଓ : ଗୋଟିଏ ଗାଈ ବଣରେ ରହିଗଲା ଆସ ଖୋଜିଯିବା ।

ସ : ଆବଇ ଆଯ୍ଯାଂତାଙ୍ଗାନ୍ ତୁଲାବ୍ ଲିଙ୍ଗାନ୍ ଆଡ଼ଲେ ଜାବା ଆସାଇଜ୍‌ନାଇବା ।

**ଖୋଲିବା : ଆରିଜ୍‌ତାବେନ୍ ଆତେ**

ଓ : କବାଟ, ଝିଡ଼ିକି ଗୁଡ଼ିକ ଖୋଲି କାଢ଼ିବା ।

ସ : ସାନାଙ୍ଗାନ୍, କିନ୍‌ତାଲ୍, ସାଙ୍ଗାନ୍ ଗାଇଲେ ଆତାବ୍‌ବା ।

**ଖୋଳିବା : ଆଗାଇବା**

ଓ : ଆମେ ଗାତ ଖୋଳିବା ।

ସ : ଆନ୍‌ଲେନ୍ ଲୁଉଡ଼୍ଙ୍ଗାନ୍ ଆଗାଇ୍‌ବା ।

**ଖୋସା : କୁଇକୁଯ୍ୟୁ**

ଓ : ସ୍ତ୍ରୀ ଲୋକମାନେ ବାଳକୁ ଖୋସା ବାନ୍ଧନ୍ତି ।

ସ : ଆନ୍‌ସାଲନ୍‌ଜି ଆଉଉନ୍ କୁଇକୁଯ୍ୟୁ ତେନ୍‌ଜି ।

**ଖୋଷିବା : ଗାଇଗାଇଡ୍ଡୁଲ/ବାଡ୍‌ଲାଇସଲ୍**

ଓ : ଆମେ ବାଡ଼କୁ ଯାଇ ଖୋଷି ଘାସ କାଢ଼ିବା ।

ସ : ଆନ୍‌ଲେ ବାସେଡ଼୍ଙ୍ଗାନ୍ ଇୟଲେ ଗାଇଗାଇଡ୍ଡୁଲ୍‌ଲେ ଆଜିଡ଼୍ଙ୍ଗାନ୍ ଆପିନାଇବା ।

## ଗ

**ଗଉଡ଼ : ଗଡ୍ଡୁ**

ଓ : ଗଉଡ ଗାଈ ଜଗୁଛି ।

ସ : ଗଡ୍ଡୁନ୍ ଆଯ୍ଯାଂତାଙ୍ଗାନ୍ ଗୁବ୍‌ତେ ।

**ଗଉଡୁଣୀ : ଗଡ୍ଡୁବଇ**

ଓ : ଗଉଡୁଣୀ କ୍ଷିର ବିକିବାକୁ ନେଉଛି ।

ସ : ଗଡ୍ଡୁ ବଇଜାନ୍ ଆଡ୍ଡୁବାନ୍‌ତିମ୍ ତିମ୍‌ବାନ୍ ପାଢ଼େ୍ତିନ୍ ।

**ଗଛର ଶାଖା : ଆକାନ୍‌ଡ଼ାର୍ ଆରାନ୍**

ଓ : ଗଛର ଶାଖା ଉପରେ ପକ୍ଷୀ ବସିଛି ।

ସ : ଆକାନ୍‌ଡ଼ାର୍ ଆରାଲିଙ୍ଗାନ୍ ଅନ୍‌ତିଡ଼ାନ୍ ଡୁଇନେତିନ୍ ।

**ଗଛର ଛାଲି : ଆକୁର୍‌ରାଙ ଆରାନ୍‌**

ଓ : କେତେକ ଗଛର ଛାଲିରେ ଔଷଧ ତିଆରି ହୁଏ।

ସ : ଡ଼ାଜିଙାନ୍‌ତେ ଆକୁର୍‌ରାଙ୍‌ଆରାନ୍ ରେଗାମାନ୍ ସାନାବ୍‌ଜାନ୍ ଡ଼େତେ।

**ଗଛର ଚେର : ଆଜିଡ଼୍ ଆରାନ୍‌**

ଓ : କେତେକ ଗଛର ଚେରରେ ଔଷଧ ତିଆରି ହୁଏ।

ସ : ଡ଼ାଜିଙ୍ଗାନ୍‌ତି ଆଜିଡ଼୍ ଆରାନ୍ ରେଗାମାନ୍ ସାନାବ୍‌ଜାନ୍ ଡ଼େତି।

**ଗଛର ପତ୍ର : ଆରାନ୍ ଆଅଲା**

ଓ : ଶିଆଳି ପତ୍ରରେ ଖଲି ତିଆରି ହୁଏ।

ସ : ଲାଆଇ ଅଲାନ୍ ବାତ୍‌ତି ଗାରାଗାନା ଅଲାନ୍ ସାନାବ୍‌ଜାନ୍ ଡ଼େତି(ରାଆଡ଼ଲ)।

**ଗଣ୍ଡି : ଆରାନ୍ ଆବଅଙ୍‌**

ଓ : ନଈବଢ଼ି ବେଳେ କାଠ ଗଣ୍ଡି ଭାସି ଆସେ।

ସ : ଜଡ଼ାନ୍ ଆଗଲିଙ୍‌ତେନ୍ ଆୟାମ୍ ଆରାନ୍ ଆବଆଙ ପାଙ୍‌ଡ଼ାତି।

**ଗଣ୍ଠି : ମାନାଡ଼୍‌ମାଡ଼୍‌**

ଓ : ଆମ ଶରୀରରେ ଅନେକ ଗଣ୍ଠିହାଡ଼ ରହିଛି।

ସ : ଡ଼ଅଙ ଲିଙ୍‌ଲେନ୍ ଆତେଙ୍ ମାନାଡ଼୍ ମାଡ଼୍ ଆଜାଆଙ୍ଗାନ୍ ଡ଼ାକୁ।

**ଗଡ଼ାଇବା : ଆକୁଡ଼୍‌ବା**

ଓ : ପଥର ଗଡ଼ାଇବା।

ସ : ଆରେଙ୍ଗାନ୍ ଆକୁଡ଼୍‌ବା।

**ଗଢ଼ିବା : ଆସାବଜାବା**

ଓ : ଆମେ ଗୋଟିଏ ସଂଘ ଗଢ଼ିବା।

ସ : ଆନ୍‌ଲେନ୍ ଆବଇ ଅମ୍‌ପୁନ୍ ଆସାବ୍‌ଜାବା।

**ଗଡ଼ିବା : ଆଅମ୍‌ବୁଙ୍‌ନାବା**

ଓ : ଖାଇଲା ପରେ ଟିକେ ଗଡ଼ିବା।

ସ : ଗାଗାନାନ୍ ରେଙ୍‌ଲେ ଆସୁଇ୍ ଆଅମ୍‌ବୁଙ୍‌ନାବା।

**ଗୟଳ : ସାଏଲ୍‌**

ଓ : ଗୟଳ ଜଙ୍ଗଲରେ ବାସ କରେ।

ସ : ସାଏଲାନ୍ ତୁଲାବ୍‌ଲିଙ୍ଗାନ୍ ବାସୁତେ।

**ଗଣିବା : ଆଡ଼ିଡ଼ିବା/ଆଡିସାମ୍‌ବା**

ଓ : ପଇସା ଗଣିବା।

ସ : ଲେବୁନ୍ ଆଡ଼ିଡ଼ିବା (ଆଡ଼ିସାମ୍‌ବା)।

**ଗଧ : ପେକୁଡ଼୍**

ଓ : ଗଧ ଘାସ ଖାଏ।

ସ : ପେକୁଡ଼ାନ୍ ଆଗାବାନ୍ (ଆଜିଡ଼୍ଗାନ୍) ଜୁମ୍‌ତେ।

**ଗାଧୋଇବା : ଉବ୍‌ମାନାନ୍**

ଓ : ନଳ କୁଅ ପାଣି ଗାଧୋଇବା।

ସ : କୁଡ଼୍‌ଡ଼ିଙ୍ ଡ଼ାନୁଇଡ଼ା ଆଡ଼ାଆନ୍ ଆଉବ୍‌ମାନାବା।

**ଗନ୍ଧ : ସଅ**

ଓ : ଜମିଲା ପାଣି ଗନ୍ଧ ହୁଏ।

ସ : ଆତାନାର୍ ତୁମ୍ ଡ଼ାଆନ୍ ସଅଡ଼ାମ୍ ଡ଼େତି।

**ଗପ କରିବା : ଆକାତାନାବା**

ଓ : ଚାରି, ପାଞ୍ଚ, ଜଣ ବସି ଗପ କରିବା।

ସ : ଉନ୍‌ଜି, ମନ୍‌ଲଇ ମାନ୍‌ରା ଗବ୍‌ଲେ ଆକାତା ନାବା।

**ଗର୍ଭବତୀ : ତୁଲ୍‌କୁଡ଼୍ ବଇଜ୍ (ପାଙ୍‌ଗୁରନ୍ ବଇଜ୍)**

ଓ : ଜଣେ ସ୍ତ୍ରୀ ଲୋକ ଗର୍ଭବତୀ ହେଲା।

ସ : ଆବ ଇନ୍‌ସାଲ୍ ବଇଜାନ୍ ତୁଲ୍‌କୁଡ଼ଲେ (ପାଙ୍‌ଗୁରନ୍‌ଲିନ୍)।

**ଗଭୀର : ଜାରୁ**

ଓ : କୁଅ ପାଣି ଗଭୀର ଅଛି।

ସ : ଗାଇଲୁଙ୍ ଡ଼ାଆନ୍ ଜାରୁଡ଼ାମ୍ ଡ଼ାକୁ।

**ଗରମ : ତାଗି**

ଓ : ତୁମକୁ ଜ୍ୱର ହେଉଛି କିଯେ ତୁମର ଦେହ ଗରମ ଅଛି ?

ସ : ଆମାନ୍ ଆସୁତାମ୍ ପ ଡ଼ ଡ଼ଅଂନାମ୍ ତାଗିଡ଼ାମ୍ ଡ଼ାକୁ ?

**ଗଳା : ମାର୍‌ଡ଼ାଡୁ (ମାର୍‌ଡୁକ୍‌କା)**

ଓ : ଗଳା ଦେଇ ପାଣି ପେଟ ଭିତରକୁ ଯାଏ।

ସ : ମାର୍‌ଡ଼ାଡୁନ୍ (ମାର୍‌ଡୁକ୍‌କାନ୍) ସାନ୍‌ଲେ ଡାଆନ୍ କାମ୍‌ପୁଙ୍‌ଲିଙାନ୍ ୟେର୍‌ତେ୍।

## ଗା

**ଗାଇବା : ଆକିନ୍‌ବା**

ଓ : ଗୀତ ଗାଇବା।

ସ : କାନିନ୍‌କିନାନ୍ ଆକିନ୍‌ବା।

**ଗାଧୋଇବା : ଆଉବ୍‌ମାନାବା**

ଓ : ଆସ ଗାଧୋଇ ଯିବା।

ସ : ଜାବା ଆଉମାନାଇବ୍‌ବା।

**ଗ୍ରାମ : ଗର୍‌ଜାଙ୍‌**

ଓ : ଆମ ଗ୍ରାମର ନାମ ଗୁଣପୁର।

ସ : ଗର୍‌ଜାଙ୍‌ଲେନ୍‌ ଆଞ୍ଜିମ୍‌ ଗୁନ୍‌ପୁର୍‌।

**ଗାମୁଛା : ଗାତ୍‌ତୁଂକାବ୍‌**

ଓ : ସଉରା ସ୍ତ୍ରୀମାନେ ଗାମୁଛା ପିନ୍ଧୁଥିଲେ।

ସ : ସରା ବଇଜାନ୍‌ଜି ଗାତ୍‌ତୁଙ୍‌କାବାନ୍‌ ଜିଜିଲେନ୍‌ଜି।

**ଗାଳି କରିବା : ଆକରାନାବା (ଅକାଞ୍ଜବା)**

ଓ : ଯେ ଭୁଲ୍‌ କରିଛି ତାକୁ ଆମେ ଗାଳି କରିବା।

ସ : ବୁତେନ୍‌ତେ ଜଲ୍‌ଡ଼ାତେ, ଆନିନ୍‌ ଆଡ଼ଙ୍‌ ଆକାଞ୍ଜବ୍‌ବା।

**ଗାଳିବା : ଆତାଜାଡ଼୍‌ବା**

ଓ : ଭାତ ଗାଳିବା।

ସ : କୁଡୁନ୍‌ ଆତାଜାଡ଼୍‌ବା।

**ଗାଲ : କୁଲ୍‌ବାବ୍‌ତାମ୍‌**

ଓ : ମୋର ଗାଲ ସୁନ୍ଦର ଅଛି।

ସ : କୁଲ୍‌ବାବ୍‌ତାମ୍‌ ଞେଁନ୍‌ ଲାଙ୍‌ଗାଡ଼ାମ୍‌ ଡ଼ାକୁ।

**ଗାୟକ : କିନ୍‌କିନ୍‌ମାର୍‌**

ଓ : ମୁଁ ଜଣେ ଗାୟକ।

ସ : ଞେଁନ୍‌ ଆବଇ କିନ୍‌କିନ୍‌ମାର୍‌।

**ଗିରଫ : କଇଜ (ବନ୍‌ଡ଼ି)**

ଓ : ଚୋରକୁ ପୋଲିସ୍‌ ଗିରଫ କରେ।

ସ : ଜୁମ୍‌ବୁର୍‌ ମାରାନ୍‌ ଆଡ଼ଙ୍‌ ତୁରକା ମାରାନ୍‌ କଇଡ଼ତେ (ବନ୍‌ଡ଼ିତେ)।

**ଗ୍ରୀଷ୍ମ : ଡ଼ାଗାଇଙ୍‌**

ଓ : ଗ୍ରୀଷ୍ମ ଋତୁରେ ଭାରି ଟାଣ ଖରା ହୁଏ।

ସ : ଡାଗାଇଙ୍‌ଡ଼ାନ୍‌ କାର୍‌ରାନ୍‌ ଡ଼ାଗାତି।

**ଗୁଡ଼େଇବା : ଆଏଡ଼େଡ଼୍‌ବା**

ଓ : ଦଉଡି ଗୁଡ଼େଇବା।

ସ : ଲୁଆଡ଼ାନ୍‌ ଆଏଡ଼େଡ଼୍‌ବା।

**ଗୁଣ୍ଡୁଚି ମୂଷା : ଗନ୍‌ଡ଼ିଜ୍**

ଓ : ଗୁଣ୍ଡୁଚି ମୂଷା ଗଛରେ ରହେ।

ସ : ଗନ୍‌ଡ଼ିଜାନ୍ ଆରା ଲିଙ୍‌ଗାନ୍ ଡାକୁତିନ୍।

**ଗୁନ୍ଥିବା : ଆଜୁଲ୍‌ବା**

ଓ : ଫୁଲ ଗୁନ୍ଥିବା।

ସ : ତାର୍‌ବାନ୍ ଆଜୁଲ୍‌ବା।

**ଗୁମ୍ଫା : ଲୁଙ୍ଗାର୍**

ଓ : ଗୁମ୍ଫାରେ ବାଘ ରହେ ।

ସ : ଲୁଙ୍‌ଗାର୍ ଲିଙ୍ଗାନ୍ କିଃନାନ୍ ଡ଼ାକୁତିନ୍ ।

**ଗୁରୁଣ୍ଡିବା : ଆଲାମ୍‌ବା**

ଓ : ପିଲାଟି ଗୁରୁଣ୍ଡି ଗୁରୁଣ୍ଡି ଯାଉଛି।

ସ : ପାସିଜାନ୍ ଲାମ୍‌ଲେ ଲାମ୍‌ଲେ ୟେର୍‌ତେ।

**ଗୃହ : ସୁଉଙ୍**

ଓ : ଗୃହରେ ସବୁ ପ୍ରକାର ଜିନିଷ ଥାଏ।

ସ : ସୁଉଙ୍ ଲିଙ୍‌ଗାନ୍ କୁଡୁବ୍ ଜାନାବ୍ ଡ଼ାକୁତେ।

**ଗୁହାଳ : ଗୁଂଗୁସିଙ୍ଗ୍**

ଓ : ଗୁହାଳରେ ଗାଈ ଗୋରୁ ବନ୍ଧାହୁଏ।

ସ : ଗୁଂଗୁ ଲିଙ୍‌ଗାନ୍ ଆୟାଂତାଙ୍ଗାନ୍ ଅଂଗେର୍‌ତାଙ୍ ତଲ୍‌ବାଡ଼୍‌ତେଜି।

**ଗୃହିଣୀ : ସୁଉଙ୍ ବଇଜ୍**

ଓ : ଗୃହିଣୀ ରୋଷେଇ କରୁଛି।

ସ : ସୁଉଂ ବଇଜ୍‌ଞେଁନ୍ ଡ଼ିଞ୍ଜ୍‌ଡ଼ିଞ୍ଜଁ୍‌ତିନ୍।

**ଗୋଇଠା : ତାଙ୍‌ଞାଁ**

ଓ : ପିଲାଟିକୁ ଗୋଇଠା ମାରିଲା।

ସ : ପାସିଜାନ୍‌ଆଡ଼ଙ୍ ତାଙ୍ଞାଁଏତିନ୍।

**ଗେଡ଼ା : ବାଡ଼ାଡୁ**

ଓ : ପିଲାଟିଏ ଗେଡ଼ା ହୋଇ ଅଛି।

ସ : ପାସିଜାନ୍ ବାଡ଼ାଡୁଲେ।

**ଗେଡ଼ି : ବାଡ଼ାଡ଼ି**

ଓ : ଝିଅଟିଏ ଗେଡ଼ି ।

ସ : ଆନ୍‌ସଲ୍ ସିଜାନ୍ ବାଡ଼ାଡ଼ିଲି (ବାଡ୍ଡି-ଲି)।

**ଗେଣ୍ଡା : ଗୁଲୁ/ଗୁନ୍‌ଲୁ**

ଓ : ଗେଣ୍ଡାର ଗୋଡ଼ ନାହିଁ।

ସ : ଗୁନ୍‌ଲୁନ୍ ଆଜିଂ ତିଡ଼୍।

**ଗେଲ : ଗଇବିର୍**

ଓ : ମୋର ମାମୁ ମୋତେ ଗେଲ କରୁଥାଏ।

ସ : ମାମାଡ଼୍‌ଞ୍ଜେନ୍ ଡ଼ିଲେ ତଡ଼ଂ ଗ୍ୟବେର୍ ତିଞ୍ଜ୍।

**ଗୋଟିଏ : ଆବଇ**

ଓ : ମୋର ଗୋଟିଏ ଗାଈ ଅଛି।

ସ : ଆବଇ ଆୟାଡ଼୍ ତାଡ଼୍‌ଞ୍ଜେନ୍‌ଡ଼ାକୁ।

**ଗୋଡ଼ : ଜେଏଙ୍ (ଜି-ଇଙ୍ଗଂ)**

ଓ : ଗୋଡ଼ରେ ପାଦୁକା ପିନ୍ଧି ଚାଲ।

ସ : ଜିଏଙ୍ ଲିଡ଼୍‌ାନ୍ ରାନ ଜେଡ଼୍‌ାନ୍ ପିଡ଼୍‌ଲେନ୍ ଞାନା (ପାଣ୍ଡୁୟାନ୍ ରଲେନ୍ ଞାଁନାବା)।

**ଘୋଡ଼େଇବା : ଆରୁବ୍‌ରୁବ୍‌ବା**

ଓ : ମାଛି ସକାଶେ ଖାଦ୍ୟଦ୍ରବ୍ୟ ଘୋଡ଼ାଇବା।

ସ : ଆରୟାନ୍ ଆସାନ୍ ଗାନାଗାନ୍‌ଜି ରୁବ୍‌ରୁବ୍‌ବା।

**ଗୋଦାମ : ତାନାର୍‌ତୁମ୍ ସିଂ**

ଓ : ଗୋଦାମରେ ସବୁ ପ୍ରକାର ନିଜିଷ ରଖାଯାଏ।

ସ : ତାନାର୍‌ତୁମ୍ ସିଙ୍ ଲିଡ଼୍‌ାନ୍ କୁଡୁବ୍ ଜାନାବାନ୍ ତାର୍‌ତୁମ୍ ତେଜି।

**ଗୋବର ପୋକ : ଆସଡଂତାଙ୍ ବୁଡ଼୍**

ଓ : ଗୋବର ପୋକ ଗୋବର ଗୋଳାକରି ନେଇଯାଏ।

ସ : ଆସଡ଼ତାଡ଼୍ ବୁଡ଼ାନ୍ ଆସଡ଼୍‌ତାଡ଼୍‌ାନ୍ ଉଡ଼ିଡ଼୍‌ଲେ ପାଙ୍ଗ୍‌ତେ।

**ଘଉଡ଼ିବା : ଆଗଡ଼ଂବା**

ଓ : ବିଲୁଆକୁ ଘଉଡ଼ିବା।

ସ : ବୁଡ଼ାନ୍ ଆଡ଼ଡ଼ଙ୍ ଆଗଡ଼୍‌ବା।

**ଘଣ୍ଟି : ଡାଡିଙ୍/ଗନ୍ତ**

ଓ : ମନ୍ଦିରରେ ଘଣ୍ଟି ବାଜେ।

ସ : ପୁର୍‌ପୁର୍ ସିଙ୍ ଲିଙ୍ଗାନ୍ ଡାଡିଙ୍ ସାଡ଼୍‌ଡ଼ାତେ।

**ଘରଜୋଇଁ : ଲୁତାବ୍‌ମାର୍**

ଓ : ଘରଜୋଇଁ ରହିବା ଭଲ ନୁହେଁ।

ସ : ଲୁତାବ୍‌ସିଡ଼୍‌ନ୍ ଆଡ଼ାକୁନାବେନ୍ ବାଡ଼୍‌ସାତେଡ଼୍।

**ଘରଛପର : ୟିମ୍‌ସିଙ୍/ ଆଲ୍‌ସିଂ**

ଓ : ଛଣଦ୍ୱାରା ଘର ଛପର କଲି।

ସ : ଆଲାଙ୍ଗାନ୍ ବାତ୍‌ତି ସିଙ୍ଗାନ୍ ୟିମ୍‌ଲାଇ/ଆଲ୍‌ଲାଇ।

**ଘରଚଟିଆ : ଡାନାଲ୍‌ତିଡ଼୍**

ଓ : ଘର ଚଟିଆ ଗାଁରେ ରହନ୍ତି।

ସ : ଡ଼ାନାଲ୍ ତିଡ଼ାନ୍ ଗର୍‌ଜାଙ୍ ଲିଙ୍ଗାନ୍ ଡ଼ାକୁତେନି୍‌ଜି।

**ଘାସ ବାଛିବା : ତିସାରାନ୍**

ଓ : ବିଲରେ ଘାସ ବାଛିବା।

ସ : ସରବାଲିଙ୍ଗାନ୍ ଆଜିଙ୍ଗାନ୍ ଆପିବା।

**ଘାସ : ଆଜିଙ୍**

ଓ : ବର୍ଷା ନହେଲେ ଘାସ ଶୁଖିଯାଏ।

ସ : ଗାନୁରାନ୍ ଆଡ଼ଡ଼େଲେନ୍‌ଡ଼େନ୍ ଆଜିଙ୍ଗାନ୍ ଆସାର୍‌ତେ।

**ଘାସ କାଟିବା : ଆଗାବାନ୍ ଆଗାଡ଼୍‌ବା**

ଓ : ଘାସକାଟି ଗାଈକୁ ଦିଅ।

ସ : ଆଗାବାନ୍ ଗାଡ଼୍‌ଲେ ଆୟଙ୍ଗ୍‌ତାଙ୍ଗାନ୍ ତିୟା।

**ଘୁଞ୍ଚାଇବା : ଆଡ଼େଡ଼୍‌ବା**

ଓ : ଏହି ପଥର ଘୁଞ୍ଚାଇବା।

ସ : କାନ୍ ଆରେଙ୍ ଆଡ଼େଡ଼୍‌ବା।

**ଘୁଞ୍ଚିଯିବା : ଡ଼େଡ଼୍‌ଲେନ୍ ଆୟିର୍‌ବା**

ଓ : ଏଠାରୁ ଆମେ ଘୁଞ୍ଚିଯିବା।

ସ : ତେଡ଼୍‌ନେ ସାରିଙ୍ ଡେଡ୍‌ଲେନ୍ ଆୟିର୍‌ବା।

**ଘୋଡ଼ା : କୁର୍ତା**

ଓ : ରାଜାମାନେ ଘୋଡ଼ା ବ୍ୟବହାର କରୁଥିଲେ।

ସ : ରାଜାନ୍‌ଜି କୁର୍‌ତାନ୍ ଙ୍ଗଁନ୍‌ରାମ୍‌ଲେଜି।

**ଘୁମାଇବା : ଆମିବ୍‌ବା**

ଓ : ଜଗିଜଗି ଘୁମାଇଲେ।

ସ : ଡ଼େଡ଼େ ଡ଼େଡ଼େଲେ ମିବ୍‌ମିବ୍‌ଡ଼ାଲେଜି।

**ଘୁଷୁରୀ : କାମ୍‌ବୁନ୍**

ଓ : ଘୁଷୁରୀ କାଦୁଅରେ ବୁଡ଼େ।

ସ : କାମ୍‌ବୁନାନ୍ ଜବା ଲିଙ୍ଗାନ୍ ତିଲ୍‌ତିନ୍।

## ଚ

**ଚଉକି : କୁର୍‌ସି**

ଓ : ଚଉକିରେ ବସ।

ସ : କୁର୍‌ସି ଲିଙ୍ଗାନ୍ ଗବା।

**ଚକଟିବା : ଆଅଡ଼ବା (ଆଲିଡ଼୍‌ବା)**

ଓ : ଚୂନା ଚକଟିବା।

ସ : ବାନ୍‌ରାଇଜାନ୍ ଆଅଡ଼୍‌ବା (ଆଲିଡ଼୍‌ବା)।

**ଚଟି : ପାନ୍‌ଡୁଇ**

ଓ : ଚଟିଦ୍ୱାରା ପାଦ ରକ୍ଷାପାଏ।

ସ : ପାନ୍‌ଡୁୟାନ୍ ଆସାନ୍ ଆତାଲ୍‌ଜିଙ୍ଗାନ୍ ରାନାବ୍‌ରାବାନ୍ ଡ଼େତେ।

**ଚଟୁ : ସାଓ୍ତୁଆ**

ଓ : ଚଟୁରେ ଘାଣ୍ଟ।

ସ : ସାତ୍‌ତୁଓ୍ୟାନ୍ ବାତ୍‌ତେ ଗାତ୍‌ତିବା।

**ଚଣା : ଆତୁଲ ବାୟାନ୍**

ଓ : ରଥଯାତ୍ରାବେଳେ ଅଧିକାଂଶ ଲୋକ ଚଣା କିଣି ଖାଆନ୍ତି।

ସ : ଡିଙ୍‌ରାଡାନ୍ ଆୟାମ୍ ଲିଙ୍ଗାନ୍ ଆତେଙ୍ ମାନ୍‌ରାନ୍‌ଜି ଆତୁଲ୍‌ବାଇୟାନ୍ ଞିଁଲେ ଜୁମ୍‌ତେଜି।

**ଚନ୍ଦ୍ର : ଆଙ୍‌ଗାଇଜ୍**

ଓ : ଚନ୍ଦ୍ର ରାତିରେ ଆଲୁଅ ଦିଏ।

ସ : ଆଙ୍‌ଗାଇଜାନ୍ ତଗାଲାନ୍ ତାନାଆରାନ୍ ତିୟତେ (ତାର୍‌ତେ)।

**ଚଢିବା : ଆଡ଼ାଇବା**

ଓ : ଗଛରେ ଚଢିବା।

ସ : ଆରା ଲିଙ୍ଗାନ୍ ଆଡ଼ାଇଜ୍‌ବା।

**ଚମ୍‌କାଇବା : ଆବାତ୍‌ତଙ୍‌ବା/ଆବୁବ୍‌ମୁଙ୍‌ବା**

ଓ : ପିଲାଟିକୁ ଚମ୍‌କାଇବା।

ସ : ପାସିଜାନ୍ ଆଡ଼ଙ୍ ଆବାତ୍‌ତଙ୍‌ବା।

**ଚର୍ମ : ଉସାଲ୍**

ଓ : ଚର୍ମରେ ବାଳଥାଏ।

ସ : ଉସାଲ୍ ଲିଙାନ୍ ଉଉନ୍‌ଡ଼ାକୁ/ାଉପ୍‌ପୁରାନଡାକୁ।

**ଚମତ୍କାର : ବାରାନ୍ ତଙ୍ଜିଜ୍‌ଡ଼ାଗି**

ଓ : ଷଣ୍ଢକୁ ଦେଖିଲେ ଚମତ୍କାର ହୁଏ।

ସ : କୁପ୍‌ପାତାଙାନ୍ ଗିଜ୍‌ଲାବେନ୍‌ଡ଼େନ୍ ବାରାନ୍‌ତଙ୍ ଢଜିଜ୍‌ଡ଼ାଗି।

**ଚରିବା : ଆଗୁବ୍‌ବା**

ଓ : ଛେଳି ଚରାଇବା।

ସ : କିମ୍‌ମେଡ଼ାନ୍ ଆଗୁବ୍‌ବା।

**ଚଳେଇବା : ଆବ୍‌ତୁଲ୍‌ଲାବା**

ଓ : ଏତିକିରେ ଚଳେଇବା।

ସ : ଆଡ଼ିଜ୍‌ନେନ୍ ବାତ୍‌ତେ ଆବ୍‌ତୁଲ୍‌ଲାନେତି।

**ଛଳନା କରିବା : ଆଜଲଡ଼ାବା**

ଓ : ସେହିଲୋକ ମୋତେ ଛଳନା କଲା।

ସ : କୁନ୍ ଆମାନ୍‌ରା ଜଲ୍‌ଡ଼ାଇଞ୍ଜ୍‌ତିନ୍।

**ଚଷମା : ରାନୁବ୍‌ମାଡ଼୍**

ଓ : ଚଷମାଦ୍ୱାରା ଦେଖିପାରୁଛି।

ସ : ରାନୁବ୍‌ମାଡ଼ାନ୍ ବାତ୍‌ତେ ଗିଜ୍‌ଲେ ରାପ୍‌ତିତାଇ।

**ଚଷା : ଆନର୍ (ଅର୍-ର)**

ଓ : ଚଷା ହୋଇ ସାରିଲା।

ସ : ଅର୍-ରନ୍ ଆଞ୍ଜିଁଲି।

**ଚଷିବା : ଆଅର୍‌ବା**

ଓ : ଏହିଜମି ଚଷିବା।

ସ : କାନ୍ ଆସାରବାନ୍ ଆଅର୍‌ବା।

**ଚଷୀ : (ଅର୍-ର ମାଲ୍)**

ଓ : ହଳଥିଲେ ଚଷୀର ବଳଥାଏ।

ସ : ରାଅଙ୍ ତାଙାନ୍ ଡ଼ାକୁଲେନ୍‌ଡ଼େନ୍, ଅର୍‌ରମାରାନ୍‌ରାଡ୍ଡୁତି।

**ଚଲାଇବା : ଆନାବ୍‌ଞ୍ଜାନା**

ଓ : ପିଲାଟିକୁ ହାତରେଧରି ଚଲାଇବା।

ସ : ପାସିଜାନ୍ ଆସିନ୍‌ଞ୍ଜାଁମ୍‌ଲେ ଆବ୍‌ଞ୍ଜାଁନାବା।

**ଚାକର : କାମ୍‌ବାରିମାର୍‌**

ଓ : ବଡ଼ବଡ଼ ଧନୀ ମାନେ ଚାକର ରଖନ୍ତି ।

ସ : ସୁଡ଼ା ସୁଡ଼ା ଗାମାଙ୍‌ ମାରାନ୍‌ଜି କାମ୍‌ବାରିନ୍‌ ଡ଼ାକ୍‌କୁତେଜି ।

**ଚାଖିବା : ଆମାଇଜ୍‌ମାଇଜ୍‌ବା**

ଓ : ତରକାରୀ ଚାଖି ଦେଖିବା ।

ସ : ଝିଁଡ଼ାବ୍‌ ତଙ୍ଗାନ୍‌ ମାଇଜ୍‌ମାଇଜ୍‌ଲେ ଆଗିଜ୍‌ବା ।

**ଚେଷ୍ଟା କରିବା : ଆଏର୍‌ବା ଆଗୁଇବା**

ଓ : ଶେଷ ନ ହେବା ପର୍ଯ୍ୟନ୍ତ ଚେଷ୍ଟା କରିବା ।

ସ : ଏନ୍‌ରାଙ୍‌ ତାକୁଡ଼େନ୍‌ ସିକ୍‌କଇଜା ଆଏର୍‌ବା ଆଗୁଇଜ୍‌ବା ।

**ଛଣ : ଆଲାଙ୍‌**

ଓ : ଛଣଘର ।

ସ : ଆଲାଙ୍ଂ ସିଂ ।

**ଚର୍ବି : କ୍ରି**

ଓ : ବେଶି ଚର୍ବି ହେଲେ ଭଲ ନାହିଁ ।

ସ : ଆତେଡ଼ଂ କାରିନ୍‌ ଡ଼େଲେନ୍‌ଡେନ୍‌ ବାଙ୍‌ସାତେଡ଼୍‌ ।

**ଛଉ : ଟାର୍‌ଟାର୍‌**

ଓ : ମୋର ଦେହ ସାରା ଛଉ ହେଲା ।

ସ : ଡଅଂଞ୍ଚେଁନ୍‌ କୁଡୁବ୍‌ ଟାର୍‌ଟାର୍‌ଲିଞ୍ଚଁ ।

**ଛଞ୍ଚାଣ : ଆଡ଼ାଙ୍‌**

ଓ : ଛଞ୍ଚାଣ କୁକୁଡ଼ା ଛୁଆମାନଙ୍କୁ ଧରିଖାଏ ।

ସ : ଆଡ଼ାଙ୍ଗାନ୍‌ ଆଅନିମାନ୍‌ଜି ଞାଁମ୍‌ଲେ ଜୁମ୍‌ତେ ।

**ଛତା : ସାତ୍‌ତା**

ଓ : ଖରା ଓ ବର୍ଷା ନିମନ୍ତେ ଛତା ଧର ।

ସ : ଡାଗାନ୍‌ଡ଼ଡ଼ ଗାନୁରାନ୍‌ ଆସାନ୍‌ ସାତ୍‌ତାନ୍‌ଞାଁମା ।

**ଛଡ଼ା : ଡ଼ାଙ୍‌ଗାଡ଼ି ଟାଙ୍‌ (ବିନ୍‌ଡ଼ିଟାଙ୍‌)**

ଓ : ଛଡ଼ା ଗାଇ ଆଉ କେତେ ମାସପରେ କଅଁଳିବ ।

ସ : (ବିନ୍‌ଡ଼ି) ଡ଼ାଙ୍‌ଗାଡ଼ି ଆୟଙ୍‌ ଟାଙ୍‌ଞ୍ଚେଁନ୍‌ କୁଡ଼୍‌ରଇତେ ।

**ଛତୁ : ପାଡାବ୍‌**

ଓ : ଛତୁ ମାଟିରୁ ବାହାରେ ।

ସ : ପାଡ଼ାବାନ୍‌ ଲାବନ୍‌ସାରିଙ୍‌ ପାଡ଼ାବ୍‌ତି ।

**ଛେପ : ବିଜଲ୍**

ଓ : ଘର ଭିତରେ ଛେପ ପକାଅ ନାହିଁ।

ସ : ସିଙ୍ ଲିଙ୍ଗାନ୍ ବିଜଲ୍ ଡ଼ଙ୍ନେ।

**ଛେପ ପକାଇବା : ଆବିଜଲ୍‌ବା**

ଓ : ଘର ବାହାରେ ଛେପ ପକାଇବା।

ସ : ସିଙ୍ଗାନ୍ ଆବାୟେରାନ୍ ଆବିଜଲ୍‌ନାବା।

**ଛେଳି : କିମ୍‌ମେଡ଼୍**

ଓ : ଛେଳି ଡ଼ାଳ ଖାଏ।

ସ : କିମ୍‌ମେଡ଼ାନ୍ ଅଲାନ୍ ଜୁମ୍‌ତେ।

## ଜ

**ଜଉ : ଲାମେଡ଼୍**

ଓ : ଜଉ ନିଆଁ ପାଖରେ ତରଳିଯାଏ।

ସ : ଲାମେଡ଼ାନ୍ ତଅଗିବାନ୍ ଲେଏମ୍‌ତି।

**ଜଗତ : ଅଡ଼ାରାନ୍**

ଓ : ଜଗତରେ ଚିରକାଳ ଆମେ ରହି ପାରିବା ନାହିଁ।

ସ : ଅଡ଼ାର୍ ଲିଙ୍ଗାନ୍ ତଡ଼ଙ୍ ଆୟାମ୍ ଆନ୍‌ଲେନ୍ ଆଡ଼୍‌ଡ଼ାକୁନାବି।

**ଜଂଘ : ବୁଲୁ**

ଓ : ପିଲାର ଜଂଘରେ ମାଡ଼ ବାଜିଲା।

ସ : ପାସିଜାନ୍ ଆବୁଲୁ ଲିଙ୍ଗାନ୍ ଡିଡ଼୍‌ନେତିନ୍।

**ଜଟିଳ : ରୁଉଡ଼ାମ୍ (ରୁ-ଉଡ଼ାମ୍)**

ଓ : ଜଟିଳ ଶବ୍ଦ ଲେଖନାହିଁ।

ସ : ରୁଉବେରାନ୍ ଆଇଡଲ୍‌ଡଙ୍।

**ଜଡ଼ା : କାନ୍‌ତେଡ଼ା**

ଓ : ଜଡ଼ାତେଲ।

ସ : କାନ୍‌ତେଡ଼ା ମେ।

**ଜବାବ : ଆବ୍‌ୟାର୍‌ବେର୍**

ଓ : ଯେତେ କହିଲେ ମୋତେ ଜବାବ ଦେଉଛି।

ସ : ଡ଼ାଜିଙ୍ ଅପୁଙ୍‌ଲାମ୍ ଜାନାଙ୍ ଆବ୍‌ୟାର୍ ବେର୍‌ତିଞ୍।

**ଜମା : ଟାନାରତୁମାନ୍**

ଓ : ଜମାରେ ପଇସା ନାହିଁ।
ସ : ତାନାର୍‌ତୁମ୍ ଲିଙ୍ଗାନ୍ ଲେବୁତେଡ୍।

**ଜଳ : ଡାଆ**

ଓ : ହେ ତୃଷିତ ଲୋକ ଜଳ ନିକଟକୁ ଆସ।
ସ : ଏ ଆନାର୍‌ଗାଲ୍‌ମାର୍ ଡ଼ାଆନ୍ ଆଡ଼ାମ୍‌ବାନ୍ ୟେରାଇ।

**ଜଳନ୍ତ : ଞାଁମାଙ୍**

ଓ : ଜ୍ୱଳନ୍ତ ଅଗ୍ନି ନିକଟକୁ ଯିବା ପାଇଁ ଡ଼ର।
ସ : ଆଞ୍ଞାଁମାଙ୍ ଆଲାଙ୍ ତୁଡ଼୍‌ବାନ୍ ଆଇବେନ୍ ବାନ୍‌ତଙ୍।

**ଜଳହସ୍ତୀ : ଡ଼ାଆ – ରା**

ଓ : ଜଳହସ୍ତୀ ପାଣିରେ ବାସ କରେ।
ସ : ଡ଼ାଆ-ରାନ୍ ଡ଼ାଆ ଲିଙ୍ଗାନ୍ ବାସୁତେ।

**ଜଳସ୍ରୋତ : ଡୁଙ୍‌ଡ଼ାମନା ଡାଆନ୍**

ଓ : ହରିଣୀ ଜଳସ୍ରୋତ ନିକଟକୁ ଦୌଡ଼େ।
ସ : ପାର୍‌ଗାଡ଼ାବାନ୍ ଡୁଙ୍‌ଡ଼ାମ୍‌ନା ଡ଼ାଆବାନ୍ ଆବ୍‌ରିଜ୍‌ତିନ୍।

**ଜଳପ୍ରପାତ :ତାଙ୍‌ସୁର୍‌ଡ଼ା/ତଂଜର୍‌ଡ଼ା**

ଓ : ଭିମ୍‌ପୁର୍ ନିକଟରେ ଜଳ ପ୍ରପାତ ଅଛି।
ସ : ବିମ୍‌ପୁର ଆଡ଼ାମ୍‌ବାନ୍ ତାଙ୍‌ସୁର୍‌ଡ଼ାନ୍ ଡ଼ାକୁ।

**ଜହ୍ନି : କୁସାଲ୍‌ଲି (ଡାରାସୁଲ୍)**

ଓ : ଜହ୍ନି ଗୋଟିଏ ଭଲ ପରିବା।
ସ : କୁସାଲ୍‌ଲିନ୍ ଆବଇ ବାଙ୍‌ସାଡ଼ାମ୍ ଆତାନଙ୍‌ଗାଲଜ୍।

**ଜ୍ୱାଇଂ : ରେୟାମ୍**

ଓ : ମୋର ଜ୍ୱାଇଁ ଚଷ କରୁଛି।
ସ : ରେୟାମ୍‌ଞେଁନ୍ ଅର୍‌ରତିନ୍।

**ଜିଭ : ଆଲାଙ୍**

ଓ : ମିଠାକି ପିତା ଜିଭ ଜାଣେ।
ସ : ମାନା ଅଡ଼େ ଆସାଙ୍ଗ୍ ଆଲାଙ୍ଗାନ୍ ଗାଲାମ୍‌ତେ।

**ଜାମିନ୍‌ଦାର : ଜାମାନିମାର୍**

ଓ : ଜାମିନ୍‌ଦାର୍ ନଥିଲେ ଦୋଷୀ ମୁକ୍ତି ହୁଏନାହିଁ।
ସ : ଜାମାନିମାରାନ୍ ଆଡ଼ଡେଲେନ୍‌ଡେନ୍ ଡୁସାମାରାନ୍ ତାନାନ୍‌ଡ଼ିନ୍ ଆଡ଼୍‌ଞାଁଙ୍ଗେ।

**ଜାମୁ : କୁର୍‌ଗାଡ଼୍**

ଓ : ମୋ ପିଲା ଜାମୁକୋଳି ଖାଇବାକୁ ଅଳି କରୁଛି।

ସ : କୁର୍‌ଗାଡ଼୍ ଗୁରାନ୍ ଆଜୁମ୍‌ବିନ୍ ଆସାନ୍ ପାସିଜ୍‌ଞେଁନ୍ ବାତ୍‌ରାବ୍‌ତିନ୍।

**ଜାଳିବା : ଆତୁଙ୍ଗାଲ୍‌ବା/ଆସୟ୍‌ବା**

ଓ : ଚୁଲିରେ ନିଆଜାଳ।

ସ : କୁଡ଼ା ଲିଙ୍ଗାନ୍ ତଅଗିନ୍ ତୁଙ୍ଗାଲା।

**ଜାଲ : ଞାଁରାମ୍‌ୟଜାଲ୍‌ଲା**

ଓ : ଜାଲ ଦ୍ୱାରା ମାଛ ଧରାଯାଏ ।

ସ : ଞାଁରାମ୍‌ୟ ଜାଲ୍‌ଲାନ୍ ବାତ୍‌ତି ଆୟନ୍ ଞାଁନାମ୍‌ଞାଁମାନ୍ ଡ଼େ଼ତି।

## ଯ

**ଯଦି : ବଗାଡ଼୍**

ଓ : ଯଦି ଚାହିଁଲେ ମୁଁ ଯାଇପାରେ।

ସ : ବଗାଡ଼୍ ଡେଲେନ୍ ଡ଼େନ୍ ଞେଁନ୍ ରାପ୍‌ତି ୟେର୍‌ତ।

**ଯଦିଓ : ବଗାଡ଼୍‌ଡ଼େନ୍**

ଓ : ଯଦିଓ ସେ ଯାଇପାରେ।

ସ : ବଗାଡ଼୍‌ଡ଼େନ୍ ଆନିନ୍ ୟେର୍‌ତେ ପେଡ଼୍‌ଡ଼େ।

**ଯଦି ନୁହେଁ : ବଗାଡ଼୍ ଇଜ୍‌ଜାଡ଼େନ୍**

ଓ : ଯଦି ନୁହେଁ ତୁମେ ଯାଅନାହିଁ।

ସ : ବଗାଡ଼୍ ଇଜ୍‌ଜାଡ଼େନ୍ ଆମାନ୍ ୟେର୍‌ତଙ୍।

**ଯନ୍ତା : ଜାନ୍‌ତ୍‌ରା**

ଓ : ଯନ୍ତାରେ ବାଘ ପଡ଼ିଲା।

ସ : ଜାନ୍‌ତ୍‌ରା ଲିଙ୍ଗାନ୍ କିଃନାନ୍ ଗାତାର୍‌ରି।

**ଯାଆଁଳା : ଲାବାଡ଼ା (ଜଡ଼ାଅନ୍)**

ଓ : ସେହି ସ୍ତ୍ରୀ ଯାଆଁଳା ପିଲା ଜନ୍ମ କଲା।

ସ : କୁନ୍ ଆଇନ୍‌ସାଲନ୍ ଲାବାଡ଼ାସିଜ୍ କୁଡ଼େତେନ୍।

**ଯାଚିବା : ଆଡ଼େବା**

ଓ : ଫିଲିପ୍ ପିଲାକୁ ଆମ୍ବଟିଏ ଯାଚିକି ଦେଲା।

ସ : ଫିଲିପନ୍ ପାସିଜାନ୍ ଆଡ଼୍-ଅଙ୍ଗ୍ ଆବଇ ଉଡ଼ାନ୍ ତିୟେତିନ୍ ବିଗ୍‌ଗାଡ଼ା ମାର୍ ଆମାଙ୍ ୟେରେତେନ୍।

**ଯାହା : ଇତେନ୍‌ତେ**

ଓ : ଯାହା ମୁଁ କହିଲି ତାହାକର।

ସ : ଇତେନ୍‌ତେ ଞେଁନ୍ ଅପୁଙ୍‌ଲାମ୍ ଆନ୍‌ତାତି ଲୁମା।

**ଯାହାକୁ : ବୁତେନ୍‌ତେ**

ଓ : ମୁଁ ଯାହାକୁ କହିଲି ସେ ଆସିଲାନାହିଁ।

ସ : ଞେଁନ୍ ବୁତେନ୍‌ତେ ଆଡ଼ଙ୍ ଅପୁଙ୍‌ଲାଇ ଆନିନ୍ ଆଡ଼୍‌ନିୟାଇତିନ୍।

**ଯାହା ଗୁଡ଼ିକ : ଇତେନ୍‌ତେ ଆଜାନାବ୍**

ଓ : ଯାହା ଗୁଡ଼ିକ ଅଛି ସେତକ ଯଥେଷ୍ଟ।

ସ : ଇତେନ୍‌ତେ ଆଜାନାବାନ୍ ତାକୁ କୁନ୍‌ବାତ୍‌ତେ ତୁଲ୍ଲାତି।

**ଯେଉଁଠି : ଉଆନ୍‌ତି**

ଓ : ଯେଉଁଠି ତୁମକୁ ପଠାଯାଏ ସେଠାକୁ ଯାଅ।

ସ : ଉଆନ୍‌ତି ଆନାବ୍‌ପାୟାନ୍ ଡ଼େତାମ୍ ତେତ୍‌ତି ୟେରା।

**ଜୀର୍ଣ୍ଣ : ଲେଏମ୍**

ଓ : ଭାତ ଖାଇ ଜୀର୍ଣ୍ଣକର।

ସ : ଡାରାଇଜାନ୍ ଗାଲେ ଆବ୍‌ଲେଏମ୍ ପୁଙ୍‌ନାବା।

**ଜିତିବା : ଆଡ଼ାଇନାବା (ଜିତ୍‌ତିଲି)**

ଓ : ମୋ ପୁଅ ଖେଳରେ ଜିତିଲା।

ସ : ଅନ୍‌ଞେଁନ୍ ଗାତାସି ଲିଙ୍ଗାନ୍ ଡ଼ାଇନାନ୍ ତେଲେ। (ଜିତ୍‌ତିଲି)।

**ଜୁଳୁଜୁଳିଆ ପୋକ : ଞିରୁବ୍‌ମାର୍ (ମିଲାଇବୁଡ଼୍)**

ଓ : ରାତିରେ ଜୁଳୁଜୁଳିଆ ପୋକ ବାହାରନ୍ତି।

ସ : ଞିରୁବ୍‌ମାର୍ ତଗାଲାନ୍ ତୁଙ୍‌ତିନାଇଜି।

**ଜେଲ୍‌ଖାନା : କାରଇଜ ସିଂ**

ଓ : ଜଣେ ଚୋରକୁ ଜେଲ୍ ଖାନାକୁ ନେଲେ।

ସ : ବ ଜୁମ୍‌ବୁର୍ ମାରାନ୍ କାରଇଡ଼ସିଙ୍ ବାନ୍ ଉରୁଙ୍‌ଲେଜି (ପାଙ୍‌ଲେଜି)।

**ଜୋକ : ଇଲେମ୍ (ଞିଲିମ୍)**

ଓ : ଜୋକ ପାଣିରେ ରହେ।

ସ : ଇଲେମାନ୍ ଡ଼ାଆ ଲିଙ୍ଗାନ୍ ଡ଼ାକୁତିନ୍।

**ଜୋରିମାନା : ଗାନାବ୍‌ତାର୍ (ଆନାବ୍‌ତିୟ୍‌ତିୟନାନ୍)**

ଓ : ଲୋକଟି ଭୂଲ୍‌କରିବାରୁ ଜୋରିମାନା ଦେଲା।

ସ : ମାନ୍‌ରାନ୍ ଆଡୁସାନ୍ ଆସାନ୍ ଗାବ୍‌ତାର୍ ଲେଜି।

**ଜଗିବା : ଆଡ଼େଡ଼େବା ଆତୁରଡାହା**

ଓ : ଜଣେ ଭାଇ ପଛରେ ଅଛି ତାକୁ ଜଗିବା ।

ସ : ଆବଇ ଉବ୍‌ବାମାର୍ ଜୁଲୁଲେ ଆଡ଼େଡ଼େବା ।

**ଜନ୍ମନେବା : ଆକୁଡ଼୍‌ବା**

ଓ : ଜଣେ ସ୍ତ୍ରୀଲୋକ ଝିଅ ଜନ୍ମକଲା ।

ସ : ଆବ ଇନ୍‌ସାଲନ୍ ଇନ୍‌ସାଲ ସିଜ୍ କୁଡ଼େତେନ୍ ।

**ଜାଣିବା : ଆଗାଲାମ୍‌ବା**

ଓ : ଏ ବିଷୟରେ ଆମେ ଜାଣିବା ।

ସ : କାନ୍ ଆପ୍‌ସେଲେ ଆନ୍‌ଲେନ୍ ଆଗାଲାମ୍‌ବା ।

**ଜାବୁଡ଼ିବା : ଆକୁନ୍‌ଡୁବା**

ଓ : ମା ତାହାର ପିଲାକୁ ଜାବୁଡ଼ି ଧରିଲା ।

ସ : ୟାଙାନ୍ ଆଅନାନ୍ ଆଡ଼ଡ଼ଂ କୁନ୍‌ଡୁଲେ ଞାଁମେତିନ୍ ।

## ଝ

**ଝିଅ : ଆନ୍‌ସାଲ୍ ଅନ୍**

ଓ : ମୋ ଝିଅ ପାଠ ପଢୁଛି ।

ସ : ଆନ୍‌ସାଲ ଅନ୍ ଞେନ୍ କିନଲ୍‌ତିନ୍ । (ଞାଂତେନ୍)

**ଝିଂକ : କାନ୍‌ଜିଡ଼ଂ**

ଓ : ଝିଂକ ପିତା, କଷା, ମିଠା କନ୍ଦା ଗୁଡ଼ିକ ଖାଏ ।

ସ : କାନ୍‌ଜିଡ଼ାନ୍, ଆସାଡ଼ଂ, ବାକିଃଡ଼୍, ରାଗାଲ୍ ଗାନାଇୟାନ୍‌ଜି ଜୁମ୍‌ତେ ।

**ଝିଣ୍ଟିକା : ପାପ୍‌ପାର୍**

ଓ : ଝିଣ୍ଟିକା ଡ଼େଇଁ ଡ଼େଇଁ ଉଡ଼ିଯାଏ ।

ସ : ପାପ୍‌ପାରାନ୍ ଇର୍‌ଜାବ୍‌ଇର୍‌ଜାବ୍‌ଲେ ଏଙ୍‌ତେ ।

**ଝଡ଼ : ରାଙ୍‌ଗେତିଃର୍**

ଓ : ଝଡ଼ ଆସିଲେ ସମସ୍ତେ ଡ଼ରିଯାଉ ।

ସ : ରାଙ୍‌ଗେ ତିଃରାନ୍ ୟିରାଇତିନ୍‌ଡ଼େନ୍ କୁଡୁବ୍‌ଲେନ୍, ବାତଡ଼ଂତାଇ୍ ।

**ଝାଡ଼ା : ଆସଡ଼ଂନାନ୍**

ଓ : ଘର ପାଖରେ ଝାଡ଼ା ବସିଲେ ଗନ୍ଧ ଆସେ ।

ସ : ସିଡ଼ାନ୍ ଆଡାମ୍ ଆସଡ଼ଂ ଲେନ୍‌ବିନ୍ ଡ଼େନ୍ ସଅନ୍ ୟେର୍‌ତାଇ୍ ।

**ଝାଡ଼ିବା : ଆୟୁର୍ୟୁର୍ବା**

ଓ : ଧାନମଳା ପରେ ପାଳ ଝାଡ଼ିବା।

ସ : ସାରନ୍ ଆନାବ୍ଞାଁନ୍ ଆତିକ୍କି ଆଲାମାନ୍ ଆୟୁର୍ୟୁର୍ବା।

**ଝାଳ : ଉଞ୍ଜୁଁଲ୍**

ଓ : ଖରାରେ କାମ କଲେ ଝାଳ ହୁଏ।

ସ : ଡାଗାଲିଙାନ୍ ବାରାଲେନ୍‌ବିନ୍‌ଡ଼େନ୍ ଉଞ୍ଜୁଁଲ୍‌ଲାଙ୍‌ତିନ୍।

**ଝାଡୁ : ଜାନ**

ଓ : ଘର ଝାଡୁରେ ଓଳାନ୍ତି।

ସ : ସିଙ୍ଙ୍ ଲିଙ୍ଙ୍ନ୍ ଜାନନ୍ ଞାଁମ୍‌ଲେ ଜଜତେଜି।

**ଝାଟିମାଟି : ତର୍‌ତର୍‌ଗାବ୍**

ଓ : ଝାଟିମାଟି ଘର ପ୍ରାୟ ଦୁଇ, ତିନିବର୍ଷ ମାତ୍ରରହେ ।

ସ : ତର୍‌ତର୍ ଗାବ୍ ସିଙ୍ଗାନ୍ ସାତ୍‌ତାନ୍ ବାଗୁ, ୟାଗି ମିନ୍ଞୁଁମ୍ ଆମ୍‌ବାରିଜ୍ ଡ଼ାକୁତି।

**ଝୁଣ୍ଟିବା : ପାନାଡ଼ବା**

ଓ : ଅନ୍ଧାରରେ ଚାଲିଲେ ନିଶ୍ଚୟ ଝୁଣ୍ଟିବା।

ସ : ଲୁଙ୍ଗୁଡ଼୍ ଲିଙ୍ଗାନ୍ ଞାଁଲିନ୍ ବିନ୍‌ଡ଼େନ୍ ଆଜାଡ଼ିନା ପାବ୍‌ବା ଲାଙ୍‌ତିନ୍।

**ଝୁଡୁଙ୍ଗ : କାନ୍‌ରୁମ୍**

ଓ : ଝୁଡୁଂଗ ଡ଼ଙ୍ଗର୍‌ରେ ପାଚେ।

ସ : କାନ୍‌ରୁମାନ୍ ବାରୁ ଲିଙ୍ଗାନ୍ ଗୁଉର୍‌ତି।

**ଝୁଲାଇବା : ଆତେଡ଼୍‌ବା (ଆଡ଼େଇବା)**

ଓ : ପିଲାଟିକୁ ଲୁଗାରେ ଝୁଲାଇଲେ ଶୋଇପଡ଼େ।

ସ : ପାସିଜାନ୍ ଆଡ଼ଙ୍ଙ୍ ସିନ୍‌ରିନ୍ ବାତ୍‌ତି ଡ଼ଇଲେ ବିଣ୍ଡେନ୍ ଆନିନ୍ ଡିମାଡ଼୍‌ତିନ୍।

**ଝୋଳ : ଆଡ଼ାତଂ/ଆଡାଜେଲ୍**

ଓ : ମାଂସ ଝୋଳ ଖାଇବାକୁ ଅନେକେ ଇଛା କରନ୍ତି।

ସ : ଆଡ଼ାଜେଲୁନ୍ ଆଜୁମ୍‌ବିନ୍ ଆସାନ୍ ଆତେଙାନ୍‌ଜି ଇତ୍‌ସୁମ୍‌ତେଜି।

## ଟ

**ଟାଇଲ୍ : ଗାରିଜ୍**

ଓ : ଟାଇଲ୍‌ଘର।

ସ : ଗାରିଜ୍ ସିଙ୍ଙ୍।

**ଟୁଙ୍ଗାରିବା : ଡ଼େକ୍‌କୁଙ୍‌ ବାବ୍‌**

ଓ : ଜଣେ ଲୋକ ପିଲାର ମୁଣ୍ଡ ଟୁଙ୍ଗାରିଲା ।

ସ : ବ ମାନ୍‌ରା ପାସିଜାନ୍‌ ଆବବ୍‌ ଡ଼େକ୍‌କୁଙ୍ଗେ୍‌ତିନ୍‌ ।

**ଟିଂକ : ତାଙ୍‌କେ (ତାଂକି)**

ଓ : ଟିଂକ କେବଳ ରକ୍ତ ଶୋଷି ବଞ୍ଚେ ।

ସ : ତାଙ୍‌କିନ୍‌ ସାତ୍‌ତା ମିଞ୍ଜ୍ୟାମାନ୍‌ ବେଡ଼୍‌ଲେ ମେଏଙ୍‌ତେ ।

**ଟଙ୍କା : ତାଙ୍‌କା**

ଓ : ଦଶ ଟଙ୍କା ।

ସ : ଗାଲ୍‌ଜି ତାଙ୍‌କା ।

**ଟାଙ୍କୁରିବା : ଜରାଙ୍‌ତେ**

ଓ : ଯଦି ଦେହ ଟାଂକୁରିଲା ଜ୍ୱରଅଛି ବୋଲି ଜଣାପଡ଼ିବ ।

ସ : ବଗାଡ଼୍‌ ଜରାଂ ଲେନ୍‌ଡ଼େନ୍‌ ଆସୁନ୍‌ ଡ଼ାକୁ ଗାମ୍‌ଲେ ଗାଲାମ୍‌ତାବି ।

**ଟୋକେଇ : ତୁଡ୍ଡୁଡ଼୍‌**

ଓ : ଟୋକେଇରେ ଭର୍ତ୍ତିହେଲା ।

ସ : ତୁଡ଼୍‌ଡ଼୍‌ ଲିଙ୍ଗାନ୍‌ ବାରିଜ୍‌ଲି ।

**ଟାଙ୍ଗିଆ : (ଆଙ୍ଗି)**

ଓ : ଟାଙ୍ଗିଆରେ କାଠ ହଣାଯାଏ ।

ସ : ଆଙ୍ଗି ଏନ୍‌ଜୁମାନ୍‌ ବାତ୍‌ତି ଆଙ୍ଗାଲାନ୍‌ ଏଡ଼୍‌ତାବ (ରାଇଜ୍‌ତାବେ) ।

**ଟାଣିବା : ଆଡିଙ୍‌ବା**

ଓ : ବଳଦ ଶଗଡ଼ ଟାଣେ ।

ସ : ତାଙ୍‌ ଲିଜାନ୍‌ ସାଗାଡ଼ାନ୍‌ ଡ଼ିଙ୍‌ତେ ।

**ଟୋପି : ରାନୁବ୍‌ ବାବ୍‌/ତୁପି**

ଓ : ବସ୍ତ୍ର ଟୋପି ଖରାରୁ ମୁଣ୍ଡକୁ ସାହାଯ୍ୟ କରେ ।

ସ : ସିନ୍‌ରେ ରାନୁବ୍‌ବାବାନ୍‌ ଡ଼ାଗାନ୍‌ ସାରିଂ ବଅବାନ୍‌ ସାନାୟେମାନ୍‌ଡେତି ।

**ଟେରା : ସେଙ୍‌କର୍‌ ମାଡ଼୍‌**

ଓ : ସେହି ଲୋକର ଆଖି ଟେରା ହେଲା ।

ସ : କୁନ୍‌ ଆମାନ୍‌ରା ସେଙ୍‌କର୍‌ ମାଡ଼୍‌ଲି ।

## ଠ

**ଠକିବା : ଜଲଡ଼ା**

ଓ : ଜଣେ ଲୋକ ମୋତେ ଠକିଲା।

ସ : ବମାନ୍‌ରା ଜଲ୍‌ଡ଼ା ଇଞ୍ଜ୍‌ତେନ୍ ।

**ଠାରୁ : ସାରିଙ୍‌**

ଓ : ମୋ ଘରଠାରୁ ଆମ ବିଦ୍ୟାଳୟ ଏକ କିମି ହେବ।

ସ : ସିଙ୍‌ ଙ୍ଖେଁନ୍ ସାରିଙ୍‌ ଙ୍ଖାଁରାଙ୍‌ନା ସିଙ୍ଗାନ୍ ସିକ୍‌କଇଜା ବ କିଲୁ ଡ଼େତି।

**ଠେକୁଆ : ପାନ୍‌ଡ଼େର୍**

ଓ : ଠେକୁଆ ଘାସଖାଏ।

ସ : ପାନ୍‌ଡ଼େରାନ୍ ଆଗାବାନ୍ ଜୁମ୍‌ତେ।

## ଡ଼

**ଡକାଇବା : ଆବ୍‌ଗୁଡିଙ୍‌ବା**

ଓ : ତାହାକୁ ଡ଼କାଇବା।

ସ : ଅନିନ୍ ଆଡଙ୍‌ ଆବଗୁଡ଼ିଙ୍‌ବା।

**ଡକାୟତ : ସୁଡ଼ା ଜୁମ୍‌ବୁରମାର୍**

ଓ : ଡ଼କାୟତ ବ୍ୟାଙ୍କହ ଟଙ୍କା ନେଇଗଲା।

ସ : ସୁଡ଼ା ଜୁମ୍‌ବୁର୍ ମାରାନ୍ ତାନାର୍‌ତୁମ୍ ତାଂକା ସିଙ୍ଗାନ୍ ସାରିଙ୍‌ ତାଂକାନ୍ ପାଙ୍ଗେତିନ୍।

**ଡ଼ରିବା : ବାନାନ୍‌ତଙ୍ଗାନ୍**

ଓ : ରାତିରେ ବାଘକୁ ଦେଖି ଡ଼ରିଗଲୁ।

ସ : ତଗାଲାନ୍ କିଃନାନ୍ ଗିଜାନ୍ ଗିଜ୍‌ଲେ ବାତ୍‌ଙ୍‌ଲେଲେନ୍।

**ଡାମରା କାଉ : କାକାନ୍**

ଓ : ରାତିରେ ଡାମରା କାଉ ରାବେ।

ସ : ତଗାଲାନ୍ କାକାନ୍ ଗୁତେ।

**ଡାକବାଲା : ପାଙ୍‌ଲ୍ ମାର୍**

ଓ : ଡାକବାଲା ଯାଉଛି।

ସ : ପାଙ୍‌ଲ୍ ମାରାନ୍ ୟେର୍‌ତେ।

**ଡାକ୍ତର : ପସିମାର୍/ଜାଗତୁରା**

ଓ : ଡାକ୍ତର ରୋଗୀକୁ ସେବାକରେ।

ସ : ପସି ମାରାନ୍ ଆସୁମାର୍ ଆଡ଼ଙ୍‌ ସାଗାଲତେ।

**ଡାକ୍ତର ଖାନା : ଆସ୍‌ପତାଲ୍ (ରେଗାମ୍‌ସିଂ)**

ଓ : ଯଦି ଜ୍ୱରହୁଏ ଡାକ୍ତରଖାନାକୁ ଯିବାକୁ ହେବ।

ସ : ବଗାଡ୍ ଆସୁଲେନ୍‌ଡ଼େନ୍ ଆସ୍‌ପତାଲ୍ ଆୟ୍‌ବିନ୍ ତେତି।

**ଡେଙ୍ଗା : ଲାଂକାମାର୍**

ଓ : ସମସ୍ତଙ୍କଠାରୁ ସେ ଜଣେ ଡ଼େଙ୍ଗା।

ସ : କୁଡୁବ୍ ମାନ୍‌ରାନ୍‌ଜି ସାରି କୁନ୍ ବ ମାନ୍‌ରା ଲାଂକାଡ଼ାମ୍।

**ଡେଇଁବା : ଆଇର୍‌ଜାବ୍‌ବା**

ଓ : ଏକାନି ସେ କାନି ଦୌଡ଼ି ବାନ୍ଧି ଡେଇବା।

ସ : କଡ଼ି କତା ଲୁଆଡ଼ାନ୍ ଜିଆନ୍ ଜିଲେ ଆଉର୍‌ଜାବ୍‌ବା।

**ଡୁବିବା : ଆତାବ୍‌ବୁବ୍‌ନାବା**

ଓ : ପାଣିରେ ଡୁବିବା।

ସ : ଡ଼ାଆ ଲିଙ୍ଗାନ୍ ଆତାବ୍‌ବୁବ୍‌ନାବା।

**ଡ଼ାହାଣ : ଜାନ୍‌ରୁମ୍‌ସି (ଗାରାଗାସି)**

ଓ : ଡାହାଣ ହାତ ସବୁ କାମ କରେ।

ସ : ଜାନ୍‌ରୁମ୍‌ସିନ୍ କୁଡୁବ୍ ବାରାନ୍ ଲୁମ୍‌ତେ।

**ଢାଳ : ଲୁତ୍‌ତା (ସୁନ୍‌ତା)**

ଓ : ଝାଡ଼ା ଗଲେ ଢାଳରେ ପାଣି ନିଅ।

ସ : ଆସଙ୍ଗନାବାନ୍ ଇୟଲେନ୍‌ଡ଼େନ୍ ଲୁତ୍‌ତା ଲିଙ୍ଗାନ୍ ଡାଆନ୍ ପାଙ୍ଗା।

**ଡାଆଁଶ : ବାର୍‌ତଂଙ୍‌ରୟ**

ଓ : ମଈଁଷି ଦେହରେ ସବୁବେଳେ ଡାଆଁଶ ଲାଗିରହେ।

ସ : ଆୟାଙ୍ ବଙ୍ଗାନ୍ ଆଡ଼ଅଙ୍ ଲିଙ୍ଗାନ୍ ତଡଙ୍ ବାର୍‌ତାଙ୍ଗ ରୟାନ୍ ଡ଼ାକୁତି।

**ଡ଼ାଲି : କାପୁସାନ୍**

ଓ : ଆଜି ଡାଲି ରାନ୍ଧିବା।

ସ : ନାମି କାପୁସାନାନ୍ ଆଡ଼ିଞ୍ଜିବା।

**ଡିମ୍ବିରି : ଲୁଆ**

ଓ : ଆଜି ଆମେ ପାଚିଲା ଡିମ୍ବିରି ଖାଇବା।

ସ : ନାମି ଆନ୍‌ଲେନ୍ ଲୁଆଗୁରାନ୍ ଆଜୁମ୍‌ବା।

# ତ

**ତଡ଼ିବା : ଆଗଡଂବା**

ଓ : ଘରୁ ମୂଷାକୁ ତଡ଼ିବା।

ସ : ସିଙ୍ଗାନ୍ ସାରିଙ୍ଗ କୁମ୍‌ବୁଲାନ୍ ଆଗଡ଼ଂବା।

**ତନ୍ତି : ତାଞ୍ଜଁକାବ୍ ମାର୍**

ଓ : ତନ୍ତି ଲୁଗା ବୁଣେ।

ସ : ତାଞ୍ଜକାବ୍ ମାରାନ୍ ସିନ୍‌ଡ୍ରିନ୍ ତାଞ୍ଜଁତେ।

**ତର୍କିବା : ଉଡ଼େଂତେନ୍**

ଓ : ପିଲାଟି ତର୍କି ଗଲା।

ସ : ପାସିଜାନ୍ ଉଡେଂତିନ୍।

**ତରକାରୀ : ଝିଡାବ୍ ତଙ୍ (ଗାଜ୍‌ଙ୍ଗାବ୍)**

ଓ : ଆଜି ବାଇଗଣ ତରକାରୀ ଆମେ ରାନ୍ଧିବା।

ସ : ନାମି ଆନ୍‌ଡ଼ାରାଇଜାନ୍ ଆଗାଜାଙ୍‌ବ୍ ଆଡ଼ିଞ୍ଜ୍‌ବା।

**ତରାଜୁ : ତାରୁଡ଼ି**

ଓ : ତରାଜୁରେ ଓଜନ କରାଯାଏ।

ସ : ତାରୁଡ଼ି ଲିଙ୍ଗାନ୍ ଲଗିନାନ୍ ଗାଲାମ୍‌ତ୍‌ବେ।

**ତଳିପେଟ : ବାନିଲପୁଙ୍**

ଓ : ମୋ ତଳିପେଟରେ ବ୍ୟଥା ହେଉଛି।

ସ : ବାନିଲ ପୁଙ୍‌ଞ୍ଜେନ୍ ଆସୁଡ଼ାତେ।

**ତଳି : ବିସୁତ୍‌ତା**

ଓ : ଧାନ ତଳି ଲଗାଇବା।

ସ : ବିସୁତ୍‌ତା ସାରାନ୍ ଆଗୁବା।

**ତଳେ : ଜାଇତାନ୍**

ଓ : ତଳ ବିଲରେ ପାଣିନାହିଁ।

ସ : ଜାଇତାନ୍ ଆସାରବା ଲିଡ଼ଂାନ୍ ଡ଼ାଆତେଡ଼୍।

**ତସିବା : ଆଅର୍‌ବା/ଆ-ଆରବା**

ଓ : ଜମିରେ ତସିବା।

ସ : ସାରବାଲିଙ୍ଗାନ୍ ଆଅର୍‌ବା।

**ତାହା ନହେଲେ : ଆନ୍‌ତାତେ ଆଡ଼୍‌ଡ଼େଲେନ୍‌ଡ଼େନ୍**

ଓ : ତାହା ନହେଲେ ଏହା କର।
ସ : ଆନ୍‌ତାତେ ଆଡ଼୍‌ଡ଼େଲେନ୍‌ଡ଼େନ୍ କାନ୍‌ଆତେ ଲୁମା।

**ତୁଟିବା : ଟାକୁଡ଼୍‌ଲି**

ଓ : ଆଜି କାମଟି ତୁଟିଲା।
ସ : ନାମି ବାରାନ୍ ଟାକୁଡ଼୍‌ଲେ।

**ଟାକୁ : ଆନିନ୍**

ଓ : ଟାକୁ ଗଢ଼ିକାଠି ଦେଇକି ଯିବି।
ସ : ଆନିନ୍ ଆଡ଼ଙ୍ ରାନିସାଙ୍ଗାନ୍ ତିୟ୍‌ଲେ ୟିର୍‌ତେ।

**ତୁ : ଆମାନ୍**

ଓ : ତୁ କୁଆଡ଼େ ଯାଉଛୁ ?
ସ : ଆମାନ୍ ଓ୍ୟାନ୍ ଇୟ୍‌ତେ (ୟିର୍‌ତେ) ?

**ଟେଣ୍ଟା : ସିଲ୍‌ଲା (ବର୍ଷି)**

ଓ : ଶିକାରୀ ଟେଣ୍ଟା ଧରି ବଣକୁ ଯାଉଛି।
ସ : ବେନ୍‌ତା ମାରାନ୍ ସିଲ୍‌ଲାନ୍ (ବର୍‌ସିନ୍) ଞାମ୍‌ଲେ ତୁଲାବ୍‌ବାନ୍ ୟେରେତିନ୍।

**ତେଣୁ : ଆନ୍‌ତେନ୍ ଆସାନ୍**

ଓ : ଡାକିଲି, ଆସିଲ ନାହିଁ, ତେଣୁ ମୁଁ ଆସିଲି।
ସ : ଗୁଡ଼ିଙ୍‌ଲାମ୍, ଆଡ଼୍‌ନିୟ୍‌ଲାଇ, ଆନ୍‌ତେନ୍ ଆସାନ୍ ଞେନ୍ ଇୟ୍‌ଲାଇ୍ (ୟିର୍‌ରାଇ)।

**ତାତିଲା : ଟାଗିଲି**

ଓ : ପାଣି ତାତିଲା।
ସ : ଡ଼ାଆନ୍ ଟାଗିଲି।

**ତିନ୍ତିଲା : ଡାଡାଲି**

ଓ : ବର୍ଷାରେ ପିଲାଟି ତିନ୍ତିଲା।
ସ : ଗାନୁରାନ୍ ଆସାନ୍ ପାସିଜାନ୍ ଡ଼ାଡ଼ାଲି।

**ତୁନି ରହିବା : ରିଃଙ୍‌ନା (କାଡ଼ିଙ୍ଗା)**

ଓ : ପିଲାଟି ତୁନି ରହୁଛି।
ସ : ପାସିଜାନ୍ ରିଃଙ୍‌ଲେନ୍ ଡ଼ାକୁତେନ।

**ତୋର : ଆମନ୍ ଆତେ**

ଓ : ଏ ବହିଟି ତୋର କି ?
ସ : କାନ୍ ଆକାମ୍‌ବଲ ଆମାନ୍ ଆତେ ପ ?

**ତାହାର : ଆନିନ୍**

ଓ : ତାହାର ବହି ହଜି ଯାଇଛି ।

ସ : ଆନିନ୍ ଆକାମ୍‌ବଲାନ୍ ସିଏଡ୍‌ଲେ ।

**ତୀର : ଆଆମ୍**

ଓ : ସୁକୁ ପକ୍ଷୀଟିକୁ ତୀରରେ ମାରିଲା ।

ସ : ସୁକୁନ୍ ଅନ୍‌ତିଡ଼ାନ୍ ଆଡ଼ଙ୍ ଆଆମାନ୍ ବାତ୍‌ତି ତୁଇଞ୍ଚେଁତେନ୍ ।

**ତୁରାଣି : ଆଡ଼ାକୁଡ୍ଡୁ/ଆଡାକୁଲ୍**

ଓ : ତୁରାଣି ପାଣି ମୋତେ ଦିଅ ।

ସ : ଆଡ଼ା କୁଡ୍ଡୁନ୍ ତିଇଞ୍ଚଁବା ।

**ତୁଳନା କର : ଆନବ୍‌ଜଙ୍**

ଓ : ଗାୟକ ମାନଙ୍କୁ ତୁଳନା କର ।

ସ : କାନେନ୍‌କେନ୍ ମାରାନ୍‌ଜି ଆଜଙ୍‌ବାଜି ।

**ତାଳ : କାମ୍‌ବା**

ଓ : ତାଳଫଳ ଖାଇବାକୁ ମିଠାଲାଗେ ।

ସ : କାମ୍‌ବା ଜନ୍ ଆଜାନୁମ୍‌ଜୁମ ମାନା ।

**ତୁଳା : ଆଡ଼ି**

ଓ : ତୁଳାରୁ ଲୁଗା ତିଆରି ହୁଏ ।

ସ : ଆଡ଼ିନ୍ ବାତ୍‌ତେ ସିନ୍‌ଡ୍ରିନ୍ ସାନାବ୍‌ଜାନ୍ ତେତେ ।

**ତୋଳିବା : ଆରୁବା**

ଓ : ଆମ୍ବ ତୋଳିବା ।

ସ : ଉଡ଼ାନ୍ ଆରୁବା ।

**ତାଳି ମାରିବା : ଆତାର୍ ଜୁବ୍‌ବା**

ଓ : ଗୀତଗାଇ ତାଳି ମାରିବା ।

ସ : କାନେନ୍‌କେନାନ୍ କେନ୍‌ଲେ ଆତାର୍‌ଜୁବ୍‌ବା ।

## ଥ

**ଥକିବା : ମାଙ୍‌ଗାଲେ**

ଓ : କାମ କରି କରି ଥକିଗଲି ।

ସ : ବାରାନ୍ ଲୁମ୍‌ଲେ ଲୁମ୍‌ଲେ ମାଙ୍‌ଗା ଲିଞ୍ଚ ।

**ଥଟା କରିବା : ଗଇବେର୍**

ଓ : ମୋତେ ଥଟା କଲେ।

ସ : ଞ୍ଜେନ୍ ଗଇବେର୍ ଲିଞ୍ଜ୍ଜି।

**ଥଣ୍ଡା : ସାୟୁ**

ଓ : ଥଣ୍ଡାପାଣି ପିଇବାକୁ ଭଲ।

ସ : ସାୟୁଡାଆନ୍ ଆଗାବେନ୍ ବାଙ୍ସା।

**ଥରିବା : ଡାକାର୍**

ଓ : ପିଲାଟି ଜ୍ୱରରେ ଥରୁଛି।

ସ : ପାସିଜାନ୍ ଆସୁନ୍ ବାତ୍ତେ ଡାକାର୍ତେ।

**ଥୋଇବା : ଆଡ଼ାକ୍କୁବା**

ଓ : ମାଠିଆରେ ପାଣି ରଖି ଥୋଇଲେ ଥଣ୍ଡା ରହେ।

ସ : ଲାବଡ଼ାଂ ଲିଡ଼ାନ୍ ଡ଼ାଆନ୍ ଡ଼ାକ୍କୁଲା ବେନ୍ଡ଼େନ୍ ସାୟୁ ଡ଼ାକୁତି।

## ଦ

**ଦୌଡ଼ିବା : ଆୟେର୍ନାବା**

ଓ : ପିଲାଟି ଦୌଡ଼ି ପଳାଇଲା।

ସ : ପାସିଜାନ୍ ୟେର୍ନେତେନ୍।

**ଦାଦା : ଡ଼ାଡ଼ାଂ/ଡାଡ଼ିନ୍**

ଓ : ମୋ ଦାଦାକୁ ପଇସା ମାଗିଲି।

ସ : ଡାଡାଂ ଲିବୁନ୍ ଗାର୍ରାଇ।

**ଦରକାର : ସାନାଇସାଇଜ୍**

ଓ : ବାପା ମୋତେ ପଇସା ଦରକାର।

ସ : ଓ୍ୟା ଞ୍ଜେନ୍ ଲିବୁନ୍ ସାନାଇ୍ସାଇଜ୍।

**ଦାନ୍ତ ଘସିବା : ଡାନ୍ଜିନା**

ଓ : ମୁଁ ସକାଳ ହେଲେ ଦାନ୍ତ ଘସେ।

ସ : ଡାଗାଲ୍ଡ଼ାନ୍ ଡ଼େଲେନ୍ଡ଼େନ୍ ଡାନ୍ଜିତେନାଇ୍।

**ଦଳପତି : ମୁଡ଼ାମାର**

ଓ : ମୁଁ ତୁମର ଦଳପତଙ୍କୁ ଦେଖିଲି।

ସ : ଞ୍ଜେନ୍ ମୁଡ଼ା ମାର୍ବେନ୍ ଆଡଂ ଗିଜ୍ଲାଇ୍।

**ଦୟାକରିବା : ଆସୁୟେମ୍‌ବା / ଆବାସୁୟିମ୍**

ଓ : ଦୟାକରି କିଛି ପଇସା ଦିଅ।

ସ : ଆବାସୁୟେମ୍ ଗାମ୍‌ଲେ ଲିବୁନ୍ ତିଇଞ୍ଜ୍‌ବା।

**ଦିଆସିଲି : ଗାନଡ଼୍‌ତୁଡ଼୍ (ବାନାରଗି)/ତାନାଗଡ୍**

ଓ : ଦିଆସିଲିରେ ନିଆଁ ଜଳାଯାଏ।

ସ : ଗାନଡ଼୍‌ତୁଡ଼ାନ୍ ବାତ୍‌ତେ ତଅଗିନ୍ ଅଐବା (ସଐବା)।

**ଦାନ୍ତ : ଜିଇ**

ଓ : ଦାନ୍ତରେ ଖାଦ୍ୟ ଦ୍ରବ୍ୟ ଖାଇହୁଏ।

ସ : ଜିଇନ୍ ବାତ୍‌ତେ ଗାନାଗା ଜାନୁମ୍‌ଜୁମାନ୍ ଜୁମ୍‌ତାବି।

**ଦୀପ : ଡିପ୍‌ପା (ଲିପ୍‌ପା)**

ଓ : ରାତିରେ ଦୀପ ଜଳାଯାଏ।

ସ : ତଗାଲାନ୍ ଡିପ୍‌ପା (ଲିପ୍‌ପାନ୍) ଆନଐୟାନ୍ ଡେତେ (ସାନଐୟାନ୍ ଡେତେ)।

**ଦ୍ୱାର : ଗାରାନ୍‌ନା**

ଓ : ଦ୍ୱାର ମୁହଁରେ ଜିନିଷ ରଖନ୍ତୁ ନାହିଁ।

ସ : ଗାରାନ୍‌ନା ଲିଙ୍ଗାନ୍ ଜାନାବାନ୍ ଆଡ଼ାକ୍‌କୁଡଙ୍।

**ଦୁଃଖ : ସାନିନ୍‌ତା**

ଓ : ଦୁଃଖ ବେଳେ ଖାଇବାକୁ ଇଚ୍ଛା ଲାଗେ ନାହିଁ।

ସ : ସାନିନ୍‌ତାନ୍ ଅଡ଼ନାଙ୍ ଆଗାଗାନାବେନ୍ ଆଡ଼ନିତ୍‌ସୁମାଇ।

**ଦୃଢ଼ ବିଶ୍ୱାସ : ସାକ୍‌କାଇ ଡିର୍‌ନାନ୍ (ରାଡୁ ଡ଼ିର୍‌ନାନ୍)**

ଓ : ଦୃଢ଼ ବିଶ୍ୱାସରେ ଭଗବାନଙ୍କୁ ସେବାକର।

ସ : ସାକ୍‌କାଇ ବିର୍‌ନାନ୍ ବାତ୍‌ତେ କିତୁଙ୍ଗାନ୍ ଆଡ଼ଙ୍ ସେଲୁମବା (ଗାନକିଲବା)।

**ଦୁଧ : ଆଡୁବ୍**

ଓ : ପିଲାକୁ ଦୁଧ ପିଇବାକୁ ଦିଅ।

ସ : ପାସିଜାନ୍ ଆଡ଼ଙ୍ ଆଡୁବାନ୍ ଆବ୍‌ଗାବା।

**ଦୁର୍ବଳ : ଆଜାଙ୍ ଆଜାଙ୍/ଇରତୁଉଲ୍**

ଓ : ପିଲାକୁ ଦୁର୍ବଳ ଅବସ୍ଥାରେ ଅଛି।

ସ : ପାସିଜାନ୍ ଆଜାଂ ଆଜାଂ ଡ଼ାକୁ।

**ଦୁବଘାସ : ରିଆଡ଼ି (ପୁର୍‌ପୁରି)**

ଓ : ଦୁବଘାସ ପୂଜାରେ ବ୍ୟବହାର କରାଯାଏ।

ସ : ରିଆଡ଼ିନ୍ ପୁଃର୍‌ପୁର ଲିଙ୍ଗାନ୍ ଙ୍ଗାନାନ୍‌ରାମାନ୍‌ଡ଼େତି।

## ଧ

**ଧୂଆଁ : ଉମୁଡ଼୍**

ଓ : ଘରେ ଧୂଆଁଦେଲେ ମଶା ରହେନାହିଁ।

ସ : ସିଇଙ୍ ଲିଙାନ୍ ଆବୁମୁଡ଼୍ଲାବେନ୍ ଡ଼େନ୍ ସାମାଇଜାନ୍‌ଜି ଆଡ୍‌ଡ଼ାକୁନେଜି

**ଧୂଆଁ : ପଗାନ୍**

ଓ : ଧୁଆଁରୁ ପିକା ତିଆରି ହୁଏ।

ସ : ପଗାନ୍ ବାତ୍‌ତେନ୍ ଏଡ଼େଲ୍ ମୁଡ଼ାନ୍ ସାବ୍‌ଜାତେଜି।

**ଧନୀ : ଗାମାଙ୍**

ଓ : ଆମ ଗାଁରେ ଜଣେ ଧନୀ ଲୋକ ଅଛି।

ସ : ଗର୍‌ଜାଙ୍ ଲିଙ୍‌ଲେନ୍ ଆବଐ ଗାମାଙାନ୍ ଡ଼ାକୁ।

**ଧନୁ : ଞ୍ୟାଁଙା**

ଓ : ବାଉଁଶରେ ଧନୁ ତିଆରି ହୁଏ।

ସ : ଉରୁଙାନ୍ ବାତ୍‌ତେ ଞ୍ୟାଁଙାନ୍ ସାନାବ୍‌ଜାନ୍ ଡ଼େତେ।

**ଧରିବା : ଆଞାମ୍‌ବା**

ଓ : ଚଷକୁ ଗଲେ ବାଡ଼ି ଧରିବାକୁ ପଡ଼େ।

ସ : ଅର୍‌ରବାନ୍ ଇୟ୍‌ଲେନ୍‌ଡ଼େନ୍ ଡ଼ାଙ୍‌ଗୁନ୍ ଆଞାମ୍‌ବେନ ଡେତେ।

**ଧଳା : ପାଲୁ (ତାର୍‌ପିଲ୍)/(ତା-ଆର୍)**

ଓ : ଲୋକଟି ଧଳା ଲୁଗା ପିନ୍ଧିଛି।

ସ : ମାନରାନ୍ ପାଲୁ କାବାନ୍ ଜିଜିନେତେନ୍।

**ଧାର : ରେଆନାନ୍**

ଓ : ଦୁଇ, ତିନି ଦିନ ପାଇଁ ଟଙ୍କା ଧାର ଦିଅ।

ସ : ବାଗୁ, ୟାଗି ଡ଼ିନ୍‌ନା ଆସାନ୍ ଟାଂକାନ୍ ରେଆନ୍ ତିଇଞ୍ଚ୍।

**ଧୂପ : ଗାଡ଼ାସଐ (ସାନୟ୍ କାନୁବ୍)**

ଓ : ଝୁଣାରେ ଧୂପ ଦିଅନ୍ତି।

ସ : ଡାସାଡ଼ାନ୍ ବାତ୍‌ତେନ୍ ଗାଡ଼ାସଐ ତିୟତେଜି।

**ଧୂପକାଠି : ଗାଡ଼ାଡାଂ (ବାସାନା କାଡ଼ି)**

ଓ : ପୂଜା, ବିଧି ସମୟରେ ଧୂପ କାଠି ଲଗାନ୍ତି।

ସ : ପୁର୍‌ପୁର ଗାନାଙ୍ କେଲ୍ ଆୟାମ୍ ଗାଡ଼ା ଡ଼ାଙାନ୍ ସଇତେଜି।

**ଧ୍ରୁବତାରା : ସୁଂକାରା**

ଓ : ରାତି ସମୟ ଆକାଶରେ ଧ୍ରୁବତାରା ଦେଖାଯାଆନ୍ତି।

ସ : ତଗାଲାନ୍ ଆଡ଼୍ନାଙ୍ ରିଆଙ୍ ଲିଙ୍ାନ୍ ସୁଂକାରାନ୍ ଗିଜ୍ତା ତେଜି।

**ଧୂଳିନାଗ : ଲାକିଜ୍ ଲୁଆଡ଼ନା**

ଓ : ସାପ ମାନଙ୍କ ମଧ୍ୟରୁ ଧୂଳି ନାଗ ଅଲଗା ଅଟେ।

ସ : ଜାଆଡ଼ାନ୍ଜି ସାରିଙ୍ ଲାକିଜ୍ ଲୁଆଡ଼ନାନ୍ ବେଗ୍ଗାଡ଼ା ଡ଼ାମ୍।

**ଧୂଳି : ଆରାଡ଼ିସଲ୍**

ଓ : ପବନ ଧୂଳି ଉଠାଇ ନିଏ।

ସ : ରାଂଗେନ୍ ଆଡ଼୍ନାଙ୍ ଆରାଡ଼ିସଲାନ୍ ପାଙ୍ରିଙାଇଜ୍ତେ।

**ଧୋଇବା : ଆଗିଜ୍ଜାବା (ଆତୁବ୍ଡ଼ାବା)**

ଓ : ଲୁଗାପଟା ସବୁଧୋଇ ଖରାରେ ଶୁଖେଇ ଦିଅ।

ସ : ସିନ୍ରି ତାକ୍କାବ୍ନ୍ଜି ଗିଜ୍ଜାଲେ (ତୁବ୍ଡ଼ାଲେ) ଡ଼ାଗା ଲିଙାନ୍ ଜିର୍ବା।

**ଧୋବା : ତୁବ୍ଡ଼ାକାବ୍ମାର୍**

ଓ : ଧୋବା ଅନେକଙ୍କର ଲୁଗାପଟା ନଈକୁ ନେଇ ଧୋଇଦିଏ (ସଫାକରେ)।

ସ : ତୁବ୍ଡ଼ାକାବ୍ ମାରାନ୍ ଆତେଙାନ୍ଜି ଆସିନରେ ତାକ୍କାବାନ୍ଜି ଜଡ଼ାନ୍ ପାଙ୍ଲେ ତୁବଡ଼ାତେ।

## ପ

**ପକାଇବା : ଆପିଡ଼ବା**

ଓ : ବାଇଗଣ ଗଛରେ ଖତ ପକାଇବା।

ସ : ଆନ୍ଡ଼ାରାଇଜ୍ ନେବ୍ ଲିଙ୍ନ୍ ଆସଙ୍ତାଙାନ୍ (କାଇତାମାନ୍) ଆପିଡ଼୍ବା

**ପଖାଳ : ତୁଂଡ଼ା କୁଡୁନ୍/ତୁଂଡାକୁଲ**

ଓ : ଆଜି ମୁଁ ପଖାଳ ଖାଇଲି।

ସ : ନାମି ଞେନ୍ ତୁଙ୍ଡ଼ା କୁଡୁନ୍ ଗାଲାଇ।

**ପଘା : ଟାନଲ୍**

ଓ : ପଘାରେ ଗାଈ ବନ୍ଧାଯାଏ।

ସ : ଟାନଲାନ୍ ବାତ୍ତେ ଆୟାଂତାଙାନ୍ ତବାଡ଼୍ତେଜି (ତଲ୍ବାଡ୍ତେଜି)।

**ପାଚିବା : ଗୁଉର୍ରି**

ଓ : ମୁଁ ପାଚିଲା ଆମ୍ବ ଖାଇଲି।

ସ : ଞେନ୍ ଆଗୁର୍ ଉଡ଼ାନ୍ ଜୁମ୍ଲାଇ।

**ପଚାରିବା : ଓ୍ୟାଲ୍ ନେତି**

ଓ : ଆମେ ଜଣକୁ ପଚାରିବା।

ସ : ଆନ୍‌ଲେନ୍ ବ ମାନ୍‌ରା ଆଡ଼ଙ୍ ଓ୍ୟାଲ୍‌ନେତି।

**ପଛରେ : ଟିକ୍‌କି (ଜୁଲୁ)**

ଓ : ଜଣଙ୍କ ପଛରେ ଗାଳି ଦେବ ନାହିଁ।

ସ : ବମାନ୍‌ରା ଆଡଙ୍ ଟିକ୍‌କି କାଇଞ୍ଚଡ଼ଙ୍।

**ପର୍ଜିବା : ଆସାର୍‌ଗାଇବା**

ଓ : ତରକାରୀ ପର୍ଜିବା ଦରକାର।

ସ : ଝିଁଡାବ୍ ତଙ୍ଗାନ୍ ଆସାର୍ ଗାଇ ବିନ୍ ଡ଼େତେ।

**ପଢ଼ିବା : ଆକେନଲ୍‌ବା**

ଓ : ଆସ ବହି ପଢ଼ିବା।

ସ : ଜାବା କାମ୍ ବଲାନ୍ ଆକେନଲ୍‌ବା।

**ପ୍ରସ୍ତାବ : ପାଙ୍‌ଲାଙ୍‌ବେରମାର୍**

ଓ : ଶ୍ୟାମ ଶବରଙ୍କ ପ୍ରସ୍ତାବକୁ ରାମ ସମର୍ଥନ କଲା।

ସ : ଶ୍ୟାମ ଶବର ଆପାଙ୍‌ଲାଙ୍ ବେରାନ ବାତ୍‌ତେ ରାମ ଶବର ଜାଲେ ଅଡ଼େଏତେନ୍।

**ପଣସ : ପାଡ଼ାସା**

ଓ : ପାଚିଲା ପଣସ ଖାଇଲେ ମିଠା ଲାଗେ।

ସ : ଆଗୁର୍ ପାଡ଼ାସାନ୍ ଜୁମ୍‌ଲାବେନ୍ ମାନାଡ଼ାମ।

**ପତଳା : ମେତାଙ୍**

ଓ : ପତଳା ଲୁଗା ଖରା ଦିନରେ ପିନ୍ଧିଲେ ଥଣ୍ଡା ହୁଏ।

ସ : ମେତାଙ୍ କାବାନ୍ ଡ଼ାଗାଇଙ୍ଗାନ୍ ଜିଜିଲେନ୍ ବେନ୍‌ଡ଼େନ୍ ସାୟୁଡ଼ାମ୍।

**ପ୍ରତିମା : କୁଡ଼ଂଡ଼ାଇଜ୍**

ଓ : ମନ୍ଦିର ମାନଙ୍କରେ ବିଭିନ୍ନ ପ୍ରତିମା ଦେଖା ଯାଆନ୍ତି।

ସ : ପାର୍‌ର୍‌ପୁର୍ ସିଂ ଲିଙ୍ଗାନ୍ ବେଗ୍‌ଗାଡ଼ା ବେଗ୍‌ଗାଡ଼ା କୁଡଂଡ଼ାଜାନ୍‌ଜି ଗିଜ୍‌ତାତେ।

**ପବନ : ରାଙ୍‌ଗେ**

ଓ : ପବନ ହିଁ ଜୀବନ।

ସ : ରାଂଗେନ୍ ନା ମାନ୍‌ରେଙ୍ଗନାଲେନ୍ (ଜିଉଲେନ୍)।

**ପର୍ବତ : ବାରୁ**

ଓ : ପର୍ବତରେ ସବୁ ପ୍ରକାର ଗଛ ଥାଏ।

ସ : ବାରୁ ଲିଙ୍ଗୀନ୍ କୁଡ଼୍‌ଡୁବ୍ ଜାନାବ୍ ଆରାନ୍‌ଜିଡ଼ାକୁ।

**ପର : ବାଲେଡ୍ (ବ୍ଲିଡ୍)**

ଓ : ବଗର ପର ଧଳା ।

ସ : କଡ଼ାନ୍ ଆବାଲେଡ୍ ପାଲୁ (ବିଲ୍ଟ) ।

**ପରି : ଆମ୍‌ବାରିଜ୍**

ଓ : ଏହିପରି କାମ କରିବାକୁ ହେବ ।

ସ : କାନିଆମ୍‌ରିଜ୍‌ଆବାରାନ୍ ଆଲୁମ୍‌ବେନ୍ ଡ଼େତେ ।

**ପସିବା:ଆଗାନ୍‌ବା**

ଓ : ଘର ଭିତରକୁ ପସି ଯିବା ।

ସ : ଆଲୁଂ ସିଂ ଲିଙ୍ଗାନା ଆଗାନ୍‌ନାବା ।

## ନ

**ନଇଁବା : ଆଡ୍ଡୁଙ୍ଗୁବା**

ଓ : ବୁଢ଼ିଟି ନଇଁ ନଇଁ ବାଡ଼ି ଧରି ଚାଲେ ।

ସ : ଡାଲାଇବା ବଏିଜାନ୍ ଡୁଙ୍‌ଗୁ ଡୁଙ୍‌ଗୁଲେ ଡ଼ାଙ୍‌ଗୁନ୍ ଞାମ୍‌ଲେ ଞାଁତେନ୍ ।

**ନଖ : ଆକ୍‌କାର୍‌ସି**

ଓ : ସପ୍ତାହକୁ ଥରେ ନଖ କାଟନ୍ତୁ ।

ସ : ବପାଲିନ୍ ବଡାର ଆକ୍‌କାରସିନ୍ ଗାଡ଼୍‌ବା ।

**ନକ୍ଷତ୍ର : ଟୁଇଟୁଇଜ୍**

ଓ : ରାତିରେ ଅନେକ ନକ୍ଷତ୍ର ଦେଖାଯାଏ ।

ସ : ତଗାଲାନ୍ ଆଡେଙ୍ ଟୁଇଟୁଇଜାନ୍‌ଜି ଗିଜ୍‌ତାତେ ।

**ନଡ଼ିଆ : ପାୟାଡ଼ି**

ଓ : ନଡ଼ିଆର ତିନୋଟି ଆଖିଥାଏ ।

ସ : ପାୟଡ଼ିନ୍ ୟାଗି ଆମାଡ଼ାନ୍ ଡ଼ାକୁତେ ।

**ନର୍ତ୍ତକି : ତଙ୍‌ସେଡ୍‌ବଇ୍**

ଓ : ନର୍ତ୍ତକି ନୃତ୍ୟକରେ ।

ସ : ତଙ୍‌ସେଡ୍ ମାରାନ ତଂସେଂତେନ୍ ।

**ନମସ୍କାର : ଲିମ୍ ସି (ଲିମ୍‌ତାମ୍)**

ଓ : ମୁଁ ତୁମକୁ ନମସ୍କାର ଜଣାଏ ।

ସ : ଞେନ୍ ଲିମ୍ ସିତାମ୍ ଞେଁନ୍ ଲିମ୍‌ତାମ୍ ।

**ନରହତ୍ୟା : ଡୁଆବ୍‌ମାର୍ / କାବଞ୍ଜିଁଡ୍‌ମାର୍**

ଓ : ନରହତ୍ୟା ମହା ପାପ।

ସ : ତୁଆବ୍ ମାରାନ୍ ସୁଡ଼ା ତୁସା ପିନ୍ତୁ।

**ନାକ : ମୁଉଁ**

ଓ : ସମସ୍ତଙ୍କର ନାକ ଥାଏ।

ସ : କୁଡ଼କୁବ୍ ମାନ୍‌ରା ମୁଉଁନ୍ ଡ଼ାକୁତେ।

**ନାତୁଣୀ : ଉଡ଼୍‌ଲେଙ୍ ଅନ୍‌ଞ୍ଜେନ୍**

ଓ : ମୋର ଗୋଟିଏ ନାତୁଣୀ ଅଛି।

ସ : ଉଡ଼୍‌ଲେଙ୍ ଅନ୍ ଞ୍ଜେନ୍ ଆବଏଁ ଡାକୁ।

**ନାଉରିଆ : ଡୁଙ୍‌ଗା ସୁଇଜ୍‌ମାର୍**

ଓ : ନାଉରିଆ ନଦୀରେ ଡ଼ଙ୍ଗା ଚଲାଏ।

ସ : ଆଲ ଲିଙାନ୍ ଡୁଙ୍‌ଗାନ୍ ସୁଇଜ୍‌ଡଙ୍ ମାରାନ୍ ସୁଇଜ୍‌ତେ।

**ନାଭି : ପୁଡ଼ି**

ଓ : ମୋର ନାଭି ଅଛି।

ସ : ପୁଡ଼ି ଞ୍ଜେନ୍ ଡ଼ାକୁ।

**ନିମନ୍ତେ : ଆପ୍‌ସେଲେ**

ଓ : କିଛି ଦରକାର ନିମନ୍ତେ ଚିଠି ଲେଖିଲି।

ସ : ସାନାଇଜ୍ ସାଇଜ୍‌ଞ୍ଜେନ୍ ଆପ୍‌ସେଲେ ସିଡିନ୍ ଇଡ଼ଲ୍‌ଲାଇ।

**ନେଉଳ : କାନ୍‌ରାପେଡ଼ (ରାଜ୍‌ଜାପେଡ଼୍)**

ଓ : ନେଉଳ ସାପକୁ ଖଣ୍ଡ ଖଣ୍ଡ କରେ।

ସ : କାନ୍‌ରାପେଡ଼ାନ୍ ଜାଆଡ଼ାନ୍ ଆଡଙ୍ ରାଇଜ୍ ରାଇଜ୍‌ତେ।

**ପାଦ : ଆତାଲ୍‌ଜିଙ୍**

ଓ : ମାଙ୍କଡ଼ର ପାଦ ଅଛି।

ସ : ଆର୍‌ସିନ୍ ଆତାଲ୍‌ଜିଙ୍ ଡ଼ାକୁ।

**ପାପୁଲି : ଆତାଲ୍‌ସି**

ଓ : ଭାଲୁର ପାପୁଲି ଅଛି।

ସ : ସାଲୁଆନ୍ ଆତାଲ୍‌ସିନ୍‌ଡ଼ାକୁ।

**ପାଲ୍‌ଟିବା : ଆଅଡ଼ିଜ୍‌ନାବା**

ଓ : ଗାଧୋଇ ସାରିବା ପରେ ପାଲଟିବା।

ସ : ଉବ୍‌ମାଆନ୍ ଉବ୍‌ମାଲେନ୍ ଆଅଡ଼ିଜ୍‌ନାବ।

**ପିଆଜ : ଆନାସୁଡ଼ା (ଡ଼ାସୁଡ଼ା)**

ଓ : ତରକାରୀରେ ପିଆଜ ପକାଯାଏ

ସ : ଛିଡ଼ାବ୍‌ତଙ୍‌ ଲିଙ୍ଗାନ୍‌ ଆନାସୁଡ଼ାନ୍‌ ପାନିଡ଼ାନ୍‌ ଡ଼େତେ।

**ପିଠା : ପୁପୁ**

ଓ : ଛୋଟ ପିଲାମାନେ ପିଠା ଖାଇବାକୁ ଭଲ ପାଆନ୍ତି।

ସ : ସାନ୍‌ନା ସାନ୍‌ନା ପାସିଜାନ୍‌ଜି ପୁପୁନ୍‌ ଆଜୁମ୍‌ବେନ୍‌ ବାଙ୍‌ସା ଆପ୍‌ପାଡ଼େତେଜି (ଇତ୍‌ସୁମ୍‌ତେଜି)।

**ପିଠି : କାନ୍‌ଡୁଙ୍‌**

ଓ : ତୁମ ପିଠିରେ କଣ ଲାଗିଛି ?

ସ : କାନ୍‌ଡୁଙ୍‌ ନାମ୍‌ ଇତେନ୍‌ ଜାବ୍‌ଲେ ?

**ପିତଳ : ରିଡ଼ି**

ଓ : ପିତଳରେ ତେନ୍ତୁଳି ଝୋଳ ପିଇଲେ କଷା ଲାଗେ।

ସ : ରିଡ଼ି ମୁଃନ୍‌ ଲିଙ୍ଗାନ୍‌ ତିତିନ୍‌ଡ଼ାନ୍‌ ମାଇଲେ ଗାଲେନ୍‌ଡ଼େନ୍‌ ବାକିଃଡ଼ଡ଼ାମ୍‌ ଡ଼େତେ।

**ପିତ୍ତ : ଆବ୍‌ସାଙ୍‌**

ଓ : ପିତ୍ତ ବଢ଼ିଗଲେ ଲୋକ ପିତ୍ତବାନ୍ତି କରେ।

ସ : ଆବ୍‌ସାଙ୍ଗାନ୍‌ ସୁଡ଼ାଲେନ୍‌ଡ଼େନ୍‌ ମାନ୍‌ରାନ୍‌ ଆସାଙ୍ଗାନ୍‌ ଆତେ ବାଇଜ୍‌ତେ।

**ପୂଜ : ଗୁର୍‌ଡ଼ା**

ଓ : ଘାରେ ପୂଜ ବାହାରେ।

ସ : କାନେଡ଼ିଂ ଲିଙ୍ଗାନ୍‌ ଗୁର୍‌ଡ଼ାନ୍‌ ଡୁଙ୍‌ତେନାଇ।

**ପୃଥିବୀ : ଆଡ଼ାରାନ୍‌/ଆଡ଼ାରାନ୍‌**

ଓ : ପୃଥିବୀରେ ଆମ୍ଭେମାନେ ବାସକରୁ।

ସ : ଅଡ଼ାର ଲିଙ୍ଗାନ୍‌ ଆନ୍‌ଲେନ୍‌ ବାସୁତାବେ।

**ପୂର୍ବପୁରୁଷ : ଯୁଯୁ**

ଓ : ପୂର୍ବପୁରୁଷ ମାନଙ୍କ ଠାରୁ ଆମ୍ଭମାନଙ୍କର ମାତୃଭାଷା ଅଛି।

ସ : ପୁର୍‌ବାନ୍‌ ଯୁଯୁ ଲେନ୍‌ଜି ସାରିଙ୍‌ କାରୁଡ଼୍‌କୁଡ଼୍‌ ସାର୍‌ରାଙ୍‌ଲେନ୍‌ ଡ଼ାକୁ।

**ପୁରସ୍କାର : ଉଞ୍ଜୁଲ୍‌ କୁଇଜାନ୍‌**

ଓ : କର୍ମ ଅନୁସାରେ ପୁରସ୍କାର ପାଇବା।

ସ : ଆବାରାଡ଼ାମାନ୍‌ ବାତ୍‌ତେ ଉଞ୍ଜୁଲ୍‌କୁଇଜାନ୍‌ ଞ୍ଜ୍ୟାଙ୍‌ତାବେ।

**ପୋଖରୀ : ବାନ୍ଡ଼ା**

ଓ : ପୋଖରୀରେ ମାଛ ଚାଷ କର ।

ସ : ବାନ୍ଡ଼ା ଲୁଙାନ୍ ଆୟନ୍ ଲୁବା ।

**ପୋଷ୍ୟପୁତ୍ର : ଲୁଡ଼ାଅନ୍**

ଓ : ମୁଁ ପୋଷ୍ୟପୁତ୍ର ଆଣି ଲାଳନ ପାଳନ କରୁଛି ।

ସ : ଞେନ୍ ଆବଏଁ ଲୁଡ଼ା ଅନାନ୍ ଉରୁଙ୍‌ଲେ ସାଗାଲ୍‌ତାଇ (ପୁସିତାଇ) ।

## ବ

**ବଜାଇବା : ଆଡ଼େବ୍‌ବା**

ଓ : ଡାମ୍ଫ ବଜାଇବା ।

ସ : କାଡ଼ିଙାନ୍ ଆଡ଼େବ୍‌ବା ।

**ବକିବା : ଆକାଇଞ୍ଜ୍‌ବା**

ଓ : ଆମେ ତାଙ୍କୁ ବକିବା ।

ସ : ଆନ୍‌ଲେନ୍ ଆନିନ୍ ଆଡ଼ଙ୍ ଆକାଇଞ୍ଜବା ।

**ବଗିଚ଼ : କୁତ୍‌ତା (ଡୁଡ଼୍‌ଡ଼ି)**

ଓ : ଆମର କଦଳୀ ବଗିଚ଼ ଅଛି ।

ସ : କିଃନ୍‌ତେ କୁତ୍‌ତା (ଡୁଡ଼୍‌ଡ଼ି) ଞେନ୍ ଡ଼ାକୁ ।

**ବଞ୍ଚିବା : ଆମେ ଏଙ୍‌ବା**

ଓ : ବଞ୍ଚିବାଯାଏ ଆମେ ଏହି ଜଗତରେ ବାସକରୁ ।

ସ : ଆମେଏଙ୍ ତାଇଏନ୍ ସିକ୍‌କଇଜା କାନ୍ ଆଅଡ଼ାରାନ୍ ବାସୁତାବେ ।

**ବଜ୍ରକାପ୍ତା : ଆର୍‌ବୁ**

ଓ : ବଜ୍ରକାପ୍ତାର ପର ଖପୁରୀ ପରି ଅଛି ।

ସ : ଆର୍‌ବୁନ୍ ଆବାଲେଡ଼୍‌ଂ ଗାରିଜାନ୍ ଆମ୍‌ବାରିଜ୍‌ଡ଼ାକୁ ।

**ବଡ଼ମୂଷା : ସୁଡ଼ାକୁମ୍**

ଓ : ବଡ଼ମୂଷା ରାତିରେ ବାହାରନ୍ତି ।

ସ : ସୁଡ଼ାକୁମାନ୍ ତଗାଲାନ୍ ଡୁଙ୍‌ତେନାଇଜି ।

**ବଢ଼ାଇବା : ଆଜାବା**

ଓ : ଯାହା ପାଇବା ତାହା ବଢ଼ାଇବା ।

ସ : ଇତେନ୍‌ଡ଼ି ଞ୍ଜ୍ୟାଙ୍‌ତାବେ ଆନ୍‌ତାତେ ଆଜାବା ।

**ବଡ଼ପୁଅ : ଆଡ଼ିବାଅନ୍**

ଓ : ମୋର ବଡ଼ପୁଅ ଋଷ କାମ କରୁଛି।

ସ : ଆଡ଼ିବା ଅନ୍‌ଞେନ୍ ଅର୍‌ର ବାରାନ୍ ଲୁମ୍‌ତେ।

**ବଡ଼ଭାଇ : କାକୁ**

ଓ : ମୋର ବଡ଼ଭାଇ ବଢେଇ କାମ କରୁଛନ୍ତି।

ସ : କାକୁଞେନ୍ ସାବ୍‌ସାବ୍ ବାରାନ୍ ଲୁମ୍‌ତେ।

**ବଢେଇ : ସାବ୍‌ସାବ୍‌ମାର**

ଓ : ବଢେଇ ସୁନ୍ଦର ସୁନ୍ଦର ପଲଙ୍କ ତିଆରି କରେ।

ସ : ସାବ୍‌ସାବ୍ ମାରାନ୍ ଲାଙ୍‌ଗା ଲାଙ୍‌ଗା ଆରା ସାନ୍‌ଡ଼ିନ୍ ସାବ୍‌ଜାତେ।

**ବନ୍ଦ କରିବା : ଆଇଙାଡ଼ବା**

ଓ : କବାଟ ବନ୍ଦ କରିବା।

ସ : ସାନାଙାନ୍ ଆଇଙାଡ଼୍‌ବା।

**ବଧ : ତାନୁଆବ୍/ତୁ ବାବ୍**

ଓ : ଜଣେଲୋକ ତାହାର ସ୍ତ୍ରୀକୁ ବଧ କଲା।

ସ : ବମାନ୍‌ରା ଆଡୁକ୍ରିନ୍ ଆଡ଼ଙ୍ ତୁଆବେତେନ୍ (ତୁବବେତେନ) (ଆଡୁକ୍‌ରିନ୍)।

**ବନ୍ଧାପକାଇବା : ଆବାନ୍‌ଡ଼ା ବା**

ଓ : ଜଣେ ଲୋକ ଋଣ ସକାଶେ ସୁନା ବନ୍ଧା କଲ।

ସ : ବମାନ୍‌ରା ରିଡ଼ାନ୍ ଆସାନ୍ ଆରାନାନ୍ ବାନ୍‌ଡ଼ାଏତେନ୍।

**ବନ୍ଧୁକ : ବାଡ଼ାନ୍**

ଓ : ବନ୍ଧୁକ ଧରି ଶୀକାରୀ ବାଘକୁ ମାରେ।

ସ : ବାଡ଼ାନ୍ ଞାଁମ୍‌ଲେ ବେନ୍‌ତା ମାରାନ୍ କିଃନାନ୍ ସଐତେ।

**ବିରୁଡ଼ି : ସୁର୍‌ବାଙ**

ଓ : ଆମକୁ ବିରୁଡ଼ି ମାରିଲେ ଫୁଲିଯାଏ ଓ ଦୁଇ ତିନି ଦିନ ପର୍ଯ୍ୟନ୍ତ ବଥାହୁଏ।

ସ : ସୁର୍‌ବାଙାନ୍ ରମାଇ୍‌ତେନ୍‌ଡ଼େନ୍ ପୁର୍‌ପୁର୍‌ତେ ବାର୍ ବାଗୁ ୟାଗି ଡ଼ିନ୍‌ନା ସିକ୍‌କଇଜା ଆସୁଡ଼ାନ୍ ଡ଼ାକୁତେ।

**ବିରାଟ : ସୁଡ଼ା**

ଓ : ବାମଣି ଗାଁରେ ବିରାଟ ହାଟ ହୁଏ।

ସ : ବାମ୍‌ବାଡ଼ି ଆଗର୍‌ଜାଙ୍ ଲିଙାନ୍ ସୁଡ଼ା ସାଇଞ୍ଚତାନ୍ ଡ଼େତେ।

**ବିଶ୍ୱସ୍ତ ଚାକର : ଡ଼ିର୍‌ଡ଼ିର୍‌ନା କାମ୍‌ବାରି**

ଓ : ବିଶ୍ୱସ୍ତ ଚାକର ହୋଇଥିବାରୁ ମୋହର କଥା ମାନେ।

ସ : ଡିର୍‌ନାଡ଼ାଗେ ଆକାମ୍‌ବାରି ମାର୍ ଆସାନ୍ ବେର୍‌ନା ଞେନ୍ ଡେର୍‌ତେନ୍ (ମାନ୍‌ନେତେ)।

**ବିଷଦାନ୍ତ : ବିସାଡ଼ାମ୍ ଆଜିନ୍ / ବିସ-ଜି**

ଓ : ନାଗ ସାପର ଦାନ୍ତରେ ବିଷ ଥାଏ।

ସ : ଲୁଓ୍ୟାଡ଼୍‌ନା ଜାଡ଼ାନ୍ ଆଜି ଲିଙ୍ଗାନ୍ ବିସାନ୍ ଡ଼ାକୁ।

**ବିରକ୍ତ : ମୁସାଲଡ଼ାୟେମ୍**

ଓ : କାମଟି ଶିଘ୍ର ନ ସରିଲେ ଆମେ ବିରକ୍ତ ହେବା।

ସ : ବାରାଜି ଉମେଙ୍ (ବାୟାଲେ) ଆଡ଼୍‌ନାଞ୍ଚିଡ଼୍‌ଲେନ୍‌ଡ଼େନ୍ ମୁସାଲଡ଼ା ୟେମ୍‌ଗେ ଡ଼େତାଇ।

**ବୁଝାଇବା : ଆଗାଡ଼୍‌ଲାମ୍‌ବା (ଆଅବ୍‌ପୁଡ଼ଙ୍‌ବା)**

ଓ : ସେହି ପିଲାଟି ନ ବୁଝିବା ପର୍ଯ୍ୟନ୍ତ ତାଙ୍କୁ ଆମେ ବୁଝାଇବା।

ସ : କୁନ୍ ଆପାସିଜାନ୍ ଏନ୍‌ରାଙ୍ ଗାନ୍‌ଲୁଡ଼େନ୍ ସିକ୍‌କଇଜା ଆନିନ୍ ଆଡ଼ଙ୍ ଆନ୍‌ଲେନ୍ ଆଗାଡ଼୍‌ଲାମ୍ ବେନ୍‌ଡ଼େତେ।

**ବୁଡିବା : ପାଲୁଡ଼୍‌ତେ (ତାବୁବ୍‌ଲେ)**

ଓ : ନଦୀରେ ପିଲାଟି ବୁଡ଼ିଗଲା।

ସ : ଜଡ଼ା ଲିଙ୍ଗାନ୍ ପାସିଜାନ୍ ତାବୁବ୍‌ଲେ।

**ବୁଢୀ : ବୁଡ଼ି ବଇଜ୍**

ଓ : ଘରେ ପିଲାଟିକୁ ବୁଢୀ ଜଗୁଛି।

ସ : ସିଙ୍ଗାନ୍ ପାସିଜାନ୍ ଆଡଙ୍ ବୁଡ଼ି ବଇଜାନ ତୁର୍‌ତୁରତେ।

**ବୁଢିଆଣୀ : ଟାଇଞ୍ଜ୍ ଟାଇଞ୍ଜ୍ ବୁଡ଼୍**

ଓ : ବୁଢ଼ିଆଣୀ ପୋକ ସୂତା ବାହାର କରି ବୁଣେ।

ସ : ଟାଇଞ୍ଜ୍ ଟାଇଞ୍ଜ୍ ବୁଡ଼ାନ୍ ଟାରେଲାନ୍ ଆମ୍‌ଡୁଙ୍‌ଲେ ଟାଇଞ୍ଜତେ।

**ବୁଣିବା : ଆବୁଃଡ଼୍‌ବା**

ଓ : ବିହନ ବୁଣିବା।

ସ : ଜାବ୍‌ମଲାନ୍ ଆବୁଃଡ଼୍‌ବା।

**ବୃଥା : ଆସାଙ୍‌ଗେନ୍**

ଓ : ବର୍ଷା ନହେବାରୁ ମୋର କାମ ବୃଥା ହେଲା।

ସ : ଗୁନୁର୍‌ତେଡ଼ାନ୍ ଆସାନ୍ ବାରାଞ୍ଜେନ୍ ଆସାଙ୍‌ଗେନ୍ ଡ଼େଲେ।

**ବେଙ୍ଗ : କାନ୍ଡୁଡ଼୍**

ଓ : ବେଙ୍ଗ ପାଣିରେ ରହେ ।

ସ : କାନ୍ଡୁଡ଼ାନ୍ ଡ଼ାଆ ଲିଙାନ୍ ଡ଼ାକୁତେନ୍ ।

**ବେଢିବା : ଆତର୍‌ବା**

ଓ : ବଗିଚର ଚାରିପଟେ ବେଢିବା ।

ସ : ଡୁଡ୍‌ଡିନ୍ ଆୟାର୍‌ୟାର୍ ଆତର୍‌ବା ।

**ବେଶ୍ୟା : ଜୁନ୍‌ଡ଼ାଡ଼ି ବଇଜ୍**

ଓ : ବେଶ୍ୟା, ଗୋଟିଏ ପୁରୁଷକୁ ସ୍ୱାମୀ କରେ ନାହିଁ ।

ସ : ଜୁନ୍‌ଡ଼ାଡ଼ିବଈଜାନ୍, ଆବଈ ତାନଙ୍‌ବାନ୍ ଆଡ଼୍‌ଡ଼ାକ୍‌କୁଏ ।

**ବୋକା : ଇଂର୍‌ଗାଲାମ୍ (ଇଃର୍‌ବୁଡ଼ଡ଼ି)**

ଓ : ବୋକା ପିଲାଟି ଗୁରୁର ଆଦେଶ ମାନେ ନାହିଁ ।

ସ : ଇର୍‌ଗାଲାମ୍ (ଇର୍‌ବୁଡ଼ଡ଼ି) ସିଜାନ୍ ଆଞାଙ୍ ଞାଙ୍ ମାରାନ୍ ଆବେର୍‌ନା ଆବ୍‌ମାନ୍‌ନେଏ ।

**ବଳକା : ଲାଗ୍‌ଗୁ**

ଓ : ସମସ୍ତଙ୍କୁ ଦେଇ ସାରିବା ପରେ ମଧ୍ୟ ବଳକା ରହିଲା ।

ସ : କୁଡ଼ୁଡୁବ୍ ମାନ୍‌ରାନ୍‌ଜି ଆଡ଼ଙ୍‌ତାନିୟାନ୍ ଡ଼େଲେନ୍ ଆତିକ୍‌କି ଆଲାଗ୍‌ଗୁନ୍ ଡ଼ାକୁଲେ ।

**ବଳି : କାନୁବ୍**

ଓ : ମନ୍ଦିରରେ ବଳି ଦିଅନ୍ତି ।

ସ : ପୁର୍‌ପୁର୍ ସିଙ୍ ଲିଙାନ୍ କାନୁବାନ୍ ତିୟ୍‌ତେଜି ।

**ବନ୍ୟା : ଗଲିଙ୍ଡ଼ା**

ଓ : ବନ୍ୟା ଆସିଲେ ନଦୀ ତଳରେ ଥିବା ଗାଁ ଗୁଡ଼ିକ ଭାସିଯାଏ ।

ସ : ଗଲିଙ୍‌ଡ଼ାଲେନ୍‌ଡ଼େନ୍ ମାନେଙ୍‌ଜଲାନ୍ ଆଗର୍‌ଜାଙାନ୍‌ଜି ପାଙ୍‌ଡ଼ାତେ ।

**ବ୍ୟୟ : କର୍‌ସନ୍**

ଓ : ଆୟ କରାଯାଇଥିବା ଟଙ୍କାରୁ ବ୍ୟୟ କରାଗଲା ।

ସ : ତାନାର୍‌ତୁମାନ୍ ଆଡ଼େଲେନ୍ ଆତାଙ୍‌କାନ୍ ସାରିଙ୍ କର୍‌ସଲେ ।

**ବାଜିବା : ଗାତାର୍‌ରି**

ଓ : ହଠାତ୍ ପଥର ଆସିବାରୁ ମୁଣ୍ଡରେ ବାଜିଲା ।

ସ : ଆବୁବ୍‌ମୁଙ୍ ଆରେଙ୍ଡାନ୍ ଯେରାଇତେନ୍ ଆସାନ୍ ଆବବାନ୍ ଗାତାର୍‌ରି ।

**ବ୍ୟାପିବା : ଞ୍ୟାରାଇଜ୍‌ଲେ**

ଓ : ଜଣଙ୍କ ବାକ୍ୟ ପ୍ରଚାରରେ ସବୁ ଗ୍ରାମରେ ବ୍ୟାପିଗଲା ।

ସ : ବମାନ୍‌ରା ବେର୍‌ନା ଆନବ୍‌ଲିଙାନ୍ ବାତ୍‌ତେ କୁଡ଼ୁଡୁବ୍ ଗାର୍‌ଜାଡ଼ ଲିଙାନ୍ ଞ୍ୟାରାଇଜ୍‌ଲେ ।

**ବାଧିବା : ଆସୁଡ଼ାଲେ**

ଓ : ଟିକେ କଥାରେ ସେ ଲୋକକୁ ବାଧିଗଲା।

ସ : ଆସୁଇ ବେର୍‌ନା ଲିଙ୍ଗାନ୍‌କୁନ୍ ଆମାନ୍‌ରା ଆସୁଡ଼ାଲି।

**ବାଣିଜ୍ୟ : ବେବାରା (ଜ୍ଞ୍ୟାନି ଟାନେମ୍ ମାର)**

ଓ : କେତେକ ଲୋକ ବାଣିଜ୍ୟ କରି ଧନୀ ହୁଅନ୍ତି।

ସ : ଡାଜିଙ୍‌ତେ ମାନ୍‌ରାନ୍‌ଜି ବେବାରାନ୍ ଲୁମ୍‌ଲେ ଗାମାଙ୍‌ତେଜି।

**ବରଯାତ୍ରୀ : ସିଡ଼୍‌ରୁଙ୍ ମାରାନ୍**

ଓ : ବରଯାତ୍ରୀ ଆସିବା ସଙ୍ଗେସଙ୍ଗେ ନିମନ୍ତ୍ରୀତ ଲୋକ ଆନନ୍ଦ କରନ୍ତି।

ସ : ସିଡ଼୍‌ରୁଙ୍ ମାରାନ୍ ୟେର୍‌ରାଇଏନ୍ ଆଟାବ୍‌ଡ଼ଙ୍ ଆଙ୍‌ଗାନୁଡ଼ିଙ୍ ମାରାନ୍‌ଜି ଇଡ଼ିକା ଅଞ୍ଜ୍‌ତେନ୍‌ଜି।

**ବାଟିବା : ଆରିଡ଼୍‌ବା**

ଓ : ଲୁଣ, ମରିଚ ବାଟି ତରକାରିରେ ପକାନ୍ତି।

ସ : ବାସିଡ଼ାନ୍, ମାରିଡ଼୍‌ସାନ୍ ରିଡ଼୍‌ରିଡ଼୍‌ଲେ ଟାନଙ୍‌ଗାଲ୍ ଲିଙ୍ଗାନ୍ ପିଟତେଜି।

**ବାୟାଚଢେଇ : ରିଜେଙଂ ଡିଡ଼୍**

ଓ : ବାୟା ଚଢେଇର ବସାଘର ଯେତେ ଝଡ଼, ତୋଫାନ୍ ହେଲେ ମଧ୍ୟ ଗଛରୁ ଛିଣ୍ଡି ତଳେ ପଡ଼ି ଯାଏ ନାହିଁ।

ସ : ରିଜେଙ୍ ଡିନାନ୍ ଆସିଙ୍ଗାନ୍ ଡ଼ାଜିଙ୍ ରାଙ୍‌ଗେନ୍ ଗାନୁରାନ୍ ଡ଼େଲେ ଜାନାଙ୍‌ଡ଼େନ୍ ଆରା ଲିଙ୍ଗାନ୍ ସରିଙ୍ ଆଟାଡ଼ଲେ ଜାଇତାନ ଆଗ୍‌ଗାଲୁଏ।

**ବାମହାତ : କାନ୍‌ରାବ୍‌ବାଡ଼ିସି**

ଓ : କାମବେଳେ ବାମହାତ ଡ଼ାହାଣ ହାତକୁ ସାହାଯ୍ୟ କରେ।

ସ : ବାରାନ୍ ଆଡ଼ନାଡ଼୍ କାନ୍‌ରାବଡ଼ିସିନ୍ ଜାନ୍‌ରୁମ୍‌ସିନ୍ ଆଡ଼ଙ୍ ସାୟେମ୍‌ତେ।

**ବାଦୁଡ଼ି : କାନ୍‌ତୁର୍**

ଓ : ବାଦୁଡ଼ିମାନେ କେବଳ ଫଳ ଖାଆନ୍ତି।

ସ : କାନ୍‌ତୁରାନ୍‌ଜି ସାତ୍‌ତା ଗୁଉର୍ ଜଅନ୍ ଜୁମ୍‌ତେଜି।

**ବାର୍‌ସି : ଟାରେବ୍**

ଓ : ବାର୍‌ସିରେ କାଠ ଛାଞ୍ଚାଯାଏ।

ସ : ଟାରେବାନ୍ ବାତ୍‌ତେ ଆରାନ୍ ସାନାବ୍‌ସାବାନ୍ ଡ଼େତେ।

## ଭ

**ଭଅଁର : ଗାନାର୍**

ଓ : ଭଅଁରରେ କାଠ କଣାକର।

ସ : ଗାନାଃରାନ୍ ବାତ୍‌ତେ ଆରାନ୍ ପାଡ଼୍‌ତୁଡ଼ା।

**ଭଉଣୀ : ଆୟିଙ୍**

ଓ : ମୋର ଭଉଣୀର ବିବାହ ଆସନ୍ତା ସପ୍ତାହରେ ହେବ।

ସ : ଆୟିଞ୍ଜେନ୍ ଆବତାର ଲିଙ୍ଗାନ୍ ଆସିଡ୍ ରୁଙ୍ଗାନ୍‌ଡ଼େତେ, ଆୟେର୍‌ତାଇଏନ୍ (ଆପାଲ୍‌ଲି)।

**ଭଣ୍ଡାର : ଟାନାର୍‌ତୁମ୍ ଜାନ୍‌ରୁମ୍ (ଗୁଲୁମିସିଂ)**

ଓ : ଭଣ୍ଡାରରେ ଅନେକ ଧନରଖାଯାଏ।

ସ : ଟାନାର୍‌ତୁମ୍ ଜାନ୍‌ରୁମ୍ ସିଂ ଲିଙ୍ଗାନ୍ ଅଟେଙ୍ ବିତ୍‌ତିନ ଡ଼ାକୁଟେଜି।

**ଭଜା : ଆନ୍‌ସାନାର୍‌ଗାଇଜ୍**

ଓ : ଭଜା ତରକାରୀ ଖାଇଲେ ସ୍ୱାଦ ଲାଗେ।

ସ : ଆନ୍‌ସାନାର୍ ଗାଇଜ୍ ତଙ୍ଗାନ୍ ଜୁମ୍‌ଲାବେନ୍‌ଡ଼େନ୍ ମାନାଡ଼ାମ୍।

**ଭଣ୍ଡାରି : କୁଂକୁଂ ବାବ୍‌ମାର୍**

ଓ : ଭଣ୍ଡାରି ସମସ୍ତଙ୍କର ବାଳକାଟେ।

ସ : କୁଙ୍‌କୁଙ୍ ବବ୍ ମାରାନ୍ କୁଡ଼୍‌ଡୁବ୍ ମାନ୍‌ରାନ୍ ଆଉଉନ୍ କୁଙ୍‌ତେ।

**ଭାଉଜ : ବୁନ୍‌ନିଙ୍**

ଓ : ମୋ ଭାଉଜ ଘରେ ଅଛନ୍ତି।

ସ : ବୁନ୍‌ନିଞ୍ଜେନ୍ ସିଙ୍ଗାନ୍ ଡ଼ାକୁ।

**ଭାଙ୍ଗିବା : ଆଲ୍‌ଡୁବ୍‌ବା**

ଓ : ସାନ ସାନ କାଠ ହାତରେ ଭାଙ୍ଗିବା।

ସ : ସାନ୍‌ନା ସାନ୍‌ନା ଆଡ଼୍‌ଲାନ୍ ସିଇନ୍ ବାତ୍‌ତେ ଆଲ୍‌ଡୁବ୍‌ବା (ଆଲ୍‌ଡ଼େବ୍‌ବା)।

**ଭାଇ : ଉବ୍‌ବା**

ଓ : ମୋର ଭାଇ ସାନ ଅଛି।

ସ : ଉବ୍‌ବାଞ୍ଜେନ୍ ସାନ୍‌ନା ଡ଼ାକୁ।

**ଭାତ : ଡାରାଇଜ୍**

ଓ : ଆମ ଘରେ କେବଳ ରାତିରେ ଭାତ ଖାଉ।

ସ : ସିଡ଼୍ ଲିଡ଼୍ ଞ୍ଜେନ୍ ସାତ୍‌ତାନ୍ ତଗାଲାନ୍ ଡ଼ାରାଇଜାନ୍ ଆଗାତାଇ (ଆଜୁମ୍‌ତାଇ)।

**ଭାଜିବା : ଆଗାଇଜ୍ ଗାଇଜ୍‌ବା**

ଓ : ଚେରଚଣା ଭାଜି ଖାଇବା।

ସ : ଆତୁଲ୍ ବାଇୟାନ୍ ଗାଇଜ୍ ଗାଇଜ୍‌ଲେ ଆଜୁମ୍‌ବା।

**ଭାରୁଆ : ଟାନାମ୍‌ବେଡ଼୍‌ମାର୍**

ଓ : ସେହି ଲୋକ ଭାର ବହନ କରି ରାସ୍ତାରେ ଯାଉଛି।

ସ : କୁନ୍ ଆମାନ୍‌ରା ବିଡ଼ାରାନ୍ ଟାମ୍‌ବେଡ଼୍‌ଲେ ଟାଙ୍‌ରାନ୍ ଞାତେନ୍।

**ଭାବିବା : ଆଅଗାନ୍‌ଡିବା**

ଓ : ଭଲରେ ଭାବି ଚିନ୍ତାକରି କାମ କର।

ସ : ବାଙ୍‌ସାଲେ ଅଗାନ୍‌ଡ଼ିଆନ୍ ଆଗାନ୍‌ଡ଼ିଲେ ବାରାନ୍ ଲୁମ୍‌ବା।

**ଭାସିବା : ଆଙ୍‌ଡ଼ାତେନ୍ (ପାଂଣ୍ଡାଟିନ୍)**

ଓ : ବନ୍ଧ ପାଣିରେ ପତ୍ର ପଡ଼ିଲେ ଭାସି ରହେ।

ସ : ବାନ୍‌ଡ଼ା-ଡ଼ା-ଲିଙ୍ଗାନ୍ ଅଲାନ୍ ଗାଲୁ ଲେନ୍‌ଡ଼େନ୍ ଆଙ୍‌ଡ଼ାତିନ୍।

**ଭାଲୁ : ସାଲ୍‌ଲୁଓ୍ୟା**

ଓ : ଭାଲୁ ବଣରେ ରହେ।

ସ : ସାଲ୍‌ଲୁଓ୍ୟାନ୍ ତୁଲାବ୍ ଲିଙ୍ଗାନ୍ ଡ଼ାକୁତିନ୍।

**ଭିକମାଗିବା : ଆଗାର୍‌ଗାର୍‌ନାବା**

ଓ : ଅଳସୁଆ କାମ ନ କରି ଭିକ ମାଗେ।

ସ : ଆଡ଼ାସା ମାରାନ୍ ବାରାନ୍ ଏର୍ ଲୁମ୍‌ଲାବି ଗାର୍‌ଗାର୍‌ତେନ୍।

**ଭିଡ଼ିବା : ରାଡୁ ଆଜିବା**

ଓ : କାଠ ଆଣ୍ଟକରି ନ ଭିଡ଼ିଲେ ମୁଣ୍ଡରୁ ଖସିଯାଏ।

ସ : ଆଙ୍ଗାଲାନ୍ ରାଡୁ ଆଡ଼୍‌ଜିଲେନ୍‌ଡ଼େନ୍ ବଅବ୍ ଲିଙ୍ଗାନ୍ ସାରିଙ୍ଗ ଜାଲଏିତେ।

**ଭିଣୋଇ : ବାଉ**

ଓ : ମୋର ଭିଣୋଇ ଆସିବାର ଅଛି ।

ସ : ବାଉ-ଞ୍ଜେନ୍ ଆୟ୍‌ବେନ୍ ଡ଼ାକୁ ।

**ଭୀଷଣ : ଆକ୍‌କାରା**

ଓ : ଭୀଷଣ ଖରା ସକାଶେ ଗରମରେ ରହି ନ ପାରୁ।

ସ : ଆକ୍‌କାରାନ୍ ତାଗାନ୍ ଆସାନ୍ ତାନାଗେନ୍ ବାତ୍‌ତେ ରାପ୍‌ତି ଆଡ଼ଡ଼ାକୁନାବେ।

**ଭୁକିବା : ଆବାବ୍‌ବା**

ଓ : କୁକୁର ଭୁକିବାରୁ ପିଲାଟି ଫେରି ଆସିଲା।

ସ : କିନ୍‌ସଡ଼ାନ୍ ଆବାବ୍‌ଲେନ୍, ଆସାନ୍ ପାସିଜାନ୍ ଡ଼ାୟାର୍‌ରେ ୟେରାଇତିନ୍।

**ଭୁଟେଇବା : ଆଜଲ୍‌ଡାବା**

ଓ : ଜଣେ ଲୋକ ସମସ୍ତଙ୍କୁ ଭୁଟେଇ ଟଙ୍କା ନେଇଯାଉଛି।

ସ : ବ ମାନ୍‌ରା କୁଡୁବ୍ ମାନ୍‌ରାନ୍‌ଜି ଆଡଙ୍ ଜଲ୍‌ଡ଼ାଲେ ତାଙ୍‌କାନ୍ ପାଙ୍‌ଲେ ୟେରେତେନ୍।

**ବୁଲାଇବା : ଆବେନ୍‌ଡୁଙ୍ଗବା**

ଓ : ଆମ ପିଲାମାନଙ୍କୁ ରଥ ଯାତ୍ରା ବେଳେ ନେଇ ବୁଲାଇ ଦେଖାଇବା।

ସ : ପାସିଜ୍‌ଲେନ୍‌ଜି ଆଡ଼ଙ୍ ଡ଼ିଙ୍‌ରାଡ଼୍‌ବାନ୍ ଇୟଲେ ଆବେନ୍ ଡୁଙ୍‌ନାଇଜି।

**ଭୁଷିଦେବା : ପଲେ ଆସିଡ଼୍‌ବା**

ଓ : ତାକୁ ଭୁଷି ଦେବା ସତ ମାତ୍ର ଜେଲ୍ କିଏ ଯିବ।

ସ : ଆନିନ୍ ଆଡ଼ଙ୍ ପଲେ ଆସେଡ଼୍‌ବା ଜାଡ଼ି ବିନ୍‌ଡ଼ କାରଐଡ଼ ସିଙ୍ଗାନ୍ ବୁତେନ୍ ୟେର୍‌ତେ।

**ଭୁଷୁଡ଼ିବା : ରିଡ଼ାଙ୍‌ଲେ**

ଓ : ବର୍ଷାରେ କାନ୍ଥଟି ଭୂଷୁଡ଼ି ପଡ଼ିଲା।

ସ : ଗାନୁରାନ୍ ଆସାନ୍‌କିଃନ୍‌ତାଲାନ୍ ରିଡ଼ାଙ୍‌ଲେ।

**ଭେଟିବା : ଆରାବାଡ଼ଂବା**

ଓ : ଆଜି ଜଣକୁ ଭେଟିବାକୁ ପଡ଼ିବ।

ସ : ନାମି ବ ମାନ୍‌ରା ଆରାବାଙ୍‌ବେନ୍ ଡ଼ାକୁ।

## ମ

**ମଉଳିବା : ବାଲ୍‌ଡ଼େଡ଼୍‌ଲେ**

ଓ : ଖରାରେ ଫୁଲଟି ମଉଳି ଗଲା।

ସ : ଡ଼ାଗାନ୍ ବାତ୍‌ତେନ୍ ତାର୍‌ବାନ୍ ବାଲ୍‌ଡ଼େଡ଼ଲେ।

**ମକଚିବା : ଆର୍‌କାଡ଼େଡ଼୍‌ଲେ (ପାଡ଼୍‌ସାତାର୍‌ରେ)**

ଓ : ମୋର ଗୋଡ଼ ମକ୍‌ଚି ଗଲା।

ସ : ଜେଙ୍‌ଞେନ୍ ଆର୍‌କାଡ଼େଡ଼ଲେ (ପାଡ଼୍‌ସାତାର୍‌ରେ)।

**ମଞ୍ଚା : ଜିରାଙ**

ଓ : ରାତିରେ ଜଗିବା ପାଇଁ ଡ଼ଙ୍ଗରରେ ମଞ୍ଚାକରନ୍ତି।

ସ : ତଗାଲ୍ ଲିଙ୍ଗାନ୍ ଆତୁର୍‌ତୁର୍‌ବେନ୍ ଆସାନ ବାରୁ ଲିଙ୍ଗାନ୍‌ଜିରାଙ୍ଗାନ୍ ସାବଜାତେଜି (ଡୁମ୍‌ତାତେଜି)।

**ମଞ୍ଜା : ଆଗାରେ/ଗ୍ରେ**

ଓ : କଦଳୀର ମଞ୍ଜା ତରକାରୀ ରନ୍ଧାଯାଏ।

ସ : କିଃନ୍‌ତେନ୍ ଆଗାରେନ୍ ତାନଙ୍‌ଗାଲାନ୍ ଡ଼ାନିଞ୍ଜ୍‌ଡ଼ିଞ୍ଜାନ୍ ଡ଼େତେ।

**ମଜିବା : ମାଗାଡ଼୍‌ଲେ**

ଓ : ଗପ ଶୁଣୁ ଶୁଣୁ ପିଲାଟି ମଜିଗଲା।

ସ : କାତା ବେରାନ୍ ଆମ୍‌ଡ଼ାଙ୍ଗାତା ଆମ୍‌ଡ଼ାଙ୍ଗାତା ପାସିଜାନ୍ ମାଗାଡ଼୍‌ଲେ।

**ମୁଠା : କୁନ୍‌ଡୁବ୍**

ଓ : ମୁଁ ହାତ ମୁଠା କରେ।

ସ : ଞେନ୍ କୁନ୍‌ଡୁବ୍ ସି ତେନାଇ।

**ମୁଣ୍ଡାଇବା : ଆତିଂବା**

ଓ : ମୋ ସ୍ତ୍ରୀ ଧାନ ମୁଣ୍ଡେଇ ଯାଉଛି।

ସ : ଡୁକ୍‌ରିଞ୍ଜେନ୍ ସାରନ୍ ତିଙଲେ ୟେର୍‌ତେ।

**ମୁତ୍ର : ଆଞ୍ଜୁଁମ୍**

ଓ : ଗାଈର ମୁତ୍ରରେ ଔଷଧୀୟ ଗୁଣଅଛି।

ସ : ଆୟାଙ୍‌ତାଙ୍‌ନ୍ ଆଞ୍ଜୁ୍ୟମାନ୍ ରେଗାମାନ୍ ଡ଼େତେ।

**ମୁଜିବା : କିବ୍‌ମାଡ଼୍ (ପିଡମାଡ଼୍)**

ଓ : ଆଖି ମୁଜି ଚଲ ନାହିଁ।

ସ : ଆକିବ୍‌ମାଡ଼୍ ଆଞ୍ଜ୍ୟାଁଡ଼ଙ୍‌ନେ।

**ମୁଦୀ : ଏଙ୍‌ସି/ଏଁସି**

ଓ : ସୁନା ମୁଦୀ ପିନ୍ଧିବାକୁ ଭଲ।

ସ : ରାନା ଏଡ଼୍‌ସିନ୍ ଆତଲ୍‌ବେନ୍ ବାଙ୍‌ସା।

**ମୂଳଧନ : ଆବବ୍ ବିତ୍‌ତି**

ଓ : ପ୍ରଥମେ ମୂଳ ଧନ ରଖିବା ଦରକାର।

ସ : ଆବ୍‌ମାଙ୍ ଆବବ୍ ବିତ୍‌ତିନ୍ ଆଡ଼ାକ୍‌କୁବେନ୍ ସାନାଇଜ୍‌ସାଇଜ୍ ଡ଼େତି।

**ମୁଲାଇବା : ଆଜାତ୍‌ତିବା**

ଓ : ପରିବା ଗୁଡ଼ିକ ମୁଲାଇବା

ସ : ତାନଙ୍‌ଗାଲ ଜାନାବାନ୍ ଆଜାତ୍‌ତିବା।

**ମେଘ : ତାରୁବ୍**

ଓ : ମେଘରୁ ବର୍ଷାହୁଏ।

ସ : ତାରୁବାନ୍ ସାରିଙ୍ ଗାନୁର୍‌ତି।

**ମୁଡ଼ିବା : ଆପଡ଼୍‌ଡ଼େଡ଼୍‌ବା**

ଓ : କୁକୁଡ଼ା ଶଖିଂ ମୁଡ଼ିବା।

ସ : କାନ୍‌ସିମାନ୍ ଆପଡ଼୍‌ଡ଼େଡ଼୍ ସାଙ୍‌କାବା।

## ର

**ରକ୍ତ : ମିଞ୍ଜ୍ୟାଁମ୍**

ଓ : ସମସ୍ତଙ୍କ ଦେହରେ ରକ୍ତ ଅଛି।

ସ : କୁଡ଼ଡୁବ୍ ମାନରାନ୍‌ଜି ଆଡ଼ଙ୍ ଲିଙ୍ ମିଞ୍ଜ୍ୟାମାନ୍ ଡ଼ାକୁ।

**ରଖିବା : ଆଡ଼ାକ୍‌କୁବା**

ଓ : ଟଙ୍କା ପେଡ଼ିରେ ରଖିବା।

ସ : ତାଙ୍‌କାନ୍ ପିଲା ଲିଙାନ୍ ଡ଼ାକ୍‌କୁବା।

**ରଣା : ଗାର୍‌ପାଲ୍**

ଓ : ରଣା ବିଲ ହିଡ଼ କଣାକରି ରହେ।

ସ : ଗାର୍‌ପାଲାନ୍ ସାରବାନ୍ ଆଇଡ଼ିନ୍ ଗାର୍‌ରେ (ଆପ୍‌ପୁତ୍‌ତାରରେ) ଡ଼ାକୁତିନ୍।

**ରଡ଼ିବା : ଗୁଗୁଡ଼ିଂ (ଗୁତେ)**

ଓ : ବେଙ୍ଗ ରଡ଼ି କରୁଛି।

ସ : କାନ୍‌ଡୁଡ଼ାନ୍ ଗୁତେ।

**ରପ୍ତାନୀ : ଆନାପ୍‌ପାୟାନ୍**

ଓ : ପାଣି ଜାହାଜରେ ଜିନିଷ ପତ୍ର ରପ୍ତାନୀ କରାଯାଏ।

ସ : ଏଙ୍‌ଡ଼ା (ଏଙ୍‌ଗାଡ଼୍) ସିଂ ଲିଙାନ୍ ଜାନାବାନ୍‌ଜି ଆନାପ୍‌ପାଇୟାନ୍ ଡ଼େତି।

**ମତେଇବା : ଗାଡ଼୍‌ଲାମ୍‌ତବେ**

ଓ : ପିଲାଟି କିଛି ବୁଝୁନାହିଁ ମତେଇବାକୁ ପଡ଼ିବ।

ସ : ପାସିଜାନ୍ ଇତେଜା ଆଗ୍‌ଗାଲାମେ, ଆଗାଡ଼୍‌ଲାମ୍‌ବେନ୍ ଡ଼େତେ।

**ମଜୁରୀ : ବାଡ଼ିନ୍**

ଓ : ଦିନକୁ ମଜୁରୀ ଶହେଟଙ୍କା ମିଳେ।

ସ : ବଡ଼ିନ୍‌ନାନ୍ ବ ସୁଓ୍ୟା ଟାଙ୍‌କା ଞାଁତାଇ।

**ମନ୍ଥିବା : ଆଗାଡ଼୍‌ୟାମବା (ଆଗିସିଡ଼୍‌ବା)**

ଓ : ଆଖିରେ ଧୂଳି ପଶିଲେ ମନ୍ଥିବା ଉଚିତ୍ ନୁହେଁ।

ସ : ମଅଡ଼୍ ଲିଙାନ୍ ଲାକିଜାନ୍ ଗାନେତେନ୍‌ଡ଼େନ୍ ଆଗିସିଃଡ଼୍‌ବେନ୍ ତେଡ଼୍।

**ମଦ : ଆଲି (ଡିଞ୍ଜବାସାଲ୍)**

ଓ : ମହୁଲରେ ମଦ ରନ୍ଧାଯାଏ।

ସ : ଆବାନ୍ ବାତ୍‌ତେନ୍ ଆଲିନ୍ ଡ଼ଞ୍ଜ୍‌ତେଜି।

**ମନ୍ଦ : ଏର୍‌ବାଙ୍‌ସା**

ଓ : ମନ୍ଦ କାମ କର ନାହିଁ।

ସ : ଏର୍ ବାଙ୍‌ସା ବାରାନ୍ ଆଲୁମ୍‌ଡ଼ଙ୍।

**ମଧ୍ୟରେ : ତାରାଂଡ଼ି**

ଓ : ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ରହିଲା।

ସ : ବାଗୁନ୍‌ଜି ଆତାରାଂଡ଼ି କୁଲାମାନ୍ ଡ଼େଲେ।

**ମରିବା : କାଞ୍ଚିଡ଼୍ଲେ**

ଓ : ବୁଢ଼ା ଲୋକଟି ମରିଗଲା ।

ସ : ଆବ ତାଲାଇବା ମାରାନ୍ କାଞ୍ଚିଡ଼୍ଲି ।

**ମଶା : ସାମାଇଜ୍**

ଓ : ମଶା କାମୁଡ଼ିଲେ ମେଲେରିଆ ଜ୍ୱର ହୁଏ ।

ସ : ସାମାଇଜାନ୍ ରାମାଇତେନ୍‌ଡ଼େନ୍ ଙ୍ଗ୍ୟାଂବା ଆସୁନ୍ ଡ଼େଲାଙ୍‌ତିନ୍ ।

**ମହୁ : ଆଡ଼ାଙ୍**

ଓ : ମହୁ ଚାଷ କଲେ ବହୁତ ପଇସା ମିଳେ ।

ସ : ଆଡ଼ାଙ୍ଗାନ୍ ଲୁଲାବେନ୍‌ଡ଼େନ୍ ଆତେଙ୍ ଲେବୁନ୍ ଙ୍ଗ୍ୟାଙ୍‌ତାବେ ।

**ମାଗିବା : ଆଗାର୍‌ବା**

ଓ : ସାହୁକାରକୁ ଟଙ୍କା ମାଗିବା ।

ସ : ସାଉ ମାରାନ୍ ଆଡ଼ଙ୍ ତାଙ୍‌କାନ୍ ଆଗାର୍‌ବା ।

**ମାଛ : ଆୟ୍ଃ**

ଓ : ମାଛ ପାଣିରେ ରହେ ।

ସ : ଆୟ୍ଃନ୍ ଡ଼ାଆ ଲିଙ୍ଗାନ୍ ଡ଼ାକୁତେନ୍ ।

**ମାଛି : ଆରଐ/ଆୟ୍ଃର୍)**

ଓ : ମାଛି ବସିବା ଖାଦ୍ୟ ଖାଇବ ନାହିଁ ।

ସ : ଏରଐୟାନ୍ ଆତୁଇତେନ୍ ଆଜାନୁମ୍‌ଜୁମ ଆଜୁମ୍‌ଡ଼ଙ୍ ।

**ମାଜିବା : ଆଗଡ଼୍‌ଗଡ଼୍‌ବା**

ଓ : ଥାଳିଗିନା ମାଜିବା ଦରକାର ।

ସ : ତାଲ୍‌ଲିନ୍ ପିନ୍‌ଆମାନ୍‌ଡ଼ିନ୍‌ଜି ଆଗଡ଼୍‌ଗଡ଼୍‌ବେନ୍ ଡ଼େତେ (ସୋନାଇଜ୍‌ସାଇଜ୍) ।

**ମାଟିଘର : ଲାବସିଙ୍**

ଓ : ମାଟିଘରେ ରହିଲେ ଥଣ୍ଡା ଲାଗେ ।

ସ : ଲାବ ସିଙ୍‌ଲିଙ୍ଗାନ୍ ବାସୁଲାବେନ୍‌ଡ଼େନ୍ ସାୟୁ ଡ଼ାକୁତେ ।

**ମାଣ୍ଡିଆ : ସିତ୍‌ରି (ସିତ୍ରି)**

ଓ : ମାଣ୍ଡିଆ ଜାଉ ଖାଇଲେ ଦେହ ସୁସ୍ଥ ରହେ ।

ସ : ସସିତ୍‌ରି କୁଡୁ ଗାଲାବେନ୍ ଡ଼େନ୍ ଡ଼ଅଙ୍ଗାନ୍ ସାମାଙ୍ ଡ଼ାକୁତେ ।

**ମା : ୟାଙ୍**

ଓ : ମା ମୋତେ ଖାଇବାକୁ ଦିଏ ।

ସ : ୟାଙ୍ଗାନ୍ ଗାଗାନାନ୍ ଗୁତିଞ୍ଜ ।

**ମାତିବା : ତାଡ଼ାଇମାର୍**

ଓ : ଲୋକଟି ମାତିଗଲା ।

ସ : ମାନ୍‌ରାନ୍ ତାଡ଼ାଇଲେ ।

**ମାନହାନୀ : ଗାନାବ୍‌ରଐମାଡ଼୍**

ଓ : ଝିଅଟିର ମାନହାନୀ କଲେ ।

ସ : ଇନ୍‌ସାଲ ସିଜାନ୍ ଆଡ଼ଙ ଗାବ୍‌ରଐ ମାଡ଼୍‌ଲେଜି ।

**ମାନିବା : ଅଡ଼େବା**

ଓ : ତୁମ କଥା ମୁଁ ମାନିଗଲି ।

ସ : ବେର୍‌ନା ନାମ୍ ଞେନ୍ ଅଡ଼େଲାଇ ।

**ମାମୁଁ : ମାମାଂ**

ଓ : ମୁଁ ମାମୁଁ ଘରକୁ ଯାଉଛି ।

ସ : ମାମାଙ୍ ସିଙ୍ ଞେନ୍ ଇୟତେ ।

**ମାରିବା : ଆତୁଆବ୍‌ବା (ଆତିଡ୍‌ବା)**

ଓ : ଆଜି ଆମେ କୁକୁଡ଼ା ମାରିବା ।

ସ : ନାମି ଆନ୍‌ଲେନ୍ କାନ୍‌ସିମାନ୍ ଆତୁଆବ୍‌ବା ।

**ମାଳ : ଜୁଲ୍‌ଜୁଲ୍ ତାର୍/ ଟାନ୍‌ରଲ୍**

ଓ : ମାଳଟି ତିଆରିକର ।

ସ : ଜୁଲ୍‌ଜୁଲ୍ ତାର୍ ନାବା ।

**ମାଳି : ତାଙ୍‌ଗାମ୍**

ଓ : ଝିଅ ମାନେ ମାଳି ପିନ୍ଧନ୍ତି ।

ସ : ଇନ୍‌ସାଲ ସିଜାନ୍‌ଜି ତାଙ୍‌ଗାମାନ୍ ତଲ୍‌ତେଜି ।

**ମାଂସ : ଜେଲୁ**

ଓ : ମୁଁ ମାଂସ ଖାଏ ।

ସ : ଞେନ୍ ଜେଲୁନ୍ ଜୁମ୍‌ତାଇ ।

**ମାସ : ଆଙ୍‌ଗାଇ**

ଓ : ଆସନ୍ତା ମାସରେ ମୋର ଭାଇ ଆସିବ ।

ସ : ଆୟେରତାଇଏନ୍ ଆଙ୍‌ଗାଇ ଲିଙାନ୍  ଉବ୍‌ବାଞେନ୍ ୟେର୍‌ତାଇ ।

**ମୃଗ : ଆଲିବ୍**

ଓ : ମୃଗ ନଈ ପାଣି ପିଉଛି ।

ସ : ଆଲିବାନ୍ ଜଡ଼ାନ୍ ଆଡ଼ାଆଗାତେ ।

**ମିଳାଇବା : ଆବ୍‌ମାଇନାବା**

ଓ : ଶତ୍ରୁ ଓ ମିତ୍ର ସଙ୍ଗରେ ମିଳାଇବା ।

ସ : ଆସାଙ୍‌ଗେମ୍ ମାରାନ୍ ଡ଼ତାନିମ୍‌ୟିମ୍ ମାରାନ୍ ଆମ୍‌ପାରା ଆବ୍‌ମାଇନାବା ।

**ମିଠା : ରାଗାଲ୍**

ଓ : ଜିଲାପି ମିଠା ଲାଗେ ।

ସ : ଜିଲାପିନ୍ ରାଗାଲଡ଼ାମ୍ ।

**ମୁକ୍ତ : ଟାନାନ୍‌ଡ଼ି/ଆନୁର୍**

ଓ : ଜଣେ ଦୋଷିକୁ ମୁକ୍ତ କରିବାକୁ ହେବ ।

ସ : ବଡୁସା ମାରାନ୍‌ଆଡ଼ଙ୍ ଆଟାନ୍‌ଡେବେନ୍ ଡ଼େଟେ ।

**ମୁଖ : ମୁକ୍‌କାନ୍**

ଓ : ସମସ୍ତଙ୍କର ମୁଖଥାଏ ।

ସ : କୁଡ଼୍‌ଡୁବ୍ ମାନରାନ୍‌ଜି ଆମୁକ୍‌କାନ୍ ଡ଼ାକୁ ।

**ମୁଗୁନି : ୟାଗାରେଙ୍/ୟାଗା-ଆରେଂ**

ଓ : ମୁଗୁନି ପଥରରେ ଛୁରି ଦାଢ କରାଯାଏ ।

ସ : ୟାଗା ଆରେଂଲିଂଙାନ କୁଣ୍ଡିନ୍ ଡାବି ।

**କିଏ : ବୁଟେନ୍**

ଓ : ପିଲାଏ କିଏ କିଏ ଭାତ ଖାଇଲେ ?

ସ : ପାସିଜାନ୍‌ଜି ବୁଟେନ୍ ବୁଟେନ୍ କୁଡୁନ୍ ଗାଲେଜି ?

**ଭାରୀ : ଲାଗିନ୍**

ଓ : ଲୁହା ଭାରୀ ଜିନିଷ ଅଟେ ।

ସ : ଲୁଆଙାନ୍ ଲାଗିନ୍‌ଡ଼ାମ୍ ଡ଼ାକୁ ।

**ହାଲୁକା : ଲିୟାର**

ଓ : କପା ହାଲୁକା ଥାଏ ।

ସ : ଆଡ଼ିନ୍ ଲିୟାର ଡ଼ାକୁ ।

**ପାତ୍ର : ସ୍ଲେଙ୍ଗ**

ଓ : ମାଟିପାତ୍ରରେ ପାଣି ଆଣ ।

ସ : ଲାବସେଙ୍‌ଲିଙ୍ ଡ଼ାଆନ୍ ପାଙାଇବା ।

**ନେଇଯା : ପାଙାଂ**

ଓ : ପକେଟରେ ପଇସା ଅଛି କାଢ଼ି ନେଇଯା ।

ସ : ମୁନାଲିଙାନ୍ ଲେବୁନ୍ ଡ଼ାକୁ ଟାବ୍‌ଲେ ପାଙା ।

**ପାଣି : ଡ଼ାଆ**

ଓ : ପ୍ରତ୍ୟେକ ଦିନ ପାଣି ପିଇବା ଭଲ।

ସ : ସାବିଞ୍ଜ୍ ଡିନ୍ନା ଡ଼ାଆ ଆଗାବେନ୍ ବାଂସା।

**ମାପିବା : ଟାରେଡ୍**

ଓ : କାନ୍ଦୁଲ ମାପିକି ଦେବାଦରକାର।

ସ : ରଗନ୍ ତେରେଡ଼ଲେ ଆପାଙ୍‌ବିନ୍ ଡ଼େତି।

**ମାସ : ଆଙ୍ଗାଇଜ**

ଓ : ବର୍ଷକୁ ବାରମାସ।

ସ : ବମିଞ୍ଜୁମ୍ ଲିଙ୍ଗାନ୍ ମିଗ୍‌ଗାଲ୍ ଆଂଗାଇଜ୍।

**ସାଜସଜ୍ଜା : ତେଙ୍‌ରା**

ଓ : ସାର୍ଟପେଣ୍ଟ ସାଜସଜ୍ଜା କରି ରଖ।

ସ : ରୋତୁଡ଼୍‌କାବ୍‌ସେଡ଼ି ତେଙ୍‌ରାଲେ ଡ଼ାକ୍‌କୁବା।

**ନାମ:ଆଞ୍ଜିମ୍**

ଓ : ତୁମର ନାମ କଣ ?

ସ : ଆଞ୍ଜିମ୍‌ନାମ୍ ଇତିନ୍ ?

**ରବି(ସୂର୍ଯ୍ୟ) : ଉୟୁଂ**

ଓ : ସକାଳ ହେଲେ ସୂର୍ଯ୍ୟ ଉପରକୁ ଆସୁଛି।

ସ : ଟାଗାଲ୍‌ଡ଼ା ଲେନ୍‌ଡ଼େନ୍ ଉୟୁଙ୍ଗାନ୍ ଲାଂକାନ୍ ଡ଼ିତିନ୍।

ଓ : ସକାଳ ହେଲେ ରବି ଉଦୟ ହୁଏ।

ସ : ଟାଗାଲ୍‌ଡ଼ାନ୍ ଡ଼େଲେନ୍‌ଡ଼େନ୍ ଉୟୁଙ୍ଗାନ୍ ତୁଙ୍ ତେନାଇ।

**ରହିବା : ଆଡ଼ାକୁ ନାବା**

ଓ : ଆମ୍ଭେମାନେ ଏଠାରେ ରହିବା ଭଲ।

ସ : ଆନ୍‌ଲେନ୍‌ଜି ତିଡ଼୍‌ନେ ଆଡ଼ାକୁନାବେନ୍ ବାଙ୍‌ସା।

**ରସଗୋଲା : ରାଗାଲ୍‌ପୁନ୍**

ଓ : ରସଗୋଲା ପେଟକୁ ଥଣ୍ଡା କରେ।

ସ : ରାଗାଲ୍‌ପୁନ୍ କାମ୍ ପୁଙ୍ଗାନ୍ ସାବ୍‌ୟୁତେ।

**ରସି : ଲୁଆଡ଼୍**

ଓ : ରସିଦ୍ୱାରା ଘର ଛାତ ପବନରୁ ରକ୍ଷାପାଏ।

ସ : ଲୁଆଡ଼ାନ୍ ଆସାନାୟେମାନ୍ ଆସାନ୍ ବାଲିଙ୍ଗାନ୍ ରାଙ୍‌ଗେନ୍ ସରିଙ୍ ରାନାବ୍‌ରାବାନ୍ ଡ଼େତି।

**ରସୁଣ : ତାଆର୍ ଆନାସୁଡ଼ା**

ଓ : ରସୁଣ ତରକାରୀରେ ପକାଯାଏ।

ସ : ତାଆର୍ ଆନାସୁଡ଼ାନ୍ ତାନ୍‌ଂଗାଲ୍ ଲିଙାନ୍ ପାନିଡ଼୍‌ପିଡ଼ାନ୍ ଡ଼େତେ (ରସୁନ୍ନ)।

**ରୋଷିବା ରାଗିବା : ବାନ୍‌ରାବ୍**

ଓ : ମଦୁଆ ସବୁବେଳେ ରାଗିଯାଏ।

ସ : ତାନାଡ଼ାଇ ମାରାନ୍ କୁଡ଼୍‌ତୁବ୍ ଆୟାମ୍ ବାରାବ୍‌ତି।

**ରାଜମିସ୍ତ୍ରୀ : ସୁଡ଼ା ଗାନାଲାମ୍ ବାଡ଼୍‌ସିଙ୍‌ମାର୍**

ଓ : ରଜମିସ୍ତ୍ରୀ ନହେଲେ ଘର ତିଆରି ସୁନ୍ଦର ହୁଏ ନାହିଁ।

ସ : ସୁଡ଼ା ଗାନାଲାମ୍ ବାଡ଼୍‌ସିଙ୍‌ମାର୍ ତେଡ଼୍‌ଡ଼େନ୍ ସିଙାନ୍ ଆସାନାବ୍‌ଜାନ୍ ଲାଂଗା ଆଡ଼୍‌ଡ଼େଏ।

**ରାଜପୁତ୍ର : ରାଜାଅନ୍**

ଓ : ରାଜା ମରିଗଲେ ରାଜପୁତ୍ର ଦେଶ ଶାସନ କରୁଥିଲେ।

ସ : ରାଜାନ୍ କାଞ୍ଚିଡ଼୍‌ଲେନ୍‌ଡ଼େନ୍ ରାଜାନ୍ ଆଅନ୍ ଡ଼ିସାନ୍ ଆବ୍‌ଞ୍ଜ୍ୟାନାଏତେନ୍।

**ଋଣଖାତା : ରିଡ଼ାଅଲ୍**

ଓ : ଯେ ଋଣ ନିଏ ତାହାଙ୍କ ନାମ ଋଣ ଖାତାରେ ଲେଖାଯାଏ।

ସ : ବୁତେନ୍‌ତେ ରିଡ଼ାନ୍ ପାଙ୍‌ତେ ରିଡ଼ା ଅଲ ଲିଙାନ୍ ଆଞ୍ଜିମାନ୍ ଆନିଡ଼୍‌ଲାନ୍ ଡ଼େତି ।

**ଋଣଦାତା : ସାଉମାର୍**

ଓ : ଋଣଦାତା ଟଙ୍କା ମାଗିଥିବା ଲୋକଙ୍କୁ ଋଣ ଦିଏ।

ସ : ସାଉ ମାରାନ୍ ଆଗାର୍‌ତେନ୍ ଆମାନ୍‌ରାନ୍ ଆଡ଼ଙ୍ ରିଡ଼ାନ୍ ତିୟତେ।

**ରୁଣ୍ଡହେବା : ରୁକ୍‌କୁଟିନ୍‌ବି**

ଓ : ଯେଉଁଠି ଆନନ୍ଦଥାଏ ସେଠାରେ ସମସ୍ତେ ରୁଣ୍ଡ ହୁଅନ୍ତି।

ସ : ଓ୍ୟାନ୍‌ତେ ମାନ ଅଇଞ୍ଜ୍ୟାନ୍‌ଡ଼ାକୁ ତେତ୍‌ତେନ୍ ରୁକ୍‌କୁତେନ୍‌ଜି।

**ରାନ୍ଧିବା : ଆଡିଞ୍ଜ୍‌ବା**

ଓ : ଭାତ ରାନ୍ଧିବା।

ସ : ଡାରାଇଜାନ୍ ଆଡିଞ୍ଜ୍‌ବା।

**ରାମ୍ପୁଡ଼ିବା : ଆଗିଡ଼୍‌ବା**

ଓ : ଯେଉଁଠି କୁଣ୍ଡିଆ ହୁଏ ସେଠାରେ ରାମ୍ପୁଡ଼ିବା।

ସ : ଓ୍ୟାନ୍‌ତେ ଗାତାତେ ତେତ୍‌ତେନ୍ ଆଗିଡ଼୍‌ବା।

**ରାବିବା : ଆଗୁବା**

ଓ : ସକାଳ ହେଲେ କାଉ ରାବଇ।

ସ : ତାଗାଲ୍‌ଡ଼ାନ୍ ଡ଼େଲେନ୍‌ଡ଼େନ୍ କାକାନ୍‌ଗୁତେ।

**ରାଶି : ଜାତି**

ଓ : ରାଶିରୁ ତେଲ ବାହାର ହୁଏ।

ସ : ଜାତିନ୍ ସାରିଙ୍ ମିଞ୍ଜଲାନ୍ ଡଙ୍ତେନାଇ।

**ରୋଗ : ରୁଗାମାନ୍ (ବିସିମ୍)**

ଓ : ଲୋକଟିକୁ ରୋଗ ହେଲେ ଔଷଧ ଖାଇବା ଜରୁରୀ।

ସ : ମାନ୍ରାନ୍ ରୋଗାମାନ୍ ଡ଼େଲେନ୍ଡ଼େନ୍ ଉମେଙ୍ ରେଗାମାନ୍ ଆଜୁମ୍ବେନ୍ ଡ଼େତେ।

**ରୋଷେଇ ଘର : ଡାରିଞ୍ଜ୍ ଡ଼ିଞ୍ଜ୍ନା ସିଂ**

ଓ : ରୋଷେଇ ଘରେ ରନ୍ଧାଖାଦ୍ୟ ସାଇତି ରଖ।

ସ : ଡାରିଞ୍ଜ ଡିଞ୍ଜନା ସିଙ୍ ଲିଙାନ୍ ଗାନାଗା ଜାନୁମ୍ଜୁମାନ୍ଜି ବାଡ଼୍ସାଲେ ଡ଼ାକ୍କୁବା।

## ଲ

**ଲଙ୍ଗଳ : ଇଙ୍ସା**

ଓ : ଲୋକମାନେ ଲଙ୍ଗଳରେ ଚାଷ କରନ୍ତି।

ସ : ମାନ୍ରାନ୍ଜି ଇଙ୍ସାନ୍ ବାତ୍ତେ ଅର୍ରତେନ୍ନ୍ଜି।

**ଲତା : ରୁଙ୍କୁଡ଼ି**

ଓ : ଲତା ଭିତରେ ଛେଳିଟି ରହିଗଲା।

ସ : ରୁଙ୍କୁଡ଼ି ଲିଙାନ୍ କିମ୍ମେଙ୍ନ୍ ଗେଗେଲି।

**ଲଦିବା : ଆତିକିଃଡ଼୍ବା**

ଓ : ବଡ଼ ଡ଼ଲା ଧାନ ଉପରେ, ସାନ ଡ଼ଲା ଧାନ ଲଦିବ।

ସ : ସୁଡ଼ ତୁଡ୍ଡୁଡ଼ ଜିର୍ ଲିଙ୍ାନ୍ ଆଲାଙ୍କା ସାନ୍ନା ତୁଡ୍ଡୁଡ଼ ଜିରାନ୍ ଆତିକିଃଡ଼ବା।

**ଲମ୍ବା ଦଉଡ଼ି : ଜାଲେ ଲୁଆଡ଼ାନ୍**

ଓ : କୂଅଁରୁ ପାଣି କାଢ଼ିବାକୁ ଥିଲେ ଲମ୍ବ ଦଉଡ଼ି ଆବଶ୍ୟକ ହେବ।

ସ : ଗାଇୟଲୁଙ୍ ଡ଼ାନ୍ ସାରିଙ୍ ଡ଼ାଆନ୍ ଆଗେନ୍ବେନ୍ ଡ଼େଲେନ୍ଡ଼େନ ଜାଲେ ଲୁଆଡ଼ାନ୍ ସାନାଇଜ୍ସାଇଜ୍ ଡ଼େତେ।

**ଲାଞ୍ଜ : ଟାନାନ୍ଲା**

ଓ : କୁକୁରର ଲାଞ୍ଜ କେବେହେଁ ସିଧା ହୁଏ ନାହିଁ।

ସ : କିଃନ୍ସଡ଼ାନ୍ ଆଟାନାନ୍ଲା ଆଡ଼ାଜା ଆଡ଼୍ସାରୁଏ (ଆବ୍ବାଙଏ୍)।

**ଲାଳ : ଆଲେ/ଅଲେ**

ଓ : କୁକୁରର ଲାଳ ଟୋପାଟୋପା ହୋଇ ପଡ଼େ।

ସ : କିଃନ୍ସଡ଼ାନ୍ ଆଅଲେ ଟାଂବ ଜାନାଟାଡ଼୍ଗାଲୁତେ।

**ଲିପିବା : ଆଜଡ଼ାବା**

ଓ : ଘର ଗୋବରରେ ଲିପିବା।

ସ : ସିଙାନ୍ ଆସଙ୍ ତାଙାନ୍ ବାତ୍ତିନ୍ ଆଜଡ଼ାବା।

**ଲିଭିଲା : ପାଞ୍ଜିଡ଼୍ଲେ**

ଓ : ପବନରେ ଦୀପଟି ଲିଭିଗଲା।

ସ : ରାଙ୍ଗେନ୍ ବାତ୍ତି ଡ଼ିସ୍ବାନ୍ (ଲିପ୍ପାନ୍)ପାଞ୍ଜିଡ଼୍ଲେ।

**ଲୁଚିବା : ଆସନାବା**

ଓ : ପିଲା ମାନଙ୍କଠାରେ ଲୁଚିବା ଖେଳ ଅଛି।

ସ : ପାସିଜାନ୍ଜି ଆମାଙ୍ ସନା ଆନ୍ଡ଼ିଡ଼୍ନାନ୍ ଡ଼ାକୁ।

**ଲୁଣ୍ଠିବା : ଆଜୁମ୍ବୁର୍ବା**

ଓ : ଚୋର ସବୁବେଳେ ଲୁଣ୍ଠନ କରି ନେଇଯାଏ।

ସ : ଜୁମ୍ବୁର ମାରାନ୍ କୁଡ୍ଡୁବ୍ ଆୟାମ୍ ଜୁମ୍ ବୁଃର୍ତେନ୍।

**ଲୁଣ : ବାସିଡ଼୍**

ଓ : ଲୁଣ ସମସ୍ତଙ୍କୁ ଭଲ ଲାଗେ ।

ସ : ବାସିଡ଼ାନ୍ କୁଡ୍ଡୁବ ମାନ୍ରାନ୍ ଆଡ଼ଂ ତିମ୍ୟେିମ୍ତେ।

**ଲୁହା : ଲଆଙ୍**

ଓ : ଲୁହା ସବୁ କାର୍ଯ୍ୟରେ ବ୍ୟବହାର କରାଯାଏ।

ସ : ଲୁଆଙାନ୍ କୁଡ୍ଡୁବ୍ ବାରା ଲିଙାନ୍ ଞ୍ଜ୍ୟାନାନ୍ରାମାନ୍ ତେତେ।

**ଲେଉଟିବା : ଆୟାରନାବା**

ଓ : ବର୍ଷାଲାଗି କାମ ନକରି ଲେଉଟି ଆସିଲେ।

ସ : ଗାନୁରାନ୍ ଆସାନ୍ ଏର୍ବାରାଲେନ୍ବି ୟାର୍ରେ ନାଇଜି।

**ଲେଖକ : ଇଡ଼ଲ୍ମାର୍**

ଓ : ପ୍ରତ୍ୟେକ ଗାଁରେ ଜଣେ ଲେଖକ ଥାଏ।

ସ : ଡିଲେ ଗର୍ଜାଙ୍ ଲିଙାନ୍ ଇଡ଼ଲ୍ ମାରାନ୍ ଡ଼ାକୁତେ।

**ଲୋମ : ଉପୁର୍**

ଓ : ଭାଲୁର ଲୋମ ଔଷଧ ମଧ୍ୟହୁଏ।

ସ : ସାଲୁ୍ଓ୍ୟାନ୍ ଆଉପ୍ପୁର ରେଗାମାନ୍ ଡ଼େତେ।

**ଲୋଡିବା : ଆସାଇଜ୍ବା**

ଓ : ଆମ୍ଭମାନଙ୍କ ନିମନ୍ତେ ଜଣେ ଉପଦେଷ୍ଟା ଲୋଡ଼ିବା।

ସ : ଆନ୍ଲେନ୍ଜି ଆସାନ୍ ଆବଐ ଞ୍ଜ୍ୟାନାଙ୍ ତିୟ୍ ମାରାନ୍ ଆସାଇଜ୍ବା।

# ଶ

**ଶଂଖ : ଗୁଲୁପେଡ଼ (ଗୁନ୍‌ଲୁ ପେଡ଼୍)**

ଓ : ପୂଜାବିଧି ସମୟରେ ଶଂଖ ବାଜେ।

ସ : ପୁର୍‌ପୁରାନ୍ ଆୟାମ୍ ଗୁଲୁ ପେଡ଼ାନ୍ ସାଡ଼୍‌ଡ଼ାତେ।

**ଶତ୍ରୁ : ଆସ୍ୱାଂଗେମ୍‌ମାର୍**

ଓ : ତୁମ ଶତ୍ରୁକୁ ପ୍ରେମ କର।

ସ : ଆସାଡ଼୍‌ଗେମ୍ ମାର୍‌ନାମ୍ ତିମ୍‌ୟିମା।

**ଶପଥ : ଜିବ୍ ଜିବ୍‌ନାବେର୍ (ସିବ୍‌ଡ଼ାଇ ବେର୍)**

ଓ : ନିଶା ଦ୍ରବ୍ୟ ଗୁଡ଼ିକ ବ୍ୟବହାର କରିବି ନାହିଁବୋଲି ମୁଁ ଶପଥ କଲି।

ସ : ତାନାଡ଼ାଇ ଜାନାବାନ୍‌ଜି ଆଡ଼ଞ୍ଜ୍ୟାନ୍‌ରାମାଇ ଗାମ୍‌ଲେ ଞେନ୍ ଜିବ୍‌ଜିବ୍ ଲେନାଇ।

**ଶ୍ରମିବା : ସାମାଙ୍‌ଲେ**

ଓ : ସେ ଜ୍ୱରରୁ ଶ୍ରମିଲା।

ସ : ଆନିନ୍ ଆସୁନ୍ ସାରିଙ୍ ସାମାଙ୍‌ଲେ।

**ଶରୀର : ଡ଼ଅଙ୍**

ଓ : ତା' ଶରୀର ସୁସ୍ଥ ସବଳ ଅଛି (ହାତରେ)।

ସ : ଆନିନ୍ ଡ଼ଅଙ୍ ଲିଙ୍ଗାନ୍ ସୁକ୍‌କା ସାମାଙ୍‌ଡ଼ାକୁ।

**ଶଳା : ଇରିସିଜ୍/ଇରିରସିଜ୍**

ଓ : ମୋର ଶଳା ଉଚ୍ଚ ପଦବୀ ପାଇବାକୁ ଚେଷ୍ଟା କରୁଛି।

ସ : ଇରିସିଜ୍‌ଞେନ୍ ଅବ ସୁଡ଼ା ଡ଼ାନେଗଡ଼ାନ୍ ଆଞାଁଙ୍‌ବେନ୍ ଏର୍‌ତେ ଗୁଇଜ୍‌ତେ।

**ଶ୍ୱଶୁର : କୁଞ୍ଚାଁର୍**

ଓ : ମୋର ଶ୍ୱଶୁର ଧନୀ ଲୋକ।

ସ : କୁଞ୍ଚାର୍ ଞେଁନ୍ ଆତେଙ୍ ବିତ୍‌ତିମାର୍ (ଗାମାଂମାର୍)।

**ଶହେ ଟଙ୍କିଆ : ବସୁଓ୍ୟା ତାଙ୍‌କା**

ଓ : ଶହେ ଟଙ୍କିଆ ନୋଟ।

ସ : ବସୁଓ୍ୟା ତାଙ୍‌କା ଲୁତୁଅଲ୍।

**ଶାଗ : ଓ୍ୟାବ୍ / ଉଆବ୍**

ଓ : ଆମ ବଗିଚାରେ ଶାଗ ଅଛି।

ସ : କୁତ୍‌ତା (ଡୁଡ଼୍‌ଡ଼ି) ଲିଙ୍‌ଞେନ୍ ଆତେଙ୍ ଓ୍ୟାବାନ୍‌ଜି ଡ଼ାକୁ।

**ଶାନ୍ତ କରିବା : ସାବ୍‌ୟୁନେତେ**

ଓ : ତାହାଙ୍କ ପରିବାରକୁ ଶାନ୍ତ କରିବା ।

ସ : ଆସିଙ୍ ବିରିନ୍ଡ଼ାନ୍‌ଜି ଶାନାବ୍‌ୟୁନ୍ ଆତିୟ୍‌ବା ।

**ଶାବଳ : ଲୁଆଙ୍‌ଡ଼ାଙ୍**

ଓ : ଶାବଳରେ ପଥର କାଢ଼ିବା ।

ସ : ଲୁଆଙ୍‌ଡ଼ାଙାନ୍ ବାତ୍‌ତେ ଆରେଙ୍ାନ୍ ତାବ୍‌ନେତେ ।

**ଶାଳ : ସାର୍‌ଗିୟା**

ଓ : ଶାଳଗଛ ମୂଲ୍ୟବାନ୍ ଅଟେ ।

ସ : ସାର୍‌ଗିଆ ନେବାନ୍ ଜାନାତ୍‌ତିଡ଼ାମ୍ ।

**ଶାଶୁ : କିଃନାର୍**

ଓ : ମୋର ଶାଶୁ ଘରେ ଅଛନ୍ତି ।

ସ : କିଃନାର୍ ଞେନ୍ ସିଙାନ୍ ଡ଼ାକୁ ।

**ଶିକାରୀ : ବେନ୍‌ତା ମାର୍**

ଓ : ଶିକାରୀ ବଣକୁ ଯାଇ ବେଷ୍ଟକରେ ।

ସ : ବେନ୍‌ତା ମାରାନ୍ ତୁଲାବାନ୍ ଇୟ୍‌ଲେ ବେନ୍‌ତାତେନ୍ ।

**ଶିଖାଇବା : ଆଞ୍ଚ୍ୟାଂଞ୍ଚ୍ୟାଂବା**

ଓ : ପିଲା ମାନଙ୍କୁ ଶିଖାଇବା ।

ସ : ପାସିଜାନ୍‌ଜି ଆଡ଼ଙ୍ ଆଞ୍ଚ୍ୟାଙ୍ ଞ୍ଚ୍ୟାଂବାଜି ।

**ଶିଖିବା : ଆଞ୍ଚ୍ୟାନାବା**

ଓ : ଆମ୍ଭେମାନେ ଶିଖିବା ।

ସ : ଆନ୍‌ଲେନ୍ ଆଞ୍ଚ୍ୟାନାବା ।

**ଶିଙ୍ଗ : ଡିରିଙାନ୍**

ଓ : ଶିଙ୍ଗରେ ପାନିଆ ତିଆରି ହୁଏ ।

ସ : ଡିରିଙ୍ାନ୍ ବାତ୍‌ତେ ସାନାରାନ୍ ସାନାବ୍‌ଜାନ୍ ଡ଼େତେ ।

**ଶୀତ : ରାଃଙା**

ଓ : ଶୀତ ବେଳେ ନିଆଁ ପାଖରେ ରହୁ ।

ସ : ରାଃଙାନ୍ ଆଡ଼୍‌ନାଙ୍ ତଗିବାନ୍ ଡ଼ାକୁତେନ୍‌ବି ।

**ଶିଶୁ : ରେସାସିଜ୍**

ଓ : ଶିଶୁଟି ମା ପାଖରେ ଅଛି ।

ସ : ରେସା ସିଜାନ୍ ଆୟଙାନ୍ ଆସିଲିଙ୍ ଡ଼ାକୁ ।

**ଶିଷ୍ୟ : ଞାଙଂନା ସିଜ୍**

ଓ : ଶିଷ୍ୟ ଗୁରୁଙ୍କ କଥା ମାନିବାକୁ ହେବ।

ସ : ଞ୍ୟାଙ୍‌ନା ସିଜାନ୍ ଞାଁଞାଁମାରାନ୍ ଆବେର୍‌ନା ଆମାନ୍‌ବେନ୍ ଡ଼େତେ।

**ଶିକ୍ଷୟିତ୍ରୀ : ଞ୍ୟାଙ୍ ଞ୍ୟାଙ୍‌ବଐ**

ଓ : ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ଭାବରେ ଶିକ୍ଷା ଦିଅନ୍ତି।

ସ : ଞାଁ ଞାଁ ବଐଜାନ୍ ଞାଁଙ୍‌ନା ସିଜାନ୍‌ଜି ଆଡ଼ଙ୍ ବାଙ୍‌ସାଲେ ଞାଁ ଞାଁ ତେ।

**ଶିକ୍ଷା : ଞାଁନାଙାନ୍**

ଓ : ଶିକ୍ଷା ଦେବା ସମୟରେ କାନ ଡ଼େରି ଶୁଣିବା ଉଚିତ୍।

ସ : ଞ୍ୟାନାଙାନ୍ ଆଡ଼େତେନ୍ ଆୟାମ୍‌ଲିଙାନ୍ ଡ଼ିର୍‌ଲୁଡ଼୍‌ଲେ ଆମ୍‌ଡ଼ାଙ୍‌ବେନ୍ ଡ଼େତେ।

**ଶୁଖିବା : ଆସାର୍**

ଓ : ଲୁଗାପଟା ଖରାରେ ଶୁଖାଇବା ଦରକାର।

ସ : ସିନ୍‌ରି ତାକ୍‌କାବାନ୍ ଡ଼ାଗାଲିଙାନ୍ ଆବ୍‌ସାର୍‌ବେନ୍ ଡ଼େତେ।

**ଶୁଂଘିବା : ଆଞ୍ଚୁଁ ଞ୍ଚୁଁବା**

ଓ : ଭଲ ମନ୍ଦର ବାସନା ଗୁଡ଼ିକ ନାକ, ସୁଂଘି ଜାଣି ପାରେ।

ସ : ବାଙ୍‌ସାନ୍ ଏର୍‌ବାଙ୍‌ସାନ୍ ଆତେ ମୁଉନ୍ ଞ୍ଚୁ ଞ୍ଚୁଲେ ଗଲାମ୍‌ତେ।

**ଶୁଝିବା : ଆତାବ୍‌କୁଡ଼୍‌ବା/ଆଡୁଲବା**

ଓ : ଯେତେ ଋଣ ଅଛି ସବୁଯାକ ଶୁଝିଦେବା।

ସ : ଡ଼ାଜିଙାତେ ରିଡ଼ାନ୍‌ଜି ଡ଼ାକୁ କୁଡ଼୍‌ଡୁବାନ୍ ଆତେ ତାବ୍‌କୁଡ଼୍‌ଲେ ଆସିଡ଼୍‌ବା।

**ଶୁଣ୍ଢ : ଆସି ରା-ଆନ୍**

ଓ : ହାତୀ ଶୁଣ୍ଢରେ ଡ଼ାଳପତ୍ର ଭାଙ୍ଗିଖାଏ।

ସ : ରାଆନ୍ ଆସିନ୍ ବାତ୍‌ତେ ଆକାନ୍‌ଡ଼ାର୍ ଅଲାନ୍‌ଜି ଆଲ୍‌ଡ଼େବ୍‌ଲେ ଜୁମ୍‌ତେ।

**ଶୁଣିବା : ଆମ୍‌ଡ଼ାଙ୍‌ବା**

ଓ : ଶିକ୍ଷକ ଯାହା କହନ୍ତି ତାହା ଶୁଣିବା।

ସ : ଞାଁଙ୍ ଞାଁଙ୍ ମାରାନ୍ ଇତିନ୍‌ତେ ଆବ୍‌ଲଙ୍‌ତେ ଆନ୍‌ତାତେ ଆମ୍‌ଡ଼ାଙ୍‌ବା।

**ଶୁଭା ଯାଉଛି : ସାଡ଼୍‌ଡ଼ାତେ**

ଓ : ରାତିରେ କଣ ଶୁଭା ଯାଉଛି ?

ସ : ତଗାଲାନ୍ ଆଡ଼୍‌ନାଙ୍ ଇତେନ୍ ସାଡ଼୍‌ଡ଼ାତେ ?

**ଶୋଷିବା : ଆବେଡ଼୍‌ବା**

ଓ : ମଶା କେବଳ ରକ୍ତ ଶୋଷଣ କରନ୍ତି।

ସ : ସାମାଇଜାନ୍ ସାତ୍‌ତା ମିଞାଁମାନ୍ ବେଡ଼୍‌ତେ।

## କ୍ଷ

**କ୍ଷଣ : କୁପ୍‌ପାତାଙ୍‌**

ଓ : କ୍ଷଣ ଲଢେଇ ଦେଖିବାକୁ ଲୋକମାନେ ଆଦର କରନ୍ତି।

ସ : କୁପ୍‌ପାତାଙ୍ଗାନ୍‌ ଆର୍‌ସାନୁନ୍‌ ଆସାନ୍‌ ମାନ୍‌ରାନ୍‌ଜି ବାଂସା, ଆପ୍‌ପାଡ଼େତେଜି (ମଅଇଞ୍ଜ୍‌ଁତେଜି)।

## ସ

**ସଉତୁଣୀ : ବାନିନ୍‌ରାଡ଼୍‌**

ଓ : ମୋର ସଉତୁଣୀ ରୁଷୁଛି।

ସ : ବିନ୍‌ରାଡ଼୍‌ ଞ୍ଜେଁନ୍‌ ବଡ଼୍‌ରାବ୍‌ତେନ୍‌।

**ସଂଖୁଳିବା : ଆଅଲାଙ୍‌ବା**

ଓ : ଜଣେ ବନ୍ଧୁଙ୍କୁ ସଂଖୁଳି ଥିଲି।

ସ : ଆବଐ କୁଲାମ୍‌ଞ୍ଜେଁନ୍‌ ଅଲାଙ୍‌ଲେ ୟେର୍‌ରାଇ।

**ସ୍ୱର୍ଗ : ରୁଓ୍ୟାଙ୍‌**

ଓ : ସ୍ୱର୍ଗ, ମର୍ତ୍ତ୍ୟ. ପାତାଳ।

ସ : ରୁଓ୍ୟାଙ୍ଗାନ ଅଡ଼ାରାନ୍‌, (ଏର୍‌ମାଇ) କିଃନ୍‌ନରାଇୟାନ୍‌ (ବୁଆଡ଼୍‌)।

**ସଞ୍ଚୟ : ଆତାର୍‌ତୁମ୍‌ବା**

ଓ : ଆମେ କିଛି ପଇସା ସଞ୍ଚୟ କରି ରଖିବା ଉଚିତ୍‌।

ସ : ଆନ୍‌ଲେନ୍‌ ଲିବୁନ୍‌ ତାର୍‌ତୁମ୍‌ବେନ୍‌ ଡ଼େତେ।

**ସଜନା : ମୁରିଗ୍‌ଗା**

ଓ : ସଜନା ପତ୍ରରେ ଔଷଧି ଗୁଣ ଥାଏ।

ସ : ମୁରିଗ୍‌ଗା ଅଲାନ୍‌ ରେଗାମାନ୍‌ ଡ଼ାକୁ।

**ସନ୍ତାନ : ଅଅନ୍‌**

ଓ : ମୋର ଦୁଇଟି ସନ୍ତାନ ଅଛନ୍ତି।

ସ : ଅନ୍‌ଞ୍ଜେଁନ୍‌ଜି ବାଗୁ ଡ଼ାକୁ।

**ସଫା କରିବା : ଆତୁବ୍‌ଡ଼ାବା**

ଓ : ଲୁଗା ସଫା କରିବା।

ସ : ସିନ୍‌ରିନ୍‌ ଆତୁବ୍‌ଡ଼ାବା।

**ସନ୍ତାଇବା : ଜେମ୍‌ଡ଼ାତେ**

ଓ : ଘରର ଛାତଟି ସନ୍ତଉଛି ।

ସ : ସିଇଙ୍ଗାନ୍ ଜେମ୍‌ଡ଼ାତେ ।

**ସବୁଆଡେ : ୟାର୍‌ୟାର୍ ମାନେଙ୍**

ଓ : ଘରର ସବୁ ଆଡ଼େ ସଫା ରଖିବା ଭଲ ।

ଓ : ସିଇଙ୍ଗାନ୍ ଆୟାର୍‌ୟାର୍ ମାନେଙ୍ ଆମାଡ଼୍‌ରିଡ଼୍‌ବେନ ବାଂସା ।

**ସବୁଜ : ଏଡ୍ଡୁ**

ଓ : କ୍ଷେତରେ ଧାନ ସବୁଜ ଦେଖାଯାଏ ।

ସ : ସାରବା ଲିଙ୍ଗାନ୍ ସାରନ୍‌ଜି ଏଡ୍ଡୁଡ଼ାମ୍ ଗିଜ୍‌ତାତେ ।

**ସମର୍ଥକ : ଜାନାଜାଆନ୍‌ଡ଼ିମାର୍**

ଓ : ହରି ଶବରଙ୍କ ପ୍ରସ୍ତାବକୁ କୃଷ୍ଣ ଶବର ସମର୍ଥନ କଲା ।

ସ : ହରି ଶବର ଆପାଙ୍‌ଲାଙ୍‌ବେରାନ୍ ବାତ୍‌ତେ କୃଷ୍ଣ ଶବର ଜାଲେ ଅଡ଼େଏତେନ୍ ।

**ସୋରିଷ : ସର୍‌ସୁ**

ଓ : ସୋରିଷ ତେଲ ଭାରି ଗରମ ।

ସ : ସାର୍‌ସୁ ମେନ୍ ତାଗି ଡ଼ାକୁତେ ।

**ସାରିବା : ଆତାବ୍‌କୁଡ଼୍‌ବା**

ଓ : ଶିଘ୍ର କାମଟିକୁ ସାରିବା ।

ସ : ଉମେଂଡ଼୍ ବାରାନ୍ ଆତାବ୍‌କୁଡ଼ବା (ଆବ୍‌ଞିଁଡ୍‌ବା) ।

**ସେହି : କୁନି**

ଓ : ସେହି କାର୍ଯ୍ୟରେ ଯୋଗଦିଅ ।

ସ : କୁନି ଆବାରା ଲିଙ୍ଗାନ୍ ମାଇୟଡାମ୍ ନାବା ।

**ସେ ସବୁ : କୁନ୍ ଆକୁଡୁବ୍**

ଓ : ସେ ସବୁ ନିଜିଷକୁ ସାଇତି ରଖ ।

ସ : କୁନ୍ ଆକୁଡୁବ୍ ଜାନାବାନ୍ ବାଙ୍‌ସାଲେ ଡ଼ାକ୍‌କୁବା ।

## ହ

**ହୁଁକାର : ଗାରୁମ୍‌ତେ**

ଓ : ବାଘଟି ହୁଁକାର କରୁଛି ।

ସ : କିଃନାନ୍ ଗାରୁମ୍‌ଲେ ଗୁତେ ।

**ହଗିବା : ଆସଙ୍‌ନାନ୍‌**

ଓ : ପିଲାଟି ହଗୁଛି ।

ସ : ପାସିଜାନ୍‌ ଆସଙ୍‌ତେନ୍‌ ।

**ହଜାଇବା : ଆବ୍‌ସିଏଡ଼େତେନ୍‌**

ଓ : ପିଲାଟି ଟଙ୍କା ହଜାଇ ଦେଲା ।

ସ : ପାସିଜାନ୍‌ ଟାଂକାନ୍‌ ଆବ୍‌ସିଏଡ଼େତେନ୍‌ ।

**ହତିଆର : ବାରାରାଞ୍ଜାନ୍‌ରାମାନ୍‌ଜି**

ଓ : କାମକୁ ଗଲେ ହତିଆର ଧରିବାକୁ ହୁଏ ।

ସ : ବାରାବାନ୍‌ ଇୟଲାବେନ୍‌ଡ଼େନ୍‌ ବାରାରାଞ୍ଜାଁନ୍‌ରାମାନ୍‌ଜି ଆଞ୍ଜାଁମ୍‌ବେନ୍‌ ଡ଼େତେ ।

**ହରଡ଼ : ରଗ**

ଓ : ହରଡ ଡ଼ାଲି ଖାଇବାକୁ ସମସ୍ତେ ଭଲ ପାଆନ୍ତି ।

ସ : ରଗ ମାରାଇନାନ୍‌ ଆଜୁମ୍‌ବେନ କୁଡ୍ଡୁବ ମାନ୍‌ରାନ୍‌ଜି ବାଂସା ଆପ୍‌ପାଡ଼େତେଜି ।

**ହରିଡ଼ା : ତୁସା**

ଓ : ହରିଡ଼ାରୁ ଔଷଧ ତିଆରିହୁଏ ।

ସ : ତୁସାନ୍‌ ରେଗାମାନ୍‌ ଗାଡ଼େଲ୍‌ତେ ।

**ହଳଦୀ : ସାଙ୍‌ସାଙ୍‌**

ଓ : ହଳଦୀ ଗୁଣ୍ଡ ସବୁ ତାରକାରୀରେ ପକାଯାଏ ।

ସ : ସାଙ୍‌ ସାଙାନ୍‌ କୁଡ୍ଡୁବ୍‌ ତାନଙ୍‌ଗାଲ୍‌ ଲିଙାନ୍‌ ପାନିଡ଼୍‌ ପିଡ଼ାନ୍‌ ଡ଼େତେ ।

**ହସିବା : ଆମାଆଙ୍‌ବା**

ଓ : ପିଲା ମାନଙ୍କୁ ହସାଇବା ଓ ଖେଳାଇବା ଭଲ ।

ସ : ପାସିଜାନ୍‌ଜି ଆଡ଼ଙ୍‌ ଆବ୍‌ମାଆଙ୍‌ ବେନ୍‌ ଡ଼୍‌ ଆବ୍‌ଗାତା ସିନାବେନ୍‌ ବାଙ୍‌ସା ।

**ହଲାଇବା : ଆୟୁବା**

ଓ : ପିଲାଟି ଶୋଇଲା ବେଳେ ହଲାଇଲେ ଭଲରେ ଶୁଏ ।

ସ : ପାସିଜାନ୍‌ ଆଡ଼ିମାତ୍‌ତେନାନ୍‌ ଆୟାମ୍‌ ୟୁଲାବେନ୍‌ ଡ଼େନ୍‌ ବାଙ୍‌ସାଲେ ଡ଼ିମାଡ଼୍‌ତେନ୍‌ ।

**ହଲିବା : ଇଃଡ଼୍‌ନା**

ଓ : ହାତୀ ହଲି ହଲି ଚାଲେ ।

ସ : ରାଆନ୍‌ ଇଃଡ଼୍‌ଲେନ୍‌ ଇଃଡ଼୍‌ଲେନ୍‌ ଞାଁତେନ୍‌ ।

**ହାଇ ମାରିବା : ଆଙ୍ଗେବଡ଼ା**

ଓ : ଭୋକ ଲାଗିଲେ ହାଇ ମାରିବାକୁ ହୁଏ ।

ସ : ଡ୍ଡୁଲାଇଡ଼ାଲେନ୍‌ଡ଼େନ୍‌ ଆଙ୍ଗେ୍‌ବଡ଼ା ଲାଙ୍‌ତେନ୍‌ ।

**ହାଡ଼ : ଜାଆଡଙ୍**

ଓ : ସମସ୍ତଙ୍କ ଦେହରେ ହାଡ଼ ରହେ।

ସ : କୁଡୁବ୍ ମାନ୍‌ରାନ୍ ଆଡ଼ଙ୍ ଲିଙାନ୍ ଜାଆଙାନ୍ ଡ଼ାକୁ।

**ହାତ : ସିଇ**

ଓ : ମାଙ୍କଡ଼ର ହାତ ଅଛି।

ସ : ଆର୍‌ସିନ୍ ଆସିଇନ୍ ଡ଼ାକୁ।

**ହାପୁରିବା : ଆସାବ୍‌ବାରୁଇଜ୍‌ବା**

ଓ : ପାଣିଆ ତରକାରୀ ହାପୁରି କରି ଖାଇବେ।

ସ : ଡ଼ାଆତଙାନ୍ ସାବ୍‌ବାରୁଇଜ୍‌ଲେ ଜୁମ୍‌ତାବେ।

**ହାବୁଡ଼ିବା : ଆରାବାଙ୍‌ବା**

ଓ : ବଣ ରାସ୍ତାରେ ଯାଉଯାଉ ବାଘ ହାବୁଡ଼ରେ ପଡ଼ିଲା।

ସ : ତୁଲାବ୍ ଗଡ଼ାନ୍ ଞାଁନାତା ଞାଁନାତା କିଃନାନ୍ ଆରାବାଙ୍‌ଲାଇ୍।

**ହାର : ରାନାତାଙ୍**

ଓ : ସ୍ତ୍ରୀ ଲୋକମାନେ ହାର ପିନ୍ଧିବାକୁ ବହୁତ ଇଛା କରନ୍ତି।

ସ : ଇନ୍‌ସାଲନ୍‌ଜି ରାନା ତାଙ୍ଗ୍‌ନ୍ ଆତଲ୍‌ବେନ୍ ଆଉର୍ ଇତ୍‌ସୁମ୍‌ତେଜି।

## କ୍ଷ

**କ୍ଷୟ ବା କ୍ଷତି : ମୁଡ଼୍‌ସା**

ଓ : ବେପାରରେ ମୋର ଟଙ୍କା କ୍ଷତି ହେଲା।

ସ : ତାନେମ୍‌ନା ଲିଙାନ୍ ତାଙ୍‌କାଞ୍ଚେଁନ୍ ମୁଡ଼୍‌ସାଲେ।

**କ୍ଷୁର : କାନୁଙ୍**

ଓ : ମୁଁ କ୍ଷୁର ହେଉଛି।

ସ : ଞେଁନ୍ କୁଙ୍ କୁଙ୍ ତେନାଇ୍।

# ସଂଖ୍ୟା : ସାଙ୍କିଲ୍ (ଡାନିଡି)

| | | | | |
|---|---|---|---|---|
| ୧ | : | ଏକ | : | ଆବୟ୍ |
| ୨ | : | ଦୁଇ | : | ବାଗୁ |
| ୩ | : | ତିନି | : | ୟାଗି |
| ୪ | : | ଚାରି | : | ଉନ୍ଜି |
| ୫ | : | ପାଞ୍ଚ | : | ମନଲଇ |
| ୬ | : | ଛଅ | : | ତୁରରୁ |
| ୭ | : | ସାତ | : | ଗୁଲ୍ଜି |
| ୮ | : | ଆଠ | : | ତାମ୍ଜି |
| ୯ | : | ନଅ | : | ତିନ୍ଜି |
| ୧୦ | : | ଦଶ | : | ଗାଲ୍ଜି |
| ୧୧ | : | ଏଗାର | : | ମିୟାଲ୍ (ଗାଲମୁଇ) |
| ୧୨ | : | ବାର | : | ମୁୟାଲ୍ (ମିଗ୍ଗାଲ୍) |
| ୧୩ | : | ତେର | : | ୟାୟାଲ୍ (ମିଗ୍ଗାଲ୍ ଆବଇ) |
| ୧୪ | : | ଚଉଦ | : | ଉୟାଲ୍ (ମିଗ୍ଗାଲ୍ ବାଗୁ) |
| ୧୫ | : | ପନ୍ଦର | : | ମୟାଲ୍ (ମିଗ୍ଗାଲ୍ ୟାଗି) |
| ୧୬ | : | ଷୋହଳ | : | ତୁୟାଲ୍ (ମିଗାଲ୍ ଉନ୍ଜି) |
| ୧୭ | : | ସତର | : | ଗୁୟାଲ୍ (ମିଗାଲ୍ ମନ୍ଲଇ) |
| ୧୮ | : | ଅଠର | : | ତାୟାଲ୍ (ମିଗାଲ୍ ତୁଡ଼ରୁ) |
| ୧୯ | : | ଅଣେଇଶ | : | ତିଇଲ୍ (ମିଗାଲ୍ ଗୁଲ୍ଜି) |
| ୨୦ | : | କୋଡ଼ିଏ | : | ବାଲ୍ (ବକୁଡ଼ି) |
| ୨୧ | : | ଏକୋଇଶ | : | ବାଲ୍ବୟ୍ (ବକୁଡ଼ି ଆବଇ) |
| ୨୨ | : | ବାଇଶ | : | ବାଲ୍ବା (ବକୁଡ଼ି ବାଗୁ) |
| ୨୩ | : | ତେଇଶ | : | ବାଲ୍ୟା (ବକୁଡ଼ି ୟାଗି) |
| ୨୪ | : | ଚବିଶ | : | ବାଲ୍ଉନ୍ (ବକୁଡ଼ି ଉନ୍ଜି) |
| ୨୫ | : | ପଚିଶ | : | ବାଲ୍ମନ୍ (ବକୁଡ଼ି ମନଲଇ) |
| ୨୬ | : | ଛବିଶ | : | ବାଲ୍ତୁର (ବକୁଡ଼ି ତୁଡ଼୍ରୁ) |
| ୨୭ | : | ସତାଇଶ | : | ବାଲ୍ଗୁନ୍ (ବକୁଡ଼ି ଗୁଲ୍ଜି) |
| ୨୮ | : | ଆଠାଇଶ | : | ବାଲ୍ତାମ୍ (ବକୁଡ଼ି ତାମ୍ଜି) |

| | | | | |
|---|---|---|---|---|
| ୨୯ | : | ଅଣତିରିଶ | : | ବାଲ୍ତିନ୍ (ବକୁଡ଼ି ତିନ୍ଜି) |
| ୩୦ | : | ତିରିଶ | : | ୟାଲ୍ (ବକୁଡ଼ି ଗାଲ୍ଜି) |
| ୩୧ | : | ଏକତିରିଶ | : | ୟାଲ୍ବୟ୍ (ବକୁଡ଼ି ଗାଲ୍ମୁଇ) |
| ୩୨ | : | ବତିଶ | : | ୟାଲ୍ବା (ବକୁଡ଼ି ମିଗାଲ୍) |
| ୩୩ | : | ତେତିଶ | : | ୟାଲ୍ୟା (ବକୁଡ଼ି ମିଗାଲ୍ ଆବଇ) |
| ୩୪ | : | ଚଉତିରିଶ | : | ୟାଲ୍ଉନ୍ (ବକୁଡ଼ି ମିଗାଲ୍ ବାଗୁ) |
| ୩୫ | : | ପଞ୍ଚତିରିଶ | : | ୟାଲ୍ମନ୍ (ବକୁଡ଼ି ମିଗାଲ୍ ୟାଗି) |
| ୩୬ | : | ଛତିଶ | : | ୟାଲ୍ତୁର୍ (ବକୁଡ଼ି ମିଗାଲ୍ ଉନ୍ଜି) |
| ୩୭ | : | ସଇଁତିରିଶ | : | ୟାଲ୍ଗୁନ୍ (ବକୁଡ଼ି ମିଗାଲ୍ ମନ୍ଲଇ) |
| ୩୮ | : | ଅଠତିରିଶ | : | ୟାଲ୍ତାମ୍ (ବକୁଡ଼ି ମିଗାଲ୍ ତୁଡ଼୍ରୁ) |
| ୩୯ | : | ଅଣଚାଳିଶ | : | ୟାଲ୍ତିନ୍ (ବକୁଡ଼ି ମିଗାଲ୍ ଗୁଲ୍ଜି) |
| ୪୦ | : | ଚାଳିଶ | : | ଉଲ୍ (ବାକୁଡ଼ି) |
| ୪୧ | : | ଏକଚାଳିଶ | : | ଉଲ୍ବୟ୍ (ବାକୁଡ଼ି ଆବଇ) |
| ୪୨ | : | ବୟାଳିଶ | : | ଉଲ୍ବା (ବାକୁଡ଼ି ବାଗୁ) |
| ୪୩ | : | ତେୟାଳିଶ | : | ଉଲ୍ୟା (ବାକୁଡ଼ି ୟାଗି) |
| ୪୪ | : | ଚଉରାଳିଶ | : | ଉଲ୍ଉନ୍ (ବାକୁଡ଼ି ଉନ୍କି) |
| ୪୫ | : | ପଞ୍ଚଚାଳିଶ | : | ଉଲ୍ମନ୍ (ବାକୁଡ଼ି ମନ୍ଲଇ) |
| ୪୬ | : | ଛୟାଳିଶ | : | ଉଲ୍ତୁର୍ (ବାକୁଡ଼ି ତୁଡ଼୍ରୁ) |
| ୪୭ | : | ସତଚାଳିଶ | : | ଉଲ୍ଗୁନ୍ (ବାକୁଡ଼ି ଗୁଲଜି) |
| ୪୮ | : | ଅଠଚାଳିଶ | : | ଉଲ୍ତାମ୍ (ବାକୁଡ଼ି ତାମ୍ଜି) |
| ୪୯ | : | ଅଣଚାଷ | : | ଉଲ୍ତିନ୍ (ବାକୁଡ଼ି ତିନ୍ଜି) |
| ୫୦ | : | ପଚାଷ | : | ମଲ୍ (ବାକୁଡ଼ି ଗାଲ୍ଜି) |
| ୫୧ | : | ଏକାବନ | : | ମଲ୍ବୟ୍ (ବାକୁଡ଼ି ଗାଲ୍ମୁଇ) |
| ୫୨ | : | ବାବନ | : | ମଲ୍ବା (ବାକୁଡ଼ି ମିଗାଲ୍) |
| ୫୩ | : | ତେପନ | : | ମଲ୍ୟା (ବାକୁଡ଼ି ମିଗାଲ୍ ଆବଇ) |
| ୫୪ | : | ଚଉବନ | : | ମଲ୍ଉନ୍ (ବାକୁଡ଼ି ମିଗାଲ୍ବାଗୁ) |
| ୫୫ | : | ପଞ୍ଚାବନ | : | ମଲ୍ମନ୍ (ବାକୁଡ଼ି ମିଗାଲ୍ ୟାଗି) |
| ୫୬ | : | ଛପନ୍ | : | ମଲ୍ତୁର୍ (ବାକୁଡ଼ି ମିଗାଲ୍ ଉନ୍ଜି) |
| ୫୭ | : | ସତାବନ | : | ମଲ୍ଗୁନ୍ (ବାକୁଡ଼ି ମିଗାଲ୍ ମନ୍ଲଇ) |

| | | | | |
|---|---|---|---|---|
| ୫୮ | : | ଅଠାବନ | : | ମଲ୍‌ତାମ୍ (ବାକୁଡ଼ି ମିଗାଲ ତୁଡ୍‌ରୁ) |
| ୫୯ | : | ଅଣଷଠି | : | ମଲ୍‌ତିନ (ବାକୁଡ଼ି ମିଗାଲ୍ ଗୁଲଜ) |
| ୬୦ | : | ଷାଠିଏ | : | ତୁଲ୍ (ୟାକୁଡ଼ି) |
| ୬୧ | : | ଏକଷଠି | : | ତୁଲ୍‌ବୟ୍ (ୟାକୁଡ଼ି ଆବଇ) |
| ୬୨ | : | ବାଷଠି | : | ତୁଲ୍‌ବା (ୟାକୁଡ଼ି ବାଗୁ) |
| ୬୩ | : | ତେଷଠି | : | ତୁଲ୍‌ୟା (ୟାକୁଡ଼ି ୟାଗି) |
| ୬୪ | : | ଚଉଷଠି | : | ତୁଲ୍‌ଉନ୍ (ୟାକୁଡ଼ି ଉନ୍‌ଜି) |
| ୬୫ | : | ପଞ୍ଚଷଠି | : | ତୁଲ୍‌ମନ୍ (ୟାକୁଡ଼ି ମନ୍‌ଲଇ) |
| ୬୬ | : | ଛଅଷଠି | : | ତୁଲ୍‌ତୁର୍ (ୟାକୁଡ଼ି ତୁଡ଼୍‌ରୁ) |
| ୬୭ | : | ସତଷଠି | : | ତୁଲ୍‌ଗୁନ୍ (ୟାକୁଡ଼ି ଗୁଲ୍‌ଜି) |
| ୬୮ | : | ଅଠଷଠି | : | ତୁଲ୍‌ତାମ୍ (ୟାକୁଡ଼ି ତାମ୍‌ଜି) |
| ୬୯ | : | ଅଣସ୍ତରୀ | : | ତୁଲ୍‌ତିନ୍ (ୟାକୁଡ଼ି ତିନ୍‌ଜି) |
| ୭୦ | : | ସତୁରୀ | : | ଗୁଲ୍ (ୟାକୁଡ଼ି ଗାଲ୍‌ଜି) |
| ୭୧ | : | ଏକସ୍ତରୀ | : | ଗୁଲ୍‌ବୟ (ୟାକୁଡ଼ି ଗାଲ୍‌ମୁଇ) |
| ୭୨ | : | ବାସ୍ତରୀ | : | ଗୁଲବା (ୟାକୁଡ଼ି ମିଗାଲ୍) |
| ୭୩ | : | ତେସ୍ତରୀ | : | ଗୁଲ୍‌ୟା (ୟାକୁଡ଼ିମିଗାଲ୍ ଆବଇ) |
| ୭୪ | : | ଚଉସ୍ତରୀ | : | ଗୁଲ୍‌ଉନ୍ (ୟାକୁଡ଼ି ମିଗାଲ୍ ବାଗୁ) |
| ୭୫ | : | ପଞ୍ଚସ୍ତରୀ | : | ଗୁଲ୍‌ମନ୍ (ୟାକୁଡ଼ି ମିଗାଲ୍ ୟାଗି) |
| ୭୬ | : | ଛଅସ୍ତରୀ | : | ଗୁଲ୍‌ତୁର୍ (ୟାକୁଡ଼ି ମିଗାଲ୍ ଉନ୍‌ଜି) |
| ୭୭ | : | ସତସ୍ତରୀ | : | ଗୁଲ୍‌ଗୁନ୍ (ୟାକୁଡ଼ି ମିଗାଲ୍ ମନ୍‌ଲଇ) |
| ୭୮ | : | ଅଠସ୍ତରୀ | : | ଗୁଲ୍‌ତାମ୍ (ୟାକୁଡ଼ି ମିଗାଲ୍ ତୁଡ଼୍‌ରୁ) |
| ୭୯ | : | ଅଣାଅଶି | : | ଗୁଲ୍‌ତିନ୍ (ୟାକୁଡ଼ି ମିଗାଲ୍ ଗୁଲ୍‌ଜି) |
| ୮୦ | : | ଅଶି | : | ତାଲ୍ (ଉନ୍‌ଜି କୁଡ଼ି) |
| ୮୧ | : | ଏକାଅଶି | : | ତାଲ୍‌ବୟ୍ (ଉନ୍‌ଜି କୁଡ଼ି ଆବଇ) (ଆବଇ) |
| ୮୨ | : | ବୟାଅଶି | : | ତାଲ୍‌ବା (ଉନ୍‌ଜି କୁଡ଼ି ବାଗୁ) |
| ୮୩ | : | ତେୟାଅଶି | : | ତାଲ୍‌ୟା (ଉନ୍‌ଜି କୁଡ଼ି ୟାଗି) |
| ୮୪ | : | ଚଉରାଅଶି | : | ତାଲ୍‌ଉନ୍ (ଉନ୍‌ଜି କୁଡ଼ି ଉନ୍‌ଜି) |
| ୮୫ | : | ପଞ୍ଚାଅଶି | : | ତାଲ୍‌ମନ୍ (ଉନ୍‌ଜି କୁଡ଼ି ମନ୍‌ଲଇ) |
| ୮୬ | : | ଛୟାଅଶି | : | ତାଲ୍‌ତୁର୍ (ଉନ୍‌ଜି କୁଡ଼ି ତୁଡ଼୍‌ରୁ) |

| | | | | |
|---|---|---|---|---|
| ୮୭ | : | ସତାଅଶି | : | ତାଲ୍‌ଗୁନ୍ (ଉନ୍‌ଜି କୁଡ଼ି ଗୁଲ୍‌ଜି) |
| ୮୮ | : | ଅଠାଅଶି | : | ତାଲ୍‌ତାମ୍ (ଉନ୍‌ଜି କୁଡ଼ି ତାମ୍‌ଜି) |
| ୮୯ | : | ଅଣାନବେ | : | ତାଲ୍‌ତିନ୍ (ଉନ୍‌ଜି କୁଡ଼ ତିନ୍‌ଜି) |
| ୯୦ | : | ନବେ | : | ତିଲ୍ ( ଉନ୍‌ଜି କୁଡ଼ି ଗାଲ୍‌ଜି) |
| ୯୧ | : | ଏକାନବେ | : | ତିଲ୍‌ବୟ୍ (ଉନ୍‌ଜି କୁଡ଼ି ଗାଲ୍‌ମୁଇ) |
| ୯୨ | : | ବୟାନବେ | : | ତିଲ୍‌ବା (ଉନ୍‌ଜି କୁଡ଼ି ମିଗାଲ୍) |
| ୯୩ | : | ତେୟାନବେ | : | ତିଲ୍‌ୟା (ଉନ୍‌ଜି କୁଡ଼ି ମିଗାଲ୍ ଆବଇ) |
| ୯୪ | : | ଚଉରାନବେ | : | ତିଲ୍‌ଉନ୍ (ଉନ୍‌ଜି କୁଡ଼ି ମିଗାଲ୍ ବାଗୁ) |
| ୯୫ | : | ପଞ୍ଚାନବେ | : | ତିଲ୍‌ମନ୍ (ଉନ୍‌ଜି କୁଡ଼ି ମିଗାଲ ୟାଗି) |
| ୯୬ | : | ଛୟାନବେ | : | ତିଲ୍‌ତୁର୍ (ଉନ୍‌ଜି କୁଡ଼ି ମିଗାଲ ଉନ୍‌ଜି) |
| ୯୭ | : | ସତାନବେ | : | ତିଲ୍‌ଗୁନ୍ (ଉନ୍‌ଜି କୁଡ଼ି ମିଗାଲ୍ ମନ୍‌ଲଇ) |
| ୯୮ | : | ଅଠାନବେ | : | ତିଲ୍‌ତାମ୍ (ଉନ୍‌ଜି କୁଡ଼ି ମିଗାଲ୍ ତୁଡ଼ରୁ) |
| ୯୯ | : | ଅନେଶ୍ୱତ | : | ତିଲ୍‌ତିନ୍ (ଉନ୍‌ଜି କୁଡ଼ି ମିଗାଲ୍ ଗୁଲ୍‌ଜି) |
| ୧୦୦ | : | ଶହେ | : | ଆଲ୍ (ବ ସୁଓ୍ୟା) ବସୁଆ |

## ସପ୍ତାହ : ବୟ୍‌ତାର୍ (ବ.ପାଲି)

| | | | | | | |
|---|---|---|---|---|---|---|
| ୧ | : | ରବିବାର | : | ୟୁଙ୍ଗ୍‌ତାର୍ | : | ଆଡିଆରା |
| ୨ | : | ସୋମବାର | : | ଗାୟ୍‌ତାର୍ | : | ସୋମ୍‌ବାରା |
| ୩ | : | ମଙ୍ଗଳବାର | : | ଲାବ୍‌ତାର୍ | : | ମାଙ୍ଗାଡ଼ାରା |
| ୪ | : | ବୁଧବାର | : | ରାଇତାର୍ | : | ବୁଡୁଆରା |
| ୫ | : | ଗୁରୁବାର | : | ଡାତାର୍ | : | ଲାକିମ୍ବାରା |
| ୬ | : | ଶୁକ୍ରବାର | : | ଉତ୍‌ତାର୍ | : | ସୁକ୍‌ଲାରା |
| ୭ | : | ଶନିବାର | : | ଆର୍‌ତାର୍ | : | ସାନ୍ୟାଆରା |

## ମାସରନାମ : ଆଙ୍ଗାଇଞ୍ଜୁମ୍

| | | | | |
|---|---|---|---|---|
| ବୈଶାଖ | : | ୟୁଙ୍ | - | ବସାଗ |
| ଜ୍ୟେଷ୍ଠ | : | ନାଙ୍ | - | ଡେସ୍ତ |
| ଆଷାଢ | : | ଗାନିଙ୍ | - | ଆସାଡ଼ା |
| ଶ୍ରାବଣ | : | ଗାରିଙ୍ | - | ସେରାବ |
| ଭାଦ୍ରବ | : | ନାରାଙ୍ | - | ବୁଡୁ |

| | | | | |
|---|---|---|---|---|
| ଆଶ୍ୱିନ | : | ଯ୍ୟାରେଙ୍ (ଜ୍ଞାରୁଙ୍ଗ୍) | | ଅସିନ |
| କାର୍ତ୍ତିକ | : | ତାବିଙ୍ | - | କାର୍ତ୍ତିକା |
| ମାର୍ଗଶିର | : | ଲାଙ୍ | - | ମଙ୍ଗଶିର |
| ପୌଷ | : | ସାମାନ୍ | - | ପୁଷ |
| ମାଘ | : | ସ୍ମାର୍ | - | ମାଗ |
| ଫଗୁଣ | : | ଲାୟାଙ୍ | - | ପଗୁନ |
| ଚୈତ୍ର | : | ତଙ୍ | - | ସଇତି |

## ଋତୁର ନାମ : ଇଙଞ୍ଜୁମ୍

| | | |
|---|---|---|
| ଗ୍ରୀଷ୍ମ | : | ତେଇଡ୍ (ଡ଼ାଗାଇଂ) |
| ବର୍ଷା | : | ଗାନୁର୍ଇଡ୍ (ଗାନୁର୍ଇଂ) |
| ଶରତ | : | କାଚେର୍ଇଡ୍ (ତିସାର୍ ଇଂ) |
| ହେମନ୍ତ | : | ପୁରେତ୍ଇଡ୍ (ଗାଇଗାଇ ଡୁଲ୍ ଇଂ) |
| ଶୀତ | : | ଶାରିତ୍ଇଡ୍ (ଗାଡ୍ଗାଡ଼ିଂ) (ରାଙାଇଂ) |
| ବସନ୍ତ | : | ବର୍ଇଡ୍ (ଛିଁବାଇଂ) |

**ଅଣ୍ଡିରା ବିଲେଇ : ଅଙ୍ଗେରରାମ୍**

ଓ : ଆମଘରେ ଅଣ୍ଡିରାବିଲେଇ ପୋଷିଲୁ ।

ସ : ସିଇଙ୍ଗ୍ଲେ ଅଙ୍ଗେର୍ରାମ୍ ଆଲୁଲାୟ୍ ।

**ଅଣ୍ଡିରାପିଲା : ଅଙ୍ଗେର୍ସିଜ୍**

ଓ : ଆମଘରେ ଗୋଟିଏ ହେଲେ ଅଣ୍ଡିରାପିଲା ନାହିଁ ।

ସ : ସିଇଂଲେ ଆବୟ ଜାନାଂ ଅଙ୍ଗେର୍ସିଜାନ୍ ଆଗାସା ।

**ଅତିଥି : ଡୟଲ୍ମାର୍**

ଓ : ଆଜି ଆମଘରକୁ ଅତିଥି ଆସିବେ ।

ସ : ଲାମି ସିଇଙ୍ଲେନ୍ ଡ଼ୟାଲ୍ ଇୟ୍ତାୟ୍ଜି ।

**ଅଦା : ସିଙ୍ଗେର୍**

ଓ : ଆମବାଡ଼ିରେ ଅଦା ଲଗାଇଲୁ ।

ସ : କାରୋଙ୍ଗ୍ଲେ ସିଙ୍ଗେର୍ରାନ୍ ଆଗୁଲାୟ୍ ।

**ଅନ୍ଧ : କାତୁ**

ଓ : ଅନ୍ଧମାନେ ବାଡ଼ିଧରି ରାସ୍ତାରେ ଚାଲନ୍ତି ।

ସ : କତୁ ମାରାନ୍ ଜିଡାଂଗୁନ୍ ଜ୍ଞାଁମ୍ଲେ ତାଙରାନ୍ ଜ୍ଞାଁତେନ୍ଜି ।

**ଅନ୍ଧାର :ଲୁଙ୍ଗୁଡ଼୍**

ଓ : ଅନ୍ଧାର ରାତିରେ ଦେଖି ବାଟରେ ଚାଲନ୍ତି।

ସ : ଲୁଙ୍ଗୁଡ଼୍ଡାମ୍ ତଗାଲ୍ ଲିଙ୍ଗାନ୍ ତାଙ୍ଗରାନ୍ଗିଜ୍ଲେ ଞାଁତିନଜି।

**ଅନାଥ : କୋଣ୍ଡ୍ରା**

ଓ : ଆମଗାଁରେ ଚାରିଜଣ ଅନାଥ ପିଲା ଅଛନ୍ତି।

ସ : ଗର୍ଜାଂ ଲେନ୍ ଉନ୍ଜି କୁନ୍ରା ସିଜାନ୍ଜି ଡାକୁ।

**ଅଁଳା :ଏଙ୍ଗେର୍**

ଓ : ଅଁଳା ଖାଇଲେ କଷା, ମିଠା, ପାଟିକୁ ଲାଗେ।

ସ : ଏଙ୍ଗେର୍ନ୍ ଜୁଲାବିନ୍ଡ଼େ ବୁକୁଡ୍, ବୁକୁଡ଼୍, ରାଗାଲ୍, ତଅଡ଼ାନ୍ ଡ଼େତି।

**ଆଈ : ୟୁୟୁଙ୍**

ସ : ବାନ୍ତଂ ତେଡ୍, ଓ୍ୟାଞ୍ଚେଁନ୍ ଆଡ୍‌ନାସାଏ।
ଓ : ମୁଁ ପରଦିନ ଠିକ୍ ସମୟରେ ପହଞ୍ଚି ପାରିଲିନି।
ସ : ଞ୍ଚେନ୍ ଗୁମାଂତାନ୍ ସାରିଗୟ ଆୟାମ୍ ଏର୍‌ଆଡୁସିଂ।
ଓ : ମୋତେ ଚିଠି ମିଳି ନାହିଁ।
ସ : ଞ୍ଚେଁନ୍ ଗାନାଡ୍‌ଲାମ୍ ଅଲାନ୍ ଏର୍‌ଞ୍ଜାଁନାଙ୍।
ଓ : ତାଙ୍କର ପୁଅ ନାହିଁ।
ସ : ଆନିନ୍ ଆଅନାନ୍ ଆଗାସା।
ଓ : କାଲି ମୁଁ ତୁମ ସହ ରହି ପାରିବିନି।
ସ : ବିୟଞ୍ଚେଁନ୍ ମାଂବାନାମ୍ ଡ଼ାକୁଲିନ୍ ଆରାପ୍‌ତିଆଇ୍।
ଓ : ମୁଁ ଏହା କେବେ ଭୁଲି ପାରିବିନି।
ସ : ଞ୍ଚେଁନ୍ କାନି ଆଙାଜା ଆକାରିଡ଼ାଆଇ୍।
ଓ : ଆମେ ଆଗରୁ ମିଶିଛେ।
ସ : ଆନ୍‌ଲେ ଆମାଙ୍ଗ୍ ଆଲ୍‌ରାବାଂଲାବି।
ଓ : ତୁମେ ନିଜକାମ ଶେଷ କରିଦେଇଥିଲ।
ସ : ଆମାନ୍ ବାରା ଡ଼ାମ୍‌ନାମ୍ ଆମ୍‌ତୁଂଲେ।
ଓ : ତୁମେ କଣ କହିବାକୁ ଚାହୁଁଛ ?
ସ : ଆମାନ୍ ଇତିନ୍ ଅବ୍‌ଲିଂ ବିନ୍ ଇତ୍‌ସୁମ୍‌ତେ ?
ଓ : ପ୍ରସ୍ତୁତ ରୁହ।
ସ : ଅସକାଲିନ୍ ତାକୁନା।
ଓ : କିଛି ପରୱା ନାହିଁ।
ସ : ଇତିଜା ତିଡ୍।
ଓ : ଅବଶ୍ୟ ଆସ।
ସ : ତେଲିଜାନାଂ ୟିରାଇ୍।
ଓ : ପ୍ରକୃତରେ ଏହା ଭୁଲ୍ ହୋଇଗଲା।
ସ : ଆଜାତିନା ଡ଼ିଜ୍ କାନାତି ଆଡ୍ ଡ଼ାକୁଲି।
ଓ : ଯେମିତି ଆପଣଙ୍କ ଇଛା।
ସ : ୟାନ୍‌ତି ଗାମ୍ ଆମାନ୍ ଇସୁମ୍‌ତେ (ଆମାନ୍ ଇତିନ୍ ଆୟାରିଜ୍ ଇତ୍‌ସୁମ୍‌ତେ)।

ଓ : ଆପଣ ଚିନ୍ତା କରନ୍ତୁନି କିଛି କ୍ଷତି ହୋଇନି।
ସ : ଆମାନ୍ ଇତିଜା ଅଂଗାନ୍‌ଡ଼ିଡଂ ଇତିଜା ଆଗ୍‌ଗଅଇଜାଡ଼୍ (ଆବ୍‌ମୁଡ୍‌ସାଅଡ୍)।
ଓ : ଏହା ଅଜାଣତରେ ହୋଇଗଲା।
ସ : କାନ୍ ଆତିଏର୍ ଗାଲାଲାମ୍ ଲାବିଡ଼େଲି।
ଓ : ଆଜି ସନ୍ଧ୍ୟାରେ ଆପଣଙ୍କୁ ଅବସର ମିଳିବ।
ସ : ନାମି ଅରବ୍‌ବାନ୍ ଡ-ଅଙ୍ଗ୍‌ନାମ୍ ଆନମ୍ ରେଙ୍ଗଗାନ୍ ଡ଼େତାମ୍।
ଓ : ମୁଁ ଆପଣଙ୍କ ସହ କେତେବେଳେ ମିଶିପାରିବି।
ସ : ଞ୍ଜେଁନ୍ ଆମାନ୍ ଆମ୍ ପ୍ରା ଆଙ୍ଗାନ୍ ମାୟ୍‌ଲିନ୍‌ରାପତିତାୟ୍।
ଓ : ଅନେକ ଦିନପରେ ସାକ୍ଷାତ୍।
ସ : ଆତେଙ୍କ୍ ତିନ୍‌ନା ଆତିକ୍‌କି ଆଲ୍‌ରାବାଙ୍ ଲାବି।
ଓ : ମୋତେ ଦେଖି ଆଶ୍ଚର୍ଯ୍ୟ ହେଉଛ।
ସ : ଡ଼ଂଞ୍ଜେଁନ୍ ଗିଜ୍‌ଲେ ଗୁବ୍‌ମାଙ୍ଗଡ଼ା ତେ।
ଓ : କାମରେ ବାଧା ଦିଅନା।
ସ : ବାରା ଲିଂଗାନ୍ ଆବାସୁଡ଼ାଡ଼ଂ।
ଓ : ମୋର ଦୁଇଭାଇ ଓ ଗୋଟିଏ ଭଉଣୀ।
ସ : ବାହାଗୁ ଉବାଞ୍ଜେଁନ୍ ଡ଼ ଆବୟ୍ ୟାୟିଞ୍ଜେଁନ୍।
ଓ : ଏବେ କେତେଟା ବାଜିଛି।
ସ : ନାମି ତାଜିଂଙ୍ଗାନ୍ ଡେଲି।
ଓ : ଆଜି କି ବାର।
ସ : ନାମି ଇତିନ୍ ଆଡ଼ିନ୍‌ନ୍।
ଓ : ଠିକ୍ ସମୟ କେତେ।
ସ : ସାକ୍ଳାୟ ଆୟାମାନ୍ ଡ଼ାଜିଙ୍ଗାନା।
ଓ : ମେଘ ହେଲେ ମୁଁ ଯିବି ନାହିଁ।
ସ : ତାରୁବ୍‌ଲିନ୍ ଡ଼େନ୍ ଞ୍ଜେଁନ୍ ଆଡ୍‌ୟିରେ।
ଓ : ରାତିରେ ଖାଇକରି ଯିବେ।
ସ : ତଗାଲାନ୍ ଗାଗାନ୍‌ଗାଗାଲିନ୍ ୟିର୍‌ତେ(ୟିରା)।
ଓ : ଭିତରକୁ ଆସନ୍ତୁ।
ସ : ଆଲୁଙ୍ଗାନ୍ ଗାନ୍‌ନାୟେ।

ଓ : ଆପଣଙ୍କ ସହ ମିଶି ଖୁସି ହେଲି।

ସ : ଡଅଂନାମ୍ ରାବାଂଙ୍ଗାନ୍‌ରାବାଙ୍ଗ୍‌ଲେ ଇତ୍‌ସୁମ୍‌ତେ।

ଓ : ଜୀବନରେ ତୁମେ କଣ ହେବାକୁ ଚାହଁ।

ସ : ମାନ୍‌ରେଙ୍ଗ୍ ନାନାମ୍ ଇତି ଆଲୋମ୍‌ବିନ୍ ଇତ୍‌ମ୍‌ତେ।

ଓ : ତୁମ୍ଭ ବାପା କଣ କରନ୍ତି।

ସ : ଉଆ ନାମ୍ ଇତିନ୍ ଲୁମ୍ଭତେ।

ଓ : ତାଙ୍କୁ ଭିତରକୁ ନେଇ ଆସ।

ସ : ଆଡ଼ଙ୍ଗାନ୍ ଆଲୁଙ୍ଗାନ୍ ଉରୁଙ୍ଗାଇ୍।

ଓ : ସେ ଧୀରେ ଧୀରେ ସୁସ୍ଥ ହେବେ।

ସ : ଆନିନ୍ ଡ଼ିର୍‌ଗାଡ଼ିର୍‌ଗାଲେ ସୁକ୍‌କାତେ।

ଓ : ସେ ହସିଲେ ଖୁବ୍ ସୁନ୍ଦର ଦିଶୁଛି।

ସ : ଆନିନ୍ ମାଆଙ୍ଗେ ତିନ୍‌ଡ଼େନ୍ ଲାଗାଂଡ଼ାମ୍ ଗିଜ୍‌ତାତି।

ଓ : ଆପଣଙ୍କ ପିଲା ରାତିରେ ଠିକ୍ ଶୋଉଛି ତ ?

ସ : ପିସିଜ୍‌ନାମ୍ ତଗାଲାନ୍ ବାଂସାଲେ ଡ଼ିମାଡ଼୍‌ନେତିନ୍ ଫ ?

ଓ : ଆଶା କରୁଛି ଆପଣ ମୋତେ କ୍ଷମା କରିଦେବେ।

ସ : ଡ଼ିର୍‌ତିନାୟ୍ ଆମାନ୍ ଡ଼ଙ୍‌ଞ୍ଜେଁନ୍ ତାମାତେ।

ଓ : ମୁଁ ଆପଣଙ୍କ ନାମ ଜାଣିପାରେ କି।

ସ : ଞ୍ଜେଁନ୍ ଆଞ୍ଜିଁମ୍‌ନାମ୍ ଆଗାଲାମ୍‌ବିନ୍ ଡ଼େତିଫ ?

ଓ : ଜ୍ଞାନ ଦାତା।

ସ : ଗାନାଲାମ୍ ତିୟ୍‌ମାର୍।

ଓ : ତୁମ୍ଭ ମାଁ କ'ଣ କରନ୍ତି ?

ସ : ୟାଙ୍ଗ୍‌ନାମ୍ ଇତିନ୍ ଲୁମ୍‌ତେ ?

ଓ : ତା ବିବାହରେ ମୋତେ ଯିବାକୁ ହେବ।

ସ : ଞ୍ଜେନ୍ ଆନିନ୍ ଆପାଙ୍ଗ୍‌କୁଇବାନ୍ ଆଇବିନ୍ ଡ଼େତତି (ଆସିଡ଼୍‌ରୁଂବାନ୍)।

ଓ : ଆପଣଙ୍କର ସମସ୍ୟା କଣ ?

ସ : ଆମାନ୍ ତାନାଙ୍ଗାଡ଼ନାମ୍ ଇତିନ୍ ?

ଓ : ବଡ଼ ଦୁଃଖର କଥା।

ସ : ସୁଡ଼ା ଡୁକ୍କାଡ଼ାଗିନ୍ ଆବିର୍‌ନା।

ଓ : ତାଙ୍କୁ ସାନ୍ତ୍ୱନା ଦିଅ।

ସ : ଆନିନ୍ ଆଡ଼ଅଙ୍ଗ୍ ବାବ୍‌ୟିବା।

ଓ : ସେ ମୋର ବିଶ୍ୱାସରେ ଆଘାତ ଦେଲା ।

ସ : ଆନିନ୍ ଆସାଂଗିମ୍ ଲିଂଞ୍ଜେଁନ୍ ବାରାନ୍ ଲୁମେଟିନ୍ ।

ଓ : ତୁମ କାମ ପ୍ରଶଂସା ଯୋଗ୍ୟ ।

ସ : ବାରାନାମ୍ ସାନିନ୍‌ସିନ୍‌ଡ଼ାମ୍ ।

ଓ : କାହାକୁ ଧକ୍କା ଦିଅ ନାହିଁ ।

ସ : ବୁଡିଜା ଆଡ଼ଅଙ୍ ଆବାସୁଡ଼ାଡ଼ଙ ।

ଓ : ତୁମେ ମୋ କଥାରେ ସହମତ କି ।

ସ : ଆମାନ୍ ବିରନା ଲିଙ୍‌ଞ୍ଜେଁନ୍ ଅଡ଼ିତେ ପ ।

ଓ : ମୋର କୌଣସି ଆପତ୍ତି ନାହିଁ ।

ସ : ଞ୍ଜେଁନ୍ ଇଡିଜା ଡ଼ାନାଂଡ଼ାଙ୍‌ଡିଡ଼୍ ।

ଓ : ମୁଁ ଆପଣଙ୍କ ନିମନ୍ତ୍ରଣ ଗ୍ରହଣ କଲି ।

ସ : ଞ୍ଜେଁନ୍ ଗାନୁଡ଼ିଙ୍ ଅଲ୍‌ନାମ୍ ଜାଲାଇ ।

ଓ : ସତରେ ଆପଣଙ୍କୁ ବହୁତ ଧନ୍ୟବାଦ ।

ସ : ଜାଡ଼ିୟଡିନ୍ ଗାମ୍‌ଲେ ଡ଼ଅଙନାମ୍ ବଇବଇ ସାନିନ୍‌ସିନ୍‌ଡ଼ାମ ।

ଓ : ମଣିଷ ମରଣଶୀଳ ।

ସ : ମାନ୍‌ରାନ୍ ଏର୍‌ତାଡ଼ାଡ଼ାମ୍ ।

ଓ : ମଣିଷ ଏକ ସାମାଜିକ ପ୍ରାଣୀ ଅଟେ ।

ସ : ମାନ୍‌ରାନ୍ ଆପୁରାଡାନ୍ ଆପୁରାଡ଼ାନ୍ ଅସେଂ ଡାଗେ ଡ଼ାକୁ ।

ଓ : ସିଂହ ହିଂସ୍ର ଜନ୍ତୁ ଅଟେ ।

ସ : ସାମ୍‌ଡ଼ାକୁଲୁଇ କିଡ଼ାନ୍ ଆସାଙ୍ଗିମ୍ ଜନ୍ତୁ ।

ଓ : ମୋତେ ଦେଖି ଆଶ୍ଚର୍ଯ୍ୟ ହେଉଛ କି ।

ସ : ଡଙ୍‌ଞ୍ଜେଁନ୍ ଗିଜ୍‌ଲେ ରୁବ୍‌ମାଙ୍ ଡ଼ାତାମ୍ ପ ।

ଓ : ତାଙ୍କୁ ମୋର ନମସ୍କାର ଜଣାଇବ ।

ସ : ଆଡ଼ଅଡାନ୍ ଲାନିମ୍‌ଞ୍ଜେଁନ୍ ଗାଡ଼୍‌ଲାମା ।

ଓ : ମୁଁ ଡ଼ାକ୍ତର ହେବାକୁ ଚାହୁଁଛି ।

ସ : ଞ୍ଜେଁନ୍ ତିୟ୍‌ରେମାର୍ ଆଡ଼େବିନ୍ ଇତ୍‌ସୁମ୍‌ତାଇ୍ ।

ଓ : ସେ ମୋର ସହଧର୍ମୀଣୀ ଅଟନ୍ତି ।

ସ : ଆନିନ୍ ତୁତ୍ତୁବଇଞ୍ଜେଁନ୍ ।

ଓ : ମୋର ଶୁଭକାମନା ତୁମ ସହିତ ଅଛି ।

ସ : ଜାଡ଼ିନା ବାରାଞ୍ଜେଁନ୍ ଆମାନ୍ ବାତ୍‌ଡି ଡ଼ାକୁ ।

ଓ : ଧନ୍ୟବାଦ ମଉସା ମୁଁ ଯାଉଛି।
ସ : ସିନ୍ତାମ୍ ଞେଁନ୍ ୟିର୍ତେ ତାଡିଂ।
ଓ : ଯୁକ୍ତି ନ କରି ମୋକଥା ଶୁଣ।
ସ : ଏର୍ବାଡ଼ିଲିନ୍ବି ବିର୍ନାଞେଁନ୍ ଆମ୍ଣ୍ଡାଙା।
ଓ : ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବହୁତ ଖରାପ।
ସ : ଆଜିନ୍ ଆକାନାଲ୍କାଲାନ୍ ଆତେଂଡ଼ାକୁ।
ଓ : ସେ ଆମର ସଂପର୍କୀୟ ଲୋକ ଅଟେ।
ସ : ଆନିନ୍ କୁଲାମ୍ ମାର୍ଲେନ୍।
ଓ : ଆପଣ ତାକୁ କଲେଜରେ ପଢ଼ାନ୍ତୁ।
ସ : ଆମାନ ଆନିଆଡ଼ଂ ଲିଂକାଂ ଞ୍ୟାଁରାଂନା ସିଂଲିଙାନ୍ ଆବ୍ଞାଁନାଆ।
ଓ : ସ୍କୁଲ ଶିକ୍ଷା ସମାପ୍ତ କଲ କି ?
ସ : ଞ୍ୟାଁଙ୍ନା ନାମ୍ ଆମ୍ତୁଙ୍ ଲେପ ?
ଓ : ନଦୀରେ ବହୁତ ପାଣି ଆସିଛି।
ସ : ଆଲଲିଙାନ୍ ଆତେଙ୍ଗ ଡ଼ାଆନ୍ ୟିରାଇ୍ତିନ୍।
ଓ : ଆପଣଙ୍କ ପିଲାର ଚେହେରା ଆପଣଙ୍କ ପରି।
ସ : ପାସିଜ୍ନାମ୍ ଆମୁକା ମୁକ୍ଳାନାମ୍ ଆମ୍ବ୍ରିଜ୍।
ଓ : ମୋର ଗୋଟିଏ ଲୁଗାକଳ ଅଛି।
ସ : ଞେଁନ୍ ଆବଇ୍ ତାରାଇଞ୍କାବ୍ ସିଙାନ୍ ଡ଼ାକୁ।
ଓ : ସେ ଜଣେ ବିତ୍ତଶାଳୀ ଲୋକ ଅଟେ।
ସ : ଆନିନ୍ ଆବୟ୍ ବିତିମାର୍ ଡ଼ାକୁ।
ଓ : ମୁଁ ଆପଣଙ୍କୁ ହିଁ ଅପେକ୍ଷା କରିଥିଲି।
ସ : ଞେଁନ୍ ଡ଼ଅଂନାମ୍ନା ଆମଡ଼ିଲାମ୍।
ଓ : ଆଜ୍ଞା ମୋ ପାଖରେ ବସନ୍ତୁ।
ସ : ଞାଂଞାଂମାର୍ ଆମାନ୍ ମାଂବାଞେଁନ୍ ଗବା।
ଓ : ବୋଧହୁଏ ସେ ଆସିବେ ନାହିଁ।
ସ : ବଗାଡ଼ଡ଼େନ୍ ଆନିନ୍ ଆନିୟାଇ୍।
ଓ : ପରିଶ୍ରମୀ ହୁଅ।
ସ : ବାରାମାର୍ ଡ଼େଆମ୍ତି।
ଓ : ମୁଁ କହିଲି କିଏ ଅଛି।
ସ : ଞେଁନ୍ ଗାମ୍ଲାୟ୍ ବୁତିନ୍ ଡ଼ାକୁ।

ଓ : ଆପଣ ସେଠାକୁ ଯିବା ଦରକାର ନାହିଁ।
ସ : ଆମାନ ତିତିଆୟ୍‌ବିନ୍ ସାନାୟ୍‌ସାୟ୍‌ତିଡ୍।
ଓ : ସେ ଗୀତ ଗାଇଲା।
ସ : ଆନିନ୍ କାନିନ୍‌ନାନ୍ କିନେତିନ୍।
ଓ : ସେ କଣ ଗୀତ ଗାଇଲା ?
ସ : ଆନିନ୍ ଇତିନ୍ ଆକାନିନ୍ କିନେତିନ୍ ?
ଓ : ଆଜି ଖୁବ ଗରମ।
ସ : ନାମି ଆତେଙ୍ ଉଙ୍‌ରୁଡ୍‌ଡ଼ାମ୍ (ତାଗି)।
ଓ : ଆଜି ଥଣ୍ଡା ନାହିଁ।
ସ : ନାମି ସାୟୁତିଡ୍।
ଓ : ଆମକୁ ଦେଖ।
ସ : ଡ଼-ଅଂଲେନ୍ ଗିଜା।
ଓ : ସେ ଆମ ସଂଗରେ ଥିଲେ।
ସ : ଆନିନ୍ ଆଲେନ୍ ଆମପ୍ରା ଡ଼ାକୁଲି।
ଓ : ଶୁଣ ତ।
ସ : ଆମ୍ ଡ଼ାଙ୍ଗାରଇ୍।
ଓ : ଶୀଘ୍ର ଆସ।
ସ : ଉମେଙ୍ ୟିରାୟ୍।
ଓ : ମୋତେ ଦେଖିବାକୁ ଦିଅ।
ସ : ଡ଼ଅଂ ଞେଁନ୍ ଗିଜ୍‌ବିନ୍ ଆସାନ୍ ତିୟିଞ୍ଜ୍।
ଓ : ପ୍ରସ୍ତୁତ ରୁହ।
ସ : ଅସ୍‌କାୟ୍‌ଲିନ୍ ଡ଼ାକୁନା।
ଓ : ମୁଁ କିଛି ପଚାରୁ ନାହିଁ।
ସ : ଞେଁନ୍ ଇତିଜା ଆନୁଆଲାୟ୍।
ଓ : ମୁଁ ଜାଣେ ନାହିଁ।
ସ : ଞେଁନ୍ ଆଗ୍‌ଗାଲାମାୟ୍ (ଆଗ୍‌ଗାଲାମାଇ)।
ଓ : ତୁମେ ଆଗରେ କଣ ଦେଖିଲ।
ସ : ଆମାନ୍ ଆବ୍‌ମାଙ୍ ଇତିନ୍ ଗିଜ୍‌ଲେ।
ଓ : ପରୀକ୍ଷା ଫଳ ସଂପର୍କରେ।
ସ : ତାନୁନ୍‌ଜିଡ଼ଂ ଜ-ଅନ୍ ଆପ୍‌ସେଲେ।

| | | |
|---|---|---|
| ଓ | : | ତୁମେ କେମିତି ଫେରିଲ। |
| ସ | : | ଆମାନ୍ ୟାନ୍‌ଗାମ୍ ୟାର୍‌ଲିନାୟ୍। |
| ଓ | : | ତୁମ ପୁଅର ବୟସ କେତେ। |
| ସ | : | ଅନ୍‌ନାମ୍ ତାଜିଙ୍ ମିଞ୍ଜୁଁମ୍ ଡ଼େଲି। |
| ଓ | : | ତାକୁ ଏଗାର ବର୍ଷ ହେଲା। |
| ସ | : | ଆନିନ୍ ଗାଲ୍‌ମୁୟ୍ ମିଞ୍ଜୁଁମ୍ ଡ଼େଲି (ମିୟାଲ୍)। |
| ଓ | : | ଏଠାରୁ ପାରାଦ୍ୱୀପ କେତେ ଦୂର ? |
| ସ | : | ସିଡନେ ସାରିଂ ପାରାଡିବ୍ ତାଜିଙାନ୍ ଆସାଙାଇ ତାକୁ ? |
| ଓ | : | ମୁଁ ଆଣିବି। |
| ସ | : | ଞେଁନ୍ ପାଙ୍‌ତାୟ୍। |
| ଓ | : | ଆପଣ କେମିତି ? |
| ସ | : | ଅମାନ୍ ୟାଙ୍‌ଗାମ୍ ? |
| ଓ | : | ଆପଣ ବୁଝିଲେ କିଁ |
| ସ | : | ଆମାନ୍ ଗାଲାମ୍‌ଲେ ପ ? |
| ଓ | : | ବତି ଜଳାଅ ? |
| ସ | : | ଡିପାନ୍ ଅୟା/ (ଲିପାନ୍) ? |
| ଓ | : | ତୁମେ ଯାଅ। |
| ସ | : | ଆମାନ୍ ୟିରା। |
| ଓ | : | ଡେରି କର ନାହିଁ। |
| ସ | : | ଆବ୍‌ଡ଼ିଂଡ଼ିଂ ଡ଼ଂନେ। |
| ଓ | : | ଯେ ପର୍ଯ୍ୟନ୍ତ ମୁଁ ନ ଆସିଛି ଏଇଠି ବସିରୁହ। |
| ସ | : | ଞେଁନ୍ ଆଡ୍‌ୟିରାଏନ୍ ସିକକ୍‌ଇଜା ତିଡ୍‌ନେ ଗବ୍‌ଲେ ଡ଼ାକୁନା। |
| ଓ | : | ଏମିତି କଥା କହନ୍ତିନି। |
| ସ | : | କାନ୍‌ଆମ୍ରିଜ୍ ଆବ୍‌ବିର୍‌ନେଜି। |
| ଓ | : | ନିଜକାମ ପ୍ରତି ଧ୍ୟାନଦିଅ। |
| ସ | : | ବାରାଲିଙ୍ ନାମ୍ ତିୟ୍ ଡ଼ାମ୍ ନା |
| ଓ | : | ଏହା ଲେଖିନିଅ। |
| ସ | : | କାନଆତି ଇଡ଼ଲ୍‌ଲେପାଙା। |
| ଓ | : | ସାହାସଧର। |
| ସ | : | ଉୟୁବ୍‌ନା। |

ଓ : ଡ଼ାକ ନାମ କଣ ?
ସ : ଗାନୁଡ଼ିଂ ଆଞ୍ଜିମ୍‌ନାମ୍ ଇତିନ୍ ?
ଓ : ପ୍ରକୃତରେ ଏହା ଭଲରେ ହୋଇଗଲା ।
ସ : ଆଜାଡ଼ିନା କାନାତି ବାଙ୍‌ସାଲେ ଡ଼େଲି ।
ଓ : ମୁଁ ଗାଇ ଜାଣେନା ।
ସ : ଞେଁନ୍ କିନ୍‌ଲେ ଆରାପ୍‌ତିଆଇ ।
ଓ : ଏକଥା ଜାଣି ମୋତେ ଦୁଃଖ ଲାଗିଲା ।
ସ : କାନ୍ ଆବିର୍‌ନା ଆମ୍‌ଡ଼ାଂଲାଞେଁନ୍ ଡୁକ୍‌କା ଲିନାଇ (ସିନ୍ତାଲିନାଇ) (ଡୁକକାଡାଲିଞ୍ଜୁଁ) ।
ଓ : ବିଶ୍ରାମଗୃହ ।
ସ : ଲାରୁଲୁନାସିଂ ।
ଓ : ରାସ୍ତା ବନ୍ଦ ।
ସ : ତାଡ଼ଂର୍ ତିଡ଼୍ ।
ଓ : ଭଡ଼ାଘର ଅଛି କି ?
ସ : ଲେବୁନ୍ ତିୟଲେ ଆଡ଼ାକୁତିନ୍‌ବିନ୍ ଆସିଂ ଡ଼ାକୁପ (ଆଡିଆ ସିଂ)
ଓ : ତୁମେ କିଏ ?
ସ : ଆମାନ୍ ବୁତିନ୍ ?
ଓ : ସେମାନେ କିଏ ?
ସ : ଆନିଞ୍ଜିଁ ବୁତିନ୍ ?
ଓ : କିଏ ଗୀତ ଗାଇଲା ?
ସ : ବୁତିନ୍ କାନିନ୍ କିନାନ୍ କିନେତିଡ ?
ଓ : ବଜାରକୁ କିଏ ଯିବ ?
ସ : ବାଜାରାବାନ୍ ବୁତିନ୍ ଇୟ୍‌ତେ (ସାଇଞ୍ଜିଁ୍‌ତାନ୍) ?
ଓ : ଏ କାମ କିଏ କରି ପାରିବ ?
ସ : କାନ୍ ଆବାରାନ୍ ବୁତିନ୍ ରାପ୍‌ତି ସାବ୍‌ଜାତେ / ଲୁମ୍‌ତେ ?
ଓ : ସେ କାହାକୁ ଭେଟିବ ?
ସ : ଆନିନ୍ ବୁତିନ୍ ଆଡ଼ଂ ଆରାବାଂ ବିନ ଡାକୁ ?
ଓ : ଭିତରକୁ ଆସ ।
ସ : ଆଲୁଙ୍ଗାନ୍ ଇଆୟ୍ (ଗାନ୍‌ନାଇ) ।
ଓ : ଏଠାକୁ ଟିକେ ଆସିବେ ।
ସ : ତିନେ ଆଜିତିଡ୍ ଇୟାଇ୍ ।

ଓ : ଆସ, ବୁଲିବାକୁ ଯିବା ।

ସ : ଗାନରଡ୍ ବାନ୍ ଆୟ୍‌ବା ।

ଓ : ମୁଁ ଆସି ପାରିବି ନାହିଁ ।

ସ : ଙ୍ଙେଁନ୍ ରାପ୍‌ତି ଆଡ୍‌ନିୟାଇ୍ ।

ଓ : ମୁଁ ଆସିବାକୁ ଚାହୁଁନି ।

ସ : ଙ୍ଙେଁନ୍ ଆୟ୍‌ବିନ୍ ଆନିତ୍‌ସୁମାଇ୍ ।

ଓ : ଏହା ସମ୍ଭବ ନୁହେଁ ।

ସ : କାନି ରାପ୍‌ତି ଆଡ୍‌ଡେଏ ।

ଓ : ତୁମେ କେଉଁ ଠାରୁ ଆସିଛ ।

ସ : ଆମ୍‌ନ୍ ଓ୍ୱାନ୍‌ସାଲୁଂ / ସାରିଂ ଇଲ୍‌ଲାୟ୍ (ୟିର୍‌ରାଇ) ।

ଓ : ମୋର କିଛି ଦରକାରନାହିଁ ।

ସ : ଇତେଜା ସାନାଇଜ୍ ସାଇଜ୍‌ଙ୍ଙେଁନ୍ ତେଡ୍ ।

ଓ : ମୁଁ ଏ ବିଷୟରେ କିଛି ଜାଣିନାହିଁ ।

ସ : ଙ୍ଙେଁନ୍ କାନି ଆପ୍‌ସେଲେ ଇତିଜାଇରଗାଲାମ୍ ।

ଓ : ମୁଁ ଏହା କରି ପାରିବି ନାହିଁ ।

ସ : ଙ୍ଙେଁନ୍ କାନ୍ ଆତେ ଆରାପ୍ତିୟାଇ୍ ।

ଓ : ଏହା ମୁଁ କିପରି କରି ପାରିବି ।

ସ : କାନାତି ୟାଙ୍ଗାମ୍‌ଲେ ରାପ୍‌ତି ଲୁମ୍‌ତାଇ ।

ଓ : ମୁଁ ମାନିବି ନାହିଁ ।

ସ : ଙ୍ଙେଁନ୍ ଆମାନ୍ନିଆଇ (ଆଡ୍‌ନଡିଆଇ) ।

ଓ : ମୋର କିଛି ଦରକାର ନାହିଁ ।

ସ : ଙ୍ଙେଁନ୍ (ମେୟଁ) ଇତିଜା ସନାୟସାଇତିଡ୍ ।

ଓ : ମୋର କିଛି ଆପତ୍ତି ନାହିଁ ।

ସ : ଙ୍ଙେଁନ୍(ୟେନଇତିକା) ଡ଼ାନାଙ୍ ଡ଼ାଂ ତେଡ୍ ।

ଓ : ଅନ୍ୟର ଆଲୋଚନା କରନାହିଁ ।

ସ : ବମାଣ୍ଡା ଆବିର୍‌ଡୁଙ୍‌ଡ଼ଂ ।

ଓ : ମୁଁ ଆପଣଙ୍କ ସହ ଅଛି ।

ସ : ଙ୍ଙେଁନ୍(ୟେନ୍)ଆମାନ୍ ଆମ୍‌ପାରାଡ଼ାକୁ ।

ଓ : ଯେମିତି ଆପଣଙ୍କ ଇଚ୍ଛା ।

ସ : ଇତ୍‌ସୁମ୍‌ନାମ୍ ଆମ୍ରିଜ୍ ।

ଓ : ଆମକୁ ଏବେ ତୁରନ୍ତ ଯିବାକୁ ହେବ।
ସ : ଆନ୍‌ଲେନ୍ ଲାମି ଆୟିର୍‌ବେନ୍ ଡାକୁ।
ଓ : ଏହି ବହି ଗୁଡ଼ିକ ତମର।
ସ : କାନି ଆକାମ୍ବଲ୍ ଜାକିଞ୍ଜ୍ ଆମ୍ବିନ୍ ଆତେ।
ଓ : ଶୁଣ ।
ସ : ଆଣ୍ଡାଙ୍ଗା।
ଓ : କୁହ।
ସ : ଅବ୍‌ପୁଙ୍ଗା (ଅବ୍‌ଲିଙ୍ଗା)।
ଓ : ଏଠାକୁ ଆସ।
ସ : ତିନେ ଇୟାଇ୍ (ୟିରାଇ୍)।
ଓ : ସେଠାକୁ ଯାଅ।
ସ : ତିତ୍ତି ଇୟା (ୟିରା)।
ଓ : ପାଖକୁ ଆସ।
ସ : ଆଡ଼ାମ୍‌ବାଞ୍ଜେଁନ୍ ଇୟାଇ।
ଓ : ଉପରକୁ ଯାଅ।
ସ : ଲାଂକାନ୍ ଇୟା(ୟେରା)।
ଓ : ଓହ୍ଲାଇ ଆସ।
ସ : ଲାତ୍‌ସଲେ ୟିରାଇ।
ଓ : ଶୀଘ୍ର ଯାଅ।
ସ : ଉମେଂ ଇୟା(ୟିରା)।
ଓ : ବାହାରି ଯାଅ।
ସ : ଡୁଂଲିନ୍ ୟିରା।
ଓ : ଚୁପ୍‌ରୁହ।
ସ : କିଡ଼ିଂଗାମ୍‌ଲେ ସିଡ଼ା (ରିଂଲେନ୍ ଡାକୁନା)।
ଓ : ସେ ଗୀତ ଗାଇଲା।
ସ : ଆନି କାନିନାନ୍ କିନେ୍ଡ଼୍ତି।
ଓ : ମୁଁ କାଲି ଏଠାକୁ ଆସିଥିଲି।
ସ : ଞେଁନ୍ ରୁବାନ୍ ତିଡ୍‌ନେ ଇୟଲାୟ୍ ବିଞ୍ଜୁଁ।
ଓ : ପୋଲିସ୍ ଚୋରକୁ ଧରିଲା।
ସ : ତୁରକାନ୍‌ଜୁମ୍ବୁର୍‌ମ୍‌ରାନ୍ ଆଡ଼ଂ ଞାଁମେତିତ୍।

ଓ : ତା ବିବାହରେ ମୋତେ ଯିବାକୁ ହେବ।
ସ : ଆନିନ୍ ଆସିଡ୍‌ରୁଂ ବାନ୍ ଞେଁନ୍‌ଆୟ୍‌ବିନ୍ ଡ଼ାକୁ।
ଓ : ମୋତେ ଦେଖିବାକୁ ଦିଅ।
ସ : ୟେଁନ୍ ଅଗିୟବିନ୍ ତିୟଁବା (ଞେଁନ୍ ଗିଜ୍‌ବିନ୍ ତିଇଞ୍ଜଁବା)।
ଓ : ଥଟ୍ଟା କର ନାହିଁ।
ସ : ଆଗୟ୍‌ବିର୍ ଡଙ୍ଗିଞ୍ଜଁ।
ଓ : ମୋତେ ଏକା ଛାଡ଼ିଦିଅ।
ସ : ଆନ୍‌ସଇ ଞେଁନ୍ ଅମ୍‌ଡାଇଞ୍ଜଁବା।
ଓ : ଏବେ ଜ୍ୱର ନାହିଁ।
ସ : ନାମିଜ୍ ଞେଁନ୍ ଆସୁନ୍ ଆଗାସା।
ଓ : ପିଲାଟି ଭୋକିଲା ଅଛି।
ସ : ପାସିଜାନ୍ ତୁଲାଇଜାତି।
ଓ : ସେ ଅସୁସ୍ଥ ଅଛନ୍ତି।
ସ : ଆନିନ୍ ଆଡ଼ଅଂ ସୁକାତିଡ୍ (ଡ଼ଲତିଡ୍)।
ଓ : ପଥର ଆଣ।
ସ : ଆରେତାନ୍ ପାଙ୍ଗାଇବା ।
ଓ : ମୋତେ ନିଦ ଲାଗୁଅଛି।
ସ : ଞେଁନ୍ ମିବ୍‌ମିବ୍‌ଡାତିଞ୍ଜ୍।
ଓ : ସେ ଚାଲିଗଲା।
ସ : ଆନିନ୍ ୟିରେତିଡ୍ (ୟିରେତିଡ୍)।
ଓ : ସେମାନେ କାନ୍ଦନ୍ତି।
ସ : ଆନିଞ୍ଜି ଏଡ଼ାତିଞ୍ଜି।
ଓ : କୁକୁର ମାଂସ ଖାଏ।
ସ : କିନ୍‌ସଡ଼ାନ୍ ଜେଲୁ ନଜୁମ୍‌ତେ।
ଓ : ପକ୍ଷୀଟି ରାବେ।
ସ : ଅନ୍ତିଡ଼ାନ୍ ଗୁତେ।
ଓ : ବାଘ ବଣରେ ରହେ।
ସ : କିଃନାନ୍ ଗାଡ଼ାଲୁଂ / ତୁଲାବ୍‌ଲିଙ୍ଗାନ୍ ବାସୁତେ।
ଓ : ପିଲାଟି କାନ୍ଦୁଅଛି।
ସ : ପାସିଜାନ୍ ଏଡ଼ାତିନ୍।

ଓ : ପିଲାଟି ଝୁଣ୍ଟିପଡ଼ିବାକୁ ରକ୍ତ ବାହାରିଛି।
ସ : ପାସିଜାନ୍ ପାବ୍‌ବାଲେନ୍ ଆସାନ୍ ମିଞ୍ଝ୍ୟାମାନ୍ ଡୁଂନାଇତେନ୍।
ଓ : ମୋର ସ୍ୱାସ୍ଥ୍ୟ ଭଲ ନଥିବାରୁ ମୁଁ ଯାଇ ପାରୁନାହିଁ।
ସ : ଡ଼ଅଂଞ୍ଜେଁନ୍ ସାମାଂ ତେଡ୍ କାନ୍ ଆସାନ୍ ରାପ୍‌ତି ଆଡ୍‌ନିଏ।
ଓ : ପିଲାମାନେ ପ୍ରତିଦିନ ସ୍କୁଲକୁଆସ।
ସ : ପାସିଜ୍‌ଜି ତିଡିନ୍ନା ଞ୍ଜ୍ୟାଂନାବାନ୍ ଇୟାଇବା।
ଓ : ବାପା ମୋତେ ଗାଳି ଦେଲେ।
ସ : ଓ୍ୟାଞ୍ଜେଁନ୍ କାଞ୍ଜଁଞ୍ଜ୍‌ତେଡ୍।
ଓ : ମା ମୋତେ ମାରିଲେ।
ସ : ୟାଂଞ୍ଜେଁନ୍ ତିଡିଞ୍ଜ୍‌ତେନ୍।
ଓ : ମୋତେ ଖାଇବାକୁ ଦିଅ।
ସ : ଞ୍ଜେଁନ୍ ଆଗାବିମ୍ ତିୟିଞ୍ଜ୍‌ମ୍ନା।
ଓ : ମୋତେ ଯିବାକୁ ଦିଅ।
ସ : ଞ୍ଜେଁନ୍ ଆୟିର୍‌ବିନ୍ ତିୟିଞ୍ଜ୍‌ମ୍ନା।
ଓ : ମୁଁ ଶୋଇବି।
ସ : ଞ୍ଜେଁନ୍ ଡ଼ିମାତିନାଇ୍।
ଓ : ମୁଁ ଧାଇଁବି।
ସ : ଞ୍ଜେଁନ୍ ୟିର୍‌ତିନାଇ୍।
ଓ : ମୁଁ ବସିବି।
ସ : ଞ୍ଜେଁନ୍ ଗବ୍‌ତାଇ୍।
ଓ : ମୁଁ ଠିଆ ହେବି ।
ସ : ଞ୍ଜେଁନ୍ ତାନାଂତାଇ୍।
ଓ : ମୁଁ ଚୋରି କରିନାହିଁ।
ସ : ଞ୍ଜେଁନ୍‌ଏର୍ ଜୁମ୍ମୁର୍‌ନା୍।
ଓ : ମୁଁ ଯାଇନାହିଁ।
ସ : ଞ୍ଜେଁନ୍ ଏର୍ ଆନିୟ୍।
ଓ : ମୁଁ ପିଇବି।
ସ : ଞ୍ଜେଁନ୍ ଗାଡ଼ାତିନାଇ୍ ।
ଓ : ମୁଁ ଜାଣେ ନାହିଁ।
ସ : ଞ୍ଜେଁନ୍ ଆଗ୍‌ଗାଲା ମାଇ୍।

ଓ : ସେ ଏଠାକୁ ଆସେନାହିଁ।
ସ : ଆନିନ୍ ତିଡ୍‌ନେ ଆଡ୍‌ନିୟାଇ୍।
ଓ : ସେ ମହିଳାଟି ବିଭା ହୋଇନାହିଁ।
ସ : କାନ୍ ଆନ୍‌ସାଲନ୍ ଆଡ୍‌ସିଡ୍‌ଗୁଂନାଡ୍।
ଓ : ତାଙ୍କର ପୁଅ ନାହିଁ।
ସ : ଆନିନ୍ ଅଙ୍ଗେର୍ ଅନ୍‌ତିଡ୍।
ଓ : ଭାଇ, କାଲି ଘରେ ରହିବେ ନାହିଁ।
ସ : ଉବାଞ୍ଜେଁନ୍ ବିୟଡ଼ି ସିଂଇଙାନ୍ ଆଡ଼ାକୁନେ।
ଓ : ତୁମେ ସେଠାକୁ ଯିବା ଦରକାର ନାହିଁ।
ସ : ଆମ୍ନିନ୍‌ତିତି ଆୟବିନ୍ ତେଡ୍।
ଓ : ତୁମେ କେବେ ତା ସହିତ ମିଶିଲ ?
ସ : ଆମାନ୍ ଆଙାନ୍ ଆନିନ୍‌ବାତି ମାଇୟ୍‌ଲେନ୍।
ଓ : ତୁମେ ମୋତେ ଡ଼ାକିଲ କି ?
ସ : ଆମାନ୍ ଗୁଡିଂ ଲିଞ୍ଜ୍ ପ ?
ଓ : ଏଠାକୁ କିଏ ଆସିବ।
ସ : ତିନେ ବୁତିନ୍ ଇୟ୍‌ତାୟ୍ (ୟିର୍‌ତାଇ୍)।

## ପାଠ-୧

## ଚିତ୍ର ଦେଖି ଗପ କୁହ

ଓ : ସୂର୍ଯ୍ୟ : ପୂର୍ବ ଦିଗରେ ଉଦୟ ହୁଏ।
ସ : ଉୟଂ : ତୁଙ୍ଗୟୁଂସେଙ୍ଗ୍ ତୁଙ୍‌ତିନାଇ।
ଓ : କାଉ : କାଉ ରାବେ।
ସ : କାକା : କାକାନ୍ ଗୁତେ।
ଓ : ଗଛ : ଗଛର ଛାଇ।
ସ : ନି-ଇବ୍ : ନି-ଇବାନ୍ ଆଲୁଙ୍ଗୁ (ଅଲୁବ୍‌ଲୁବ୍)।
ଓ : କୂଅଁ : କୂଅର ପାଣି।
ସ : କୁଆ : ଗାୟ୍‌ଲୁଂଡ଼ା ଆ-ଡ଼ା-ଆ।
ଓ : ହାଣ୍ଡି : ପାଣିହାଣ୍ଡି।
ସ : ସ୍ଲେଙ୍ଗ୍ (ଡ଼ାଙ୍କି) : ଡ୍ରା-ଆବାସେଙ୍ଗ୍।

ଓ : ଗୋଡ଼ି : ଗୋଡ଼ିଆଣ।
ସ : ଗୁଡ଼ିୟାର୍ : ଗୁଡ୍ଡିୟାରାନ୍ (ରାଗାଡ଼ି)ପାଙାଇ।
ଓ : ବସିଲା : ହାଣ୍ଡି ଉପରେ ବସିଲା।
ସ : ଡୁଇନେତିନ୍ : ତାଙ୍କିନ୍ ଆଲିଙ୍ଗା ଡୁଇନେତିନ୍।
ଓ : ଗୋଡ଼ି ପାଟିରେ ଧରିଲା।
ସ : ଗୁଡ୍ଡିୟାରାନ୍ ଆତ୍ଅଡ଼୍ ଲିଙାନ୍ ପାକୁବ୍‌ଲେ।
ଓ : ହାଣ୍ଡିରେ ପକାଇଲା।
ସ : ସ୍ଲେଙ୍ଗ୍(ଡ଼ାଙ୍କି) ଲୁଙାନ୍ ପିଡ଼୍‌ପିଡେତିନ୍)।
ଓ : ପାଣି ପିଇଲା।
ସ : ଡା-ଆନ୍ ଗାଏତିନ୍।

## (ଚିତ୍ର-୨)

ଓ : ମେଘ : ମେଘରୁ ବର୍ଷାହୁଏ।
ସ : ତାରୁବ୍ : ତାରୁବାନ୍ ଗୁରତେ।
ଓ : ପର୍ବତ : ପର୍ବତ ଶିଖର ଦେଖ।
ସ : ବାରୁନ୍ : ବାରୁନ୍ ଆମୁଣ୍ଡୁଇ-ଗିଜା।
ଓ : ତାଳଗଛ : ତାଳଗଛ ବଡ଼ ସୁନ୍ଦର ଦିଶେ।
ସ : କାମ୍ବାନିବ୍ : କାମ୍ବା ନିବାନ୍ ବଇବଇ ଲାଙ୍ଗା ଗିଜ୍‌ତାତି।
ଓ : ସ୍ତ୍ରୀ : ସ୍ତ୍ରୀଲୋକମାନେ ପାଣି ଆଣନ୍ତି।
ସ : ଆନ୍‌ସଲବଇ୍ : ଆନ୍‌ସଲନ୍‌ଜି ଡ଼ା-ଆନ୍ ପାଙ୍‌ତାଇଜି।
ଓ : ଘର : ଛଣ ଛପର ଘର ଖରାଦିନେ ଥଣ୍ଡା ରହେ।
ସ : ସି-ଇଙ୍ : ଆଲାଙ୍ ସିଂଙାନ୍ ଡ଼ାଗା ଇଙାନ୍ ସାୟୁ ଡ଼ାକୁତେ।
ଓ : ମାଝିବା : ଝିଅଟି ବାସନ ମାଜୁଛି।
ସ : ଗଡ଼୍‌ଗଡ଼୍ : ଆନ୍‌ସଲ ସିଜାନ୍‌ତାଙ୍କିନ୍ ଗଡ଼୍‌ଗଡ଼୍ ତେ।
ଓ : ଖଟ : ଖଟ ପକେଇବସ।
ସ : ସାଣ୍ଡି : ସାଣ୍ଡିନ୍ ପାଡ଼୍‌ଡ଼ିଜ୍‌ଲେ ଗବା।
ଓ : ଖେଳ : ପିଲାଟି ବାଡ଼ି ଧରି ଖେଳୁଛି।
ସ : ଗାତାସି : ଆଣ୍ଡିସିଙ୍ଗ୍ (ଗୋତାସି) ଡ଼ାଙ୍ଗୁନ୍ ଞ୍ୟାମ୍‌ଲେ ପାସିଜାନ୍ ଗାତାସିତିନ୍।
ଓ : କୁକୁଡ଼ା : କୁକୁଡ଼ା ଦାଣ୍ଡରେ ଚରୁଛି।
ସ : କାନ୍‌ସିମାନ୍ : କାନ୍‌ସିମାନ୍ ରଣ୍ଡାଡ଼ିନ୍‌ଜୁମ୍ ଜୁମ୍ ତିନ୍।

| | | | | |
|---|---|---|---|---|
| ଓ | : | କବାଟ | : | ଘରର କବାଟ ବନ୍ଦ କର। |
| ସ | : | ସାନାଙ୍ | : | ସାନାଙ୍ଗାନ୍ ଇଙ୍ଗାଡ଼ା। |
| ଓ | : | ଝରକା | : | ଝରକା ଖୋଲ। |
| ସ | : | ରାଙ୍ଗିସାଙ୍ଗ୍ | : | ରାଙ୍ଗିସାଙ୍ଗାନ୍ ରିଆ (କିନ୍ତାଲସାଂ)। |
| ଓ | : | ବାଡି | : | ବୁଢ଼ୀ ବାଡି ଧରି ଚାଲୁଛି। |
| ସ | : | ଡ଼ାଙ୍ଗୁ | : | ଡୁକ୍ରି ବଜାନ୍ ଡ଼ାଙ୍ଗୁନ୍ ଞ୍ଜାଁମଲେ ଞ୍ଜାଁତିନ୍। |
| ଓ | : | ଗାଇମାର | : | ପିଲାଟି ଗାଇ ଶାଳକୁ ଯାଉଛି। |
| ସ | : | ଗୁପାତାଙ୍ | : | ପାସିଜାନ୍ ଗୁପାନ ୟିରେତେନ୍। |
| ଓ | : | ତଲାରି | : | ବର୍ଷା ହେଲେ ତଲାରି ମୁଣ୍ଡେଇ ନାଇଁ ଚାଲ। |
| ସ | : | ସ୍ଲୁରୁ | : | ଗୁରିଙ୍ଗାନ୍ ସ୍ଲୁରୁନ୍ ଲାଲାନାବା। |
| ଓ | : | ବାଦୁଡ଼ି | : | ବାଦୁଡ଼ିଟି ଗଛରେ ଓହଳିଥାଏ। |
| ସ | : | କାନ୍ତୁର | : | କାନ୍ତୁରାନ୍ ଆରାଲୁଙ୍ଗାନ୍ ତେଡ଼ନେତିନ୍। |
| ଓ | : | ବାଲ୍‌ଟି | : | ବାଲ୍‌ଟିରେ ପାଣି ଆଣ। |
| ସ | : | ଗ୍ରିଣ୍ଡା (ସେଣ୍ଡା) | : | ଗ୍ରିଣ୍ଡା ଲିଙ୍ଗାନ୍ ଡ଼ା-ଆନ୍ ପାଙ୍ଗାଇ। |
| ଓ | : | ଚଢେଇବସା | : | ଗଛରେ ଚଢେଇ ବସା ଅଛି। |
| ସ | : | ଅନ୍ତିଡ୍‌ସିଂ | : | ଆରାଲିଙ୍ଗାନ୍ ଅନ୍ତିଡ୍‌ସିଂଙ୍ଗାନ୍ ଡ଼ାକୁ। |
| ଓ | : | କଦଳୀ | : | କଦଳୀ ଗଛ। |
| ସ | : | କିନ୍ତେ | : | କିନ୍ତେ ନିବାନ୍। |
| ଓ | : | ବଳଦ | : | ବଳଦ ଘାସ ଖାଏ। |
| ସ | : | ତାଙ୍ଗ୍‌ଲିୟ୍ | : | ତାଙ୍ଗ୍‌ଲିୟାନ୍ ଆଗାବାନ୍ (ତାଡ଼ିଞ୍ଜି) ଜୁମ୍‌ତେ। |
| ଓ | : | ବସିବା | : | ବୁଢା ବୁଢ଼ୀ ବସିଛନ୍ତି। |
| ସ | : | ଗବ୍‌ଗବ୍ | : | ଡୁକ୍ରିବଜାନ୍ ଡ଼ ତାଲାଇବାନ୍ ଗବ୍‌ଲେଜି। |
| ଓ | : | ଚାଷ | : | ଚାଷୀ ଚାଷ କରୁଛି। |
| ସ | : | ଆର୍-ର | : | ଆର୍-ର ମାରାନ୍ ଅର୍-ର ତିନ୍। |
| ଓ | : | ଯିବା | : | ପିଲାମାନେ ସ୍କୁଲକୁ ଯାଉଛନ୍ତି। |
| ସ | : | ୟିର୍‌ୟିର୍ | : | ପାସିଜାନ୍‌ଜି ଞ୍ଜାଂନାବାନ୍ ୟିର୍‌ତେଜି। |
| ଓ | : | ଝାଡୁ | : | ସ୍ତ୍ରୀଲୋକ ଦାଣ୍ଡ ଝାଡୁ କରୁଛି। |
| ସ | : | ସାନାର୍ଜାଂ | : | ଆନ୍‌ସାଲ ବଇଜାନ୍ ରଣ୍ଡାଡିନ୍ ଜଜଜାଂତିନ୍। |
| ଓ | : | ଘସିବା | : | ବୁଢାଟି ଦାନ୍ତ ଘଷୁଛି। |
| ସ | : | ତାଞ୍ଜିଁନା | : | ତାଲାଇବାନ୍ ତାଞ୍ଜିତିନ୍। |

ଓ : ଶୋଇବା : ଷଣ୍ଢଟି ଶୋଇଛି।
ସ : ଡ଼ିମାଡ଼ନା : କୁସ୍ତାତାଙ୍ଗାନ୍ ଡ଼ିମାଡ଼୍ ନେତିନ୍।
ଓ : କୁକୁର : କୁକୁର ଛୁଆମାନଙ୍କୁ ବୁଲାଉଛି।
ସ : କିନ୍‌ସଡ଼ାନ୍ : କିନସଡ଼ାନ୍ ଆ ଅନାନ୍‌ଜି ଆମ୍ବା ଏଣ୍ଡୁଂତେଜି।

## ଚିତ୍ର-୩
## ଯାନ ବାହାନ

ଓ : ରେଳଗାଡ଼ି : ଗୁଣୁପୁରକୁ ରେଳଗାଡ଼ି ଆସୁଛି।
ସ : ରେଲ୍‌ଗାଡ଼ି : କାମ୍ପୁଗୁଡ଼ା ରେଲ (ଡ଼ାଇଗାମ୍) ଗାଡ଼ିନ୍ ୟିର୍‌ତାଇ୍।
ଓ : ସ୍କୁଟର : ଆମଘରେ ସ୍କୁଟର ଅଛି।
ସ : ଇସ୍‌କୁତର : ସିଂଲେନ୍ ଇସ୍କୁତରାବ୍ ଡ଼ାକୁ।
ଓ : ସାଇକେଲ୍ : ସାଇକେଲ୍ ର୍ ଦୁଇଟି ଚକ୍।
ସ : ଝାଁଗାଡ଼୍ : ଝାଁଗାଡ଼୍ ବାଗୁ ଶାଗାଡ଼ି ଜିଡ଼୍ଂାନ୍ (ତୁଡୁଙ୍ଗ୍ ଗାଡ଼େଡ଼୍) ଡ଼ାକୁ।
ଓ : ମଟର ସାଇକେଲ : ମଟର ସାଇକେଲ ପେଟ୍ରୋଲ୍‌ରେ ଚ଼ଲେ।
ସ : ପର୍‌ପଟିଆ : ପର୍‌ପଟିଆନ୍ ପେଟ୍ରୋଲବାତି ଝାଁତିନ୍।
ଓ : ଟ୍ରକ୍ : ଟ୍ରକ୍‌ରେ ଜିନିଷ ଅଣାଯାଏ।
ସ : ଲାରି : ଲାରି ଲିଙ୍ଗାନ୍ ଜାନାବାନ୍ ପାଙ୍‌ତାଇଜି।

## ଚିତ୍ର-୪

ଓ : ଉଡାଜାହାଜ : ଆକାଶରେ ଉଡ଼ାଜାହାଜ ଉଡ଼େ।
ସ : ଆନେଙ୍‌ସିଂ : ଆନେଙ୍‌ସିଂଙ୍ଗାନ୍ ରିଆଙ୍‌ଲିଙ୍ଗାନ୍ ଏଙ୍‌ତେ।
ଓ : କାର୍ : କାର୍‌ରେ ବସ।
ସ : କୁଲୁଡୁଙ୍ଗଗାଲ୍ : କୁଲୁଡୁଙ୍ଗ୍ ଗାଲଲିଙ୍ଗାନ୍ ଗବା।
ଓ : ଜିପ୍ : ଜିପ୍ ପାହାଡ ରାସ୍ତାରେ ମଧ୍ୟଯାଏ।
ସ : ମତର୍ : ମତରାନ୍ ବୁଗଡ଼ାନ୍ ଜାନାଙ୍ ୟିର୍‌ତେ।

## ଚିତ୍ର-୫

ଓ : ଦୋଳି : ପିଲାମାନେ ଦୋଳି ଖେଳୁଛନ୍ତି।
ସ : ତେଡ଼୍‌ନା : ପାସିଜାନ୍‌ଜି ତେଡ଼୍‌ତିନ୍‌ଜି।
ଓ : ବଲ୍ : ଲୋକମାନେ ବଲ୍ ଖେଳନ୍ତି।
ସ : ବଲ୍ : ମାନ୍‌ରାନ୍‌ଜି ବଅଲାନ୍ ଝାଁମ୍‌ଲେ ଗାତାସିତେଞ୍ଜଁ।

ଓ : କୁକୁର : କୁକୁରଟି ଧାଉଁଛି ।
ସ : କିନ୍‌ସଡ଼ାନ୍ : କିନ୍‌ସାଡ଼ାନ୍ ଇର୍‌ନେତିନ୍ ।
ଓ : ଘାସ : ଗାଈଘାସ ଖାଏ ।
ସ : ଆଗାବ୍ : ତାଙ୍‌ଲିୟାନ୍ ଆଗାବାନ୍ ଜୁମ୍‌ତେ ।
ଓ : ଫୁଲ : ବଗିଚାରେ ଫୁଲ ଫୁଟିଛି ।
ସ : ତାର୍‌ବା : କୁଊା(ତୁଡ଼୍‌ଡ଼ି) କୁଊାଲିଙ୍ଗାନ୍ ତାର୍‌ବାନ୍ ରାଡ଼୍‌ଲେ ।

## ଚିତ୍ର-୬

ଓ : ହରିଣ : ବଣରେ ରହେ ।
ସ : ପାର୍‌ଗାଡ଼ାବ୍ : ପାର୍‌ଗାଡ଼ାବାନ୍ ତୁଲାବାନ୍ ।
ଓ : ପତାକା : ପତାକାର ତିନୋଟି ରଙ୍ଗ ।
ସ : ଡ଼ାଇନା କାବାନ୍ : ଡ଼ାଇନା କାବାନ୍ ୟାଗି ର ଅଙ୍ଗାନ୍ (କାଡୁନ୍) ତାକୁ ଅଭ୍ୟାସ (ଆବୁକ୍‌କାନା) ।
ଓ : ନଡ଼ିଆ : ନଡ଼ିଆରସ ବଡ଼ ସରସ ।
ସ : ପାୟାଡ଼ି : ପାୟାଡ଼ି ଡ଼ାନ୍ ବଇବଇ ଜାବୁଙ୍ ।
ଓ : ନଳକୂଅଁ : ନଳକୂଅ ପାଣି ପିଅ ।
ସ : କୁଡ଼ିଙ୍ଗ୍‌ଡ଼ା : କୁଡ଼ିଙ୍‌ଡ଼ାନ୍ ଆଡାଆନ୍ ଗାବା ।

## ପାଠ-୨
## କହିଲ ଦେଖି : ଗିଜ୍‌ଲେ ଅପୁଙ୍‌ବା

ଓ : ଶବଦ : ଜଙ୍ଗଲରେ ଶବଦ ଶୁଭା ଯାଉଛି ।
ସ : ସାନାଡ଼୍‌ଡ଼ା : ତୁଲାବ ଲିଙ୍ଗାନ୍ ସାନାଡ଼୍‌ଡ଼ାନ୍ ସାଡ଼୍‌ଡ଼ାତେ ।
ଓ : ରଚନା : ଚଢ଼େଇ ବସାତିଆରି କରୁଛି ।
ସ : ସ୍ନାବ୍‌ଜା : ଅନ୍ତିଡ଼ାନ୍ ସାବଜାସିଂତିନ୍ ।
ଓ : ପାରିବ : ବୁଢ଼ୀଟି ଯାଇ ପାରିବ ।
ସ : ରାବ୍‌ତିତେ : ଡୁକ୍ରିବଜାନ୍ ୟିର୍‌ରେ ରାବତିତେ ।
ଓ : ଜଗିବା : କୁକୁରଟି ଘର ଜଗେ ।
ସ : ତୁର୍‌ତୁର୍ : କିନ୍ ସଡ଼ାନ୍ ସିଙ୍ଗାନ୍‌ତୁର୍‌ତୁର୍‌ତେ ।
ଓ : ଅଜଣା : ଅଜଣା ଲୋକକୁ ବିଶ୍ୱାସ ନାହିଁ ।
ସ : ଇର୍‌ଗାଲାମ୍ : ଇର୍‌ଗାଲାମ୍ ମାରାନ୍ ଆଡ଼ିର୍‌ନାବିନ୍ ତିଡ଼୍ ।
ଓ : ନାମ : ତୁମ ନାମଟି କଣ ?
ସ : ଆଞ୍ଜିମ୍ : ଆଞ୍ଜିଁମ୍‌ନାମ୍ ଇତିନ ?

| | | |
|---|---|---|
| ଓ : | କ୍ଷୀର | : କ୍ଷୀରରେ ଚ଼ ତିଆରି ହୁଏ। |
| ସ : | ଆଡୁବ୍ | : ଆଡୁବାନ୍‌ବାଭି ସାଆନ୍ ସାନାବ୍‌ଜାନ୍ ଡ଼େତି। |
| ଓ : | ମଧୁର | : ମହୁ ବଡ଼ ମଧୁର। |
| ସ : | ରାଗାଲ୍ | : ଆଡ଼ାଙ୍‌ଡ଼ାନ୍ ବଇବଇ ରାଗାଲ୍। |
| ଓ : | ପାଳେ | : କୁକୁଡ଼ା ପାଳନ କର। |
| ସ : | ଲାନୁ | : କାନ୍‌ସିମାନ୍ ଲୁବା। |
| ଓ : | ଶାଗୁଆ | : ବଣ ଜଙ୍ଗଲ ଶାଗୁଆଦିଶେ। |
| ସ : | କାଡୁ (ଏଡୁ) | : ତୁଲାବାନ୍ ଏଡୁଗିଜ୍‌ତାତି। |
| ଓ : | ମନୋହର | : ଫୁଲବଗିଚଟି କି ମନୋହର। |
| ସ : | ତାମ୍‌ସେଙ୍ଗ୍ | : କୁଭାତାରାନ୍ ୟାନ୍ ଆତାମ୍‌ସେଙ୍ଗ୍। |
| ଓ : | ଧଳା | : ଧଳାଲୁଗା। |
| ସ : | ପାଲୁ | : ପାଲୁକାବ୍ (ସିନ୍ତ୍ରି)। |
| ଓ : | ବଗ | : ବଗର ପର ଧଳା। |
| ସ : | କଡ଼ା(କଙ୍‌କଇଡ଼ା) | : କଡ଼ାନ୍ ଆଉ ପୁର୍ ପାଲୁ। |
| ଓ : | ପିଜୁଳୀ | : ପିଜୁଳୀ ଗଛ। |
| ସ : | ଜାମି | : ଜାମିନିବାନ୍। |
| ଓ : | ଖଜୁରୀଗଛ | : ଖଜୁରୀ ପାହାଚ ପାହାଚ। |
| ସ : | ସିଣ୍ଡିନିବ୍ | : ସିଣ୍ଡିନିବାନ୍ ଆକାପା କାପା। |
| ଓ : | ସଜନାଗଛ | : ସଜନା ପତ୍ର ଖାଇଲେ ଭିଟାମିନ୍ ମିଳେ। |
| ସ : | ମୁରିଗାନିବ୍ | : ମୁରିଗାଆଓ୍ୱାବ୍ ଯୁମ୍ ଲ ବିନ୍ ଡ଼େନ୍ ମିଞ୍ଜାମ୍‌ଲାଂତେନ୍ ଞାଙତାବି। |
| ଓ : | ବିଜୁଳିତାର | : ବିଜୁଳିତାର ଛୁଇଁଲେ ବିପଦ। |
| ସ : | କାରେନ୍ତ | : କରେନ୍ତ ତାରନ୍ ଞାମ୍‌ଲାବିନ୍ କାଲ୍ କାଲଡ଼ାମ୍। |
| ଓ : | ସାଙ୍ଗ | : ସାଙ୍ଗହୋଇ ଯିବା। |
| ସ : | ଗାଡ଼ିଙ୍ | : ଆର୍‌ଗାଡ଼ି ଆୟିର୍‌ବା। |
| ଓ : | ଗୋଲ | : ପୃଥିବୀ ଗୋଲାକାର। |
| ସ : | ରୁଡୁବ୍(ତେଡ଼େର୍) | : ଅଡ଼ାରାନ୍ ରୁଡୁବ୍ ଡ଼ାମ୍। |
| ଓ : | ଅକ୍ଷର | : ଅକ୍ଷର ଗୋଲ ଗୋଲ କରି ଲେଖ। |
| ସ : | ଆନିଡ଼ାନ୍ | : ଆନିଡ଼ାନ୍ ଲାଙ୍ଗା ଲାଙ୍ଗାଇଡ଼୍‌ବା। |
| ଓ : | ଗାର | : ଗାରକାଟ। |
| ସ : | ଗାରି | : ଗାରିଆ। |

ଓ : ଯୋଡ଼ : ବିନ୍ଦୁ କୁ ବିନ୍ଦୁ ଯୋଡ଼ ।

ସ : ତୁଇମାଜ୍ : ଆତାନୁମାତାନ୍ ତା ତା ଆତାନୁମାତାନ୍ ତୁମ୍‌ସୁବା ।

ଓ : ସଂଗ୍ରହ : ଫସଲ ସଂଗ୍ରହକର ।

ସ : ତାର୍‌ତୁମ୍ : ଜାନ୍‌ରୁ ମାନ୍ ତାର୍‌ତୁମ୍ ବା ।

ଓ : କୋଇଲି : କୋଇଲି କୁହୁକୁହୁ ଡାକେ ।

ସ : ପଗାଡ଼ି ତିଡ୍(କୋହୁଲା): ପଗାଡ଼ିନ୍ କୁହୁକୁହୁ ଗାମ୍‌ଲେ ଗୁତେ ।

ଓ : କୁଲା : କୁଲାରେ ଚାଉଳ ପାଛୁଡ଼ନ୍ତି ।

ସ : ଆଡ଼୍‌ୟେର୍ : ଆଡ଼ୟେରାନ୍ ବାତି ରୁଙ୍କୁନ୍ ଗୁମ୍‌ତେଜି ।

ଓ : ପାଦ : ପାଦରେ ଚାଲିବା ।

ସ : ଆତାଲ୍‌ଜିଙ୍ଗ୍ : ଆତାଲଜିଙ୍ଗାନ୍ ବାତି ଆଞ୍ଜାନାବା ।।

ଓ : ଦେହ : ହାତୀର ଦେହ ବଡ଼

ସ : ଡ-ଅଙ୍ଗ : ରା-ଆନ୍ ଆଡ଼ଅଙ୍‌ସୁଡ଼ା ।

ଓ : ଛୋଟ : ଆଖି ତାର ଛୋଟ ।

ସ : ମ-ଅଡ଼୍ : ଆମ-ଅଡ଼ାନ୍ ସାନାରା ।

ଓ : ଗାତ : ଗାତରେ ମୂଷାରହେ ।

ସ : ଲୁ-ଉଙ୍ଗ୍(ପୁତାର୍) : ପୁତାର୍ ଲିଙ୍ଗାନ୍ କୁମ୍ମୁଲାନ୍ ଡ଼ାକୁତିନ୍ ।

ଓ : ମୁହଁ : ସକାଳଉଠି ମୁହଁ ଧୋଅ ।

ସ : ମୁକା : ତାଗାଲ୍‌ଡ଼ାନ୍ ଡ଼ିଲିନ୍ ଆମାଡ଼ନା ।

ଓ : ନିଶ : ପୁରୁଷର ନିଶଥାଏ ।

ସ : କୁରୁତାମ୍ : ଅଙ୍ଗେର୍‌ମାରାନ୍ କୁରୁତାମ୍‌ତି ।

ଓ : ଜିନିଷ : ଜିନିଷ ପତ୍ର ସଜାଡ଼ି ରଖ ।

ସ : ଜାନାବାନ : ଜାନାବାନ୍ ତେଙ୍‌ରାଲେ ଡ଼ାକୁବା ।

ଓ : ଉଚ୍ଚ : ଉଚ୍ଚପାହାଡ଼ ।

ସ : ଲାଙ୍କା : ଲାଙ୍କାବାରୁନ୍ ।

ଓ : ପରିଚିତ : ପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରିବ ।

ସ : ଇମାଲାମ୍ : ଇମାଲାମ୍ ମାରାନ୍ ଅଡଙ୍ ଡିର୍‌ଡିର୍‌ନା ।

ଓ : ଦକ୍ଷତା : ଦକ୍ଷତା ସହ କାମକର ।

ସ : ରାନାବ୍‌ତି : ରାନାବ୍‌ତିନ୍ ବାତିତେ ବାରାନା ।

# ପାଠ-୩

# ଚାଲ ଘର କରିବା

| | | | |
|---|---|---|---|
| ଓ : | ସାଙ୍ଗ | : | ମାଙ୍ଗଡ଼ା ଓ ଶୁଖୁ ଦୁଇ ସାଙ୍ଗ । |
| ସ : | ଗାଡ଼ିନ୍ | : | ମାଙ୍ଗଡ଼ାନ୍ ଡ଼ ଶୁଖୁନ୍ ଆର୍‌ଗାଡ଼ିନ୍‌ଜି । |
| ଓ : | ବରଷା | : | ମେଘରୁ ବରଷା ହୁଏ । |
| ସ : | ଗୁର୍ | : | ତାରୁବାନ୍ ଗୁରତି । |
| ଓ : | ଦିନ | : | ସପ୍ତାହକୁ ସାତଦିନ । |
| ସ : | ଡିନ୍‌ନା | : | ବ ପାଲ୍ ଲିନ୍ (ବତାର) ଗୁଲ୍‌ଜି ଡିନ୍‌ନା । |
| ଓ : | ଛୁଆ | : | ମାଁ ଛୁଆକୁ କ୍ଷୀରଦିଏ । |
| ସ : | ଅ-ଅନ୍ | : | ୟାଙ୍ଗନ୍ ଅ-ଅନାନ୍ ମେମେତେ । |
| ଓ : | କେମିତି | : | କେମିତି ଅଛ । |
| ସ : | ୟାନ୍‌ଗାମ୍(ୟାନ୍‌ଆମିଜ୍) | : | ୟାନ୍ ଅମ୍ରିଜ୍‌ଡ଼ାକୁ । |
| ଓ : | ଅଫିସ (ବାରାସିଂ) | : | ଅଫିସରେ ଅଫିସର ରହନ୍ତି । |
| ସ : | ଅପିସନ | : | ଅପିସସିଂଲିଙ୍ଗାନ୍ ଅପିସରାନ୍ (ବାରାମାରାନ୍) ଡ଼ାକୁତିନ୍ । |
| ଓ : | ଖବର | : | ସମସ୍ତଙ୍କୁ ଖବର ଦିଅ । |
| ସ : | କବରାନ୍ | : | କୁଡୁବ୍ ମାନରା କବରାନ (ଗାନାଡ଼୍ ଲାମ୍‌ବେର୍) ତିୟ୍‌ବା । |
| ଓ : | ପୋଫାଡ଼ିଲ | : | ଟାଙ୍ଗିଆ ପୋଫାଡ଼ିଲା । |
| ସ : | ସାର୍‌ଗତୁଡ଼ | : | ଏନ୍‌ଜୁମାନ୍ ସାର୍‌ଗତୁଡ଼େତିନ୍ । |
| ଓ : | ଉଲ୍ଲାସ | : | ଆନନ୍ଦ ଉଲ୍ଲାସ କର । |
| ସ : | ଇଡ଼କା | : | ଇଡ଼ିକା ମଞ୍ଜ୍‌ନା । |
| ଓ : | ଘରଚଟିଆ | : | ଘରଚଟିଆ ଚାଳରେ ରହେ । |
| ସ : | ଡ଼ାନାଲ୍‌ତିଡ଼୍ | : | ଡ଼ାନାଲ୍‌ତିଡ଼ାନ୍ ବାଲିଙ୍ଗାନ୍ (ଗୁଲୁମିତିଡ଼୍) ବାସୁତେ । |
| ଓ : | ସାପ | : | ସାପ ଗାତରେ ରହେ । |
| ସ : | ଜା-ଆଡ଼୍ | : | ଜା-ଆଡ଼ାନ୍ ପାତୁଡ଼୍ ଲିଙ୍ଗାନ୍ ବାସୁତେ । |
| ଓ : | ବେଙ୍ଗ | : | ବେଙ୍ଗ, ଜଳ ସ୍ଥଳରେ ରହିପାରେ । |
| ସ : | କାଣ୍ଡୁଡ଼୍ | : | କାଣ୍ଡୁଡ଼ାନ୍ ଡ଼ା-ଆଲିଙ୍ଗାନ୍ ଡ଼ ଆସାର୍ ସଲ୍ ଲିଙ୍ଗାନ୍ ବାସୁଲେ ରାବ୍‌ତିତେ । |
| ଓ : | ଦ୍ୱିପହର | : | ଦ୍ୱିପହର ବେଳେ ସୂର୍ଯ୍ୟ ମୁଣ୍ଡ ଉପରେ ରହେ । |
| ସ : | ଗ୍ରିୟୁଙ୍ଗ୍ | : | ଗ୍ରିୟୁଙ୍ଗାନ୍ ଉୟୁଙ୍ଗାନ୍ ବ-ଅବାନ୍ ଆଲାଙ୍କା ଡାକୁତି । |

| | | | | |
|---|---|---|---|---|
| ଓ | : | ବେଳା | : | ସନ୍ଧ୍ୟା ବେଳାରେ ବୁଲ। |
| ସ | : | ଆୟାମ୍ | : | ଅରୁବାନ୍ ଆୟାମ୍ ଏଣ୍ଡୁଙ୍ଗ୍‌ବା। |
| ଓ | : | ବଇଦ | : | ବଇଦ ପାଖକୁ ଯାଅ। |
| ସ | : | ତିୟ୍‌ରେମାର୍ | : | ତିୟରେ ମାରାନ୍ ଆମାଙ୍ ଇୟା। |
| ଓ | : | ଗଧିଆ | : | ଗଧିଆ ମାଂସଖାଏ। |
| ସ | : | କୁଙ୍‌କୁଙ୍‌କିଡ଼ | : | କୁଙ୍‌କୁଙ୍ କିଡ଼ାନ୍ ଜେଲୁନ୍ ଜୁମ୍‌ତେ। |
| ଓ | : | ଧୀର | : | ଧୀରସ୍ଥିର କାମ କର। |
| ସ | : | ଡିର୍‌ଗା | : | ଡ଼ିର୍‌ଗାଡ଼ିର୍‌ଗାଲେ ବାରାନା (ଲିସାଲେ ବାରାନା)। |
| ଓ | : | ସ୍ୱର | : | କି ମଧୁର ସ୍ୱର। |
| ସ | : | ସାର୍-ରାଙ୍ | : | ୟାନ୍‌ଲାଙ୍ଗା ସାରାଙ୍ (କାନ୍ ଆସାର୍‌ରାଂ ଲାଂଗାଡ଼ାମ୍)। |
| ଓ | : | ପଚ୍ଚର | : | ପିଲାଙ୍କୁ ପଚ୍ଚର। |
| ସ | : | ଓ୍ୱାଲା | : | ପାସିଜାନ୍ ଆଡ଼ଙ୍‌ଓ୍ୱାଲା। |
| ଓ | : | ଶୁଖିଲା | : | ଶୁଖିଲାକାଠ ଆଣ। |
| ସ | : | ଆସାର୍ | : | ଆସାର ଆଙାଲାନ୍ ପାଙାଇ। |
| ଓ | : | ଜ୍ୱର | : | ଜ୍ୱର ହେଲେ ଔଷଧ ଖାଅ। |
| ସ | : | ଆସୁ | : | ଆସୁଲାମାନ୍‌ଡ଼େନ୍ ରେଗାମାନ୍ ଜୁମା। |
| ଓ | : | ଦୋକାନ | : | ଦୋକାନରୁ ଜିନିଷ ଆଣ। |
| ସ | : | ତାରିମ୍‌ନାସିଂ | : | ତାରିମ୍‌ନାସିଂଙାନ୍ ସାରିଂଜାନାବାନ୍ ପାଙାଇ। |
| ଓ | : | ବିଲେଇ | : | ବିଲେଇ ମୂଷାଧରେ। |
| ସ | : | ରାମେଙ୍ | : | ରାମେଙାନ୍ କୁମୁଲାନ୍ ଙ୍ଖାଁମ୍‌ତେ। |
| ଓ | : | ଶ୍ୱାସ | : | ବୁଢ଼ୀର ଶ୍ୱାସରୋଗ ଅଛି। |
| ସ | : | ମାଙ୍ଗା | : | ଡୁକ୍ରି ବଇଜାନ୍ ମାଙ୍ଗା ବିମ୍‌ବିମାନ୍ ଡ଼ାକୁ। |
| ଓ | : | ରୋଗ | : | କୁଷ୍ଠ ବଡ଼ରୋଗ ଅଟେ। |
| ସ | : | ରୁଗାମ | : | ମୁତା ବିମ୍ ବିମାନ୍ ସୁଡ଼ା ରୁଗାମ୍। |
| ଓ | : | ଆଶ୍ୱାସନ | : | ଛୁଆଟି ଆଶ୍ୱାସନା ପାଇଲା। |
| ସ | : | ବାନାବ୍‌ୟି | : | ଆଅନ୍‌ସିଜାନ୍ ବାନାବ୍‌ୟିନ୍ ଙ୍ଖ୍ୟାଁଙେତେନ୍। |
| ଓ | : | ଔଷଧ | : | ରୋଗହେଲେ ଔଷଧ ଖାଅ। |
| ସ | : | ରେଗାମ୍ | : | ରୁଗାମ୍‌ଲାମାନ୍ ଡ଼େନ୍ ରେଗାମାନ୍ ଜୁମା। |
| ଓ | : | ଡରନା | : | କାହାକୁ ଡରନା। |
| ସ | : | ବାତଙ୍‌ଡ଼ଙାମ୍ | : | ବୁତିଜା ଆଡଂ ବାତଙ୍‌ଡ଼ଙମ୍। |

| | | |
|---|---|---|
| ଓ : | ଗଣ୍ଠି | : ବାଉଁଶର ଗଣ୍ଠି ଅଛି । |
| ସ : | ମାଡ଼୍‌ମାଡ଼୍ | : ଉରିଙାନ୍ ଆ ମାଡ଼୍‌ମାଡ଼ାନ୍ ଡ଼ାକୁ । |
| ଓ : | ମାଛି | : ଖାଇବା ଜିନିଷରେ ମାଛି ବସାଇ ଦିଅନା |
| ସ : | ଆରଇ | : ଜାନୁମ୍‌ଜୁମ୍ ଜାନାବ୍ ଲିଙାନ୍ ଅରଇୟାନ୍ ଆବ୍‌ଡୁଇନାଡ଼ଂ । |
| ଓ : | ଭୋକ | : ଭୋକ ଲାଗୁଛି । |
| ସ : | ଡୁଲାଇଜ୍ | : ଡୁଲାଇଡ଼ାତିଞ୍ଜୁଁ । |
| ଓ : | ହାଲିଆ | : ହାଲିଆ ହୋଇଗଲି । |
| ସ : | ମାନାଙ୍ଗା | : ମାଙ୍ଗାଲିଞ୍ଜୁଁ । |
| ଓ : | ମଧୁର | : କୋଇଲିର ମଧୁରସ୍ୱର । |
| ସ : | ଜାବୁଙ୍ | : ପଗାଡ଼ିଡ଼ାନ୍ ଆଜାବୁଙ୍ ସାରାଙ । |
| ଓ : | ଅପରିଷ୍କାର | : ନାଳ ନର୍ଦ୍ଦମା ଅପରିଷ୍କାର କରନାହିଁ । |
| ସ : | ଇର୍‌ମାରିଡ଼୍ | : ଅଡ଼ା ଲିଙାନ ଇର୍‌ମାରିଡ଼୍ ଆବମେଡଡ଼ଙ୍ (ଆବୁରୁଡ଼୍‌ଡ଼ଂ) |
| ଓ : | ଦଳ | : ଦଳରେ ରୁହ । |
| ସ : | ଅମ୍ପୁ (ଅମ୍‌ପୁ) | : ଅମ୍ପୁଲିଙାନ୍ ଡ଼ାକୁନାବା । |
| ଓ : | ଠେକୁଆ | : ଠେକୁଆ ବନ୍ୟ ପଶୁଅଟେ । |
| ସ : | ପାଣ୍ଡେର୍ | : ପାଣ୍ଡେରାନ୍ ଡୁଲାବ୍ ଜନ୍ତୁ । |
| ଓ : | କଇଁଛ | : କଇଁଛ ଧୀରେ ଚଲେ । |
| ସ : | କୁଲୁ | : କୁଲୁନ୍ ଡିର୍‌ଗାଲେ ଞାତିନ୍ । |
| ଓ : | ଚିଙ୍ଗୁଡ଼ି | : ଚିଙ୍ଗୁଡ଼ି ଗୋଟିଏ ମାଛ । |
| ସ : | ସିଙ୍ଗିଡ଼ିୟ | : ସିଙ୍ଗିଡ଼ିନ୍ ଆବଇ ଆୟ । |
| ଓ : | କାଠହଣା ଚଢେଇ | : କାଠହଣା ଚଢେଇ କାଠ ଖୁମ୍ପିଘର କରେ । |
| ସ : | କାଙ୍ଗୁଡାନ୍ | : କାଙ୍ଗୁଡାନ୍ ଆରାନ୍ ଗାର୍‌ଲେ ସିଇଂତେନ୍ । |
| ଓ : | ପୁରସ୍କାର | : ପିଲାଟି ପୁରସ୍କାର ପାଇଲା । |
| ସ : | ଉଞ୍ଜୁଁଲ୍‌କୁଇଜ୍ | : ପାସିଜାନ୍ ଉଞ୍ଜୁଁଲ୍‌କୁଜାନ୍ ଞାଁଙେତିନ । |
| ଓ : | ତାଳି | : ପିଲାଏ ତାଳିମାରି ହସିଲେ । |
| ସ : | ତାର୍‌ଜୁବ | : ପାସିଜାନ୍‌ଜି ତାର୍‌ଜୁବ୍ ସିଲନ୍ ମାଙ୍‌ଲେଜି । |
| ଓ : | ବାଦ୍ୟ | : ବାଦ୍ୟ ବଜାଅ । |
| ସ : | ଡାରେବ୍‌ଡ଼ିଙ୍ଗ୍ | : ଡ଼େବ୍‌ଡିଂଙ୍‌ନା । |
| ଓ : | ସତ୍ୟ | : ସବୁବେଳେ ସତ୍ୟ କୁହ । |
| ସ : | ସାକ୍‌କାଇ | : ତଡ଼ଙ୍ ଆୟାମ୍ ସାକ୍‌କାଇ (ଜାଡ଼ି) ବିରାନ୍ ଅବ୍‌ଲିଙା । |

| | | |
|---|---|---|
| ଓ : | ଅଭ୍ୟାସ | : ଅଭ୍ୟାସବଳେ ସବୁ ହୋଇ ପାରିବ। |
| ସ : | ଆବୁକ୍କା | : ଆନାବୁକ୍କାନାନ୍ ବାତିକୁଡ୍ଡୁବ୍ ଡ଼େତି। |
| ଓ : | ବର୍ଷ | : ବର୍ଷକୁ ବର୍ଷ ବଦଳିଯାଏ। |
| ସ : | ମିଞ୍ଜୁଁମ୍ | : ମିଞ୍ଜୁଁମାନ୍ ମିଞ୍ଜୁଁମାନ୍ ବାଣ୍ଡାତିନ୍। |
| ଓ : | ସର୍ପ | : ସର୍ପ ଭୟଙ୍କର ଜନ୍ତୁ। |
| ସ : | ଜା-ଆଡ଼୍ | : ଜା-ଆଡ଼ାନ୍ ବାନତଙ୍ଗିଜ୍‌ଡ଼ାଗି ଆଜନ୍ତୁ। |
| ଓ : | ଗର୍ବ | : ଗର୍ବ କରନାହିଁ। |
| ସ : | କିନ୍‌ସା | : କିନ୍‌ସାଡ଼ଙ୍‌ନେ। |
| ଓ : | ପର୍ବ | : ପ୍ରତିବର୍ଷ ପର୍ବ ପାଳନ କରାଯାଏ। |
| ସ : | ଆବ୍‌ଡୁର୍ | : ଡିଲେ ମଞ୍ଜୁମାନ୍ ଆବ୍‌ଡୁରାନ୍ ଡ଼େତି। |
| ଓ : | ରାଜ୍ୟ | : ଓଡ଼ିଶା ଆମ ରାଜ୍ୟ। |
| ସ : | ରାଜମ୍ | : ଓଡ଼ିଶା ରାଜମ୍ ଲେନ୍। |
| ଓ : | ଗର୍ଜନ | : ସିଂହ ବଣରେ ଗର୍ଜନ କରେ। |
| ସ : | ଗାରୁମ୍ | : ସାମ୍‌ନାକୁଲୁଇକିଃଡ଼ାନ୍ ତୁଲାବ ଲିଙାନ ଗାରୁମ୍‌ତେ। |
| ଓ : | ଦୂଷିତ | : ଦୂଷିତ ପାଣି ପିଅନାହିଁ। |
| ସ : | ଉରୁଡ଼୍-ଡ଼ା | : ଉରୁଡ଼-ଡ଼ାନ୍ ଆଗାଡ଼ଙ୍ । |
| ଓ : | ଜଳ | : ଜଳହିଁ ଜୀବନ। |
| ସ : | ଡା-ଆ | : ଡ଼ା-ଆନ୍ ନା ମାନ୍‌ରେଙ୍‌ନାନ୍। |
| ଓ : | ଝାଡ଼ା | : ବାସି ଜିନିଷ ଖାଇଲେ ଝାଡ଼ାହୁଏ। |
| ସ : | ଡୁଙ୍‌ନା | : ଆସାରାମାନ୍ ଆତି ଜୁମ୍‌ଲବିନ୍‌ଡ଼େନ୍ ଡୁଂନା ଲାଙ୍‌ତେନ୍। |
| ଓ : | କାଛୁ କୁଣ୍ଡିଆ | : କାଛୁ କୁଣ୍ଡିଆ ଡ଼ିଆଁ ରୋଗ। |
| ସ : | ଗାଡ୍‌ଜି | : ଗାଡ୍‌ଜି ରୁଗାମାନ୍ ଞାଁର୍‌ତେ। |
| ଓ : | କଲବଲ | : ପିଲାଟି ଦୁଃଖରେ କଲବଲ ହେଉଛି। |
| ସ : | କାଲାଇବିଲାଇ | : ପାସିଜାନ୍ କାନାଲ୍‌କାଲାନ୍ ବାତ୍‌ତି କାଲାଇବିଲାଗିଡ଼େତେ |
| ଓ : | ମାନୁଛି | : ଚଢେଇଟି ପୋଷା ମାନୁଛି। |
| ସ : | ମାନିତେ | : ଅନ୍ତିଡ଼ାନ୍ ଲାନୁନ୍ ମାନ୍ନିତେ। |
| ଓ : | କଥା | : ଛୁଟିଆ ଧିରେ ଧିରେ କଥା କହୁଛି। |
| ସ : | ବିର୍‌ନା | : ପାସିଜାନ୍ ଡିର୍‌ଗା ଡ଼ିର୍‌ଗାଲେ ବିର୍‌ତିନ୍। |
| ଓ : | ତେଣ୍ଡା | : ତେଣ୍ଡାରେ ପାଣି ମଡ଼ାଯାଏ। |
| ସ : | ତେଣ୍ଡୁ | : ତେଣ୍ଡୁଡ଼ାନ୍ ବାତି ରାନୁଡ଼ାନ୍ ଡେତି। |

ଓ : ଖଣ୍ଡଖଣ୍ଡ : ପଥରଟି ଖଣ୍ଡ ଖଣ୍ଡ ହେଲା।

ସ : ରାଡ଼ିଗୁଣ୍ଡା : ଆରେଙାନ୍ ରାଡ଼ି ଗୁଣ୍ଡାଗି ଡେଲି।

ଓ : ଦଣ୍ଡ : ଦୋଷୀ ଦଣ୍ଡପାଏ।

ସ : ପାନାଡ଼୍ରାଡ଼୍ : ଡୁସା ମାରାନ୍ ପାନାଡ଼୍ରାଡ଼ାନ୍ ଞାଁଙ୍ତେ।

ଓ : କଣ୍ଢେଇ : ପିଲାମାନେ କଣ୍ଢେଇ ଖେଳନ୍ତି।

ସ : କୁଙ୍ଡ଼ାଇ : ପାସିଜାନ୍ଜି କୁଙ୍ଡ଼ାଇଜାନ୍ ଆଣ୍ଡିତେଜି।

ଓ : ତୁଣ୍ଡ : ତୁଣ୍ଡବାଇଦ ସହସ୍ର କୋଶ।

ସ : ତ-ଅଡ଼୍ : ତ-ଅଡ଼ାନ ଆବିର୍ନା ସାଙାଇ୍ ସାଡ଼୍ଡ଼ାତି।

ଓ : ଖଣ୍ଡା : ଖଣ୍ଡାରେ ଯୁଦ୍ଧ କରନ୍ତି (ଖଣ୍ଡା ଧରି ଯୁଦ୍ଧ କରନ୍ତି)।

ସ : କାଡ଼ିବ୍ : କାଡ଼ିବାନ୍ ବାତି ସାନୁତିନ୍ଜି।

ଓ : ଅଣ୍ଡା : କୁକୁଡ଼ା ଅଣ୍ଡା।

ସ : ଆଡ଼୍ରେସିମ୍ : ଆଡ଼୍ରେସିମାନ୍।

ଓ : ଯାଦୁ : ଯାଦୁ ଚର୍ମରୋଗ।

ସ : ବାନାଲ୍ : ବାନାଲାନ୍ ଉସାଲ୍ ରୁଗାମ୍।

ଓ : ନାତି : ନାତି ନାତୁଣୀଙ୍କୁ ଅଜା ଗପ କହୁଛି।

ସ : ଉଡ଼୍ଲେଙ୍ : ଆଉଡ଼୍ଲେଙାନ୍ଜି ଆଡଙ୍ ତାଲାଇବାନ୍ କାତା ବିରାନ୍ ଅବ୍ଲିଂତେ (ଅପୁଙ୍ଗ୍ତେ)।

ଓ : ଦୁର୍ବଳ : ସେ ଜ୍ୱରହୋଇ ଦୁର୍ବଳ ହେଲା।

ସ : ବ୍ଲାଇ : ଆନିନ୍ ଆସୁନ୍ ବାତ୍ତି ବ୍ଲାଇଡ଼େଲି।

ଓ : ଅନୁରୋଧ : ଆପଣ ମୋ ଅନୁରୋଧକୁ ରକ୍ଷା କଲେ।

ସ : ଲାବ୍ୟୁଗାର୍ : ଆମାନ୍ ଲାବ୍ୟୁ ଗାର୍ବିର୍ଞ୍ଜେଁନ୍ ରାବ୍ରାବ୍ଲେ।

ଓ : ଥଟ୍ଟା ଥାମସା : ବୁଢା ମାନଙ୍କୁ ଥଟ୍ଟା ଥାମସା କର ନାହିଁ।

ସ : ଗାବ୍ରଇଲେଆମାନାଆଙ : ତାଲାଇ୍ବାନ୍ଜ ଆଡ଼ଙ୍ ଗାବ୍ରଇ୍ଲେ ଆ ମାଆଙ୍ ଡ଼ଙ୍।

ଓ : କଞ୍ଚା : କଞ୍ଚା କଦଳୀ ପଚେଇ ଖିଆଯାଏ।

ସ : ଅୟୁଙ୍ : କିନ୍ତେନ୍ ଆୟୁଙାନ୍ ଆବ୍ଗୁର୍ରେ ଜୁମ୍ତାବି।

ଓ : ପାଚିଲା : ପାଚିଲା ଫଳ ଖାଇବା ଭଲ।

ସ : ଆଗୁର୍ : ଆଗୁର ଜ-ଅନ୍ ଯୁମ୍ଲାବିନ୍ଡ଼େନ୍ ବାଙ୍ଗ୍ସା।

ଓ : ଗରମ : ଗରମ ଜିନିଷ ଖାଅ।

ସ : ତାଗି(ପୋଞ୍ଚୁଁମ୍): ତାଗି ଜାନାବାନ୍ ଯୁମ୍ବା।

| | | | | |
|---|---|---|---|---|
| ଓ | : | ଧୂଳି | : | ଖେଳିଖେଳି ଧୂଳି ଉଡ଼ାଇଲା। |
| ସ | : | ଡୁଡିସଲ୍ | : | ଆଣ୍ଡିଡ୍ ଆଣ୍ଡିଡ୍‌ଲିନ୍ ଡୁଡ଼ିନ୍ ପୁଡ଼୍‌ଯିଙ୍‌ଲେଜି। |
| ଓ | : | ଅଳନ୍ଧୁ | : | କାନ୍ଥରେ ଅଳନ୍ଧୁ ଲାଗିଛି। |
| ସ | : | ଆର୍‌ଞ୍ଜାଁଲାଙ୍ | : | କିନ୍ତାଲ୍‌ଲିଙାନ୍ ଆର୍‌ଞ୍ଜାଁଲାଙାନ୍‌ଡ଼ାକୁ। |
| ଓ | : | ନଈବନ୍ଧ | : | ନଈବନ୍ଧ ଭାଙ୍ଗିଗଲା। |
| ସ | : | ଡାଙ୍‌ଡ଼ା | : | ଡ଼ାଙ୍‌ଡ଼ାନ୍ ଆଲ୍‌ଡ଼ିଂଲେ। |
| ଓ | : | ବର୍ଣ୍ଣନା | : | ତାହାକୁ ଦେଖି ବର୍ଣ୍ଣନା କଲେ । |
| ସ | : | ଅବ୍‌ଜଙ୍ | : | ଆନିନ୍ ଆତାନାଙାଡ଼ାନ୍ ଅବ୍‌ଜଙ୍ ଅବ୍‌ଜଙ୍ ଲେ ଅବ୍‌ଲିଂ ଲେଜି। |
| ଓ | : | ଗମ୍ଭାରି | : | ଏହା ଗମ୍ଭାରି ଗଛ। |
| ସ | : | ସେନ୍ନି | : | କାନ୍‌ଆତି ସେନ୍ନିନିବ୍(ସିଆନ୍ନି)। |
| ଓ | : | ବେମାର | : | ମାଉସିକୁ ବେମାର ହୋଇଛି। |
| ସ | : | କାନାଲ୍‌କାଲ୍ | : | ଯାୟାଙାନ୍ କାନାଲ୍‌କାଲିଙାନ୍ ଡ଼ାକୁ। |
| ଓ | : | ପଣସ | : | ପଣସ ରସ ବଡ଼ ସରସ। |
| ସ | : | ପାଡ଼ାସା | : | ପାଡ଼ାସାନ୍ ବଇବଇ ମାନାଡ଼ାମ୍। |

## ପାଠ-୨

| | | | | |
|---|---|---|---|---|
| ଓ | : | ଭୂମି | : | ଭାରତ ଆମ ମାତୃ ଭୂମି। |
| ସ | : | ଲାବ | : | ଭାରତ କାରୁଡ଼୍‌କୁଡ଼୍ ଲାବ ଲେନ୍। |
| ଓ | : | ଭଳି | : | ଗଧ ଘୋଡ଼ା ପରି ନୁହେଁ। |
| ସ | : | ଆମ୍ବିଜ୍ | : | ପେକୁଜାନ୍ କୁର୍ତାନ୍ ଆମ୍ବିଜ୍ ତିଡ଼୍। |
| ଓ | : | ସିଧା | : | ଆମ ଗାଁ ରାସ୍ତା ସିଧା ନାହିଁ। |
| ସ | : | ଏଙ୍ଗ୍ | : | ଗର୍ଜାଙ୍ ଗଡ଼୍‌ଲେନ ସେ-ଏଙ୍‌ତିଡ଼୍ (ରଜଲତେଡ଼୍)। |
| ଓ | : | ଠିକ୍ | : | ଠିକ୍ ରାସ୍ତାରେ ଚାଲ। |
| ସ | : | ଞ୍ଜ୍ୟାଡ଼ାବ୍ | : | ଞ୍ଜ୍ୟାଁଡ଼ାବ୍ ଗଡ଼୍‌ଲିଙାନ୍ ଞ୍ଜ୍ୟାଁନାବା। |
| ଓ | : | ପ୍ରକାର | : | ଆମ ଦେଶରେ ବିଭିନ୍ନ ପ୍ରକାର ଜାତି ଅଛନ୍ତି। |
| ସ | : | ଜାନାବ | : | ଡ଼ିଶାଲେନ୍ ବିଗାଡ଼ା ବିଗାଡ଼ା ଜାନାବ୍ ଜାତିଞ୍ଜିଁ ଡ଼ାକୁ। |
| ଓ | : | ନାଚ | : | ପର୍ବପର୍ବାଣୀ ସମୟରେ ନାଚ ହୁଏ। |
| ସ | : | ତଙ୍ଗ୍‌ସେଙ୍ଗ୍ | : | ଆବ୍‌ଡୁରାନ୍ ଅଡ଼୍‌ନାଂ ତଙ୍‌ସେଙାନ୍ ଡ଼େତି। |

## ପାଠ-୩

| | | |
|---|---|---|
| ଓ : | ଦୟା | : ଦୀନ ହିନ ଦରିଦ୍ରକୁ ଦୟାକର। |
| ସ : | ଆବାସୁୟିମ୍ | : ତୁଙ୍ଡ଼ାମ୍ ଜାଡ଼୍ଡ଼ାମ୍ ବାନାଗିଞ୍ଜିଁ ଆଡ଼ଙ୍ଗ୍ ଆବା ସୁୟିମା। |
| ଓ : | ଖରାପ | : ଖରାପ କାମ କରନାହିଁ। |
| ସ : | ଇଲ୍ଡ଼ାଗି | : ଇଲ୍ଡ଼ାଗି ବାରାନ୍ ଆଲୁମ୍ତଙ୍। |
| ଓ : | ପାଞ୍ଚିବା | : ସେ ଯିବାକୁ ପାଞ୍ଚିଲା। |
| ସ : | ଅଗାଣ୍ଡି | : ଆନିନ୍ ଆୟିର୍ବିନ ଅଗାଣ୍ଡିଲେ। |
| ଓ : | ଅପେକ୍ଷା | : ସମୟ ଆମକୁ ଅପେକ୍ଷା କରେ ନାହିଁ। |
| ସ : | ଅମ୍ଡ଼ି(ଡ଼ିଡ଼ି) | : ଆୟାମାନ୍ ଆଡ଼୍ନମ୍ଡ଼ି ଲାଂନେ। |
| ଓ : | ଘୋଷାରି | : ବାଘ ଘୁଷୁରୀକୁ ଘୋଷାରି ନେଲା। |
| ସ : | ଡ଼ିଙଡ଼୍ଲେ | : କିଃନାନ୍ କାମ୍ବୁନାନ୍ ଡ଼ିଙଡ଼୍ଲେ ପାଙେତିନ୍। |
| ଓ : | ପୂରଣ | : ଖାଲଟି ପୂରଣ କର। |
| ସ : | ବାଡ଼୍ରିଜ୍ | : ପାଡୁରାନ୍ ବାଡ଼୍ରିଜା। |
| ଓ : | ସଂଗ୍ରହ | : ପିମ୍ପୁଡ଼ି ମାନେ ଖରାଦିନେ ଖାଦ୍ୟ ସଂଗ୍ରହ କରନ୍ତି। |
| ସ : | ତାର୍ତୁମ୍ | : ମୁଇଡ଼ାଞ୍ଜିଁ ଡ଼ାଗାଗାଜାନ୍ ଜାନୁମ୍ ଜୁମାନ୍ ତାରତୁମ୍ ତେଜି। |
| ଓ : | ଜାଗା | : ନିଜ ଜାଗାରେ ଘରକର। |
| ସ : | ଡ୍ରାକୁନା | : ଡ୍ରାକୁନା ଲିଙ୍ଗ୍ବିନ୍ ଗୁସିଙ୍ ନାବା। |

## ପାଠ-୪

| | | |
|---|---|---|
| ଓ : | ଦଳ | : ପୂର୍ବକାଳରେ ଲୋକେ ଦଳବାନ୍ଧି ରହୁଥିଲେ। |
| ସ : | ଅମ୍ପୁ | : ପୁର୍ବାନ୍ ଆୟାମ୍ ମାନ୍ରାଞ୍ଜିଁ ଅମ୍ପୁ ଅମ୍ପୁ ଡ଼ାକୁଲିଞ୍ଜିଁ। |
| ଓ : | ଗଣିବା | : ତାରାକୁ ଗଣିବା ଅସମ୍ଭବ। |
| ସ : | ଡ଼ିସାମ୍ | : ତୁଇଜ୍ତୁଇଜାନ୍ ରାବ୍ତି ଆଡ଼୍ଡ଼ିସାମ୍ବି। |
| ଓ : | ତିଆରି | : ମେଣ୍ଢା ଲୋମରୁ କମ୍ବଳ ତିଆରି ହୁଏ। |
| ସ : | ସାବ୍ଜା | : ଆଉପୁର୍ ମୁର୍କୁଣ୍ଡାଡ଼ାନ୍ ବାତ୍ତି ପାଞ୍ଜୁଁମ୍କାବାନ୍ ସାନାବ୍ଜାନ୍ ଡ଼େତି। |
| ଓ : | ପ୍ରସ୍ତୁତ | : ସବୁବେଳେ ପ୍ରସ୍ତୁତ ରୁହ। |
| ସ : | ଅସ୍କାଇ | : ତଡ଼ଙ୍ ଆୟାମ୍ ଅସ୍କାଇଲିନ୍ ଡ଼ାକୁନା। |
| ଓ : | ଥର | : ୫ ଥର ଗାରକାଟ। |
| ସ : | ତ୍ରା | : ୫ତ୍ରା ଗାରିଆ। |

ଓ : ନଡ଼ିଆ : ନଡ଼ିଆର ଡ଼ାଳନାହିଁ ।
ସ : ପାୟାଡ଼ି : ପାୟାଡ଼ିନ୍ ଆ କାଣ୍ଡାର୍‌ତେଡ଼୍ ।
ଓ : ବଂଶୀ : ବଂଶୀର ମଧୁର ସ୍ୱର ।
ସ : ପିରୁଡୁଇ : ପିରୁଡୁଇପେଡ଼ାନ୍‌ଲାଙ୍ଗା ସାର୍ରାଙାନ୍ ।
ଓ : ଶୀତ : ଶୀତ ଦିନେ ଗରମ ପୋଷାକ ପିନ୍ଧ ।
ସ : ରାଙା : ରାଙାନ୍ ଆସାନ୍ ପାଞ୍ଜୁଁମ୍‌କାବାନ୍ ଜିଜିନାବା (ରତୁଡ଼୍‌ନାବା) ।
ଓ : ଝାଳ : ଖରାଦିନ ବହୁତ ଝାଳ ବାହାରେ ।
ସ : ଉଞ୍ଜୁଁଲ୍ : ଡ଼ାଗା ଗାଜାନ୍ କାରରାନ୍ ଉଞ୍ଜୁଁଲାଙ୍‌ତିନ୍ ।
ଓ : ପୃଥିବୀ : ପୃଥିବୀ ଆମର ମା ।
ସ : ଅଡ଼ାର : ଅଡ଼ାରାନ୍ ୟାଙ୍‌ଲେନ୍ ।
ଓ : ନିଶ୍ଚୟ : ପୁଣି ନିଶ୍ଚୟ ଆସିବେ ।
ସ : ଜାଡ଼ିତିନ୍ : ଜାଡ଼ିତିନ୍ ଗାମ୍‌ଲେ ୟିର୍‌ତାଇ ।
ଓ : ଶବ୍ଦ : ଫମ୍ପା ମାଠିଆର ଶବଦ ବେଶି ।
ସ : ସାନାଡ଼ା : ଆରିକ୍‌କା ଡ଼ାଙାନ୍ ଆସାନାଡ଼ା ଆଉର୍ ।
ଓ : ଆସ୍ତେ : ଆସ୍ତେ ଆସ୍ତେ କାମକର ।
ସ : ଡିର୍‌ଗା : ଡ଼ିର୍‌ଗା ଡ଼ିର୍‌ଗା ବାରାନ୍ ଲୁମା ।
ଓ : ଗନ୍ଧ : ମଳମୂତ୍ର ବହୁତ ଗନ୍ଧ ।
ସ : ସ-ଅ : ଆଞ୍ଜୁଁମାନ୍ ଆସଙାନ୍ ସ-ଅ ।
ଓ : ଯୁବକ : ଯୁବକ ମାନେ ସାହସୀ ।
ସ : ଡ଼ାଙ୍ଗଡ଼ା : ଡ଼ାଙ୍ଗଡ଼ାଞ୍ଜିଁ ବଇବଇ ଉମ୍‌ପାର୍ ।
ଓ : ସ୍ୱପ୍ନ : ଶୟନେ ସପନେ ଦେଖନ୍ତି ।
ସ : ଗାନୁମ୍‌ତେ : ଆଡ଼ିମାତ୍ ଗାନୁମ୍‌ତେନ୍ ଗିଜ୍‌ତେଜି ।

## ପାଠ-୯

ଓ : ଧନୀ : ଆମ ଦେଶରେ ଧନୀ ଗରୀବ ଅଛନ୍ତି ।
ସ : ଗାମାଙ୍ : ଡ଼ିସାଲେନ୍ ଗାମାଙ୍‌ମାର୍ ବ୍ନାଗିମାର୍ ଡ଼ାକୁଜି ।
ଓ : ଗରୀବ : ଗରୀବ ଲୋକର ଅନେକ ଚିନ୍ତା ଥାଏ ।
ସ : ବ୍ନାଗି : ବ୍ନାଗି ମାରାନ୍ ଆତେଙ୍ ଆନଗାଣ୍ଡିନ୍ ଡ଼ାକୁ ।
ଓ : ପୋଷାକ : ଛୁଆକୁ ପୋଷାକ ପିନ୍ଧାଅ ।
ସ : ସିନ୍‌ରି : ଆଅନ୍ ସିଜାନ୍ ସିନ୍‌ରିନ୍ ଆବ ଜିଜିଆ ।

ଓ : ମାଗଣା : ଡାକ୍ତର ଖାନାର ଔଷଧ ମାଗଣା ଦିଆଯାଏ।

ସ : ଆସାଙ୍ଗିନ୍ : ରେଗାମ୍‌ସିଂ ଲିଙାନ୍ ଆସାଙ୍ଗିନ୍ ରେଗାମାନ୍ ତାନିୟାନ୍ ତେତି।

ଓ : ଗୁମ୍ଫା : ବାଘ ଗୁମ୍ଫାରେ ରହେ।

ସ : ଲୁଙାର : କିଃନାନ୍ ଲୁଙାର୍ ଲିଙାନ୍ ଡ଼ାକୁତିନ୍।

ଓ : ସମ୍ପଦ : ରାସ୍ତା ଜାତୀୟ ସମ୍ପଦ।

ସ : ବିତି : ତାଙରାନ୍ କୁଡ଼୍ଡୁବ୍‌ଲେନ ଆବିତି।

ସ : ଖମ୍ବ : ଘରର ଖମ୍ବ ମଜଭୂତ ଅଛି।

ସ : ସୁଣ୍ଡାଙ୍ଗ୍ : ସିଂଡ଼ାନ୍ ଆସୁଣ୍ଡାଙ୍ ରାଡ଼୍ଡୁଡ଼ାକୁ।

ଓ : ଦମ୍ଭ : ବିପଦ ବେଳେ ଦମ୍ଭଧର।

ସ : ରାଡ୍ଡୁ : କାନାଲ୍ କାଲାନ୍ ଆୟାମ୍ ରାବ୍‌ଡ୍ଡୁ ଡ଼ାମ୍‌ନା।

ଓ : ତୁମ୍ଭେ : ସବୁବେଳେ ତୁମ୍ଭେ ସତକୁହ।

ସ : ଆମ୍ବିନ୍ : ଆମ୍ବିନ୍ ତଡଙ୍ ସାକ୍‌କାଇବିର୍‌ନାବା।

ଓ : କୁମ୍ଭୀର : କୁମ୍ଭୀର ପାଣିରେ ରହେ।

ସ : ସିମର(ତାଞ୍ଜାଁଲ୍) : ସିମରାନ୍ ଡ଼ା-ଆଲିଙାନ୍ ଡ଼ାକୁତିନ୍।

ଓ : ବଉଳ : ଫଗୁଣ ମାସରେ ବଉଳ ଆସେ।

ସ : ତାର୍‌ବା : ଆରାସାର୍ ଗାଇଜାନ୍ ତାର୍‌ବାନ୍‌ଜି ରାଡ଼୍‌ତେ।

ଓ : ଆରମ୍ଭ : କାମ ଆରମ୍ଭ ହେଲା।

ସ : ସୁସୁନା : ବାରାନ୍ ସୁସୁନାନ୍ ଡେ଼ଲି।

ଓ : ଆଡ଼ମ୍ବର : ରାଜାମାନେ ଆଡ଼ମ୍ବରରେ ରହୁଥିଲେ।

ସ : ଇବ୍‌ମୁଇ : ରାଜାନ୍‌ଜି ଇରାବ୍‌ମୁଇ ଡାକୁଲିଞ୍ଜୁଁ।

ଓ : ବିଳମ୍ବ : ଆଜି ବସ୍‌ଟି ବିଳମ୍ବରେ ପହଞ୍ଚିଲା।

ସ : ଡ଼ିଙ୍ଗ୍‌ଲେ : ନାଙେ ବାସୁନ୍ ଡ଼ିଙ୍ଗ୍‌ଲେ।

ଓ : ବାମ୍ଫ : ଗରମ ପାଣିରେ ବାମ୍ଫ ବାହାରେ।

ସ : ଉମା : ଆତାଗିଡ଼ାଲିଙାନ୍ ଆଉମାନ ଡୁଙ୍‌ତିନାଇ।

ଓ : କୁମ୍ଭ : ବିବାହ ବେଦୀରେ ଶୁଭକୁମ୍ଭ ରଖାଯାଏ।

ସ : କାଡ଼ାସିଡ଼ାଙ୍ଗ୍ : ସିଡ଼୍‌ରୁଙାନ୍ ଆୟାମ୍ ବାନାଂସା କାଡ଼ାସି ଡ଼ାଙାନ୍ ଡ଼ାନାକୁନ୍ ତେତି।

ଓ : ମରାମତି : ଆମ ପୋଖରୀ ମରାମତି ହେଲା।

ସ : ବାର୍‌ତୁନି : ବାନ୍‌ଡ଼ାଲେନ୍ ଆବାର୍‌ତୁନିଲାଇ।

# ପାଠ-୧୦

ଓ : ପ୍ରାର୍ଥନା : ଈଶ୍ୱରଙ୍କୁ ପ୍ରାର୍ଥନା କର।

ସ : ଗାର୍‌ବିର୍ : କିତୁଙ୍ଗାନ୍ ଆମାଙ୍ ଗାର୍‌ବିରନା।

ଓ : ଭଜନ : ଭଜନ ଗାଅ।

ସ : ସାନିନ୍‌କିନ୍‌ରା : ସିନ୍ କିନ୍‌ରା କିନାନ୍ କିନା।

ଓ : ନଷ୍ଟ : ଖାଦ୍ୟକୁ ନଷ୍ଟ କର ନାହିଁ।

ସ : ମୁଡ଼୍‌ସା : ଜାନୁମ୍ ଜୁମାନ୍ ଆବ୍‌ମୁଡ଼୍‌ସାଡଙ୍।

ଓ : ଶୁଷ୍କ : ଖରାଦିନେ ଶୁଷ୍କ ପାଗ ରହେ।

ସ : ଆସାର : ଡ଼ାଗା ଇଙ୍ଗାନ୍ କୁଡ଼୍‌ଡୁବ୍‌ମାନେଙ୍ ଆସାର୍ ଡ଼ାକୁତି।

ଓ : କଷ୍ଟ : କଷ୍ଟ କଲେ ସୁଖ ମିଳିବ।

ସ : କାଲ୍‌କାଲ୍ : କାଲ୍‌କାଲ୍ ବାତି ବାରାଲିନ୍‌ବିନ୍‌ଡ଼େନ୍ ବାନାଙ୍‌ସାନ୍ ଞ୍ୟାଁତାବି।

ଓ : ସନ୍ତୁଷ୍ଟ : ନିଜ ଆୟରେ ସନ୍ତୁଷ୍ଟ ରୁହ।

ସ : ସ୍ନାୟିମ୍ : ବାରାଡାମ୍ ଲିଙ୍‌ନାମ୍ ସାଡ଼୍‌ୟିମ୍‌ଡ଼ାମ୍‌ନା।

ଓ : ବୃଷ୍ଟି : ମେଘରୁ ବୃଷ୍ଟିହୁଏ।

ସ : ତାରୁବାନ୍ : ତାରୁବାନ୍ ସାରିଂ ଗାନୁର୍‌ତି।

ଓ : ଦୁଷ୍ଟ : ଦୁଷ୍ଟ ଲୋକ ଦଣ୍ଡପାଏ।

ସ : ଡୁଆଞ୍ଜ୍ : ଡୁଆଞ୍ଜ୍ ମାରାନ୍ ପାନାଡ଼୍‌ରାଡ଼ାନ୍ ଞାଁତେ।

ଓ : କନିଷ୍ଠ : ଶ୍ୟାମର କନିଷ୍ଠ ପୁତ୍ରଙ୍କ ନାମ ଦାମ।

ସ : ସାନ୍ନା : ସାମନ୍‌ଆ ସାନ୍ନାଅନ୍ ଆଞ୍ଜିମ୍ ଦାମ।

ଓ : ଉତ୍ତାପ : ଖରାଦିନେ ଉତ୍ତାପ ବଢ଼େ।

ସ : ତାଗି(ପୋଞ୍ଜୁମ୍) : ଡ଼ାଗା ଗାଜାନ୍ ଆଉର୍ ତାଗିତି।

ଓ : ପ୍ରସିଦ୍ଧ : ମହେନ୍ଦ୍ରଗିରି ପ୍ରସିଦ୍ଧ ପର୍ବତ।

ସ : ତାର୍‌ମୁଡ଼ିଗାନାଲାମ୍ : ମହେନ୍ଦ୍ରଗିରି ତାର୍‌ମୁଡ଼ି (ପାନିମିଂ) ଗାନାଲାମ୍ ବାରୁ।

ଓ : ପରିବା : ସବୁଜ ପରିବା ଖାଅ।

ସ : ତାନଙ୍ଗାଲ : ଏଡ୍ଡୁ ତାନଙ୍ଗାଲାନ ଜୁମ୍ମା।

ଓ : ହାଟ : ବୁଧବାର ଦିନ ଜଲତାର୍ ହାଟ ହୁଏ।

ସ : ସାଞ୍ଜିତା : ବୁଡ଼୍‌ବାରାନ୍ ୟାର୍‌ତାବ୍ (ଡାଆତାର୍) ସଞ୍ଜ୍‌ତାନ୍ ଡ଼େତି।

# ପାଠ-୧୧

| | | | | |
|---|---|---|---|---|
| ଓ | : | ବାଦ୍ୟ | : | ବାଦ୍ୟ ବଜାଅ । |
| ସ | : | ଡାନେବ୍‌ଡ଼େବ | : | ଡାନେବ୍ ଡ଼େବାନ୍ ଡ଼େବ୍‌ବା । |
| ଓ | : | ଅଭ୍ୟାସ | : | ପ୍ରତିଦିନ ପ୍ରାର୍ଥନା ଅଭ୍ୟାସ କର । |
| ସ | : | ଆନାବୁକା | : | ଡ଼ିଲେ ଡ଼ିନ୍ନାନ୍ ଗାର୍‌ବିରାନ୍ ଆବୁକ୍‌କାନାବା । |
| ଓ | : | ପିମ୍ପୁଡ଼ି | : | ପିମ୍ପୁଡ଼ିମାନେ ଖରାଦିନେ ଖାଦ୍ୟ ସଂଗ୍ରହ କରନ୍ତି । |
| ସ | : | ମୁଇଡ଼ା | : | ମୁଇଡାଙ୍ଗେଁ ଡ଼ାଗା ଗାଜାନ୍ ଜାନୁମ୍‌ଜୁମାନ୍ ତାର୍‌ତୁମ୍‌ତେଜି । |
| ଓ | : | ଖଟ | : | ଖଟରେ ଶୋଇବା ଭଲ । |
| ସ | : | ସାଣ୍ଡି | : | ସାଣ୍ଡିନ୍ ଆଡ଼ିମାଡ଼୍‌ନା ବାଙ୍‌ସା । |
| ଓ | : | କବାଟ | : | କବାଟ ବନ୍ଦ କର । |
| ସ | : | ସାନାଙ୍ | : | ସାନାଙ୍ଗାନ୍ ଇଙ୍ଗାଡ଼ା । |
| ଓ | : | ଦାମ୍ | : | ସମସ୍ତ ଜିନିଷର ଦାମ୍ ରହିଛି । |
| ସ | : | ଜାନାତିନ୍ | : | କୁଡ଼ୁଡୁବ୍ ଜାନାବାନ୍ ଆଜାନାତିଡ଼ାକୁ । |
| ଓ | : | ଅଙ୍କ | : | ଅଙ୍କ ଜାଣି ବହୁ ବଖାଣି । |
| ସ | : | ଅସୁଇ | : | ଆସୁଇ୍ ଗାଲାମ୍‌ଡ଼େନ୍, ଆତେଙ୍ ବିର୍‌ନାନ୍ । |
| ଓ | : | ପେଟ | : | ଜଣଙ୍କର ପେଟ ମାର ନାହିଁ । |
| ସ | : | କାମ୍‌ପୁଙ୍ | : | ବମାନ୍‌ରା ଆକାମ୍ ପୁଙ୍ ଆଗାଡ଼୍‌ଡ଼ଙ୍ । |
| ଓ | : | ଦାଆ | : | ଦାଆରେ ଧାନ କାଟନ୍ତି । |
| ସ | : | କାଡ଼ାତି | : | କାଡ଼ାତ୍‌ତିନ୍ ବାତ୍‌ତି ସାରନ୍ କାଡ଼୍‌ତେଜି । |

# ପାଠ-୧

## ଗଣିତ ବହି ଦ୍ୱିତୀୟ ଶ୍ରେଣୀ

| | | | | |
|---|---|---|---|---|
| ଓ | : | ପାଦ | : | ଜଙ୍ଗଲରେ ବାଘର ପାଦଚିହ୍ନ ଦେଖିବାକୁ ମିଳେ । |
| ସ | : | ଆତାଲ୍‌ଜିଙ୍ଗ୍ | : | ତୁଲାବ୍ ଲିଙ୍ଗାନ୍ କିଃନାନ୍ ଆନାଡ଼ି ଗିଜ୍‌ତାତି । |
| ଓ | : | ପତ୍ର | : | କଅଁଳିଆ ପତ୍ର ଦେଖିବାକୁ ସୁନ୍ଦର ଦିଶେ । |
| ସ | : | ଅଲା | : | ଆଲେଡ଼େଙ୍ ଅଲାନ୍ ଲାଙ୍ଗା ଗିଜ୍‌ତାତି । |
| ଓ | : | ଲକ୍ଷ | : | ଜୀବନରେ ଗୋଟିଏ ଗୋଟିଏ ଲକ୍ଷ ଥିବା ଦରକାର । |
| ସ | : | ସ୍ମାନେଙ୍ଗ୍ ସେଙ୍ଗ୍ | : | ମାନ୍‌ରେଂନା ଲିଙ୍‌ଲେନ୍ ସ୍ମାନେଂ ସେଂ ଡ଼ାକୁବିନ୍ ସାନାଇଜ୍‌ସାଇଜ୍ । |

ଓ : ପାର୍ଥକ୍ୟ : ସ୍ୱର୍ଗ ଓ ପାତାଳ ମଧ୍ୟରେ ପାର୍ଥକ୍ୟ ରହିଛି ।
ସ : ଆନାନ୍‌ସା : ରୁଆଙ୍ଗାନ୍ ଡ଼ କିନରାଇୟାନ୍ ଆନାନସାନ୍‌ଡ଼ାକୁ ।
ଓ : ଯୋଡ଼ : ଆମେ ବିନ୍ଦୁ କୁ ବିନ୍ଦୁ ଯୋଡ଼ିବା ।
ସ : ତାମ୍‌ସୁ : ତୁଇମାଡ଼ାନ୍ ଡ଼ ଡୁଇମାଡ଼ାନ୍ ଆତାମ୍‌ସୁବେନ୍ ଡ଼େତେ ।
ଓ : ତଳ : ଇଟାର ଛଅଟି ତଳ ଅଛି ।
ସ : ଜାଇତା : ପିଡ଼ା ଗାଲ୍‌ଲା ତୁଡ଼ରୁ ଜାନାଇତାନ୍ ଡ଼ାକୁ ।
ଓ : ଚଷମା : ଖରାଦିନେ କଳା ଚଷମା ପିନ୍ଧ ।
ସ : ରୁବ୍‌ମାଡ଼୍‌ନା : ଡ଼ାଗା ଗାଜାନ୍ ୟାଗା ରାନୁବ୍ ମାଡ଼ାନ୍ ରୁବ୍‌ମାଡ଼୍‌ନା ।
ଓ : ନିଶ : ବିଲେଇର ନିଶଥାଏ ।
ସ : କୁରୁତାମ୍ : ରାମେଙ୍ଗାନ୍ ଆକୁରୁତାମ୍ ଡ଼ାକୁ ।
ଓ : ପ୍ରଶ୍ନ : ପିଲାଙ୍କୁ କଠିନ ପ୍ରଶ୍ନ ପଚାର ନାହିଁ ।
ସ : ଆନୁଆଲ୍‌ବିର୍ : ପାସିଜାନ୍ ଆଡ଼ଙ୍ଗ୍ ରାଡୁ(ଜାରୁ) ଆନୁଆଲାନ୍ ଉଆଲ୍‌ଡ଼ଙ୍ଗ୍
ଓ : କାନ୍ଥ : ଇଟା ଓ ପଥରରେ କାନ୍ଥ ତିଆରି ହୁଏ ।
ସ : କିନ୍ତାଲ : ପିଡ଼ାଗଲ୍ଲାନ୍ ଡ଼ ଆରେଙ୍ଗାନ୍ ବାତି କିନ୍ତାଲାନ୍ ସାନାବଜାନ୍ ଡ଼େତି ।
ଓ : ମଝି : ସାଧୁ ଓ ରାଧୁ ମଝିରେ ସନ୍ଧି ହୋଇଛି ।
ସ : ତ୍ରାଙ୍ଗ୍‌ଡ଼ି : ସାଧୁନ୍ ଡ଼ ରାଧୁନ୍ ଆତ୍ରାଙ୍ଗ୍‌ଡ଼ି ତାନ୍‌ନଡ୍ ଡ଼ାକୁ ।
ଓ : କିପରି : ତୁମ ଅଞ୍ଚଳ କିପରି ଅଛି ।
ସ : ୟାନ୍‌ଆମ୍ରିଜ୍ : ମାନେଙ୍ଗ୍‌ବାବିନ୍ ୟାନ୍ ଆମ୍ରିଜ୍ ଡ଼ାକୁ ।
ଓ : କୁସୁମ : କୁସୁମ ପରି ସୁନ୍ଦର ।
ସ : ତାର୍‌ବା : ତାର୍‌ବାନ୍ ଆମ୍ରିଜ୍ ଲାଙ୍ଗା (ଲାଙ୍ଗି) ।
ଓ : କୁସୁମ : କୁସୁମ ଗଛର କୋଳି ।
ସ : ବାଙ୍ଗ୍‌ରୁ : ବାଙ୍ଗ୍‌ରୁ ଗୁରାନ୍ ଆଜିଅନ୍ ।
ଓ : ସୁବିଧା : ରାମ ସୁବିଧାରେ ଚଳୁଛି ।
ସ : ଇରାବ୍‌ମୁଇ : ରାମନ୍ ଇରାବ୍‌ମୁଇ ଡାକୁତିନ୍ ।
ଓ : ଦୀପ : ସନ୍ଧ୍ୟା ହେଲେ ଦୀପ ଜଳାଅ ।
ସ : ଲିମା (ଲପା) : ଅରୁବ୍‌ଲିନ୍ ଡ଼େନ୍ ଲିପାନ ଅଇବା ।
ଓ : ବିଡ଼ା : ବାଉଁଶ କାଟି ବିଡ଼ା ବନ୍ଧାଯାଏ ।
ସ : ଜିଜି : ଉରିଙ୍ଗାନ୍ ରାଡ୍‌ଲେ ଜିଜିତାବି ।
ଓ : ଫୁଲ : ମହୁମାଛି ଫୁଲରେ ବସେ ।
ସ : ତାର୍‌ବା : ଆଡ଼ାଙ୍ଗାନ୍ ତାର୍ ବାଲିଙ୍ଗାନ୍ ଡୁଇତିନ୍‌ଜି ।

ଓ : ସାଥୀ : ମୋର କେହି ସାଥୀ ନାହାନ୍ତି ।
ସ : ତୁଡୁ : ତୁଡୁ ମାର୍ ଞ୍ଜେଁନ୍ ବୁତିଜା ଆଗାସା ।
ଓ : ବଳକା : ତୁମ ର କିଛି ବଳକା ଅଛି କି ?
ସ : ଆତାଲ୍‌ନା : ଆମାନ୍ ଇତିଜା ଆତାଲନାନ୍ ଡ଼ାକୁପ ?

## ପାଠ-୧୭

ଓ : ସବୁ : ଏସବୁ ଆମର ।
ସ : କୁଡ଼ଡୁବ : କାନ୍ ଆକୁଡ଼ଡୁବ୍ ଆନ୍‌ଲେନ୍ ଆତି ।
ଓ : ହାର : ସେ ମୋର ଗଳାରହାର ।
ସ : ତାନ୍‌ରଲ୍ : ଆନିନ୍ ସାଙ୍କାଲିଙ୍ ଞ୍ଜେଁନ୍ ଆତାନ୍‌ରଲ୍ ।
ଓ : ପରି : ସେ ମୋ ଭାଇପରି ।
ସ : ଆମ୍ରିଜ୍ : ଆନିନ୍ ଉବ୍‌ବାଞ୍ଜେନ୍ ଆମ୍ରିଜ୍ ।
ଓ : କାଠି : କାଠି କୁଟା ସଫାକର ।
ସ : ଡ଼ାଙ୍ଗୁ(ଅଜିଙ୍) : ଆଜିଙ୍ ରାମ୍‌ଜାନାନ୍ ମାଡ଼୍‌ରିଡ୍‌ବା (ରାମ୍‌ଜାନ୍‌ଡ଼ାଂ) ।
ଓ : ଗାର : ଗାରକାଟ ।
ସ : ଗାରି(ଗୋଡ୍‌ଡାଂ): ଗାରିବା (ଗୋଡ୍‌ଡାଂବା) ।
ଓ : ପଟ : ଆମ ପଟେବର୍ଷା ନାହିଁ ।
ସ : ମାନେଙ୍(ମୋଙ୍‌ବା): ମାଙ୍‌ବାଲେନ୍ ଗୁର୍‌ତିଡ୍ ।
ଓ : ମାଟି : ମାଟି ମାଆଁ ।
ସ : ଲାବ : ଲାବ ୟାଙ୍ଗାନ୍ ।
ଓ : ସୁନା : ସୁନା ମୂଲ୍ୟବାନ୍ ଜିନିଷ ।
ସ : ରାନା : ରାନାନ୍ ଜାନାତି ଜାନାବ୍ ।
ଓ : କାଠ : କାଠ ଆଣ ।
ସ : ଆଙ୍ଗାଲ୍ : ଆଙ୍ଗାଲାନ୍ ପାଙ୍ଗାଇ ।
ଓ : ଲୁହା : ଲୁହା ବଡ଼ ଭାରି ।
ସ : ଲୁଆଙ୍ : ଲୁଆଙ୍ଗାନ୍ ବଇବଇ ଲାଗିନ୍ ।
ଓ : ବାଉଁଶ : ବାଉଁଶ ଗଛ ।
ସ : ଉରିଙ୍ : ଉରିଙ୍ ନିବ୍ ।
ଓ : ନଈ : ନଈ କୁଳିଆ ପବନ ।
ସ : ଆଲ୍ : ଆଲ୍ ତାଲାନ ଆ ଅନ୍‌ସିଂ ଆରାଙ୍ଗି ।

| | | |
|---|---|---|
| ଓ : | ନାଳ | : ନାଳରେ ପାଣି ଛଡ଼ାଯାଏ। |
| ସ : | ଜଡ଼ା | : ଜଡ଼ା ଲିଙ୍ଗାନ୍ ଡ଼ା-ଆନ୍ ଆବ୍ ପାଇତାବି। |
| ଓ : | ସୁଯୋଗ | : ଦିଲ୍ଲୀ ଯିବାକୁ ସୁଯୋଗ ପାଇଲା। |
| ସ : | ରୟଙ୍ | : ଆନିନ୍ ଦିଲ୍ଲୀ ଆଇୟ୍‌ବିନ୍ ରୟଙ୍ଗାନ୍ ଞାଁଙ୍ଗେତିନ୍। |
| ଓ : | ସୃଷ୍ଟି | : ଈଶ୍ୱର ସୃଷ୍ଟି କର୍ତ୍ତା। |
| ସ : | ଗାନାଡ଼ି | : କିତୁଙ୍ଗାନ୍ ଗାନାଡ଼ି ମାର। |
| ଓ : | ଆଲୋଚନା | : ସଭା ନିମନ୍ତେ ଆଲୋଚନାକଲେ। |
| ସ : | ଆର୍‌ବିର୍ | : ସବାନ୍ ଆସାନ୍ ଆରବିର୍‌ଡ଼ାଲେଜି। |
| ଓ : | ଶବଦ | : ଏହା କି ଶବଦ। |
| ସ : | ସାନାଡ଼ଡ଼ା | : କାନ୍ ଆଡି ଇତିନ୍ ଆ ସାନାଡ଼ ଡ଼ା। |
| ଓ : | ଚମକି | : ସେ ଲୋକଟି ହଠାତ୍ ଚମକିଲା। |
| ସ : | ଉଙ୍ଗୁଙ୍ | : କୁନ ଆ ମାନ୍‌ରା ଆବୁମୁଙ୍ ଉଙ୍ଗେତିନ୍। |

## ପାଠ-୧୯

| | | |
|---|---|---|
| ଓ : | ବଗିଚା | : ଫୁଲ ବଗିଚାଟି କି ସୁନ୍ଦର। |
| ସ : | କୁଭା | : କୁଭା ତାରାନ୍ ୟାନ୍ ଆଲାଙ୍ଗା। |
| ଓ : | ଶୁଙ୍ଘିବା | : ଫୁଲକୁ ଶୁଙ୍ଘିବା ଭଲ ନାହିଁ। |
| ସ : | ଞୁଁ ଞୁଁ | : ତାର୍‌ବାନ୍ ଆଞୁଁ ଞୁଁ ବାଙ୍‌ସାତିଡ଼୍। |
| ଓ : | ରାଗ | : ଅନ୍ୟ ଉପରେ ରାଗ ନାହିଁ। |
| ସ : | ବାନ୍‌ରାବ୍ | : ବମାନ୍‌ରା ଅଡ଼ଙ୍ ବାନ୍‌ରାବ୍ ଡ଼ଂ। |
| ଓ : | ଜଙ୍ଘ | : ଲୋକଟିର ଜଙ୍ଘ ଭାଙ୍ଗିଗଲା। |
| ସ : | ବୁଲୁ | : ମାନ୍‌ରାନ୍ ଆବୁଲୁ ଆଲ୍ ଡ଼ିଙ୍ଗ୍‌ଲି। |
| ଓ : | ଶୁଣିବା | : ପରକଥା ଶୁଣିବା ନାହିଁ। |
| ସ : | ଆମ୍‌ଡ଼ାଙ୍ଗ୍ | : ବିଗାଡ଼ା ବିରାନ୍ ଆଡ଼୍‌ନାମ୍‌ଡ଼ାଂବି। |
| ଓ : | ଲାଲ୍ | : ଏଣ୍ଡୁଅର ଲାଲ୍ ମୁଣ୍ଡକୁ ଦେଖ। |
| ସ : | ଜେ-ଏ | : ଜେ-ଏ ବାବ୍ ତୁମାନ୍ ଗିଜା। |
| ଓ : | ଟାଣିବା | : ବଳଦ ଶଗଡ଼ ଟାଣେ। |
| ସ : | ଡ଼ିଙ୍‌ଡ଼ିଂ | : ତାଙ୍ ଲିୟାନ୍ ଶାଗାଡ଼ାନ ଡ଼ିଙ୍‌ତେ। |
| ଓ : | ସମସ୍ତେ | : ଆମେ ସମସ୍ତେ ଭାଇ ଭାଇ। |
| ସ : | କୁଡ଼୍‌ଡୁବ୍‌ଲେ | : ଆନ୍‌ଲେନ୍ କୁଡ଼୍‌ଡୁବ୍‌ଲେନ୍ ବୁଞାଁଙ୍ ବୁଞାଁଙ୍। |

| | | |
|---|---|---|
| ଓ : | ତୀର | : ଶିକାରୀ ଜନ୍ତୁକୁ ତୀରରେ ମାରେ। |
| ସ : | ଆ-ଆମ୍ | : ବିନ୍ତା ମାରାନ୍ ଆ-ଆମାନ୍ ବାତିଜନ୍ତୁନ୍ ତୁଇଞ୍ଚେଁତେ। |
| ଓ : | ମିତ | : ସାଧୁ ଓ ରାଧୁ ଦୁଇମୀତ। |
| ସ : | ଗାଡ଼ି | : ସାଧୁନ୍ ଡ଼ ରାଧୁନ୍ ଆର୍ ଗାଡ଼ିଞ୍ଜି। |
| ଓ : | ସାଥୀ | : ସେ ମୋ ଜୀବନର ସାଥୀ। |
| ସ : | ତୁତୁ | : ଆନିଦ୍ ମାନ୍‌ରେଙ୍‌ନା ତୁତୁମାର୍ ଞ୍ଜେଁନ୍। |
| ଓ : | ଗଣିବା | : ପଇସା ଗଣି ରଖିବା ଉଚିତ। |
| ସ : | ଡ଼ିସାମ୍ | : ତାଙ୍କାନ୍ ଡ଼ିସାମ୍‌ଲେ ଡ଼ାକୁବିନ୍ ସାନାଇଜ୍ ସାଇଜ୍। |
| ଓ : | ହାତ | : ଫଳ ଟି ହାତ ପାଉନାହିଁ। |
| ସ : | ସି-ଇ | : ଜ-ଅନ୍ ସିଇନ୍ ଆଡ଼୍ ଯୁଉନେ। |
| ଓ : | ନିଜ | : ନିଜ କାମରେ ସନ୍ତୁଷ୍ଟ ରୁହ। |
| ସ : | ଆନ୍‌ଲେନ୍‌ଡ଼ାମାନ୍ | : ବାରା ଡ଼ାମ୍‌ନାମ୍ ବାତି ସାଡ଼୍‌ୟିମ୍‌ଡ଼ାମ୍‌ନା। |
| ଓ : | ଲଢେଇ | : ଷଣ୍ଢ ଦୁଇଟି ଲଢେଇ କରୁଛନ୍ତି। |
| ସ : | ସ୍ନୁ(ଆର୍ସ୍ନିନୁ) | : ବାଗୁ କୁପା ତାଙ୍ଗାନ୍ ସ୍ନୁତିଞ୍ଜି। |
| ଓ : | ପାର | : ନଦୀକୁ ଡ଼ଙ୍ଗାରେ ପାର କରାହୁଏ। |
| ସ : | ପାଡ଼୍‌ଡ଼ା | : ଆଲ ବୁନ୍‌ସାଙ୍ଗାନ୍ ବାଡି ପାଡ଼୍‌ତାବି। |
| ଓ : | ମାପିବା | : ମାଣରେ ଜିନିଷ ମପାଯାଏ। |
| ସ : | ତାରେଡ଼୍ | : ମାଡିଞ୍ଜାଁନ୍ ବାତି ଜାନ୍‌ରୁମାନ୍ ତାରେଡ଼୍‌ତେଜି। |
| ଓ : | କୋଠରୀ | : ସେ ଘରର ତିନିଟି କୋଠରୀ ଅଛି। |
| ସ : | ଆଗ୍‌କୁଲ | : କୁନ୍ ଆସିଂ ୟାଗି ଆଗ୍‌କୁଲ୍ ଡ଼ାକୁ। |
| ଓ : | ଲମ୍ବା | : ବାଉଁଶ ବାଡ଼ି ଲମ୍ବା ଅଛି। |
| ସ : | ଜାଲି | : ଡାରିଙ୍ ଡ଼ାଙ୍ଗାନ୍ ଜାଲି ଡ଼ାକୁ। |
| ଓ : | ଓସାର | : ପୋଖରୀ ଟି ଓସାର ଅଛି। |
| ସ : | ଲା+ଆଙ | : ବାଣ୍ଡାନ୍ ଲାଆଙ୍ ତାକୁ। |
| ଓ : | ପାଦ | : ଆମେ ସମସ୍ତେ ପାଦରେ ଚାଲୁଛୁ। |
| ସ : | ଆତାଲ୍‌ଜିଙ୍ | : କୁଡ଼୍ ତୁବ୍‌ଲେନ୍ ଆତାଲ୍‌ଜିଙ୍ଗାନ୍ ବାତିଞ୍ଜାତେନ୍‌ବି। |
| ଓ : | ମାଆ | : ଘରେ ବାପା ମାଆଁ ରହନ୍ତି। |
| ସ : | ୟାଙ୍ | : ସିଂ ଲିଙ୍ଗାନ୍ ଓ୍ୟାଞ୍ଜେଁନ୍ ୟାଂ ଞ୍ଜେଁନ୍ ଡ଼ାକୁତିଞ୍ଜିଁ। |
| ଓ : | ଶୂନ | : ୧ରେ ଶୂନ ମିଶି ଲେଖିଲେ ଦଶ ହୁଏ। |
| ସ : | ତେତେର୍ | : ୧ଙ୍ଗାନ୍ ତେଡ଼େର୍ ମାଇଲେ ଇଡ଼ଲ୍‌ଲାବିନ୍‌ଣ୍ଡେ ଗାଲ୍‌ଜି ଡ଼େତି। |

| | | | |
|---|---|---|---|
| ଓ : | ଯୋଡ଼ିବା | : | ସଂଖ୍ୟାକୁ ସଂଖ୍ୟା ଯୋଡ଼ିବା। |
| ସ : | ମାୟ୍‌ତାବି | : | ସଂଙ୍କିଲ୍ ଡ଼ ସଂଙ୍କିଲ୍ ମାୟବିନ୍ ଡ଼େତି। |
| ଓ : | ବଦଳରେ | : | ମୋ ବଦଳରେ ମୋ ପୁଅକୁ ମିଶାଅ। |
| ସ : | ଆପାନାଡ୍ରୁ | : | ଞେଁନ୍ ଆପାନାଡ୍ରୁଞେଁନ୍ ଅନ୍‌ଞେଁନ୍ ମାୟ୍‌ବା। |
| ଓ : | ଗୁଣିବା | : | ୫ରେ ୫ ଗୁଣନ କର। |
| ସ : | ପିଲ୍ | : | ୫ ଡ଼ ୫ ଆପିଲ୍‌ବା। |
| ଓ : | ସମାନ | : | ଭାଇଭଉଣୀ ସମାନ ମାନ୍ୟତା ଦିଅ। |
| ସ : | ସାରିଗଇ | : | ଉବାନ୍ ଆଇଙ୍ ସାରିଗଇ ଗିଜ୍‌ବା। |
| ଓ : | ବାଣ୍ଟିବା | : | ଭାତ ଅଳ୍ପ ଅଛି ବାଣ୍ଟି ଖାଇବା। |
| ସ : | ବାନ୍ତି | : | କୁଡୁନ୍ ଆସୁଇଡ଼ାକୁ ବାନ୍ତେଲେ ଆଗାବା। |
| ଓ : | ଦିଆନିଆ | : | ଅସୁବିଧା ସମୟରେ ପଇସା ଦିଆନିଆ କରିବା ଉଚିତ୍। |
| ସ : | ଆଲ୍‌ତିୟ୍ | : | ଏର୍‌ଡ଼ାକୁ ଆୟାମାଲିଂ ଲେବୁନ୍ ଆଲ୍‌ତିୟ୍‌ବା। |
| ଓ : | ଲମ୍ବ | : | ଦଉଡ଼ିଟି ଲମ୍ବା ଥାଏ। |
| ସ : | ଜାଲି | : | ଲୁୱାଡ଼ାନ୍ ଜାଲିଡାମ୍ ଡ଼ାକୁତି। |
| ଓ : | କେତେ | : | ବାବୁକେତେ ପଇସା ନେବୁ। |
| ସ : | ଡ଼ିଜିଂ | : | ବାବୁ ଡ଼ିଜିଂ ଲେବୁନ୍ ପାଙତେ। |
| ଓ : | ଜାଣିବା | : | ଆମେ ଜଣଙ୍କଠାରୁ କିଛି ବିଷୟ ଜାଣିବା। |
| ସ : | ଆଗାଲ୍‌ମା | : | ଆନଲେନ୍ ବମାନ୍‌ଡ୍ରା ଆମାଙ୍ ସାରିଙ୍ ଇତିଜା ନା ବିର୍‌ନା ଆଗାଲାମା। |

## ଗଣିତ ଖେଳ
## ଦ୍ୱିତୀୟ ଶ୍ରେଣୀ

| | | | |
|---|---|---|---|
| ଓ : | ମାଙ୍କଡ଼ | : | ମାଙ୍କଡ଼ କଦଳୀ ଖାଏ। |
| ସ : | କାରୋନ୍ | : | କାରୋନ୍ କିନ୍‌ତେନ୍ ଯୁମ୍‌ତେ। |
| ଓ : | ଲାଞ୍ଜ | : | ମାଙ୍କଡ଼ଲାଞ୍ଜ ଲମ୍ବା। |
| ସ : | ଆଲା | : | କାରୋନ୍ ଆଲା ଜାଲିଡ଼ାମ୍। |
| ଓ : | ଗୁଲି | : | ଗୁଲିରେ ଜିନିଷ ହାଟକୁ ନିଅନ୍ତି। |
| ସ : | ତୁଡୁଡ୍ | : | ତୁଡୁଡ୍ ଲିଙ୍ ଜାନ୍‌ଡ୍ରାତି (ଜାନାବାନ୍‌ଜି) ସାଇଁତାନ୍ ପାଂତେଜି। |

# ସୂଚୀପତ୍ର

ଓ : ଚିତ୍ର : ଚିତ୍ର ଆଙ୍କିବା ।
ସ : ଲାନାଡ଼୍ମୁକା : ଲାନାଡ଼୍ମୁକାନ୍ ଆବ୍ମେବା (ଆଇଡ଼ଲ୍ବା) ।
ଓ : ଚିହ୍ନିବା : ନୂତନ ଜିନିଷକୁ ଚିହ୍ନିବା ।
ସ : ଆମାଡ୍ବା : ତାବମେ ଜାନାବାନ୍‌ଜି ଆମାଡ୍ବା ।
ଓ : ସିଧା : ସିଧା ଯିବା ।
ସ : ରାଇଜଜାଂ : ରାଇଦଜାଂ ଇୟ୍ବା (ଆୟିର୍ବା) ।
ଓ : ଗାର : ଗାର ଟାଣିବା ।
ସ : ଗାରି : ଗାରି ଆଗାଡ୍ବା ।
ଓ : ସାନ : ସାନଭାଇ ।
ସ : ସନା : ସନ୍ନା ଉବ୍ବା ଙ୍ଞେଁନ୍ (ସାନ୍ନାମାର୍) ।
ଓ : ବଡ଼ : ବଡ଼ଭାଇ ।
ସ : ସୋଡ଼ା : ସୋଡ଼ାମାର୍ (କାକୁ) ।
ଓ : ମିଶାଣ : ମିଶାଣ କରିବା ।
ସ : ମାଲାଲ୍ : ମଲାଲ୍(ମିଶାଇବା) (ଆମାଇବା) ।
ଓ : ଫେଡ଼ାଣ : ଆମେ ଫେଡ଼ିବା ।
ସ : ପେର୍(ଆତାବବା): ପେର୍ ଆତୁବବା(ଆତାବ୍ବା) ।
ଓ : ଘୁରୁଛି : ପଙ୍ଖା ଘୁରୁଛି ।
ସ : ୟାର୍ୟାର୍ତିନ୍: ପାଂକାନ୍ ୟାର୍ୟର୍ତେନ୍ ।
ଓ : ଘୂରି : ବୁଲିବା ।
ସ : ୟାର୍ : ୟାର୍ଲିନ୍ ଆଗର ଡ୍ବା ।

**ମଝି : ଟାରାଙ୍ଗ୍ଡ଼ି ।**

ଓ : ଗାଁ ମଝିରେ କୂଅ ଅଛି ।
ସ : ଗର୍ଜାଙ୍ଗାନ୍ ଆଟାରାଙ୍ଗଡ଼ି ଲିଙ୍ଗ୍ ଗାଇଲୁଙ୍ଗଡ଼ାନ୍ ଡ଼ାକୁ ।

**ଚାରି ପାଖରେ : ଉନ୍‌ଜି ମାନେଙ୍ଗ୍**

ଓ : ଗାଁ ଚାରିପାଖରେ ଗଛ ରହିଛି ।
ସ : ଗାର୍ଜାଙ୍ଗାନ୍ ଉନ୍‌ଜିମାନେଙ୍ଗ୍ ଆରାନ୍ ଡ଼ାକୁ ।

**ଗଣିବା : ଆଡ଼ିସାମ୍ବା**

ଓ : ମୋତେ ଗଣି କୁହ ।
ସ : ଙ୍ଞେଁନ୍ ଡ଼ିସାମ୍ଲେ ଅବ୍ଲିଙ୍ଗିଞ୍ଜ୍ ।

**ବଲୁଆ : ରାନାପ୍ତି**

ଓ : ସିଂହ ଗୋଟିଏ ବଲୁଆ ଜନ୍ତୁ ଅଟେ।

ସ : ସାମ୍ଡାକୁଲୁଇକିଡ଼ାନ୍ ଆବଇ ରାନାପ୍ତି ଜନ୍ତୁ।

**ଆଗପଛ : ଆବ୍ମାଂ ଜୁଲୁ (ଡିକ୍କି)**

ଓ : ଆଗପଛ ହୋଇ ଛିଡ଼ାହୁଅ।

ସ : ଆବ୍ମାଙାନ୍ ଜୁଲୁନ୍ ତାନାଙ୍ବା।

**କିଣିବା : ଆଞ୍ଜିଁବା**

ଓ : ଗାଡ଼ି କିଣିବା।

ସ : ଗାଡ଼ିନ୍ ଆଞ୍ଜିବା।

**ଫେରାଇବା : ଆବ୍ୟାର୍ବା**

ଓ : ତାକୁ ଟଙ୍କା ଫେରାଇବା।

ସ : ଆନିନ୍ ଲେବୁନ୍ ଆବ୍ୟାର୍ବା।

**ଫୁଲମାଳ : ଆନ୍ଜାନୁଲ୍ଜୁଲ୍ତାର୍**

ଓ : ବେକରେ ଫୁଲମାଳ ପିନ୍ଧାଅ।

ସ : ସାଙ୍କାଲିଙାନ୍ ଆନ୍ଜାନୁଲ୍ ଜୁଲ୍ତାରାନ୍ ଆବ୍ତଲା।

**ଖେଳଣା : ଆରାଣ୍ଡିସିଙ୍**

ଓ : ପିଲାକୁ ଖେଳଣା ଦିଅ।

ସ : ପାସିଜାନ୍ ଆରାଣ୍ଡିସିଙାନ୍ ତିୟ୍ବା।

**ଜଙ୍ଗଲ : ତୁଲାବ୍ (ଗାଡ଼ା)**

ଓ : ଜଙ୍ଗଲରେ ବହୁତ ପ୍ରକାରର ଜନ୍ତୁ ରହନ୍ତି।

ସ : ତୁଲାବ୍ଲିଙାନ୍ ଆତେଙ୍ଜାନାବ୍ ଜନ୍ତୁ ଡ଼ାକୁତିଞ୍ଜି।

**ଆଲୁଅ : ତାନାଆର୍**

ଓ : ଆଲୁଅରେ ଚାଲ।

ସ : ତାନା ଆର୍ଲିଙାନ୍ ଞାଁନା।

**ଡ଼ାଳ : କାଣ୍ଡାର୍**

ଓ : ଗଛ ଡ଼ାଳରେ ଚଢେଇମାନେ ରୁହନ୍ତି।

ସ : ଆରାନ୍ ଆକାଣ୍ଡାର୍ଲିଙ୍ ଅନ୍ତିଡ଼ାନ୍ଜି ଡ଼ାକୁତିନ୍ଜି।

**ଦୋଷ : ଡ଼ାନୁସା**

ଓ : ଦୋଷ କାମ କରନାହିଁ।

ସ : ଡ଼ାନୁସା ବାରାନ୍ ଆଲୁମ୍ଡ଼ଙ।

**ଖେଳାଳି : ଆଣ୍ଡିନ୍ନାମାର୍**

ଓ : ରାମ ଜଣେ ଭଲ ଖେଳାଳି।

ସ : ରାମନ୍ ଆବଇ ବାଙ୍ସା ଆଣ୍ଡିନ୍ନାମାର୍।

**ଢାଳିବା : ରୁବ୍ମାବା**

ଓ : ଗଛରେ ପାଣି ଢାଳ।

ସ : ଆରାଲିଙାନ୍ ଡ଼ାଆନ୍ ରୁବ୍ମାବା / ରୁଡାବା।

**ଶିକ୍ଷକ : ଞାଁଙ ଞାଁଙମାର୍**

ଓ : ଶିକ୍ଷକଙ୍କୁ ନମସ୍କାର କର।

ସ : ଞ୍ୟାଁଙଞ୍ୟାଁଙ୍ ମାରାନ୍ ଲିମ୍ବା।

**ନାତି : ଉଡ୍ଲେଙ୍**

ଓ : ଅଜା ତା ନାତିକୁ ବହୁତ ଗପ ଶୁଣାନ୍ତି।

ସ : ଜୁଜୁନ୍ ଆଉଡ୍ଲେଙାନ୍ ଆଡ଼ଅଙ୍ ଆତେଂ କାତା ବିରାନ ଆ ବାମ୍ ଡ଼ାଙ୍ତେ ।

**ଓସାର : ଲାଆଙ୍ଗ୍**

ଓ : ରାସ୍ତାଟି ଓସାରିଆ ଅଛି।

ସ : ତାଙରାନ୍ ଲାଆଙ୍ଡ଼ାମ୍ ଡ଼ାକୁ।

**କାଠି : ଆରାନ୍ଜାମ୍**

ଓ : ଚଢ଼େଇମାନେ କାଠିରେ ଘର ତିଆରି କରନ୍ତି।

ସ : ଅନ୍ତିଡ଼ାନ୍ଜି ଆରାନ୍ଜାମାନ୍ବାତି ସିଇଙ୍ତିନ୍ଜି।

**ପତଳା : ମେତାଙ**

ଓ : ଲୁଗାଟି ବହୁତ ପତଳା ଅଛି।

ସ : ସିନ୍ରିନ୍ ଆତେଂ ମେତାଙ୍ ଡ଼ାକୁ।

**ହଠାତ୍ : ଆବ୍ବୁମୁଙ୍**

ଓ : ବିଲେଇଟି ହଠାତ୍ ମୋ ଆଡ଼କୁ ଧାଇଁ ଆସିଲା।

ସ : ରାମେଙାନ୍ ଆବ୍ବୁମୁଙ୍ ମାଙ୍ଞେଁନ୍ ୟିର୍ନାଇତିନ୍।

**ଗୌଡ଼ : ଗଡୁ**

ଓ : ଗୌଡ଼ ଲୋକଟି ମଇଁଷି ଚରାଉଛି।

ସ : ଗଡୁମାରାନ୍ ବଙ୍ତେଲାନ୍ ଗୁବ୍ତେ।

**ପାଉଁରୁଟି : ରୁଟିପୁ**

ଓ : ଗହମରୁ ପାଉଁରୁଟି ତିଆରି ହୁଏ।

ସ : ଗମସରାନ୍ ସାରିଙ୍ ରୁଟ୍ତିପୁନ୍ ସାନାବ୍ଜାନ୍ ଡ଼େତି।

**ପିଅନ : ପିଉନ୍**

ଓ : ମୋ ବାପା ସ୍କୁଲରେ ପିଅନ୍ କାମ କରନ୍ତି ।

ସ : ଉଆଙ୍ଗ ଞ୍ଚେଁନ୍ ଞ୍ଚାଁଙ୍‌ନା ସିଙ୍‌ଲିଙ୍ଗାନ୍ ପିଉନ୍ ବାରା ଲୁମ୍‌ତେ ।

**ପାପ : ପାପମ୍(ପିନ୍ତୁ ) (ଏର୍‌ସି)**

ଓ : ପାପ କାମ କରନାହିଁ ।

ସ : ପାପମ୍ ବାରାନ୍ ଲୁମ୍‌ଡ଼ଙ୍(ପିନ୍ତୁ ବାରାନ୍ ଲୁମ୍‌ଡଂ) ।

**ବଣ : ତୁଲାବ୍**

ଓ : ବଣରେ ଭାଲୁ ରହେ ।

ସ : ତୁଲାବ୍ ଲିଙ୍ଗାନ୍ ସାଲୁଆନ୍ ଡ଼ାକୁତିନ୍ ।

**ନଈ : ଆଲ**

ଓ : ନଈରେ ବହୁତ ପାଣି ଆସିଲା ।

ସ : ଆଲଲିଙ୍ଗାନ୍ ଆତେଙ୍ ଡ଼ାଆନ୍ ୟିରାଇତେନ୍ ।

**ସେପଟ : ମିଜ୍‌ତାଲ୍**

ଓ : ନଈ ସେପଟ ମୋ ଗାଆଁ ।

ସ : ଆଲନ୍ ଆମିଜ୍‌ତାଲ୍ ଗର୍‌ଜାଙ୍ ଞ୍ଚେନ୍ ।

**ଫଳ : ଜଅ**

ଓ : କଦଳୀ ଗୋଟିଏ ଭଲ ଫଳ ।

ସ : କିନ୍ତେନ୍ ଆବଇ୍ ବାଙସା ଜଅଃ ।

**ବଗିଚ୍ଚ : ଡୁଡ୍‌ଡି (କୁତତା)**

ଓ : ଘର ପାଖରେ ବଗିଚ୍ଚ ଅଛି ।

ସ : ସିଇଙ୍ଗାନ୍ ଆଡ଼ାମ୍‌ବା ଡୁଡ଼୍‌ଡ଼ିନ୍ (କୁତତାନ୍)ଡ଼ାକୁ ।

**ଘାସ : ଆଜିଙ୍**

ଓ : ବଗିଚ୍ଚରେ ବହୁତ ଘାସ ଅଛି ।

ସ : ଡୁଡ଼୍‌ଡ଼ିଲିଙ୍ଗାନ୍ ଆତେଙ୍ ଆଜିଙ୍ଗାନ୍ ଡ଼ାକୁ ।

**ସୁଆଦିଆ : ରାଗାଲ୍/ ମାନା**

ଓ : ଆମ୍ବ ଗୋଟିଏ ସୁଆଦିଆ ଫଳ ଅଟେ ।

ସ : ଉଡ଼ାନ୍ ଆବଇ ରାଗାଲ୍ ଜଅ ଡ଼ାକୁ ।

**ମିଳିମିଶି : ମାୟ୍‌ଲିନ୍ ସଡ଼୍‌ଲିନ୍**

ଓ : ମିଳିମିଶି କାମ କର ।

ସ : ମାୟ୍‌ଲିନ୍ ସଡ଼୍‌ଲିନ୍ ବାରାନାବା ।

**ଅଲଗା : ବିଗ୍‌ଗାଡ଼ା**

ଓ : ଅଲଗା କାମ ଅଛି ।

ସ : ବିଗ୍‌ଗାଡ଼ା ବାରାନ୍ ଡ଼ାକୁ ।

**ଦିଅ : ତିଇଞ୍**

ଓ : ମୋର ବହି ଦିଅ ।

ସ : କାମ୍‌ବଲ୍ ଞେଁନ୍ ତିଇଞ୍ଁ ।

**ପଚାର : ଓଆଲା**

ଓ : ତାଙ୍କୁ ପଚାର ।

ସ : ଆନିନ୍ ଆଡ଼ଅଙ୍ ଓଆଲା ।

**ବିଭିନ୍ନ : ବିଗ୍‌ଗାଡ଼ା ବିଗ୍‌ଗାଡ଼ା**

ଓ : ରାମ ବିଭିନ୍ନ ଭାଷା କହି ପାରନ୍ତି ।

ସ : ରାମନ୍ ବିଗ୍‌ଗାଡ଼ା ବିଗ୍‌ଗାଡ଼ା ଲାଙ୍‌ଲାଙ୍ (ବିର୍‌ନା) ଅପୁଙ୍‌ଲେ ରାପ୍‌ତିତେ ।

**ସଂଗ୍ରହ : ତାନାର୍‌ତୁମ୍**

ଓ : ମହୁଲ ଫୁଲ ସଂଗ୍ରହ କର ।

ସ : ଆବାନ୍ ଆତାର୍‌ବା ତାର୍‌ତୁମ୍ମା (ଞିଁବାନାବା) ।

**ଉପରେ : ଲାଙ୍‌କାନ୍**

ଓ : ଉପରକୁ ଦେଖ ।

ସ : ଲାଙ୍‌କାନ୍ ଗିଜା ।

**ତିଆରି : ସାବ୍‌ଜାବା**

ଓ : ମାଟିରେ ଖେଳନା ତିଆରି କର ।

ସ : ଲାବନ୍ ବାତିନ୍ ଆରାଣ୍ଡିସିଙ୍ ନାନ୍‌ସାବଜାବା ।

**ବାହାରେ : ବାୟିରାନ୍**

ଓ : ଘର ବାହାରେ ସଫାରଖ ।

ସ : ସିଙାନ୍ ଆବାଇରା ଆମାରିଡ଼ବା (ମୋଡ଼୍‌ରିଡ଼୍‌ବା) ।

**ଭିତରେ : ଆଲୁଙାନ୍**

ଓ : ଘର ଭିତରେ ଚାଉଳ ରଖ ।

ସ : ସିଇଙାନ୍ ଆଲୁଙାନ୍ ରୁକୁଂନ୍ ଡ଼ାକୁବା ।

**ଖୋଲିବା : ଆରିବା**

ଓ : କବାଟ ଖୋଲିବା ।

ସ : ସାନାଙାନ୍ ରିବା ।

**ଗଡ଼େଇବା : ଆଗାଡୁଙ୍ବା**

ଓ : ପଥର ଗଡ଼େଇବା ।

ସ : ଆରେଡ଼ାଂନ୍ ଆଗାଡୁଙ୍ବା (ଆକୁଡ଼୍ବା) ।

**ଭୋକ : ଡୁଲାଜ୍**

ଓ : ମୋତେ ବହୁତ ଭୋକ ଲାଗୁଛି ।

ସ : ଙ୍ଖେଁନ୍ ଆତେଙ୍ ଡୁଲାଜ୍ ଡ଼ାତିଞ୍ଜ୍ ।

**କିପରି : ଯ୍ୟାଙ୍ଗାମ୍ (ଇତେନ୍ ଆମ୍‌ବାରିଜ୍)**

ଓ : କିପରି ଆସିଲା ।

ସ : ଯ୍ୟାନ୍‌ଗାମ୍ ଯ୍ଚିର୍‌ଲାୟ (ଯ୍ଚିରାଇତେନ୍) ।

**ସମାନ : ସାରିଗଇ**

ଓ : ପୁଅ ଝିଅ ସମାନ୍ ।

ସ : ଅଂଗେରନାନ୍ ବାରଇନ୍‌ସାଲ୍ ଅନାନ୍ ସାରିଗଇଜ୍ ।

**ପଡ଼ିଲା : ଗାଲୁଲି**

ଓ : ଗଛରୁ ଫଳ ପଡ଼ିଲା ।

ସ : ନିବ୍ ଲିଙାନ୍ ସାରିଙ୍ ଜଅନ୍ ଗାଲୁଲେ ।

**ବୁଦ୍ଧିମାଁ : ୟୁୟୁନ୍**

ଓ : ବୁଦ୍ଧିମାଁ ଗପ କହେ ।

ସ : କାତା ବିରାନ୍ ୟୁୟୁନ୍ ଉପୁଙ୍‌ତେ ।

**ସେତେବେଳକୁ : କୁନି ଆୟାମ୍**

ଓ : ସେତେବେଳକୁ ମୁଁ ଜନ୍ମ ହୋଇଥିଲି ।

ସ : କୁନି ଆୟାମ୍ ଙ୍ଖେଁନ୍ କୁଡ଼୍‌ଲିଞ୍ଜି ।

**ଓଲଟାଇବା : ଆଅବ୍ ସେଙ୍ବା (ଅବ୍‌ସେଂଲେ)**

ଓ : ଗାଡ଼ି ଓଲଟିଗଲା ।

ସ : ଗାଡ଼ିନ୍ ଅବ୍‌ସେଙ୍‌ନେତିନ୍ ।

**ଆଣ : ପାଙାଇ**

ଓ : ବହି ଆଣ ।

ସ : କାମ୍ ବଅଲାନ୍ ପାଙାଇ ।

**ହାଟ : ସାଞ୍ଜୁଁତା**

ଓ : ଆମ ଗାଁ ପାଖରେ ହାଟ ହୁଏ ।

ସ : ଗର୍‌ଜାଂଲେନ୍ ଆଡ଼ାମ୍ ସାଇଞ୍ଜୁଁତାନ୍ ଡ଼େତି ।

## ଶୀତ : ରାଙା

ଓ : ଶୀତ ସକାଶେ ଖରାରେ ଟିକେ ରହୁଛି ।

ସ : ରାଡାଂନ୍ ଆସାନ୍ ଡ଼ାଗା ଲିଙାନ୍ ଆସୁଇ ଡ଼ାକୁତେନାଇ ।

ଓ : ଶୀତ ସକାଶେ ଗରମ ଭାତ ଖାଇଲେ ଭଲ ।

ସ : ରାଙାନ୍ ଆସାନ୍ ଆତାଗି ଡ଼ାରାନ୍ ଗାଲାବିନ୍ ବାଂସା ।

ଓ : ଶୀତ ସକାଶେ ଗରମ ପୋଷାକ ବ୍ୟବହାର କରିବା ଉଚିତ ।

ସ : ରାଷ୍ଟାନ୍ ଆସାନ୍ ପାଞ୍ଜୁଁମ୍ କାବାନ୍‌ଜି ଆଞ୍ଜାନ୍‌ରାମ୍‌ବେନ୍ ବାଂସା ।

ଓ : ଶୀତ ସକାସେ ଘର ଭିତରେ ଶୋଇବା ଭଲ ।

ସ : ରାଙାନ୍ ଆସାନ୍ ଆଲୁଙ୍ ସିଂ ଲିଙାନ୍ ଆଡ଼ିମାଡ଼୍‌ନାବେନ୍ ବାଂସା ।

ଓ : ଶୀତ ସକାଶେ ବୁଢ଼ା ବୁଢ଼ୀ ମାନେ ନିଆଁକୁ ଛାଡ଼ନ୍ତି ନାହିଁ ।

ସ : ରାଙାନ୍ ଆସାନ୍ ତାଲାଇବାନ୍ ଡ଼ ତାଲାଇବା ବଇଜାନ୍‌ଭି ତଗିବାନ୍ ଡ଼ାକୁତେନ୍‌ଜି ।

ଓ : ଶୀତ ସକାଶେ ଘରୁ ବାହାରିବାକୁ ଲୋକମାନେ ଅଳସ କରନ୍ତି ।

ସ : ରାଙାନ୍ ଆସାନ୍ ସିଙାନ୍ ସାରିଙ୍ ମାନ୍‌ରାନ୍‌ଜି ଉମେଙ ଆଡ଼୍‌ଡୁଙ୍ ନେଜି ।

ଓ : ଶୀତ ହେଲେ ମଧ୍ୟ ପିଲାମାନେ ଶୀତକୁ ଡ଼ରନ୍ତି ନାହିଁ ।

ସ : ରାଙାନ୍ ଡ଼େଲେ ଜାନାଙ୍‌ଡ଼େନ୍ ପାସିଜାନ୍‌ଜି ରାଙାନ୍ ଆବ୍‌ବାନ୍‌ତଙେଜି ।

ଓ : ଶୀତ ହେଲେ ମଧ୍ୟ ଲୋକମାନେ ଲୁଗା ଘୋଡ଼ାଇ ଗାଈ ଚରାକୁ ଯାଆନ୍ତି ।

ସ : ରାଙାନ୍ ଡ଼େଲେ ଜାନାଂ ମାନ୍‌ରାନ୍‌ଜି ସିନ୍‌ରିନ୍ ଗୁସାଇଲେନ୍ ଗୁପାବାନ୍ ଇୟତେଜି ।

ଓ : ଶୀତ କାଳରେ ଦିନ ସାନ ରାତି ବଡ଼ହୁଏ ।

ସ : ରାଙା ଇଙାନ୍ ଡ଼ିନ୍‌ନାନ୍ ସାନ୍‌ନା ଡ଼ ତଗାଲାନ୍ ସୁଡ଼ାଡ଼ାମ୍ ଡ଼ାକୁ (ଡ଼େତେ)

ଓ : ଶୀତ କାଳରେ ଧାନ କଟାଯାଏ ।

ସ : ରାଙା ଇଙାଂନ୍ ସାରନ୍ ଆଗାଡ଼୍ ଗାଡ଼ାନ୍ ଡ଼େତେ ।

ଓ : କରଞ୍ଜଗଛ : କରଞ୍ଜଗଛର ମଞ୍ଜିରୁ ତେଲ ବାହାରେ ।

ସ : କାରାଞ୍ଜାନିବ୍ : କରାଞ୍ଜାନ୍ ଆବାଇ ଲୁଙ୍‌ସାରିଂ ମିଞ୍ଚଁଲାନ୍ ଡୁଙ୍ଗ୍‌ତିନାଇ ।

ଓ : ଅଗଣା : ଏହା ଗୋଟିଏ ଅଗଣା ।

ସ : ରଣ୍ଡାଡି : କାନାତି ଅବଇ ରଣ୍ଡାଡିନ୍ ।

ଓ : ଜନ୍ଦା : ଜନ୍ଦା କାମୁଡ଼ିଲେ ଜଲାହୁଏ ।

ସ : ଞାଲାଂ : ଞାଲାଂଡାନ୍ ରାମାଇତିନଡ଼େନ୍ ଆସୁଡ଼ାମ୍ ।

ଓ : ଉଇ : ଉଇ ହୁଙ୍କା ତିଆରିକରେ ।

ସ : ତାର୍‌ମାଲ : ତାର୍‌ମାଲାନ୍ ବାନୁମାନ୍ ସାବ୍‌ଜା ତେଜି ।

ଓ : ଛାୟା : ଗଛ ଛାଇରେ ବସିବା ଭଲ ଲାଗେ।

ସ : ଆଲୁଙ୍ଟୁ : ଆଲୁବ୍‌ଲୁବ୍ ଲିଙ୍ଗାନ୍ ଗବ୍‌ବିନ୍‌ଆସନ୍ ଇତ୍‌ସୁମ୍‌ଲାଂତିନ୍।

ଓ : ବାଉଁଶ : ବାଉଁଶରେ ବଂଶୀତିଆରୀ ହୁଏ।

ସ : ଉରୁଙ୍ଗାନ : ଉରୁଙ୍ଗାନ୍ ବାତ୍‌ତି ପିରୁଡୁଇ ପେଡ଼ାନ୍ ସାନାବଜାନ୍‌ଡ଼େତି।

ଓ : ବରଗଛ : ବରଗଛ ଓହଳରେ ପିଲାମାନେ ଝୁଲନ୍ତି।

ସ : ତାବାର୍‌ନିବ୍ : ତାବାର୍ ଜିଇଡ଼୍ ଲିଙ୍ଗାନ୍ ପାସିଜାନ୍‌ଜି ତେତ୍‌ତେନ୍‌ଜି।

ଓ : ଗୁବୁଲା : ବଗଡ଼ରେ ଗୁବୁଲା କରାଯାଏ।

ସ : ଲଲ : ବାରୁଲିଙ୍ଗାନ୍ ଲଲତିନ୍‌ନି।

ଓ : ସୂତାଚଟିଆ : ଅରଟରେ ସୂତାକଟାଯାଏ।

ସ : ତଙ୍ଗଡ଼ି : ରାତାନ୍‌ବାତି ତଙ୍ଗ୍‌ଡ଼ିତେନ୍‌ଜି।

ଓ : ପାହୁରାଣୀ : ପାହୁରାଣୀରେ ଧାନ କୁଟାଯାଏ।

ସ : ଅନ୍‌ଡ୍ରିଜ୍ : ଅନ୍‌ଡ୍ରିଜାନ୍‌ବାତି ସାରନ୍ ତାଙ୍ଗ୍‌ତେଜି।

ଓ : ଖଳା : ଖଳାରେ ଧାନ ମଳାନ୍ତି।

ସ : ତାନିଲ୍ : ତାନିଲ୍ ଲିଙ୍ଗାନ୍ ସାରନ୍ ଆବ୍‌ଞ୍ଚାଁତେଜି।

ଓ : ଡୁଲ୍ଲି : ଡୁଲ୍ଲିରେ ଧାନ ରଖନ୍ତି।

ସ : ମରଇଞ୍ଚ୍ : ମରଇଞ୍ଚ୍ଁ ଲିଙ୍ଗାନ୍ ସାରନ୍ ଡ଼ାକ୍‌କୁତେଜି।

ଓ : ପୂର୍ବ : ପୂର୍ବଦିଗରେ ସୂର୍ଯ୍ୟ ଉଦୟ ହୁଏ।

ସ : ଡ୍ରୁଡ଼ଂୟୁଙ୍ : ଡ୍ରଙ୍‌ୟୁଙ୍ ସାଲୋଙ୍ ସାରିଂ ଉୟୁଙ୍ଗାନ୍ ତୁଙ୍‌ତିନାୟ୍।

ଓ : ପଶ୍ଚିମ : ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ।

ସ : ବ୍ରୁବ୍‌ୟୁଙ୍ : ବ୍ରୁବ୍‌ୟୁ ଲିଙ୍ଗାନ୍ ଉୟୁଙ୍‌ଗାନ୍‌ତିନ୍।

ଓ : ଉତ୍ତର : ଉତ୍ତର ଦିଗରେ ହିମାଳୟ ପର୍ବତ ଅଛି।

ସ : ଉର୍‌ୟୁଙ୍ଗ୍ (କାଣ୍ଡ୍ରାବ୍‌ବାଡ଼ି ସେଂ): ଉର୍‌ୟୁଙ୍ ଆମାନେଙ୍ ହିମାଳୟ ବାରୁନ୍‌ଡ଼ାକୁ।

ଓ : ଦକ୍ଷିଣ : ଦକ୍ଷିଣ ଦିଗରେ ସମୁଦ୍ର ଅଛି।

ସ : ଡେର୍‌ୟୁଙ : ଡ଼େରୟୁଙ୍ଗ୍ ଆମାନେଙ୍ (ଜାନ୍‌ରୁମ୍ ସେଂ) ମାନ୍‌ଦ୍ରାନ୍ (ଗାନିଂଡ଼ାନ୍) ଡ଼ାକୁ।

ଓ : ଅଜା : ମୋ ଅଜା ଖଜୁରୀକୋଳି ଆଣିଦେବ ।

ସ : ଜୁଜୁଙ୍ : ଜୁଜୁଞ୍ଚେଁନ୍ ସିଣ୍ଡିଗୁର୍ ନପାଙ୍‌ତିୟ୍‌ତିଞ୍ଚ୍।

ଓ : ଅଗ୍ନି : ଅଗ୍ନି ଜାଳି ଭାତ ରାନ୍ଧନ୍ତି ।

ସ : ତଗି : ତଗି ତୁଙ୍ଗାଲ୍‌ଲେ କୁଡୁନ୍ ଡ଼ିଞ୍ଚ୍‌ତେଜି।

ଓ : ଅଳସୁଆ : ଅଳସୁଆ କାମ ନ କରି ରହେ ।

ସ : ଆଡ଼ାସା : ଆଡ଼ାସା ମାରାନ୍ ଏର୍ ବାରାଲିନ୍‌ବି ଡ଼ାକୁତିନ୍ ।

ଓ : ଅଲଗା : ବଗିଚାରେ ଅଲଗା ଅଲଗା ଗଛ ଲଗାନ୍ତୁ ।

ସ : ବିଗ୍‌ଗାଡ଼ା : କୁଭାଲିଙାନବିଗାଡ଼ା ବିଗ୍‌ଡ଼ା ଆନିବ୍ ଗୁବ୍‌ବା ।

ଓ : ଅଣ୍ଡିରା : ଅଣ୍ଡିରା ଛେଳିକୁ ବୋଦା କହନ୍ତି ।

ସ : ଅଙ୍ଗେର୍ : ଅଂଗେର୍ ମେଡ଼ାନ୍ , ବୁକୁଡ଼ା ମେଡ୍ ଗାମ୍‌ତେ ବି ।

ଓ : ସବୁ : ଜିନିଷ ସବୁ ଘରକୁ ନିଅ ।

ସ : ସାବିୟ୍ : ଜାନ୍‌ଡ୍ରାତିଞ୍ଜି ଜାନାଜାନଜି ସାବୀୟ୍ ସିଇଂ ପାଙ୍‌ବା ।

**ଅଧର୍ମ : ଇର୍‌ତାରୁଂନା**

ଓ : ଅଧର୍ମ କର୍ମ କରିବା ନାହିଁ ।

ସ : ଇର୍‌ତାରୁଂନା ଡ଼ାଗି ଆବାରାନ୍ ଆଡ଼୍‌ଲୁମ୍‌ବେ ।

**ଅନ୍ଧାର : ଲୁଙ୍ଗୁଡ଼୍**

ଓ : ଅନ୍ଧାର ହେଲା ।

ସ : ଲୁଙ୍ଗୁଡ୍‌ଲେ ।

**ଅଧା ରାସ୍ତା : ତୁଙ୍ଗାର୍ ଗଡ଼୍**

ଓ : ଅଧା ରାସ୍ତାରେ ମୁଁ ତୁମକୁ ଅପେକ୍ଷା କଲି ।

ସ : ତୁଙ୍ଗାର୍‌ଗଡ଼୍ ଞେଁନ୍ ଅମ୍‌ତିଲାମ୍ ।

**ଅନାଥ : କୁନ୍‌ରା**

ଓ : ସେହି ପିଲା ଅନାଥ ହେଲା ।

ସ : କୁନ୍ ଆପାସିଜ୍ କୁନ୍‌ରାଲେ ।

**ଅନିଦ୍ରା : ଏର୍‌ଡ଼ିମାଡ଼୍‌ନା**

ଓ : ମୁଁ ଅନିଦ୍ରା ହୋଇ ରହିଲି ।

ସ : ଞେଁନ୍ ଏର୍ ଡ଼ିମାଡ଼୍‌ଲେନ୍‌ବେ ଡ଼ାକୁଲେନାଇ ।

**ଅନୁମତି : ଆନ୍‌ଡ଼େନ୍/ଆନଡ଼ି**

ଓ : ମୁଁ ବାପାଙ୍କଠାରୁ ଅନୁମତି ପାଇଲି ।

ସ : ଓ୍ୟାଞେଁନ୍ ସାରିଂ ଆନଡ଼ିନ୍ ଞାଁଲାଇ ।

**ଅପରାଧ : ଏର୍‌ବାନାଂସା**

ଓ : ମୁଁ ଅପରାଧ କରିବି ନାହିଁ ।

ସ : ଏର୍‌ବାନାଂସା ବାରାନ୍ ଞେଁନ୍ ଆଡ଼୍‌ଲୁମାଇ ।

**ଅପବିତ୍ର : ଏର୍‌ମାରିଡ୍**

ଓ : ଅପବିତ୍ର କର୍ମ କଲେ ଲଜ୍ଜା ପାଇବା ।

ସ : ଏର୍ ମାରିଡ୍ ବାରାନ୍ ଲୁମ୍‌ଲେନ୍‌ଡ଼େନ୍ ଗାନାବ୍‌ରଇଜାନ୍ ଞାଁଙ୍‌ତାବେ ।

**ଅବିବାହିତ : ଏର୍‌ସିଡ଼ଗୁଂନା (ଆଡାଙ୍ଗୁଆ)**

ଓ : ସେହି ଯୁବକ ଅବିବାହିତ ।

ସ : କୁନ୍ ଆଡ଼ାଂଗାଡ଼ା ଏର୍‌ସିଡ୍‌ଗୁଂନା(ଆଡାଙ୍ଗୁଆ) ।

**ଅମାର : ଗୁଲୁମି ସିଂ**

ଓ : ଅମାରରେ ଧନ ସଞ୍ଚୟ କରି ରଖନ୍ତି ।

ସ : ଗୁଲୁମି ସିଂ ଲିଙ୍ଗାନ୍ ବିତ୍‌ତିନ୍ ତାର୍‌ତୁମ୍‌ତେଜି ।

**ଅମାବାସ୍ୟା : ଆପାଞ୍ଜିଡ୍‌ଗାଇ**

ଓ : ଗତକାଲି ଆମାବାସ୍ୟା ହେଲା ।

ସ : ଗୁବାନ୍ ଆତଗାଲ୍ ପାଞ୍ଜିଡ୍ ଗାଇଜ୍‌ଲେ ।

**ଅରଖ : ପାରାକ୍‌କା**

ଓ : ଅରଖର ଖିରରେ ଔଷଧ ରହିଛି ।

ସ : ପାର୍‌କ୍‌କାନ୍ ଆଡୁବ୍ ଲିଂରେଗାମାନ୍ ଡ଼ାକୁ ।

**ଅଳିଆ : ଆଡ଼ିଲ୍**

ଓ : ମୋ ଘରେ ଅଳିଆ କରି ରଖେନାହିଁ ।

ସ : ସିଂଞ୍ଜେଁନ୍ ଆଡ଼ିଲ୍‌ଡ଼ାମ୍ ଆଡ୍‌ଡ଼ାକ୍‌କୁ ଆଇ ।

**ଅଳ୍ପ : ଆସୁଇ**

ଓ : ହାଣ୍ଡିରେ ମାତ୍ର ଅଳ୍ପ ପାଣି ଅଛି ।

ସ : ଡ଼ାକିଂ ଲିଙ୍ଗାନ୍ ଆସୁଇ ମାଞ୍ଜ୍ଁ ଡାଆନ୍ ଡ଼ାକୁ ।

**ଅସ୍ତ୍ରଶସ୍ତ୍ର : ଞାଁନ୍‌ରାମାନ୍‌ଜି**

ଓ : ମୋ ପାଖରେ କେତୁଟି ଅସ୍ତ୍ରଶସ୍ତ୍ର ରହିଛି ।

ସ : ମାଂ-ଞ୍ଜେଁନ୍ ଡ଼ାଜିଛାନ୍‌ତେ ଞାଁନ୍‌ରାମାନ୍‌ଜି ଡ଼ାକୁ ।

**ଅସୁସ୍ଥ : ଏର୍‌ସାମାଙ୍**

ଓ : ମୋର ମାଁ ଅସୁସ୍ଥରେ ଅଛି ।

ସ : ୟାଙ୍‌ଞ୍ଜେଁନ୍ ଏର୍‌ସାମାଂ ଲିଙ୍ଗାନ୍ ଡ଼ାକୁ ।

**ଅମାନ୍ୟ : ମାନେଡ୍‌ଡ଼େ**

ଓ : ଏହିପିଲା କେତେ ଥର ଅମାନ୍ୟ କରୁଛି ।

ସ : କାନ୍ ଆପାସିନ୍ ଡ଼ାଜିଙ୍ ତାରା ମେଡ୍‌ଡ଼େଲାଂତେନ୍ ।

**ଅକର୍ଣ୍ଣ : କାଲ୍ଲା**

ଓ : ଅକର୍ଣ୍ଣ ଲୋକ ଯେତେ କହିଲେ ମଧ୍ୟ ଶୁଣେ ନାହିଁ।

ସ : କାଲ୍ଲା ମାରାନ୍ ଡ଼ାଜିଂ ଅପୁଙ୍ଗଲାବେ ଜାନାଂ ଆଡ଼୍ନାମ୍ଡ଼ାଙ୍ଗେ।

**ଅକାଳ : କାନ୍ତାରା**

ଓ : ଆମ ଦେଶରେ ଅକାଳ ହେଲା।

ସ : ଡ଼ିସାଲେନ୍ କାନ୍ତାରାଲେ।

**ଆକୁଳ : ଡାନୁକ୍ସା**

ଓ : ସେହି ଲୋକଟି ଆକୁଳ ହେଲା।

ସ : କୁନ୍ ଆମାନ୍ରା ଡୁକ୍ସାଡାଲି।।

**ଅକ୍ଷୟ : ତାଡ଼ା ଆୟାମ୍**

ଓ : ଯାହାର କର୍ମ ଉତ୍ତମ, ତାହାର ନାମ ଅକ୍ଷୟ ହୋଇ ରହିବ।

ସ : ବୁଟିନ୍ତେ ଆବାରାନ୍ ବାଂସା ଆନିନ୍ ଆଞ୍ଜିମାନ୍ ତାଡ଼ା ଆୟାମ୍ ଡ଼ାକୁତେ।

**ଅନିନ୍ଦା : ଗାନୁଗୁନ୍**

ଓ : ଯାହା କର୍ମ ଅନିନ୍ଦା, ସେ ସ୍ମରଣୀୟ ହୋଇ ରହିବ।

ସ : ବୁଟିନ୍ତେ ଆବାରା ଗାନୁଗୁଡ଼ାଗେ, ଆନିନ୍ ତଡ଼ଂ ଆୟାମ୍ ଆନାୟିମାନ୍ ଡ଼େତେ।

**ଅଗୋପନ : ଏର୍ ସାନସ**

ଓ : ଯେଉଁଲୋକ ପାପ କରେ, ତାହାର ପାପ କେବେ ହେଲେ ଗୋପନ ହୋଇ ରହେ ନାହିଁ।

ସ : ଆୟେଙ୍ଗାନ୍ ଆମାନ୍ତ୍ରା ପିନ୍ତୁନ୍ ଲୁମ୍ ତେ ଆନିନ୍ ଆପିନ୍ତୁନ୍ ଏର୍ ସାନସ ଡ଼ାଗେ ଆଡ଼୍ଡ଼େଏ।

**ଅଗ୍ନ୍ୟୁଦ୍‌ଗାର : ଆପାଡୁମ୍ ତୁଡ଼୍**

ଓ : ଗାଁରେ ଘର ପୋଡ଼ା ହେଲେ ଅଗ୍ନ୍ୟୁଦ୍‌ଗାର ଶୁଭାଯାଏ।

ସ : ଗର୍ଜାଂ ଲିଙ୍ଗାନ୍ ଜୁମ୍ତୁଡ଼୍ ସିଙ୍ଗାନ୍ ଡ଼େଲେନ୍ ଡ଼େନ୍ ପାଡୁମ୍ ତୁଡ଼ାନ୍ ଆମ୍ଡ଼ାଂତାବେ।

**ଅଘଷା ପାଟି : ଏର୍ ମାରିଡ଼୍ ତଅଡ଼୍**

ଓ : ଯଦି ଅଘଷା ପାଟିରେ ଖାଦ୍ୟ ଖାଇଲେ ତୁଣ୍ଡକୁ ସ୍ୱାଦ ଲାଗେ ନାହିଁ।

ସ : ବଗାଡ଼୍ ଏର୍ ମାରିଡ଼୍ ତଅଡ଼ାନ୍ ବାତ୍ତେ (ଏର୍ତାନ୍ଜିନା) ଜାନୁମ୍ଜୁମାନ୍ ଜୁମ୍ଲାବେନ୍ଡ଼େନ୍, ଆବ୍ମାନା ତାମ୍ଲାଂନେ।

**ଗତିପଥ : ଲାଆଂ ଗଡ଼ାନ୍/ଞାଁରାନାଗଡ଼୍**

ଓ : ଗତି ପଥରେ ଅନେକ ଲୋକ ଚାଲନ୍ତି।

ସ : ଲାଆଂ ଗଡ଼୍ ଲିଙ୍ଗାନ୍ ଆତେଙ୍ଗ୍ ମାନ୍ତ୍ରାନ୍ଜି ଞାତେନ୍ଜି।

**ଅନୁରୂପ : ଆନବ୍‌ଜଂ ଇଲ୍‌ନା**

ଓ : ବାଘର ଅନୁରୂପ ନେଇ ଲୋକମାନେ ପାଲ୍‌ଟା ବାଘ ହୁଅନ୍ତି।

ସ : କିଃନାନ୍ ଆନବ୍‌ଜଂ ଇଲ୍‌ନାନ୍ ଆମବାରିଜ୍ ମାନ୍‌ଡ୍ରାନ୍‌ଜି କିନ୍‌ଲଂ କିଃଙାନ୍ ଗାବ୍‌ଡ଼ିଲ୍ ତେନ୍‌ଜି।

**ଅନ୍ତିମ କାଳ : କାରାଞ୍ଜିଡ଼୍ ଆୟାମାନ୍**

ଓ : ଜଣେ ଧନୀଲୋକ ଅଜସ୍ର ଧନଥିଲେ ମଧ୍ୟ ଅନ୍ତିମ କାଳରେ କିଛି ନେଇ ନ ପାରେ।

ସ : ବ ମାନଡ୍ରା ପାନେମିଂଡ଼ାଗେ ଆଗାମାଂ ମାରାନ୍ ଆଉର୍ ବିତ୍‌ତିନ୍ ଡ଼ାକୁଲେ ଜାନାଂ ଡେନ୍ କାରାଞ୍ଜିଡ଼ାନ୍ ଆୟାମ୍ ଲିଙାନ୍ ଇତିଜା ରାପ୍‌ତି ଆପ୍‌ପାଙେ।

**ଅପବ୍ୟୟୀ ପୁତ୍ର : ଏର୍‌ବାଂସା ଆଡ଼ଡ଼୍ ଅନାନ୍**

ଓ : ଅପବ୍ୟୟୀ ପୁତ୍ର, ସେ ପିତାଙ୍କ ଆଦେଶ ମାନେ ନାହିଁ।

ସ : ଏର୍ ବାଂସା ଆଡ଼ଡ଼୍ ଅନାନ୍, ଆନିନ୍ ଆଓ୍ୱାନ୍ ଆବାନାଇଞ୍ଜ୍ ଆବ୍‌ମାନ୍‌ନେଏ।

**ଅତୃପ୍ତି : ଏର୍ ସାୟିମ୍**

ଓ : ନିଜର ପିଲା ମାନଙ୍କୁ ଯାହା ଇଛା କରନ୍ତି, ତାହା ନ ଦେଲେ ଅତୃପ୍ତ ହୋଇ କାନ୍ଦନ୍ତି।

ସ : ପାସିଜ୍ ଡ଼ାମ୍‌ନାମ୍‌ଜି ଇତିନ୍‌ତେ ଇତ୍‌ସୁମ୍‌ତେଜି ଆନ୍‌ତାତେ ଆଡ୍‌ତିୟଲେନ୍‌ଜି ସିକ୍‌କଇଜା ଏର୍ ସାୟିମ୍‌ଲାବେ ଏଡ଼ାତେନ୍‌ଜି।

**ଅଳସୁଆ : ବାତ୍‌ତୁଓ୍ୱା**

ଓ : ହେ ଅଳସୁଆ ତୁମେ କେତେ କାଳ ଶୋଇ ରହିଥିବ।

ସ : ଏ ବାତ୍‌ତୁଓ୍ୱା ମାର୍ ଆମାନ୍ ଡ଼ାଜିଂ ଆୟାମ୍ ଡ଼ିମାଡ଼୍‌ଲେନ୍ ଡ଼ାକୁତେନ୍।

**ଅଳ୍ପମୂଲ୍ୟ : ଆସୁଇ ଜାନାତ୍‌ତି**

ଓ : ମୂଳ ଧନରୁ ଯେ ଅଳ୍ପ ମୂଲ୍ୟରେ ବିକ୍ରୟ କରେ, ତାହାର ବ୍ୟବସାୟରେ ନଷ୍ଟ ହେବ।

ସ : ଆବବ୍ ବିତ୍‌ତିନ୍ ସାରିଂ, ବୁତେନ୍‌ତେ ଆସୁଇ ଜାନାତ୍‌ତିନ୍ ବାତ୍‌ତେନ୍ ତିମ୍‌ତେ ଆନିନ୍ ଆବେବାରା ଲିଙାନ୍ ଗଅଜ୍‌ତି।

**ଅଜ୍ଞାନ : କେକା**

ଓ : ଅଜ୍ଞାନ ପ୍ରତି ଜ୍ଞାନ ଅତି ଉଚ୍ଚ।

ସ : କେକା ମାରାନ୍ ଆପ୍‌ସେଲେ ବାନୁଡ଼୍‌ଡ଼ିନ୍ ଜିନ୍‌ଜିନ୍ ଲାଂକା।

**ଅଶାନ୍ତ : ଏର୍ ଲାଗାଡ଼୍**

ଓ : ସମୁଦ୍ର ପାଣି ଦିନ ରାତି ଅଶାନ୍ତ ରହେ।

ସ : ଗାନିଂଡ଼ାନ୍ ତାମ୍‌ବା ତଗାଲ୍ ଏର୍ ଲାଗାଡ଼୍ ଡ଼ାକୁତେ।

## ଶାଗଡ଼ାଳ : ଉଆବ୍

ଶାଗ : ଶାଗ ଖାଇଲେ ଆଖି ଭଲଦିଶେ।
ଉଆବ୍ : ଉଆବାନ୍ ଜୁମ୍ଲବିନ୍‌ଡ଼େନ୍ ମ-ଅଡ଼ାନ୍ ବାଙ୍‌ସାଗିଜ୍‌ତାତେ।
ବରଡ଼ା ଶାଗ : ବଣରେ ବରଡ଼ା ଶାଗ ମିଳେ।
ବାରାଡ଼ାବ୍ : ତୁଲାବାନ୍ ବାରାଡ଼ାବାନ୍ ଈାଁତାବି।
ଖଡ଼ା ଶାଗ : ଖଡ଼ାଶାଗ ବାଡ଼ିରେ ହୁଏ।
ଆନେଙ୍ଗ୍‌ଙାବ୍ : ଆନେଙାବାନ୍ କୁଓାଲିଙାନ୍ (ଅନେଙାବ୍) ପାଡ଼ାବ୍‌ତେ।
କୋଶଳା ଶାଗ : କୋଶଳା ଶାଗ ଚାଷ କରାଯାଏ।
ବିଡ଼୍‌ଲଆବ୍ : ବିଡ଼୍‌ଲଆବାନ୍ ବିଡ଼୍‌ତେଜି।
ପୋଇ ଶାଗ : ପୋଇଶାଗ ଦେହପ୍ରତି ଭଲ।
ଗାଲୁଙ୍‌ଆବ୍ : ଗାଲୁଙ୍‌ଆବାନ୍ ଡ଼ଅଙାନ୍ ଆସାନ୍ ବାଙସା।
ପୋଇ ତୁଣ୍ଡିଶାଗ : ପୋଇତୁଣ୍ଡି ଶାଗ ବହୁତ ବାସନା।
ସମିତିଲାବ୍ (ମୋଣ୍ଡାଡୁଡ୍ଡାବ୍) : ସମିତି ଲ୍ଲାବାନ୍ ମାଡ଼୍‌ଡ଼ ସାରୁମ୍।
କାମରା ଶାଗ : କାମରା ଶାଗ ଯାଉରେ ମିଶାନ୍ତି।
ସୁସୁନାବ୍ : ସୁସୁନାବାନ୍ କୁଡୁତେଜି।
ତାଲ୍‌କୁଡ଼ି ଶାଗ : ତାଲ୍‌କୁଡ଼ି ଶାଗ ଦେହ ଥଣ୍ଡା ରଖେ।
କୁର୍ ପାଲ୍‌ଡ଼ା ଆବ୍ : କୁର୍‌ପାଲ୍‌ଡ଼ା-ଆବାନ୍ ଡ଼-ଅଙଙାନ୍ ସାୟୁ ଆବ୍‌ମେତେ।
ଚୁନୁ ଚୁନିଆ ଶାଗ : ଚୁନୁଚୁନିଆ ଶାଗ ବିଲ ମଳରେ ଥାଏ।
ରୁଡ଼୍‌ରୁଡ଼ାଆବ୍ : ରୁଡ଼୍ ରୁଡ଼ାବାନ୍ ସ୍ରବାନ୍ ଡ଼ାକୁତି।
ବୋଇତାଲୁ ଶାଗ : ବୋଇତାଲୁ ଶାଗ ବଡ଼ ସୁଆଦ।
ଆତୁଙ୍‌ଲାବାନ୍ : ଆତୁଙ୍‌ଲାବାନ୍ (କିନ୍‌ଲାଇଆବ୍) ମାଡ଼୍‌ଡ଼ମାନା।
ଚକୁଣ୍ଡା ଶାଗ : ଚକୁଣ୍ଡା ଶାଗକୁ ତୁଣ ଓ ଜାଉରେ ପକାନ୍ତି।
କିରିତାଆବ୍ : କିରିତାଆବାନ୍ ତାନଂଗାଲାନ୍ ଡ଼ କୁଡୁତେଜି।
ବାସମତି ଶାଗ : ବାସ ମତି ଶାଗକୁ ଆମ୍ବିଳା କରନ୍ତି।
ଉର୍‌ବଂଡ଼ାଆବ୍ : ଉର୍‌ବଂଡ଼ାଆବାନ୍ ତିତିନ୍‌ଡ଼ାଲିଙାନ୍ ମାଇତେତି।
କଣ୍ଟା ଶାଗ : କଣ୍ଟା ଶାଗ ଖାଇଲେ ଦେହ ଭଲ ରହେ।
ଇବାଜାଙାବ୍ : ଇବାଜାଙାବାନ୍ ଡ଼-ଅଙାନ୍ ବାଙ୍ଗ୍‌ସା ଆବ୍‌ମେତେ।
ଗିରିଡ଼ି ଶାଗ : ଗିରିଡ଼ି ଶାଗର ଫୁଲ ଖିଆଯାଏ।
ଉଡ଼୍‌ୟେଆବ୍ : ଉଡ଼୍‌ୟେ ଆବାନ୍ ଆତାର୍‌ବାନ୍ ଜୁମ୍‌ତାବି।
ନିଆଁ : ନିଆଁରେ ସବୁ କାମ ହୁଏ।

| | | |
|---|---|---|
| ତ-ଅଗି | : | ତ-ଅଗିନ୍ ବାତି କୁଡୁଡୁବ୍ ବାରାନ୍ ଡ଼େତି। |
| ଧୂଆଁ | : | ନିଆଁ ଜ୍ୱଳାଇଲେ ଧୂଆଁ ବାହାରେ। |
| ଉମୁଡ୍ | : | ତ-ଅଗିନ୍ ସଇଲାବିନ୍ ଡେନ୍ ଉମୁଡ଼ାନ୍ ଡୁଙ୍ଙ୍ତିନାଇ। |
| ପାଉଁଶ | : | ପାଉଁଶରେ ଲୁଗାସଫା କରାଯାଏ। |
| କୁମାବ୍ | : | କମାବାନ୍ ବାତି ସିନ୍‌ରିନ୍ ଡ଼ିଞ୍ଜ୍ଁତେଜି। |
| ଅଙ୍ଗାର | : | ଅଁଙ୍ଗାର କଳା ଦିଶେ। |
| ଆସାଇ | : | ଆସାଇଜାନ୍ ୟାଗାଗିଜ୍‌ତାତି। |

## ଅଙ୍ଗ ପ୍ରତ୍ୟଙ୍ଗ (କାଣ୍ଡାର୍ ଡ଼ଅଙ୍ଗାନ୍‌ଜି)

| | | |
|---|---|---|
| ଆଖି | : | ଆଖି ଶରୀରର ପ୍ରଦୀପ। |
| ମ-ଆଡ଼୍ | : | ମ-ଅଡ଼ାନ୍ ଡ଼ଙ୍ଙ୍ଙାନ୍ ଆତାନା- ଆର୍ (ଆପାନାଲିଡ୍)। |
| ନାକ | : | ନାକ ଦ୍ୱାରା ଆଘ୍ରାଣ କରାଯାଏ। |
| ମୁଉ | : | ମୁଉନ୍ ବାତ୍‌ତି ଞ୍ଜୁଁଞ୍ଜୁଁତାବି। |
| ପାଟି | : | ଆମେ ପାଟିରେ ଖାଉ। |
| ତ-ଆଡ଼୍ | : | ତ-ଅଡ଼ାନ୍ ବାତି ଗାଗାତିମ୍ନି। |
| ଦାନ୍ତ | : | ଦାନ୍ତ ପଡ଼ିଲେ ସ୍ୱାଦଗଲା। |
| ଜି-ଇ | : | ଜି-ଇନ୍ ରୁଡ଼ାଙ୍ଗ୍‌ଲିନ୍ ଅବ୍‌ମ୍ନାତାମ୍‌ଲାଙ୍ଗ୍‌ନେ। |
| ଜିଭ | : | ଜିଭଦ୍ୱାରା ସ୍ୱାଦ ଜାଣି ହୁଏ। |
| ଆଲାଙ୍ | : | ଆଲାଙ୍ଗାନ୍ ବାତିମାନା ଗାଲାମ୍‌ତାବି। |
| ମୁଣ୍ଡ | : | ମୁଣ୍ଡରେ ବୁଦ୍ଧିଥାଏ। |
| ବ-ଅବ୍ | : | ବ-ଅବ୍‌ଲିଙ୍ଗାନ୍ ବାନୁଡ଼ିନ୍ ଡ଼ାକୁ। |
| କେଶ(ଚୁଟି) | : | ମୁଣ୍ଡର ଚୁଟି କଳା। |
| ଉ-ଉ | : | ବ-ଅବ୍‌ଲିଡ଼ଂନ୍ ଆଉ-ଉ ୟାଗା। |
| କପାଳ | : | କପାଳ ଲିଖନ କେ କରିବ ଆନ। |
| ଆନିଡ଼ାଡ଼ା | : | ଆନିଡ଼ାଡ଼ା କାରାମାନ୍ ବୁତିନ୍ ରାପ୍‌ତି ଗାଲାମ୍‌ତେ। |
| କାନମୁଠା | : | ପିଲାଙ୍କ କାନ ମୁଠାରେ ମାର ନାହିଁ। |
| ତାନାଡ଼ଲୁଡ୍ | : | ପାସିଜାନ୍ ଆ ତାନାଡ଼୍ ଲୁଡ଼୍ ତାଡ଼୍‌ଡ଼ଙ୍। |
| ହାତ | : | ହାତରେ ଅନେକ କାମ ହୁଏ। |
| ସି-ଇ | : | ସି-ଇନ୍‌ବାତି ଆଙ୍ଗେ ବାରାନ୍ ଡ଼େତି। |
| ଆଙ୍ଗୁଠି | : | ପାଞ୍ଚ ଆଙ୍ଗୁଠି ସମାନ ନାହିଁ। |
| ଅଣ୍ଡେର୍‌ସି | : | ମନ୍‌ଲଇ୍ ଅଣ୍ଡେର୍‌ସିନ୍ ସ୍ରିଗଇତିଡ଼୍। |

ପାପୁଲ : ପାପୁଲି ନରମ ଅଟେ।
ଆତାଲ୍‌ସି : ଆତାଲ୍‌ସିନ୍ ଲାମାଡ଼୍ ଡ଼ାମ୍।
ବାହୁ : ବାହୁ ବଳରେ ଗର୍ବ କର ନାହିଁ।
କୁମ୍ଭୁଲସି : କାନୁମ୍ଭୁଲ୍‌ସିନାମ୍ ଆରାନାବ୍‌ତିଲିଙ୍ଗ୍ କିନ୍‌ସାଡ଼ଙ୍ଗ୍‌ନେ।
କହୁଣୀ : ହାତଛାଡ଼ି କହୁଣୀକୁ ଧର ନାହିଁ।
କୁଙ୍ଗସି : ସି-ଇନ୍ ଅମ୍‌ଡ଼ାଲେ କୁଙ୍ଗ୍‌ସିନ୍ ଞାଁମ୍‌ଡ଼ଙ୍ଗ୍।
ପେଟ : ଅନ୍ୟର ପେଟ ମାରନାହିଁ।
କାମ୍ପୁଙ୍ଗ : ବମାନ୍‌ରା ଆକମ୍ପୁଙ୍ଗ୍ ଆ- ଗାଡ଼୍‌ଡ଼ଙ୍ଗ୍।
ନାଭି : ଛୁଆର ନାଭି କଟାଯାଏ।
ପୁଡ଼ି : ଆଅନ୍ ସିଜାନ୍ ଆପୁଡ଼ି ଗାଡ଼୍ ସୁଲ୍‌ତେଜି।
ଅଣ୍ଟା : ବୁଢ଼ାର ଅଣ୍ଟା ପଡ଼ି ଯାଇଛି।
ଡ଼ିଆ : ତାଲାଇବାନ୍ ଆସୁଡ଼ା ଡୁବ୍‌ତି।

## ବଚନ (ବିର୍‌ନାନ୍)

ମୁଁ : ମୁଁ ଖାଉଛି।
ଞେନ୍ : ଞେନ୍ ଗାଗାତିନାଇ୍।
ତୁମେ : ତୁମେ ଯାଉଅଛ।
ଆମାନ୍ : ଆମାନ୍ ୟିର୍‌ତେ।
ତୁମ୍ଭେମାନେ : ତୁମ୍ଭେମାନେ ଯାଉଅଛ।
ଆୟିରେତେଡ୍ : ଆମ୍‌ବେନ୍‌ଜି ଆୟିର୍‌ତେ ।
ସେମାନେ : ସେମାନେ ଯାଉଅଛନ୍ତି।
ଆନିଞ୍ଜ୍ : ଆନିଞ୍ଜ୍ ୟିରତେଜି।
ଯାଏ : ମୁଁ ଗାଁକୁ ଯାଏ।
ୟିର୍‌ତେ : ଞେନ୍ ଗର୍ଜାଙ୍ଗାନ୍ ୟିର୍‌ତେ।
ତୁମ୍ଭେମାନେ : ତୁମ୍ଭେମାନେ ଯିବ।
ଆମ୍ଭେନ୍‌ଜି : ଆମ୍ବିନ୍ ଆୟିର୍‌ତେ।
ସେ : ହୋ ଯାଉଅଛି।
ଆନିନ୍ : ଆନିନ୍ ୟିର୍‌ତେ।
କରିବି : ମୁଁ କାମ କରିବି।
ଲୁମ୍‌ତାଇ/ତୁବ୍‌ତାଇ : ଞେଁନ୍ ବାରାନ୍ ଲୁମ୍ ତାଇ୍।

| | | |
|---|---|---|
| କାଟିବି | : | ମୁଁ ଧାନ କାଟିବି। |
| ଗାଡ଼୍‌ଗାଡ୍ | : | ଞେଁନ୍ ସ୍ରନ୍ ଗାଡ଼୍‌ତାଇ। |
| ଯିବ | : | ତୁମେ କାଲିକି ଯିବ। |
| ୟିରା(ୟିର୍‌ତେ) | : | ଆମାନ୍‌ବିୟଡ଼ି ୟିରା (ୟିରେତେ)। |

## ସମ୍ପର୍କୀୟ (ମାଇନା)

| | | |
|---|---|---|
| ବାପା | : | ମୋ ବାପା ହାଟକୁ ଯାଇଛି। |
| ଉଆ(ଓ୍ୟାନ୍) | : | ଉଆଞେନ୍ ସାଞ୍ଚ୍‌ତାନ୍ ଇୟେତିଡ଼୍। |
| ମାଁ | : | ମାଁ ରୋଷେଇ କରୁଛି। |
| ୟାଙାନ୍ | : | ୟାଙାନ୍ ଡ଼ିଞ୍ଜ୍‌ଡ଼ିଞ୍ଜ୍ ତିନ୍। |
| ଭାଇ | : | ଭାଇ ସ୍କୁଲକୁ ଯିବ। |
| ଉବା(ଞ୍ୟାଂନାବାନ୍) | : | ଉବାନ୍ (ଇସ୍‌କୁଲିନ୍) ୟିର୍‌ତେ। |
| ଭଉଣୀ | : | ଭଉଣୀ ଦୋଳି ଖେଳୁଛି। |
| ୟାୟିନ୍(ଆୟିନ୍) | : | ୟାୟିନ୍ ତ୍ରେନାଲିଙାନ୍ (ୟାଡ୍‌ୟିନ୍) ତେଡ଼୍‌ତିନ୍। |
| ବଡ଼ଭାଇ | : | ବଡ଼ଭାଇ କ୍ଷେତକୁ ଗଲା। |
| କାକୁ | : | କାକୁନ୍ ସ୍ରବାନ୍ ୟିରେତିନ୍। |
| ଅପା | : | ମୋ ଅପା ଶାଶୁଘରକୁ ଗଲା। |
| କାକି | : | କାକିଞେଁନ୍ ତ୍ନଙ୍‌ବାସିଂଙାନ୍ ୟିରେତିନ୍। |
| ଦଦା | : | ମୋର ଦଦା ନାହିଁ। |
| ଡ଼ାଡ଼ି | : | ଡ଼ାଡ଼ିଞେଁନ୍ ଆଗାସା/ଆରିକା। |
| ଖୁଡ଼ି | : | ମୋର ଖୁଡ଼ି ମଧ ନାହିଁ। |
| ୟାୟାଙ୍ଗ୍ | : | ୟାୟାଙ୍ଗ୍‌ଞେଁନ୍ ଜ୍ନାଙ୍ ଆଗାସା। |
| ମାମୁଁ | : | ମାମୁଁ ଆସିବେ। |
| ମାମାଙ୍ଗ୍ | : | ମାମାଙାନ୍ ଇୟ୍‌ତାଇ। |
| ମାଇଁ | : | ମାଇଁ ଆସିବେ ନାହିଁ। |
| ଆଉଆଙ୍/ନାନିଙ୍ | : | ଆଉଆଙାନ୍ ଆଡ଼୍‌ନିୟାଇ। |
| ବଡ଼ବାପା | : | ବଡ଼ବାପା କୁଆଡ଼େ ଗଲା। |
| ତାତା | : | ତାତାନ୍ ଓ୍ୱାନ୍ ୟିରେତିନ୍/ ୟିରେତିଡ଼୍ (ଇୟେତେଡ୍)। |
| ବଡ଼ମାଁ | : | ବଡ଼ମାଁ ଅଛିକି ? |
| ଆନ୍ତାଲାଜ୍ | : | ଆନ୍ତାଲାଜାନ୍ ଡ଼ାକୁପ ? |

| | | |
|---|---|---|
| ପୁତୁରା | : | ରାମର ଦୁଇଟି ପୁତୁରା ଅଛି। |
| ଆମନ୍‌ସିଜ୍ | : | ରାମନ୍ ବାଗୁଆ ଆମନ୍‌ସିଜାଞ୍ଜ ଡ଼ାକୁ। |
| ଝିଆରି | : | ତାଙ୍କର ଝିଆରି ନାହିଁ। |
| ଆମନ୍‌ସିଲ୍ | : | ଆନିନ୍ ଆ ମନ୍‌ସିଲ୍ ତିଡ଼୍। |
| ଅଜା | : | ଅଜା ଶୋଇଛି। |
| ଜୁଜୁନ୍ | : | ଜୁଜୁନ୍ ଡ଼ିମାଡ଼୍ ନେ ତିନ୍। |
| ଆଈ | : | ଆଈ ଗପ କହୁଛି। |
| ୟୁୟୁ | : | ୟୁୟୁନ୍ କାତାବିରାନ୍ ଅବ୍‌ପୁଂତେ। |
| ଶଶୁର | : | ଗୋପାଳ ଶଶୁର ଘରକୁ ଗଲା। |
| କୁଞ୍ଚାଁର୍ | : | ଗୋପାଲନ୍ ଆ କୁଞ୍ଚାଁର୍ ସିଂଙ୍ଗାନ୍ ୟିରେତିନ୍। |
| ଶାଶୁ | : | ମିଲିର ଶାଶୁ ଆସିବେ। |
| କିନାର୍ | : | ମିଲିନ୍ ଆକିନାର୍ ୟିର୍‌ତାଇ। |
| ଶଳା | : | ଶଳାଙ୍କ ପାଇଁ ବହି ଆଣ। |
| ଇରିସିଜ୍ | : | ଇରିସିଜାନ୍ ଆସାନ୍ କାମ୍ବଲାନ୍ ପାଙ୍ଗାଇ। |
| ଶାଳୀ | : | ଶାଳୀର ବାହାଘର ହେବ। |
| ଇରିବଇ(ଆଲିବଇ) | : | ଇରିର୍ବିଜାନ୍ ଆକୁଇଜ୍‌ତେନ୍। |
| ସମ୍ବନ୍ଧୀ | : | ବିପ୍ର ସମନ୍ଧୀ ଘରକୁ ଗଲା। |
| ପାଇସା/ପାରୁଇ | : | ବିପ୍ରନ୍ ଆପାରୁଇସିଙ୍ଗାନ୍ ୟିରେତିନ୍। |
| ମେଳାଭାଇ | : | ସେ ମୋର ମେଳା ଭାଇ। |
| ମାରଂଗେର | : | ଆନିନ୍ ମାରଂଗେରଞ୍ଚେଁନ୍। |
| ବୋଉ | : | ବୋଉ ମାଁ ଘରକୁ ଯାଇଛି। |
| କୟିନ୍ | : | କୟିନାନ୍ ଆୟାଙ୍ଗ୍ ସିଙ୍ଗାନ୍ ୟିରେତିନ୍। |
| ନାତି/ନାତୁଣୀ | : | ନାତି କାନ୍ଦୁଛି। |
| ଉଡ଼୍‌ଲେଙ୍ଗାନ୍ | : | ଉଡ଼୍‌ଲେଙ୍ଗାନ୍ ଏଡ଼ାତିନ୍। |
| ପୁଷ୍ୟପୁତ୍ର | : | ତାଙ୍କର ପୋଷ୍ୟ ପୁତ୍ର ଅଛି। |
| ଲୁଡ଼ାଅନ୍/ମେମେଡ଼ାଅନ୍ | : | ଆନିଞ୍ଜ ଲୁଡ଼ାଅନାନ୍ ଡ଼ାକୁ। |
| ସଉତା(ସଉତୁଣି) | : | ରିନାର ସଉତା ଅଛି। |
| ବିନ୍‌ରାଡ଼୍ | : | ରିନ୍ନାନ୍ ଆବିନ୍‌ରାଡ଼୍ ଡ଼ାକୁ। |
| ଦିଅର | : | ସୁଜନୀର ଦିଅର ନାହିଁ। |
| ଇରିସିଜ୍ | : | ସୁଜନୀନ୍ ଆଇରିସିଜ୍ ଆଗାସା/ଆରିକା। |

| | | |
|---|---|---|
| ସଢୁ | : | କାନ୍ଦ୍ରା ଓ ଗୁର୍ବାଡ଼ା ଦୁଇ ସଢୁ |
| ସାଡ଼୍ଡୁ | : | କାନ୍ଦ୍ରାନ୍ ଡ଼ ଗୁର୍ବାଡ଼ାନ୍ ଆର ସାଡ଼୍ଡୁ। |

## ଜନ୍ତୁ (ଜନ୍ତୁନ୍‌ଜି)

| | | |
|---|---|---|
| ଗାଈ | : | ଗାଈ ଗୋଟିଏ ଗୃହପାଳିତ ପଶୁ। |
| ଆୟାଙ୍ଗ୍‌ତାଙ୍ଗ୍ | : | ଆୟାଙ୍ଗ୍ ତାଙ୍ଗାନ୍ ଲାନୁ ଜନ୍ତୁ। |
| ବଳଦ | : | ବଳଦ ସାହାଯ୍ୟରେ ଚାଷ କରାଯାଏ। |
| ଅଙ୍ଗେର୍‌ତାଭ୍ | : | ଅଙ୍ଗେର୍ ତାଙ୍ଗାନ୍ ଅର୍‌ତାବି। |
| ଛେଳି | : | ଛେଳି ପାଳନ କଲେ ବହୁତ ଲାଭ ମିଳେ। |
| କିମ୍‌ମେଡ଼୍ | : | କିମ୍ ମେଡ଼ାନ୍ ଲୁଲବିନ୍ ଡ଼େନ୍ ଆଡେଂ ଲାବାମ୍। |
| ଘୁଷୁରୀ | : | ଘୁଷୁରୀ କାଦୁଅରେ ଓଲଟେ। |
| କାମ୍ବୁନ୍ | : | କାମ୍ବୁନାନ୍ ଜବାଲିଙ୍ଗାନ୍ ତିଲ୍‌ତିନ୍। |
| କୁକୁର | : | କୁକୁର ଘରେ ଜଗେ। |
| କିନ୍‌ସଡ଼୍ | : | କିନ୍‌ସଡ଼ାନ୍ ସିଂଙ୍ଗାନ୍ ତୁର୍‌ତୁର୍‌ତେ। |
| ମେଣ୍ଢା | : | ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ। |
| ମୁର କୁଣ୍ଡାଡ଼ା | : | ମୁର୍‌କୁଣ୍ଡାଡ଼ାନ୍ ଆଉପୁର୍‌ବାତ୍ କମଲାନ୍ ସାବ୍‌ଜାତେଜି। |
| ପୋଢ଼ | : | ପୋଢ଼ ସାହାଯ୍ୟରେ ମଧଚାଷ ହୁଏ। |
| ବଙ୍ଗ୍‌ତେଲ୍ | : | ବଙ୍ଗ୍‌ତେଲାନ୍ ବାତି ଜାନାଙ୍ଗ୍ ଅର୍‌ନ୍ ଡେଡି। |
| ମଇଁଷି | : | ମଇଁଷି ମଧ ଗାଈ ପରି କ୍ଷୀର ଦିଏ। |
| ଆୟାଙ୍ଗ୍‌ବଙ୍ଗ୍ | : | ଆୟାଙ୍ଗ୍ ବଙ୍ଗାନ୍ ଜାନାଙ୍ଗ୍ ଆଡୁବାନ୍ ତିୟ୍‌ତେ। |
| ଘୋଡ଼ା | : | ଘୋଡ଼ାରେ ବସି ଦୂର ଜାଗାକୁ ଯାଉଥିଲେ। |
| କୁର୍ତା | : | କୁର୍ତା ଲିଙ୍ଗାନ୍ ଗବ୍‌ଲେ ସାଙ୍ଗାଇ ଡ୍ରାକୁନାବାନ୍ ଯିର୍‌ଲେଜି (ଯିର୍‌ରେଜି)। |

## ପକ୍ଷୀ (ଅନ୍‌ତିଡ଼ାନ୍)

| | | |
|---|---|---|
| ଚଢେଇ | : | ଚଢେଇ ମାନେ ଉଡ଼ିବୁଲନ୍ତି। |
| ଅନ୍ତିଡ଼୍ | : | ଅନ୍ତିଡ଼ାନ୍‌ଜି ଏଙ୍ଗ୍‌ଲେ ଏଣ୍ଡୁଙ୍ଗ୍‌ତେଜି। |
| କପୋତ | : | କପୋତ ଶାନ୍ତ ପକ୍ଷୀ। |
| କୁକୁର | : | କୁକୁରାନ୍ ଲାଗାଡ଼୍ ଅନ୍ତିଡ଼୍। |
| କାଉ | : | କାଉ ସକାଳେ ରାବେ। |
| କାକ | : | କାକାନ୍ ତାଗାଲ୍‌ଡ଼ାନ୍ ଗୁଡେ। |

| | | |
|---|---|---|
| ପାରା | : | ପାରାଦ୍ୱାରା ଚିଠି ପଠାଯାଏ। |
| ପାରୁଆ | : | ପାରୁଆନ୍ ବାତି ସିତି ଆବ୍ପାଇ ତେଜି। |
| କୁକୁଡ଼ା | : | କୁକୁଡ଼ା ଅଣ୍ଡା ଦିଏ। |
| କାନ୍‌ସିମ୍ | : | କାନ୍‌ସିମାନ୍ ଆଡ଼୍‌ରେତିନ୍। |
| ବତକ | : | ବତକ ଉଡ଼ିପାରେ ନାହିଁ। |
| କାପାରା | : | କାପାରାନ୍ ଏଙ୍‌ଲେ ଆଡ଼୍‌ରାବତିଏ। |
| ପେଚା | : | ପେଚାର ଆଖି ବଡ଼ବଡ଼। |
| କାନ୍ତୁଇ | : | କାନ୍ତୁଇଜାନ୍ ଆ ମାଡ଼୍ ସୁଡ଼ାରାଡ଼ାମ୍। |
| ଶୁଆ | : | ଶୁଆ କଥା କହିପାରେ। |
| ରୁପାଡ଼ି | : | ରୁପାଡ଼ିନ୍ ବିରିନ୍ ରାବତିତେ। |
| ବଣି | : | ବଣି ମଧ କଥା କହିପାରେ। |
| ରାମି (କାମି) | : | ରାମିନ୍ ଜାନାଙ୍ ରାବତି ବିର୍‌ତିନ୍। |
| ଜିର୍‌ଗାନ୍ | : | ଜିର୍‌ଗାନ୍ ମାଡ୍ଡୁନ୍ ଜୁମ୍‌ତେ। |

## କୀଟ ପତଙ୍ଗ (ଆନେଂ ବୁବ୍‌ବୁଡ଼ାନ୍‌ଜି)

| | | |
|---|---|---|
| ମଶା | : | ମଶାଦ୍ୱାରା ମ୍ୟାଲେରିଆ ଜ୍ୱର ହୁଏ। |
| ସାମାଜ୍ | : | ସାମାଜାନ୍ ବାତି ଉରାଲ୍‌ବା ସୁନ୍ ଡ଼େତି। |
| ମାଛି | : | ଖାଇବାଜିନିଷରେ ମାଛି ବସାଇ ଦିଅନା। |
| ଆରଇ | : | ଜୁମ୍‌ଜୁମ୍ ଜାନାବ୍ ଲିଙାନ୍ ଆରଇୟାନ୍ ଆବ୍‌ଡୁଇନା ଡ଼ଙ୍। |
| ଝିଣ୍ଟିକା | : | ଝିଣ୍ଟିକା ଅଳସୁଆ ପ୍ରାଣୀ। |
| ପାପାର୍ | : | ପାପାରାନ୍ ଆଡ଼ାସା ଡ଼ାମ୍। |
| କଙ୍କି | : | କଙ୍କି ଉଡ଼ିଉଡ଼ି ଖାଦ୍ୟ ଖାଏ। |
| ପେଙ୍ଗ୍‌ପେଙ୍ଗ୍ | : | ପେଙ୍ ପେଙ୍ଙାନ୍ ଏଙ୍‌ଲେ ଏଙ୍‌ଲେ ଜୁମ୍‌ଜୁମ୍‌ତିନ୍। |
| ଉଈ | : | ଉଈ ମାଟିରେ ରହେ। |
| ତାର୍‌ମାଲ୍ | : | ତାର୍‌ମାଲାନ୍ ଲାବଲିଙାନ୍ ବାସୁତେ। |
| ପିମ୍ପୁଡ଼ି | : | ପିମ୍ପୁଡ଼ି ବୁଦ୍ଧିମାନ। |
| ମୁଇଡ଼ା | : | ମୁଇଡ଼ାନ୍ ବାନୁଡ଼ିଡ଼ାମ୍। |
| କାଠଜନ୍ଦା | : | କାଠଜନ୍ଦା କାଠରେ ରହେ। |
| ତାର୍‌ଞ୍ଜଡ଼ା | : | ତାର୍‌ଞ୍ଜଡ଼ାନ୍ ଆରାଲିଙାନ୍ ଡ଼ାକୁତିନ୍। |
| ଜନ୍ଦା | : | ଜନ୍ଦା ଚବିଲେ ବହୁତ ଜ୍ୱଳା ହୁଏ। |
| ଝାଁଲାଙ୍ | : | ଝାଁଲାଙାନ୍ ରାମାଇତିନ୍ ଡ଼େନ୍ ଆସୁଡ଼ାମ। |

ବିଛା : ବିଛା କାମୁଡ଼ିଲେ ବହୁତ ଜ୍ୱଳା ହୁଏ।
ଅନ୍ତମେକାଙ୍ : ଅନ୍ତ ମେକାଙ୍ଗାନ୍ ରାମାଇତିନ୍ ମାତ୍ତ୍ ଆସୁତାମ୍।
ବୃଶ୍ଚିକ : ବୃଶ୍ଚିକର ବହୁତ ବିଷ।
ମାମାର୍ : ମାମାରାନ୍ ମାତ୍ତୁ ବିସାନ୍ ଡାକୁ।
ମହୁମାଛି : ମହୁମାଛି ଫୁଲରୁ ରସ ସଂଗ୍ରହ କରେ।
ଆୟାଙ୍ଗ୍ଡ଼ାଙ୍ଗ୍ : ଆୟାଙ୍ଗ୍ଡ଼ାଙ୍ଗାନ୍ ତାର୍ବାଲିଙ୍ଗାନ୍ ବେଡ୍ଲେ ଆଡ଼ାନ୍ ତାରତୁମ୍ ତେ।
ଭ୍ରମର : ଭ୍ରମର ମଧ ମହୁମାଛି ପରି ଫୁଲରେ ବସେ।
ବୁଙ୍ବୁଙ୍ ବୁଡ଼ : ବୁଙ୍ଗ୍ବୁଙ୍ଗ୍ ବୁଡ଼ାନ୍ ଜ୍ନାଙ୍ ତାର୍ବାଲିଙ୍ଗାନ୍ ତୁଇତେନ୍।
ଡ଼ାଆଁଶ : ଡ଼ାଆଁଶ ଗାଈ ଗୋରୁର ରକ୍ତ ଖାଏ।
ବାର୍ତାଙ୍ : ବାର୍ତାଙ୍ଗାନ୍ ତାଙ୍ଲିୟାନ୍ଜି ଆମିଞ୍ଜାଁମ୍ ବେଡ୍ତେ।
ବିରୁଡ଼ି : ବିରୁଡ଼ି ଡ଼ାଳରେ ଘର କରେ।
ସୁର୍ବାଙ୍ : ସୁର୍ବାଙ୍ଗାନ୍ ଆରାକୁଡଡ଼ିଂଲିଙ୍ଗାନ୍ ତୁବ୍ସିଂଙ୍ତିନ୍।
ଜିଆ : ଜିଆ ମାଟିକୁ ଉର୍ବର କରେ।
ଲୁଇବିଙ୍ : ଲୁଇବିଙ୍ଗାନ୍ ସଲ୍ଡ଼ାନ୍ ଆବ୍ ବୁଗିତେ।
ଜୋକ : ଜୋକ ପାଣିରେ ରହେ।
ଞ୍ଜିଲିମ୍ : ଞ୍ଜିଁଲିମାନ୍ ଡ଼ା-ଆଲଙ୍ଗାନ୍ ବାସୁତେ।
ଗେଣ୍ଡା : ଗେଣ୍ଡା ଧୀରେ ଚାଲେ।
ଗୁଲୁ : ଗୁଲୁନ୍ ଡ଼ିର୍ଗା ଞ୍ଜାଁତିନ୍।

## ଘରୋଇ ଜିନିଷପତ୍ର

ଘର : ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ଘରତିଆରି କରେ।
ସି-ଇଙ୍ : ଗୁରାନ୍ ଡ଼ାଗାନ୍ ସ୍ରିଙ୍ ରାନା ରାବାନ୍ ଆଞ୍ଜାଁଙ୍ବିନ୍ ଆସାନ୍ ମାନ୍ରାନ୍ ସିଂଙ୍ଗାନ୍ ଗୁତୁଲ୍ତେ।
ଚାଳ : ଛଣରେ କିମ୍ବା ନଡ଼ାରେ ଚାଳ ଛପର କରାଯାଏ।
ବାଲିଙ୍ : ଆଲାଙ୍ଗାନ୍ ଡ଼ ଆଲାମାନ୍ ବାତ୍ତି ବାଲିଙ୍ଗାନ୍ ଆଲ୍ତାବି।
ଛଣ : ଛଣ ବଣରେ ହୁଏ।
ଆଲାଙ୍ : ଆଲାଙ୍ଗନ୍ ତୁଲାବାନ୍ ଡ଼ାକୁତି।
ବାଉଁଶ : ବାଉଁଶ ଘରକାମରେ ଦରକାର।
ଉରିଙ୍ : ଉରିଙ୍ଗାନ୍ ସିଙ୍ଗାନ୍ ଆବାରାଲିଙ୍ ସ୍ନାଇସାଇଜ୍ତାମ୍।

| | |
|---|---|
| ଗୁଅ : | ଗ୍ଳଘରେ ଗୁଅ ବତା ଲାଗେ। |
| ଉରୁନ୍ତା : | ଆଲାଙ୍‌ସିଂଙ୍ଗାନ୍ ଉରୁନ୍ତାନ୍ ଡ଼ ଉରିଙ୍ଗାନ୍ ସ୍ନାଇସାଇଜ୍। |
| ଖୁଣ୍ଟି : | ଖୁଣ୍ଟି ଦ୍ୱାରା ମଞ୍ଚା ତିଆରି ହୁଏ। |
| ସୁଣ୍ଡାଙ୍ : | ସୁଣ୍ଡାଙ୍ଗାନ୍ ବାତି ଜିରାଙ୍ଗାନ୍ ସାବ୍‌ଜାତାବି। |
| ପାଟି : | ପାଟି ନଥିଲେ ମଞ୍ଚାହୁଏ ନାହିଁ। |
| ଆଡ଼ଙ୍ : | ଆଡ଼ଙ୍ଗାନ୍ ଆଡ଼୍‌ଡ଼େଲିନ୍ ଡ଼େନ୍ ଜିରାଙ୍ଗାନ୍ ଆଗାଡ଼ିଲେ। |
| ଚୂଲୀ : | ଚୂଲିରେ ରନ୍ଧାହୁଏ। |
| କୁଡ଼ା : | କୁଡ଼ା ଲିଙ୍ଗାନ୍ ଡ଼ିଞ୍ଜୁଁଡ଼ିଞ୍ଜୁଁ ତିନ୍‌ବି। |
| କୁଟୁଣୀ : | କୁଟୁଣୀରେ ଧାନ କୁଟାଯାଏ। |
| ଅନାଲ୍ : | ଅନାଲ୍ ଲିଙ୍ଗାନ୍ ସ୍ରନ୍ ତାଙ୍‌ତାବି। |
| ଥାଳି : | ଥାଳିରେ ଖିଆଯାଏ। |
| ମାଣ୍ଡି : | ମାଣ୍ଡିନ୍ ବାତି ଗାଗାତିମ୍ମି। |
| ଗିନ୍ନା : | ଗିନ୍ନାରେ ତରକାରି ଖିଆଯାଏ। |
| ପିନ୍‌ସାମିନ୍ : | ପିନ୍‌ସାମିନାନ୍ ବାତି ତ୍ନଙ୍ଗାଲାନ୍ ଜୁମ୍‌ତାବି। |
| ଡ଼ଙ୍କା : | ଡଙ୍କାରେ ପାଣି କଢ଼ାଯାଏ। |
| କୁ-ଉ : | କୁ-ଉନ୍ ବାତି ଡ଼ା-ଆନ ଗିନ୍‌ତାବି। |
| ହାଣ୍ଡି : | ହାଣ୍ଡିରେ ଭାତ ରନ୍ଧାଯାଏ। |
| ଡ଼ାଙ୍କି : | ଡ଼ାଙ୍କିନ୍ ବାତି ଡାରାଜାନ୍ ଡ଼ିଞ୍ଜୁଁତାବି। |
| ପାଣିହାଣ : | ପାଣି ହାଣ୍ଡିରୁ ପାଣି ଆଣାଯାଏ। |
| ଗ୍ରିଣ୍ଡା : | ଗ୍ରିଣ୍ଡାସେଙ୍ଗାନ୍ ବାତି ଡ଼ା-ଆନ୍ ପାଙ୍‌ତାଇବି। |
| କାତି : | କାତି ଆମର ବିଭିନ୍ନ କାମରେ ଆସେ। |
| କୁଣ୍ଡି : | କୁଣ୍ଡିନ୍ କୁଡୁବ୍ ବାରା ଲିଙ୍ଗାନ୍ ସ୍ନାଇସାଇଜ୍। |
| ଦାଆ : | ଦାଆରେ ଛଣ କଟାଯାଏ। |
| କାଡ଼ାତି : | କାଡ଼ାତିନ୍ ବାତି ଆଲାଙ୍ଗାନ୍ ଗାତ୍‌ତାବି। |
| ଶାବଳ : | ଶାବଳରେ ମାଟି ଖୋଳାଯାଏ। |
| ଲୁଆଙ୍-ଡ଼ାଙ୍ : | ଲୁଆଙ୍-ଡ଼ାଙ୍ଗାନ୍ ବାତି ଲାବନ୍ ଗାଇତାବି। |
| କଟୁରୀ : | କଟୁରୀ ଜଙ୍ଗଲକୁ ଯିବାପାଇଁ ବଢ଼ିଆ ଅସ୍ତ୍ର। |
| କାତୁ (କାତି) : | କାତୁନ୍ ତୁଲାବାନ୍ ଆସାନ୍ ବାଙ୍‌ସା ଞ୍ଜାଁନ୍‌ରାମ୍ (କାଣ୍ଡାଇତୁ)। |
| ଧନୁ : | ଧନୁରେ ଶିକାରୀ ଜନ୍ତୁମାରେ। |
| ଞ୍ଜାଁଙ୍ଗା : | ଞ୍ଜାଁଙ୍ଗାନ୍ ବାତି ବିନ୍ତା ମାରାନ୍ ଜନ୍ତୁନ୍ ତୁଞ୍ଜୁଁତେ। |

ଶର : ଶର ଦ୍ୱାରା ଶିକାରୀ ଜନ୍ତୁକୁ ମାରେ।
ଆ-ଆମ୍ : ଆ-ଆମ୍‌ମାନ୍ ବାତି ବିନ୍ତା ମାରାନ୍ ଜନ୍ତୁନ୍ ତୁଞ୍ଜ୍‌ତେ।
ଭିଟୁକାଣ୍ଡ : ଭିଟୁକାଣ୍ଡରେ ଚଢେଇ ମରାଯାଏ।
ଉଡ଼ାଡ୍‌ଡ଼ାଙ୍ : ଉଡ଼ାଡ୍‌ଡ଼ାଙ୍ଗାନ୍ ବାତି ଅନ୍ତିଡ଼ାନ୍ ତୁଞ୍ଜ୍‌ତେଜି।

## ଫସଲ ସମ୍ବନ୍ଧୀୟ(ଜନ୍‌ରୁମାନ୍‌ଜି)

କାଙ୍ଗୁ : କାଙ୍ଗୁ ଶବର ମାନଙ୍କର ମୂଖ୍ୟ ଫସଲ।
ବୁରଇ : ବୁରୟାନ୍ ସରାଞ୍ଜି ଆମୁଡ଼ା ଜାନ୍‌ରୁମ୍।
ଜନ୍ମା : ଜନ୍ମା ବଗଡ଼ରେ ଚାଷ ହୁଏ।
କାମ୍ବୁର୍ : କାମ୍ବୁରାନ୍ ବାରୁନ୍ ବିଡ୍‌ତାବି।
ଘାଣ୍ଟିଆ : ଘାଣ୍ଟିଆ ଜାଉ ବହୁତ ବଢିଆ।
କୁରୁଇ : କୁରୁଇ କୁଲାନ୍ ବଇବଇ ବାଙ୍ଗ୍‌ସା।
ଗଙ୍ଗା (କୁସଲା): ଗଙ୍ଗା ଚାଉଳରେ କ୍ଷୀରି ତିଆରି ହୁଏ।
ଗାଙ୍ଗା : ଗାଙ୍ଗାରୁଙ୍ଗାନ୍ ବାତି କ୍ଷୀରିନ୍ (ଆଡୁବ୍‌ଡାର୍) ସାବ୍‌ଜାତେଜି।
ମାଣ୍ଡିଆ : ମାଣ୍ଡିଆ ଜାଉ ଦେହପାଇଁ ଭଲ।
ସିତାରି : ସିତାରି କୁଲାନ୍ ଡଅଙ୍ଗାନ୍ ଆବ୍‌ସେଲେ ବାଙ୍‌ସା।
ଧାନ : ଧାନ ଆମର ପ୍ରଧାନ ଫସଲ ।
ସାରନ୍ : ସ୍ରନ୍ ମୁଡ଼ା ଜାନ୍‌ରୁମ୍ ଲେନ୍।

## ଫଳ (ଜଅନ୍‌ଜି)

ଖଜୁରୀ : ଖଜୁରୀ କୋଳି ଖରାଦିନେ ପାଚେ।
ସିଣ୍ଡି : ସିଣ୍ଡିଗୁରାନ୍ ଡ଼ାଗାଇଙ୍ଗାନ୍ ଗୁ-ଉରତି।
ପଣସ : ପଣସ ବହୁତ ମିଠା।
ପାଡ଼ାସା : ପାଡ଼ାସାନ୍ ବଇବଇ ରାଗାଲ।
ଆମ୍ବ : ଆମ୍ବ ଆମ ଦେଶର ଜାତୀୟ ଫଳ।
ଉଡ଼ା : ଉଡ଼ାନ୍ ଡ଼ିସାଲେ ଆମୁଡ଼ା ଜ-ଅ।
ଜାମ୍ବ : ଜାମ୍ବକୋଳି ଶରୀର ପ୍ରତି ଭଲ।
କୁର୍‌ଗାଡ଼୍ : କୁର୍‌ଗାଡ଼୍ ଗୁରାନ୍ ଡ଼-ଅଙ୍ଗାନ୍ ଆବ୍‌ସେଲେ ବାଙ୍‌ସା।
ପିଜୁଳୀ : ପିଜୁଳୀ ଚାଷକଲେ ବହୁତ ଲାଭ ମିଳେ।
ଜିଲ୍‌କା (ଜାମି): ଜାମିନ୍ ଗୁଲାବିନ୍‌ତେନ୍ ଆତେଂ ଲାବାମ୍‌ତାଇ।

| | | |
|---|---|---|
| ତେନ୍ତୁଳି | : | ତେନ୍ତୁଳି ଗଛ ବହୁତ ବର୍ଷ ବଞ୍ଚେ। |
| ତିତିନ୍ | : | ତିତିନାନ୍ ଆତେଙ୍ ମିଞ୍ଜୁମ୍ ମେ-ଏଙ୍ତି। |
| କାଜୁବାଦାମ | : | କାଜୁବାଦାମ୍ ବହୁତ ମୂଲ୍ୟବାନ। |
| ଗାନଙ୍ଲଇ | : | ଗାନିଙ୍ଲଜାନ୍ ଆତେଂ ଜାନାତିନ୍। |
| କମଳା | : | କମଳା ଖାଇଲେ ଦେହକୁଭଲ। |
| କମ୍ଲା | : | କମ୍ଲା ଗୁରାନ୍ ଜୁମ୍ଲାବିନ୍ ଡେନ୍ ଡଅଙାନ୍ ଆପ୍ସେଲେ ବାଂସା। |
| ସପୁରୀ | : | ସପୁରୀ ଏକ ରସାଳ ଫଳ। |
| ଲାଙ୍କାପାଡ଼ା | : | ଲାଙ୍କାପାଡ଼ାନ୍ ବଇବଇ ଆଡ଼ା-ଆ-ଜଅନ୍। |

## ଗ୍ରହ ନକ୍ଷତ୍ର - ଟଂଟଂ ରାବ୍ ତୁଇଜ୍ତୁଇଜାନ୍ଜି

| | | |
|---|---|---|
| ଆକାଶ | : | ଆକାଶର ସୀମା ନାହିଁ। |
| ରିଆଙ୍ଗ୍ | : | ରିଆଙାନ୍ ତାନ୍ନଡ଼୍ତିଡ଼୍। |
| ସୂର୍ଯ୍ୟ | : | ସୂର୍ଯ୍ୟ ଦ୍ୱାରା ଆଲୋକ ହୁଏ। |
| ଉୟଂ | : | ଉୟୁଡ଼ଂାନ୍ ବାତି ପାଲିଡ଼୍ତି। |
| ତାରା | : | ଆକାଶରେ ତାରା ଦେଖା ଯାହାନ୍ତି। |
| ତୁଇତୁଇଜ୍ | : | ରିଆଙ୍ ଲିଙାନ୍ ତୁଇ ତୁଜାନ୍ ଗିଜ୍ତାତି। |
| ପ୍ରଭାତି ତାରା | : | ପ୍ରଭାତି ତାରା ପୂର୍ବ ଦିଗରେ ଦିଶେ। |
| ସା-ଆର୍ସୁଙ୍ | : | ସା-ଆର୍ ସୁଙାନ୍ ଡ଼ାରୁଂ ୟୁଂ ସେଙ୍ ଗିଜ୍ତାତି। |
| ସନ୍ଧ୍ୟାତାରା | : | ସନ୍ଧ୍ୟାତାରା ପଶ୍ଚିମ ଦିଗରେ ଦେଖାଯାଏ। |
| ଅରୁବ୍ସୁଙ୍ଗ୍ | : | ଅରୁବ ସୁଙାନ୍ ବୁବୟୁଙ୍ସେଙ୍ ଗିଜ୍ତାତି। |
| ଗ୍ରହାଣୁ ପୁଞ୍ଜ | : | ଗ୍ରହାଣୁ ପୁଞ୍ଜ ଆକାଶରେ ଦିଶେ। |
| ରୁଙ୍କୁୟାନ୍ | : | ରୁଙ୍କୁୟାନ୍ ରିଆଙ୍ଲିଙାନ୍ ଗିଜ୍ତାତିଜି। |
| ଛାୟାପଥ | : | ଛାୟାପଥ ଆକାଶରେ ଝାପ୍ସା ଦିଶେ। |
| ଅନ୍ତାଙ୍ଗ୍ରାବ୍ | : | ଅନ୍ତାଙ୍ରାବାନ ରିଆଙ୍ ଲିଙାନ୍ ମରିଙ୍ ମରିଙ୍ ଗିଜ୍ତାତି। |
| ଚନ୍ଦ୍ର | : | ଚନ୍ଦ୍ର ସୂର୍ଯ୍ୟଙ୍କ ଆଲୋକରେ ଦେଖାଯାଏ। |
| ଆଙ୍ଗାଇ | : | ଆଙ୍ଗାଇଜାନ୍ ଉୟୁଙାନ୍ ଆତାନାଆର୍ ବାତି ଗିଜ୍ତାତି ସପ୍ତର୍ଷି ମଣ୍ଡଳ ପ୍ରଶ୍ନ ବାଚୀ ଆକାର ଦିଶେ। |
| ସାଣ୍ଡିତୁଇଜ୍ | : | ସାଣ୍ଡିତୁଜାନ୍ ଆନୁଆଲ୍ ଆରାବ୍ ମାଡାନ୍ ଆମ୍ରିଜ୍ ଗିଜ୍ତାତି। |
| ତ୍ରିତାରା | : | ତ୍ରିତାରା ଆକାଶରେ ସ୍ୱତନ୍ତ୍ର। |
| ପାଙ୍ଗ୍ସାଲ୍ତୁଇ | : | ପାଙ୍ଗ୍ସାଲ୍ ତୁଜାନ୍ ରିଆଙ୍ଗ୍ ଲିଙାନ୍ (ତୁଡ଼ିନ୍ ବାନ୍ନଂ) ବଆନ୍ସା। |

# ମାଟି ପ୍ରକାର ଭେଦ - ଲାବନ୍ ଆଜାନାବାନ୍

| | | |
|---|---|---|
| ମାଟି | : | ବିଭିନ୍ନ ପ୍ରକାର ମାଟି ରହିଛି । |
| ଲାବ | : | ବିଗାଡ଼ା ବିଗାଡ଼ା ଜାନାବ୍ ଲାବନ ଡ଼ାକୁ । |
| ପଟୁମାଟି | : | ପଟୁମାଟିରେ ଭଲ ଧାନ ହୁଏ । |
| ପାଙ୍କାସଲ୍ | : | ପାଙ୍କାସଲ୍ଲିଙାନ୍ ସ୍ରନ୍ ଲାଙ୍ଗା (କାଇଜ୍ତାମ୍ସଲ) ଗାଡ଼ିଲ୍ତି । |
| ଦୋରସା ମାଟି | : | ଦୋରସା ମାଟିରେ ଭଲ ଫସଲ ହୁଏ । |
| କାଇତାମ୍ସଲ୍ | : | କାଇତାମ୍ସଲ୍ ଲିଙାନ୍ (ଆସମିଂ ସଲ୍) ବାଙ୍ସାଜାନ୍ରୁମାନ୍ ଗାଡ଼ିଲ୍ତି । |
| ବାଲିଆମାଟି | : | ବାଲିଆମାଟିରେ ପାଣି ରହେ ନାହିଁ । |
| ଲାକିଜ୍ସଲ୍ | : | ଲାକିଜ୍ ସଲଲିଙାନ୍ ଡ଼ା-ଆନ୍ ଆଡ୍ତାନାଙେ/ଆଗ୍ଗିରେ । |
| ଗୁଡ଼ିମାଟି | : | ଗୁଡ଼ିମାଟିରେ ଭଲ ଫସଲ ହୁଏନାହିଁ । |
| ଗୁଡ୍ଡ଼ିସଲ୍ | : | ଗୁଡ୍ଡ଼ି ସଲ୍ଲିଙାନ୍ ଜାନ୍ରୁମାନ୍ (ରୁଗୁଡି ସଲ୍)ଆଗ୍ଗାଡ଼ିଲେ । |
| ପଥୁରିଆ ମାଟି | : | ପଥୁରିଆ ମାଟିରେ ଗଛ ଶିଘ୍ର ମରିଯାଏ । |
| ତାଲାସଲ୍ | : | ତାଲାସଲ୍ ଲିଙାନ୍ ନିବାନ୍ ଉମେଙ୍ କାଞ୍ଚିଁଡ୍ତି । |
| ଚିକିଟା ମାଟି | : | ଚିକିଟା ମାଟିରେ ପାଣି ବେଶିଦିନ ରହେ । |
| ଜାଗିଡ୍ସଲ୍ | : | ଜାଗିଡ୍ ସଲ୍ଲିଙାନ୍ ଡ଼ାଆନ୍ ଆତେଙ୍ ଡ଼ିନ୍ନା ଡ଼ାକୁତି । |
| କୁଣ୍ଡା ମାଟି | : | ସ୍ଥାନେ ସ୍ଥାନେ କୁଣ୍ଡା ମାଟି ମଧ୍ୟ ଅଛି । |
| କିନ୍ଲାପୁସଲ୍ | : | ଓ୍ୱାନ୍ତିଓ୍ୱାନ୍ତି କିନ୍ଲାପୁ ଲନ୍ ଜାନାଙ୍ଗ୍ ଡ଼ାକୁ (ଲାଗିର୍ ସଲାନ୍) । |
| ବିଲାମାଟି | : | ବିଲା ମାଟିରେ ମୂର୍ତ୍ତି ତିଆରି କରନ୍ତି । |
| ବାନୁମ୍ ସଲ୍ | : | ବାନୁମ୍ ସଲାନ୍ ବାତି କୁଣ୍ଡାଜାନ୍ ସାବ୍ଜାତେଜି । |
| ରଙ୍ଗମାଟି | : | ରଙ୍ଗମାଟିରେ ଘରର କାନ୍ଥ (ଗେରୁମାଟି) ଲିପନ୍ତି । |
| ଜେ-ଏ ସଲ୍ | : | ଜେ-ଏସଲାନ୍ ବାତି କିନ୍ତାଲାନ୍ ଜଡ଼ାତେଜି । |
| ଧୋବମାଟି | : | ଧୂବମାଟି ମଧ୍ୟ କାନ୍ଥରେ ଲିପନ୍ତି । |
| ତା-ଆର୍ସଲ୍ | : | ତା-ଆର୍ସଲାନ୍ଜାନାଙ୍ଗ୍ କିନ୍ତାଲାନ୍ ଜଡ଼ାତେଜି । |
| କଳାମାଟି | : | କଳା ମାଟିରେ ମୁଣ୍ଡ ସଫା କରନ୍ତି । |
| ଗ୍ନଡ଼ାବାବ୍ ସଲ | : | ଗ୍ନଡ଼ାବାବ୍ ସଲାନ୍ ବାତି ଗଡ଼ାବାବ୍ ତିନ୍ଜି । |
| ଖାରିମାଟି | : | ଖାରି ମାଟିରେ ଫସଲ ହୁଏ ନାହିଁ । |
| କାରିସଲ୍ | : | କାରି ସଲ୍ସଲିଙାନ୍ ଜାନ୍ରୁମାନ୍ ଆଗ୍ଗାଡ଼ିଲେ । |
| କୁମ୍ଭାର ମାଟି | : | କୁମ୍ଭାର ମାଟିରେ କୁମ୍ଭାର ହାଣ୍ଡି ଗଢେ । |
| କୁମ୍ବିଜ୍ସଲ୍ | : | କୁମ୍ବିଜ୍ ସଲାନ୍ ବାତି କୁମ୍ବିଜାନ୍ ଡ଼ାଙ୍କିନ୍ ସାବ୍ଜାତେ । |

ହାଲକା ମାଟି : ହାଲୁକା ମାଟିରେ କନ୍ଦମୂଳ ଭଲ ହୁଏ।
ପୁବ୍‌ପୁବ୍ : ପୁବ୍‌ପୁବ୍ ସଲ୍‌ଲିଙାନ୍ ଗୁଗାୟାନ୍ ବାଙ୍‌ସା ଗାଡ଼ିଲ୍‌ତି(ବୋଡ଼ାତି)

## ପରିବା

ବାଇଗଣ : ବାଇଗଣ ସବୁଥିରେ ମିଶେ।
ଅଣ୍ଡାରାଜ୍ : ଆଣ୍ଡାରାଜାନ୍ କୁଡ଼୍‌ଡୁବ୍ ଲିଙାନ୍ ମାଇତିନ୍।
କଦଳୀ : କଦଳୀ ଚାଷକଲେ ବହୁତ ଲାଭ ମିଳେ।
କିନ୍ତେ : କିନ୍ତେନ୍ ଗୁଲାବିନ୍ ଡ଼େନ୍ ମାଡ଼୍‌ଡ଼ (ଆଉର୍) ଲାବାମ୍।
ଜହ୍ନି : ଜହ୍ନି ଫୁଲ ହଳଦିଆ ଦିଶେ।
ଡ଼ାରାସୁଲ୍ : ଡ଼ାରାସୁଲାନ୍ ଆ ତାର୍‌ବା ସାଙ୍‌ସାଙ୍ ଡ଼ାମ୍ ଗିଜ୍‌ତାତି।
ଆଳୁ : ଆଳୁ ସବୁ ସମୟରେ ମିଳେ।
ଆଲୁଗାଇ : ଆଲୁଗାୟାନ୍ ତଡ଼ଙ୍ ଆୟାମ୍ ଞାଁଙ୍‌ତାବି।
ବୋଇତାଳୁ : ବୋଇତାଳୁ ଭଲ ପରିବା।
ଆତୁଙ୍ଗ୍ (କିନ୍‌ଲାଇ) : ଆତୁଙାନ୍ ବାଙ୍‌ସା ତୁଙ୍ଗାଲ୍ ଜ-ଅଃ।
ଟମାଟ : ଟମାଟ ଖାଇଲେ ଦେହ ପ୍ରତି ଭଲ।
ବିଲାତିଡ଼ାଜ୍ : ବିଲାତିଡ଼ାଜାନ୍ ଜୁମ୍‌ଲବିନ୍ ଡ଼େନ୍ ଡ଼-ଅଙାନ୍ ଆପ୍‌ସେଲେ ବାଂସା।
ଝଟା : ଝଟା ବାଡ଼ିରେ ଭଲହୁଏ।
ତାନ୍‌ରାଇକାଲ୍: ତାନ୍‌ରାଇକାଲାନ୍ କୁଓାଲିଡ଼ଂନ୍ ବାଙ୍ଗ୍‌ସା ଡ଼େତି।
ନଖିଝଟା : ନଖିଝଟା ଖାଅ।
ବସଣ୍ଡା : ବସଣ୍ଡାନ୍ ଜୁମ୍ମା।
ଖମ୍ବଆଳୁ : ଖମ୍ବଆଳୁ ଲୋକେ ପସନ୍ଦ କରନ୍ତି।
ସୁଡ଼ାଗାଇ : ସୁଡ଼ା ଗାୟାନ୍ ମାନ୍‌ରାଞ୍ଜି ଇତ୍‌ସୁମ୍‌ତେଜି।

## କଥୋପ କଥନ (ଆର୍ବିଡାନା)

ଭଲ : ତୁମେ ଭଲକି ?
ବାଙ୍‌ସା/ସୁକ୍‌କା: ଆମାନ୍ ବାଂସା ପ / ସୁକ୍‌କା ପ ?
କ'ଣ : ଆଜିକାଲି କ'ଣ କରୁଛ ?
ଇତିନ୍ : ନାମି. ବିଅ, ଇତିନ୍ ଆଲୁମ୍‌ତେ ?
ପିଲା : ତୁମ ପିଲା କେତୋଟି ?
ପାସିଜ୍ : ପାସିଜ୍ ନାମ୍‌ଜି ଡ଼ାଜିଙାନ୍ ?
ପୁଅ : ତୁମର ପୁଅ କେତେ ?
ଅଙ୍ଗେର୍‌ସିଜ/ଅଙ୍ଗେର୍‌ଅନ୍ : ଅଙ୍ଗେରନାମ୍ ଡ଼ାଜିଙାନ୍ ?

ଝିଅ : ତୁମର ଝିଅ କେତେ ?
ଆନ୍‌ସଲସିଜ/ଆନ୍‌ସଲଅନ୍ : ଆନ୍ ସଲଅନାମ୍ ଡ଼ାଜିଙ୍ଗାନ୍ ?
ବିଲ : ତୁମର ବିଲ କାମ ସରିଲାକି ?
ସ୍ରବା : ସାରବ୍ ବାରାନ୍ ଆତାବ୍‌କୁଡ୍‌ଲେପ ?
ବଗଡ଼ : ତୁମ ବଗଡ଼ର କାଙ୍ଗୁ ପାଚିଲାକି ?
ବୁ : ବୁବିନ୍ ଆବୁରଇୟାନ୍ ଗୁ-ଉର୍‌ଲିପ ?
ବାଡ଼/ପଦର : ବାଡ଼ରେ କ'ଣ ବୁଣିଛ ?
ବାସେଙ୍ (ଜାନଙ୍): ବାସେଙ୍ଗାନ୍ ଇତିନ୍ ଆବିଃଡ୍‌ଲେ ?
କାଟିବା : ଧାନ କେବେ କାଟିବା ?
ଆଗାଡ଼୍‌ବା : ସ୍ରନ୍ ଆଙ୍ଗାନ୍ ଆଗାଡ଼୍‌ବା ?
ଆସ : ଧାନ କାଟିବାକୁ ଆସ।
ଜାବା : ସ୍ରବ୍ ଆ ଗାଡ଼୍‌ବିନ୍ ଜାବା / ୟିରାଇବା (ଗୋଡ୍‌ଗାଡ୍‌ବାନ୍ ଇୟାଇବା)।
ଆସନ୍ତାକାଲି : ଆସନ୍ତାକାଲି ଆମେ ଘରକୁ ଯିବୁ।
ବିୟଡ଼ି : ବିୟଡ଼ି ଆନ୍‌ଲେନ୍ ସିଂଙ୍ଗାନ୍ ଆୟିର୍‌ତେ।
ଗତକାଲି : ଗତକାଲି ଛୁଟି ଦିନଥିଲା।
ରୁବାନ୍ : ରୁବାନ୍ ଆତାନାଡ଼୍ ଡ଼ିନ୍ନା ଡ଼ାକୁଲି।
ପଅରଦିନ : ପଅରଦିନ ବର୍ଷା ହୋଇଥିଲା।
ରୁମାଙ୍‌ତାନ୍ : ରୁମାଙ୍‌ତାନ୍ ଗାନୁର୍‌ରି।
ସପ୍ତାହ : ଆଜିକୁ ଦୁଇ ସପ୍ତାହ ହେଲା ବର୍ଷା ନାହିଁ।
ପାଲି(ବେତାର୍): ନାମିଆନ୍‌ରେଙ୍ ବାଗୁପାଲିଡ଼େଲି (ବେତାର) ଗାନୁର୍‌ତିଡ୍।
ମାସ : ମେ ମାସରେ ବହୁତ ଖରା ହୁଏ।
ଆଙ୍ଗାଇ : ମେନ୍ ଆଙ୍ଗାଇ ମାଡ୍‌ଡ଼ ଡ଼ାଗାତି।
ବର୍ଷ : ପ୍ରତିବର୍ଷ ଆମେ ପୁରୀଯାଉ।
ମିଙ୍ଗୁଁମ୍ : ଡ଼ିଲେ ମିଙ୍ଗୁଁମ୍ ଆନ୍‌ଲେନ୍ ପୁରି ଆଇୟ୍‌ତେ।
ଦିନ : କେଉଁଦିନ ପୂର୍ଣ୍ଣିମା ପଡୁଛି।
ଡ଼ିନ୍ନା : ଓ୍ୱାନ୍ ଆଡ଼ିନ୍ନା ପୁନିୟାଁନ୍ ଡ଼େତି।
ସକାଳ : ପ୍ରତିଦିନ ସକାଳ ବ୍ୟାୟାମ୍ କର।
ତାଗାଲ୍‌ଡ଼ା : ଡ଼ିଲେଡ଼ିନ୍ନା ତାଗାଲ୍‌ଡ଼ାନ୍ ଙ୍ଗିଁଙ୍‌ନାନ୍ ଗିଃଡ୍‌ନାନ୍ ଆବୁକାନା।
ଦିନବେଳେ : ଦିନବେଳେ ଗାଁରେ କେହି ନଥିଲେ।
ତାମାନ୍ : ତାମାନ୍ ଆଡ୍‌ନାଂ ଗର୍ଜାଂ ଲିଙ୍ଗାନ୍ ବୁତେଜା ଆଡ୍‌ଡାକୁନାଡ୍‌ଜି।

ସନ୍ଧ୍ୟା : ସନ୍ଧ୍ୟାରେ ସମସ୍ତେ ଘରକୁ ଫେରନ୍ତି ।
ଅରୁବ୍ : ଅରୁବାନ୍ କୁଡ଼୍ଡୁବ୍ ମାନ୍‌ରା ସିଂଙାନ୍ ୟାରତିନାଇଜି (ଡ଼ାୟାରତାଇଜି) ।
ରାତି : ରାତିରେ ସମସ୍ତେ ବିଶ୍ରାମ ନିଅନ୍ତି ।
ତଗାଲ୍ : କୁଡ଼୍ଡୁବ୍ ମାନ୍‌ରା ତଗାଲାନ୍ ଲୁଲୁତିଞ୍ଜି ।
ରାତିଅଧ : ରାତିଅଧ ଶୁନ୍ ଶୁନ୍ ହୁଏ ।
ତୁଡ଼ଂାର୍ ତଗାଲାନ୍: ତୁଙାର୍ ତଗାଲାନ୍ ରିଙ୍‌ରିଙ୍‌ତି ।
କୁକୁଡ଼ା ଡ଼ାକିବା ସମୟ: କୁକୁଡ଼ା ଡ଼ାକିବା ସମୟରେ ସମସ୍ତେ ଉଠନ୍ତି ।
କାନ୍‌ସିମୁଲାନ୍ : କାନ୍‌ସିମୁଲାନ୍ କୁଡୁବ୍ ମାନରା ଡ଼ିତିଞ୍ଜି ।
ଅନ୍ଧାର : ବେଳ ବୁଡ଼ିଲେ ଅନ୍ଧାର ହୁଏ ।
ଲୁଙୁଡ଼୍ : ବୁବ୍‌ୟୁଙ୍‌ଲିନ୍‌ଡ଼େନ୍ ଲୁଙୁଡ଼୍‌ତି ।
ଆଲୋକ : ରାତି ପାଇଲେ ଆଲୋକ ହୁଏ ।
ପିରାଡ଼୍ : ସା-ଆର୍ ଲିନ୍‌ଡ଼େନ୍ ପିରାଡ଼୍‌ତି ।
ଦୀପ : ସଞ୍ଜହେଲେ ଦୀପ ଲଗାଅ ।
ଲିପା : ଅରୁବ୍ ଲିନ୍‌ଡ଼େନ୍ ଲିପାନ୍ ଅଇବା ।
ତେଲ : ଦୀପରେ ତେଲ ପକାଅ ।
ମିଞ୍ଜଁଲ୍ : ଲିପାଲିଙାନ୍ ମିଞ୍ଜଁଲାନ୍ ରୁବା ।
କାଠ : ଜଙ୍ଗଲରୁ କାଠ ଆଣ ।
ଆଙାଲ୍ : କାନ୍‌ରିଙାନ୍/ତୁଲାବାନ୍ ସାରିଂ ଆଙାଲାନ୍ ପାଙାଇବା ।
ପତ୍ର : ସିଆଳି ପତ୍ରରେ ଖଲିହୁଏ ।
ଅଲା : ରାଆଡ୍-ଅଲାନ୍ ବାଡି ସିତାର୍ ଅଲାନ୍ ସିତାର୍‌ତେଜି ।
ନିଆଁ : ନିଆଁ ନଥାଇ ଧୂଆଁ ହୁଏ ନାହିଁ ।
ତ-ଅଗି : ତ-ଅଗି ତିଡ଼୍‌ଡ଼େନ୍ ଆଡ଼୍ ନୁମୁଡ଼େ ।
ପାଣି : ସବୁବେଳେ ଫୁଟା ପାଣି ପିଅ ।
ଡାଆନ୍ : ଡିଲେ ତଡ଼ଂ ଆଡ଼ାନିଞ୍ଜ୍‌ଡାନ୍ ଗାବା ।
ଥଣ୍ଡା : ଶୀତଦିନେ ବହୁତ ଥଣ୍ଡା ହୁଏ ।
ସାୟୁ : ରାଙାଇଙାନ୍ ମାଡ଼୍‌ଡ଼ ସାୟୁଡ଼ାମ୍ ।
ଗରମ : ଖରାଦିନେ ବହୁତ ଗରମ ।
ତାଗି : ଡ଼ାଗାଇଙ୍ଗାନ୍ ମାଡ଼୍‌ଡ଼୍ ତାଗି (ଆଉର୍ ତାଗି) ।
ଅଙ୍ଗାର : କାଠ ପୋଡ଼ିଲେ ଅଙ୍ଗାର ହୁଏ ।
ଆସାଇଜ୍ : ଆଙାଲାନ୍ ଜୁମ୍‌ତୁଡ଼୍‌ଲିନ୍ ଡ଼େନ୍ ଆସାଜାନ୍ ଡ଼େତି ।

ପାଉଁଶ : ପାଉଁଶରେ ଲୁଗା ଧୁଅନ୍ତି।

କୁମାବ୍ : କୁମାବାନ୍ ବାତି ଡ଼ିଞ୍ଜ୍ଁକାବ୍ ତିଞ୍ଜି।

ଚୂଲି : ପ୍ରତିଘରେ ଚୂଲି ଅଛି।

କୁଡ଼ା : ଡ଼ିଲେ ସିଙ୍ଗାନ୍ କୁଡ଼ାନ୍ ଡ଼ାକୁ।

ମଞ୍ଚା : ମଞ୍ଚାରେ ଜିନିଷପତ୍ର ରଖନ୍ତି।

ମାଡ଼ା : ମାଡ଼ାନ୍ ଜାନାବାନ୍‌ଜି ଡ଼ାକୁତେଜି।

## ଲୁଗାପଟା (ସିନ୍‌ରି ଜାଙ୍ଗାବ୍)

ଲୁଗାପଟା : ଭିକାରୀର ଲୁଗା ପଟା ନାହିଁ।

ସିନ୍ତ୍ରି ଡାକାବ୍ : ଗାର୍ଗାର୍ ମାରାନ୍ ସିନ୍‌ରି, ଜାକ୍‌କାବାନ୍ ଆଗାସା।

ମାଠ : ରୋଗୀକୁ ମାଠ ଘୋଡ଼ାଇବାକୁ ଦିଅ।

ଗାରୁସାଇକାବ୍: ଆସୁମାରାନ୍ ଗାରୁସାଇନାନ୍ ତିୟ୍‌ବା।

କମ୍ବଳ : ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ।

କମଲ୍ : ମୁର୍‌କୁଣ୍ଡାଡ଼ା ପୁରାନ୍ ବାତ୍‌ତି (ପାଞ୍ଜୁଁମ୍ କାବାନ୍) କମଲାନ୍ ସାବ୍‌ଜାତେଜି।

ଚଦର : ଚଦର ପକାଇ ଶୁଅ।

ବାରିଲ୍‌ନା : ବାରିଲ୍ ନାନ୍ ବିଲେ ଡ଼ିମାଡ଼୍‌ନା।

ଟାବାଲ : ଟାବାଲ୍ ପାଲଟି ଗାଧୋଅ।

ଗୁଡ଼ାକାବାନ୍ : ଗୁଡ଼ାକାବାନ୍ ଅଡ଼ିଜ୍‌ଲିନ୍ ଉମାନା।

ଧୋତି : ଧୋତିର ବ୍ୟବହାର କମିଗଲା।

ପାଗାକାବ୍ : ପାଗାକାବାନ୍ ଆଞ୍ଜାଁନ୍‌ରାମ୍ ମାନ୍ ଆସୁଇଲି।

ପ୍ୟାଣ୍ଟ : ଆଜିକାଲି ଝିଅମାନେ ମଧ ପ୍ୟାଣ୍ଟ ପିନ୍ଧନ୍ତି।

ପାତଲୁଙ୍ : ନାମିନ୍ତାନ୍ ଉଡ଼୍‌ସୁନ୍ତାନ ଆନସଲ (ରଜିଂକାବ୍) ସିଜାନ୍ ଜି ପାତଲୁଙ୍ଗାନ୍ ଜିଜିତିଞ୍ଜି।

ସାର୍ଟ : ଛୋଟ ସାର୍ଟ ପିନ୍ଧିବାକୁ ମୋତେ ଭଲ ଲାଗେ।

ଅଙ୍ଗି : ସାନ୍ନା ଅଙ୍ଗିନ୍ ଆରତୁଡ଼୍‌ନାବିନ୍ ଞେଁନ୍ ଇଡ଼୍ ସୁମ୍‌ତାଇ।

ଅନ୍ତବସ୍ତ୍ର (ଡ୍ରାୟେର୍): ଅନ୍ତବସ୍ତ୍ର ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଅଛି।

ଆରାବ୍‌ଲୁଙ୍ ତୁବ୍‌କାବ୍ : ଅଙ୍ଗେରାନ୍ ଡ଼ ଆନ ସାଲନ୍ ଆରାବ୍‌ଲୁଙ୍‌ତୁବ୍ କାବ୍ ଆନ୍‌ସା ଡ଼ାକୁ।

## ଖାଦ୍ୟ (ଗାନାଗାନ୍)

ଖାଦ୍ୟ : ଖାଦ୍ୟବିନା ମଣିଷ ବଞ୍ଚିପାରିବ ନାହିଁ।

ଜୁମ୍‌ଜୁମ୍ : ଜୁମ୍‌ଜୁମାନ୍ ସାଡ଼୍‌ଲେ ମାନ୍‌ରାନ୍ ଆବମେଏଙ୍ଗେ।

ଭାତ : ଭାତ ଆମର ପ୍ରଧାନ ଖାଦ୍ୟ।

ଡ଼ାରାଇ : ଡ଼ାରାଜାନ୍ ମୁଡ଼ାଗାନା ଗାଲେନ୍।

| | | |
|---|---|---|
| ଡ଼ାଲି | : | କାନ୍ଦୁଲ ଡ଼ାଲିଜାତୀୟ ଫସଲ। |
| ମ୍ରାଇନା | : | ରଗନ୍ ମ୍ରାଇନାଜାନାବ୍ ଜାନୁମ୍ଜୁମ୍। |
| ତରକାରୀ | : | ଶାଗ ତରକାରୀ ଭାରି ବଢ଼ିଆ। |
| ତ୍ନଙ୍ଗଡ଼ାଂଲ୍ | : | ଉଆବ୍ ତ୍ନଙ୍ଙ୍ଗାଲାନ୍ ବଇବଇ ଲାଙ୍ଗା। |
| ଜାଉ | : | ମାଣ୍ଡିଆଜାଉ ଦେହକୁ ଭଲ। |
| କୁଡୁ | : | ସିତ୍ରି କୁଲାନ୍ ଡ଼-ଅଙାନ୍ ଆବ୍ସେଲେ ବାଙ୍ସା। |
| ପାଣି | : | ପାଣିବିନା ମାଛ ବଞ୍ଚିପାରେ ନାହିଁ। |
| ଡ଼ା-ଆ | : | ଡ଼ା-ଅନ୍ ସାଡ଼୍ଲେ ଆୟନ୍ ଆବ୍ ମେ-ଏଙେ। |
| କ୍ଷୀର | : | କ୍ଷୀର ଦେହକୁ ଶକ୍ତି ଯୋଗାଏ। |
| ଆଡୁବ | : | ଆଡୁବାନ୍ ଡ଼-ଅଙାନ୍ ରାନାବ୍ତିନ୍ ତିୟ୍ତେ। |
| ମାଂସ | : | ବାଘ ମାଂସ ଖାଏ। |
| ଜେଲୁ | : | କିଃନାନ୍ ଜେଲୁନ୍ ଜୁମ୍ତେ। |
| ଖଜା | : | ପିଲାମାନେ ଖଜାଭଲ ପାଆନ୍ତି। |
| ପୁପୁ | : | ପାସିଜାନ୍ଜି ପୁପୁନ୍ ଇତ୍ ସୁମ୍ତେଜି। |

## ଶଢ

| | | |
|---|---|---|
| ଆଜି | : | ଆଜି ଛୁଟି ଦିନ ଅଟେ। |
| ନାମି | : | ନାମି ଆତାନାଡ଼୍ ଡ଼ିନ୍ନା(ଲୁଲୁନା)। |
| ସମ୍ମାନିତ | : | ଗୁରୁଙ୍କୁ ସମ୍ମାନଦିଅ। |
| ଆନାବ୍ଗୁଗୁ | : | ଛାଁଙ୍ ଛାଁଙ୍ ମାରାନ୍ ଆବ୍ଗୁଗୁବା। |
| ଗର୍ବ | : | ନିଜ କାମରେ ଗର୍ବ କରନାହିଁ। |
| କିନ୍ସା | : | ବାରାଡ଼ାମ୍ ଲିଙ୍ଗ୍ନାମ୍ କିନ୍ସାଡଙ୍ନେ। |
| ଏକତ୍ର | : | ଏହି ସ୍ଥାନରେ ଆମେ ଏକତ୍ର ଅଛୁ। |
| ଆବଇ | : | କାନ୍ ଆ ଡ଼ାକୁନାଲିଙାନ୍ ଆନ୍ଲେ ଆବଇ ଡ଼ାକୁ। |
| ସଂଗ୍ରାମ | : | ଆମର ସଂଗ୍ରାମ ଜାରି ରହୁ। |
| ସ୍ମୁ | : | ସ୍ମୁଲିନ୍ ଆ ଡ଼ାକୁନାବା। |
| ଶକ୍ତି | : | ଏହି କାମ କରିବାକୁ ତାହାର ଶକ୍ତି ନାହିଁ। |
| ରାନାବ୍ତି | : | କାନ୍ ଆବାରା ଲୁମ୍ବିନ୍ ଆସାନ୍ ଆନିନ୍ ରାନାବ୍ତିତିଡ଼୍। |
| ଶାନ୍ତି | : | ସମସ୍ତଙ୍କ ସହିତ ଶାନ୍ତିରେ ବାସକର। |
| ସାନାବ୍ୟୁ | : | କୁଡୁବ୍ ମାନରାନ୍ ଆମ୍ବ୍ରା ସାନାବ୍ ୟୁନ୍ବାତି ଡ଼ାକୁନା। |

| | | |
|---|---|---|
| ବିକାଶ | : | ବିକାଶ ନାମରେ ବିନାଶ କର ନାହିଁ। |
| ମାନାଡ୍ ରାଙ୍ | : | ମାନାଡ୍‌ରାଙ୍ଗାନ୍ ଆ ପ୍ଲାତ୍ତୁ ଆବ୍‌ସିଡ୍ ଡ଼ଙ୍। |
| ସ୍ପଷ୍ଟ | : | ସେହିକଥା ମୋତେ ସ୍ପଷ୍ଟ ଜଣା। |
| ପାଲିଡ଼୍ | : | କୁନ୍ ଆବିର୍‌ନା ଞେଁନ୍ ପାଲିଡ଼୍ ଗାଲାମ୍। |
| ଗୋଷ୍ଠୀ | : | ସେ ଆମ ଗୋଷ୍ଠୀର ନୁହେଁ। |
| ଅମ୍ପୁ(ବିରିଣ୍ଡା) | : | ଆନିନ୍ ଅମ୍ପୁ ମାର୍‌ଲେନ୍‌ତିଡ଼୍। |
| ସହଭାଗିତା | : | ତାଙ୍କର ସହିତ ଆମର ସହଭାଗିତା ନାହିଁ। |
| ମାଇନା ତ୍ତୁତ୍ତୁନ୍ | : | ଆନିନ୍ ଆମ୍ପ୍ରା ଆନ୍‌ଲେନ୍ ମାଇନା ତ୍ତୁତ୍ତୁତିଡ଼୍। |
| ସ୍ମୃତି | : | ପିତୃ ପୁରୁଷଙ୍କ ସ୍ମୃତିସ୍ତମ୍ଭ ରଖିବା ଉଚିତ। |
| ଆନିୟିମ୍ | : | ଉଆ ଜୁଜୁଲେନ୍‌ଜି ଆନାୟିମ୍ କାମ୍ପାମ୍ ଡ଼ାକୁବିନ୍ ସ୍ମାଇସାଇଜ୍। |
| ଅବିରତ | : | ଅବିରତ ଚେଷ୍ଟା କର। |
| ଇର୍‌କାଡ଼୍‌ଡ଼ାବ୍ | : | ଇର୍‌କାଡ଼୍‌ଡ଼ାବ୍‌ଲାବି ଏରାଗୁଇଜା। |
| ଚେଷ୍ଟା | : | ଆଉଥରେ ଚେଷ୍ଟା କର। |
| ଏରନାନ୍ ଗୁଇନାନ୍ | : | ବାର ଅକିଜ୍ ଏରାଗୁଜା। |
| ଉଜ୍ଜଳ | : | ସୂର୍ଯ୍ୟାଲୋକ ଉଜ୍ଜଳ ଦିଶେ। |
| ପାଲିଡ଼୍ | : | ଉୟୁଙ୍ଗାନ୍ ପାଲିଡ଼୍ ଗିଜ୍‌ତାତି। |
| ସହିତ | : | କାହା ସହିତ ତୁମେ ଯିବ। |
| ଆମ୍ପ୍ରା | : | ବୁତିନ୍ ଆମ୍ପ୍ରା ୟିର୍‌ତେ। |
| ସ୍ୱୀକାର | : | ନିଜର ଭୁଲ୍ ସ୍ୱୀକାର କଲା। |
| ପିଙ୍ଗ୍‌ବା | : | ଆନାଡ଼ଡ଼ାନ୍ ଆବ୍ ପିଙ୍‌ବା ଏତିନ୍। |
| ଅଧିକାର | : | ଏହି ଜିନିଷ ଉପରେ ତୁମର ଅଧିକାର ନାହିଁ। |
| ଡ଼ାନେ | : | କାନ୍ ଆଜାନାବ୍ ଲିଙ୍ଗାନ୍ ଡ଼ାନେ ନାମ୍ ଆଗାସା। |

## ଅଙ୍ଗ ପ୍ରତ୍ୟଙ୍ଗ (କାଣ୍ଡାର୍‌ଡ଼ଅଂ)

| | | |
|---|---|---|
| ବେକ | : | ବଳଦର ବେକରେ ଯୁଆଳି ବନ୍ଧାଯାଏ। |
| ସାଙ୍କା | : | ତାଙ୍‌ଲିୟାନ୍ ଆସାଙ୍କା ଲିଂରାଅଙ୍ଗାନ୍ ଗାଲ୍‌ତାବି। |
| ଜଙ୍ଘ | : | ଜଙ୍ଘିଆ ପିନ୍ଧ। |
| ବୁଲୁ | : | ପାତାଲୁଙ୍ଗାନ୍ ରନା । |
| ଆଣ୍ଟୁ | : | ଆଣ୍ଟୁ ପାତ। |
| ମାଣ୍ଡିଡ଼ି | : | ମାଣ୍ଡିଡ଼ିନ୍ ବାତି ତୁତ୍ତୁମା। |

| | | |
|---|---|---|
| ଗୁଇଠି | : | କାହାକୁ ଗୁଇଠାମାର ନାହିଁ। |
| ଡ଼ାନୁଙ୍କୁଡ଼ି | : | ଡ଼ାନୁଙ୍କୁଡ଼ି ନାମ୍ ବାତି ବୁତିଜା ତାଙ୍ ଞାଁଡ଼ଙ୍। |
| ପାଦ | : | ଏହା କାହାର ପାଦ ଚିହ୍ନ। |
| ଆତାଲ୍‌ଜିଙ୍ | : | କାନ୍ ବୁତିନ୍ ଆନ୍ନାଡ଼ି। |
| ପାଦ ଆଙ୍ଗୁଠି | : | ଲତାର ପାଦ ଆଙ୍ଗୁଠି ଠିକ୍‌ରେ ପଡୁନାହିଁ। |
| ଅଣ୍ଡେର୍‌ଜିଙ୍ | : | ଲତାନ୍ ଆ ଅଣ୍ଡେର୍‌ଜିଙ୍ ସ୍ରିଗଇତିଡ଼୍। |
| ପାଦଅଙ୍ଗୁଳିର ନଖ | : | ଝୁଣ୍ଟିବାରୁ ପାଦଅଂଗୁଳିର ନଖ ବାହାରି ପଡ଼ିଲା। |
| ଆକାର୍‌ଜିଙ୍ | : | ଆପାବ୍‌ବାଲିନ୍ ଆସାନ୍ ଆକାର୍‌ଜିଙାନ୍ ଡୁଙ୍‌ନାଇତିନ୍ (ତାବ୍‌ନେତେନ୍)। |
| ନଖ | : | ନଖ ସଫାରଖ। |
| ଆକାର୍‌ସି | : | ଆକାର୍‌ସିନ୍ ମାରିଡ଼୍ ଡ଼ାକୁବା। |
| ବୁଢ଼ା ଆଙ୍ଗୁଠି | : | ବୁଢ଼ା ଆଙ୍ଗୁଠି ମୂଖ୍ୟ ଅଟେ। |
| ଆବାବ୍‌ସି | : | ଆବାବ୍‌ସିନ୍ ମୁଡ଼ାଡ଼ାକୁ। |
| ପାଦର ବୁଢ଼ା ଆଙ୍ଗୁଳି | : | ପାଦର ବୁଢ଼ା ଆଙ୍ଗୁଳି ମୋଟା। |
| ଆବାବ୍‌ଜିଙ୍ | : | ଆବାବ୍‌ଜିଙାନ୍ ସୁଡ଼ା। |
| ଅନ୍ତ | : | ସବୁ ଜୀବର ଅନ୍ତ ଅଛି। |
| ଅନ୍‌ଲଇଡ଼ା | : | କୁଡୁବ୍ ପ୍ରାଡ଼ାନ୍ ଆ ଅନ୍‌ଲଇଡ଼ାନ୍ ଡ଼ାକୁ। |
| ପାକସ୍ଥଳୀ | : | ପ୍ରଥମେ ଖାଦ୍ୟ ପାକସ୍ଥଳୀରେ ରହେ। |
| ପୁତ୍‌ତା | : | ଆବ୍‌ମାଙ୍ ଜୁମ୍ ଜୁମାନ୍ ପୁତ୍‌ତା ଲିଙାନ୍ ଡ଼ାକୁତି। |
| କଲିଜା | : | ଦୁର୍ବଳ ଲୋକଙ୍କୁ କଲିଜା ଦିଆଯାଏ। |
| ଗ୍ରେ | : | ଆସୁ (ବ୍ଲାଇ) ମାରାନ୍ ଗ୍ରେନ୍ ଆଜୁମ୍ନିନ୍ ତିଯ୍‌ତେଜି। |
| ଫୁସ୍‌ଫୁସ୍ | : | ଫୁସ୍‌ଫୁସ୍ ଦ୍ୱାରା ନିଶ୍ୱାସ ହୁଏ। |
| ବ୍ର | : | ବ୍ରନ୍ ବାତି ତଙ୍‌ୟିମ୍ ତିନ୍‌ବି। |
| ମେଦ | : | ମେଦ ବହୁଳତା ରକ୍ତ ଚାପର କାରଣ। |
| କ୍ରି | : | କ୍ରିନ୍ ଆତେଙ୍‌ଲିନ୍‌ଡ଼େନ୍ ତଙ୍ ମେଞ୍ଜୁଁ ରୋଗାମାନ୍ ଡ଼େତି। |
| ରକ୍ତ | : | ରକ୍ତହୀନ ହେଲେ ରୋଗ ହୁଏ। |
| ମିଞ୍ଜାଁମ୍ | : | ମିଞ୍ଜାଁମାନ୍ ଆସୁଇଲିନ୍ ଡ଼େନ୍ ରୋଗାମାନ୍ ଡ଼େତି। |

***